# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 34 | ISSUE 37 ଭାଗ ୩୪ | ସଂଖ୍ୟା ୩୭

Tuesday 28 April 2026 | Page 8 Rs. 5.00

● ଭୁବନେଶ୍ୱର ମଙ୍ଗଳବାର ୨୮ ଏପ୍ରିଲ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା




ନିଲାମ ହେବ ଗାୟତ୍ରୀ ଦେବୀଙ୍କ ସୁପରକମ୍ପ୍ୟୁଟର

ପୃଷ୍ଠା ୪

## ଦକ୍ଷିଣ ସୁଦାନରେ ବିମାନ ଦୁର୍ଘଟଣା

# ପାଇଲଟ୍‌ଙ୍କ ସମେତ ୧୪ ମୃତ

ଜୁବା,୨୭।୪:ସୋମବାର ଦକ୍ଷିଣ ସୁଦାନର ରାଜଧାନୀ ଜୁବା ଉପକଣ୍ଠରେ ଏକ ସେସ୍ନା ବିମାନ ଦୁର୍ଘଟଣାଗ୍ରସ୍ତ ହୋଇ ଜଣେ ପାଇଲଟ ଓ ୧୩ ଜଣ ଯାତ୍ରୀଙ୍କ ସମେତ ମୋଟ୍ ୧୪ ଜଣଙ୍କର ମୃତ୍ୟୁ ହୋଇଛି। ଖରାପ ପାଗ ତଥା ଦୁର୍ବଳ ଦୃଶ୍ୟମାନତା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତ ପରେ ଦେଶର ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ ସୂଚନା ଦେଇଛି। ବିମାନଟି ଜୁବା ଅନ୍ତର୍ଜାତୀୟ ବିମାନ ବନ୍ଦରରୁ ଉଡ଼ାଣ ଆରମ୍ଭ କରି ମାତ୍ର ୧୨ ମାଇଲ ଦୂର ଯିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବିମାନରେ ଦୁଇ ଜଣ କେନିଆର ନାଗରିକଙ୍କ ବ୍ୟତୀତ ବାକି ସମସ୍ତେ ଦକ୍ଷିଣ ସୁଦାନର ଥିଲେ ବୋଲି ଅଧିକାରୀମାନେ କହିଛନ୍ତି। ବେସାମରିକ ବିମାନ ଚଳାଚଳ କର୍ତ୍ତୃପକ୍ଷ କହିଛନ୍ତି ଯେ ସୂଚନା ସଂଗ୍ରହ ଏବଂ ଜରୁରୀକାଳୀନ ସେବାକୁ ସହାୟତା କରିବା ପାଇଁ ଦୁର୍ଘଟଣାସ୍ଥଳକୁ ଏକ ଦଳ ପଠାଯାଇଛି। ଦୁର୍ଘଟଣାଗ୍ରସ୍ତ ବିମାନର ଯାତ୍ରୀମାନଙ୍କ ଶରୀର ଜଳିଯାଇଥିବାରୁ ସେମାନଙ୍କୁ ଚିହ୍ନଟ କରିବା ସମ୍ଭବ ହୋଇପାରୁ ନଥିବା ବିମାନ କର୍ତ୍ତୃପକ୍ଷ କହିଛନ୍ତି। ସେହିପରି ଦୁର୍ଘଟଣାସ୍ଥଳଟି ପାହାଡ଼ିଆ ହୋଇଥିବାରୁ ଓ ପାଗ କୁହୁଡ଼ିଆ ଥିବାରୁ ଉଦ୍ଧାର କାର୍ଯ୍ୟ ମନ୍ଥର ହୋଇଥିଲା। ପରେ ଘଟଣାସ୍ଥଳରୁ ଭଗ୍ନାବଶେଷ ସହ ଦଗ୍ଧ ଯାତ୍ରୀମାନଙ୍କୁ ଅପସାରଣ କରାଯାଇଥିଲା।





# ଓଡ଼ିଶା ପରି ବଙ୍ଗ ଦଖଲ ପୂର୍ବାନୁମାନ



- ୪ ତାରିଖରେ ବିଜେପି ସରକାରର ଶପଥ ଗ୍ରହଣ
- ପୂରଣ ହେବ ଶ୍ୟାମାପ୍ରସାଦଙ୍କ ସମୃଦ୍ଧ ରାଜ୍ୟ ସ୍ୱପ୍ନ
- କସରତ୍ ଶେଷ; ଦିନକ ପରେ ଦ୍ୱିତୀୟ ପର୍ଯ୍ୟାୟ
- ୧୪୨ ଆସନ ପାଇଁ ୧୪୪୮ ପ୍ରାର୍ଥୀଙ୍କ ଭାଗ୍ୟ ପରୀକ୍ଷା
- ବଙ୍ଗ ବିଜୟ ବିଜେପି ଓ ଟିଏମସି ପାଇଁ ସମ୍ମାନର ପ୍ରଶ୍ନ

କୋଲକାତା,୨୭।୪(ସଂଚାର ବ୍ୟୁରୋ): ଓଡ଼ିଶା ପରି ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାର ଗଠନର ପୂର୍ବାନୁମାନ କରିଛନ୍ତି। ଏଥିସହିତ ସେ ସ୍ପଷ୍ଟ ଭାବେ ଘୋଷଣା କରିଛନ୍ତି ଯେ, ପୁଣି ଥରେ ମେ ୪ ତାରିଖରେ ସେ ପଶ୍ଚିମବଙ୍ଗ ଫେରିବେ ଆଉ ବିଜେପି ସରକାରର ଶପଥ ଗ୍ରହଣ ଉତ୍ସବରେ ଯୋଗ ଦେବେ। ପ୍ରଚାରର ଶେଷ ଦିନରେ ବାରାକପୁରଠାରେ ବିଜୟ ସଙ୍କଳ୍ପ ସମାବେଶକୁ ସମ୍ବୋଧିତ କରି ମୋଦି ଏହି ପୂର୍ବାନୁମାନ କରିଛନ୍ତି।

ଗତ ୨୦୨୪ ନିର୍ବାଚନରେ ଓଡ଼ିଶା କ୍ଷେତ୍ରରେ ମଧ୍ୟ ପ୍ରଧାନମନ୍ତ୍ରୀ ଓ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହ ଏହିଭଳି ସରକାର ଗଠନର ଶପଥ ଗ୍ରହଣ ଉତ୍ସବର ତାରିଖ ଘୋଷଣା କରିଥିଲେ। ସେ ସମୟରେ ବିଜେପିର ଦୁଇ ଶୀର୍ଷ ନେତାଙ୍କ ଘୋଷଣାକୁ ବିରୋଧୀ ଦଳଗୁଡ଼ିକ ଗ୍ରହଣ କରିପାରିନଥିଲେ। ହେଲେ ସେମାନଙ୍କ ପୂର୍ବାନୁମାନ ସତ ହେଲା ଆଉ ଓଡ଼ିଶାରେ ସେମାନେ ଘୋଷଣା କରିଥିବା ତାରିଖରେ ବିଜେପି ସରକାର ଶପଥ ନେଇଥିଲା।

ପଶ୍ଚିମବଙ୍ଗରେ ପ୍ରଧାନମନ୍ତ୍ରୀଙ୍କ ସମାନ ଢଙ୍ଗରେ ପୂର୍ବାନୁମାନ ବେଙ୍ଗଲରେ ପରିବର୍ତ୍ତନ ସଙ୍କେତ ଦେଉଥିବା ଚର୍ଚ୍ଚା ହେଉଛି। ଶେଷ ଦିନର ପ୍ରଚାରରେ ସେ କହିଛନ୍ତି ଯେ, ପଶ୍ଚିମବଙ୍ଗର ➪ପୃଷ୍ଠା-୬



## ଓଡ଼ିଆ ଭୋଟରଙ୍କ ପାଖେ ମୁଖ୍ୟମନ୍ତ୍ରୀ

ପଶ୍ଚିମବଙ୍ଗବାସୀ ଏଥର ସଙ୍କଳ୍ପ ବଦ୍ଧ ଯେ ରାଜ୍ୟରେ ଏଥର ବିଜେପି ସରକାର। ପ୍ରଥମ ଦଫା ନିର୍ବାଚନରେ ବିପୁଳ ସାଫଲ୍ୟ ପରେ ଆଗାମୀ ୨୯ ତାରିଖ ନିର୍ଣ୍ଣାୟକ ହେବ ଫଳାଫଳ। ଦୁଇ-ତୃତୀୟାଂଶ ଆସନ ନେଇ ପଶ୍ଚିମବଙ୍ଗରେ ସରକାର ଗଢ଼ିବ ବିଜେପି ବୋଲି କହିଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପ୍ରଚାରର ଶେଷ ଲଗ୍ନରେ ସୋମବାର ଯାଦବପୁର ବିଜେପି ପ୍ରାର୍ଥୀ ପାପିଆ ଅଧିକାରୀଙ୍କ ହୋଇ ଏକ ବିଶାଳ ର୍‍ୟାଲି ସୁକାନ୍ତ ସେତୁ ହୋଇ ପ୍ରାୟ ୩ କିମି ରାସ୍ତା ପର୍ଯ୍ୟନ୍ତ ଯୋଗଦେଲେ। ର୍‍ୟାଲି ଏକ ହୁଡ୍‌ଖୋଲା ଗାଡ଼ିରେ କିଛି ବାଟ ଯିବା ପରେ କିଛି ଅଞ୍ଚଳ ପାଦରେ ଚାଲି ଚାଲି କରିଲେ। ସେଦିନ ସକାଳ ୧୧ଟା ୧୫ ସମୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କୋଲକାତା ବିମାନବନ୍ଦରରେ ଓହ୍ଲାଇଥିଲେ। ତାଙ୍କୁ କୋଲକାତାର ଓଡିଆ ସଂଗଠନ କର୍ମକର୍ତ୍ତାଙ୍କ ସହିତ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ସ୍ୱାଗତ କରିଥିଲେ। ମୁଖ୍ୟମନ୍ତ୍ରୀ ଓଡ଼ିଶା ବସବାସକାରୀ ଓଡିଆମାନଙ୍କୁ ବିଜେପିକୁ ଭୋଟ୍ ଦେବାକୁ ଅନୁରୋଧ କରିଥିଲେ।

## ନୂଆଦିଲ୍ଲୀରେ ହସ୍ତତନ୍ତ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଉଦ୍‌ଘାଟିତ

# ଶିଳ୍ପୀ ଓ ବୁଣାକାର ଭାରତୀୟ ସଂସ୍କୃତିର ପ୍ରତୀକ

ନୂଆଦିଲ୍ଲୀ,୨୭।୪(ସଂଚାର ବ୍ୟୁରୋ): ଭାରତର ପ୍ରତିଟି ସୂତା ଓ ରଙ୍ଗ ମଧ୍ୟରେ ଆମ ଶିଳ୍ପୀମାନଙ୍କର ଅକ୍ଲାନ୍ତ ପରିଶ୍ରମ ଓ ବହୁ ପୁରାତନ ପରମ୍ପରା ଲୁଚି ରହିଛି। ସେମାନେ କେବଳ କାରିଗର ନୁହଁନ୍ତି, ବରଂ ଭାରତର ସମୃଦ୍ଧ ସଂସ୍କୃତି ଓ ଐତିହ୍ୟର ପ୍ରକୃତ ବାହକ ବୋଲି ଆଜି ସ୍ଥାନୀୟ ନ୍ୟାସନାଲ କ୍ରାଫ୍ଟସ ମ୍ୟୁଜିୟମଠାରେ ଓଡ଼ିଶା, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ ଏବଂ ଆସାମର ହସ୍ତତନ୍ତ ଓ ହସ୍ତଶିଳ୍ପକୁ ନେଇ ଆୟୋଜିତ ଏକ ସ୍ୱତନ୍ତ୍ର ପ୍ରଦର୍ଶନୀ ଉଦ୍‌ଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଆରଏସବି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀର ମୁଖ୍ୟ ବିଷୟବସ୍ତୁ ଥିଲା 'କୃଷ୍ଣ'। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କାର୍ଯ୍ୟକ୍ରମ ଭାରତର 'ବିଭିନ୍ନତା ମଧ୍ୟରେ ଏକତା'ର ପ୍ରତିଫଳନ। ନ୍ୟାସନାଲ ➪ପୃଷ୍ଠା-୬



ସ୍ୱଦେଶୀ ସାମଗ୍ରୀ ବ୍ୟବହାର ପାଇଁ ଅପିଲ୍

# ଭକ୍ତଙ୍କ ଯୋଗୁଁ ଛିଡ଼ି ଛିଡ଼ି ଯାଉଛି କଂଗ୍ରେସ



- ବାଏ ବାଏ କରୁଛନ୍ତି ଯୁବ ନେତା
- ଆଗକୁ ଆହୁରି ଛାଡ଼ିବେ

ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଦାସଙ୍କ ପାଇଁ ରାଜ୍ୟ କଂଗ୍ରେସ ଏବେ ଛିଡ଼ି ଛିଡ଼ି ଯାଉଛି। ପ୍ରଥମେ ତିନି ଜଣ ବିଧାୟକ ଦଳରୁ ନିଲମ୍ବିତ ହୋଇଥିବା ବେଳେ ଏବେ ଅମୀୟ ପାଣ୍ଡବ, ପ୍ରଶାନ୍ତ ଶତପଥୀଙ୍କ ଭଳି ଯୁବ ନେତାମାନେ ଦଳକୁ ବାଏ ବାଏ କରିଛନ୍ତି। ଏମାନଙ୍କ ପରେ ଆଉ କିଛି ଆଗଧାଡ଼ିର ନେତା କଂଗ୍ରେସ ଛାଡ଼ିବେ ବୋଲି ବି ଆଲୋଚନା ଜୋର୍ ଧରିଛି।

କଂଗ୍ରେସରେ କର୍ମୀମାନେ କରୁଥିବା ଆଲୋଚନା ଅନୁଯାୟୀ, ଓଡ଼ିଶା ସଭାପତି ଦାୟିତ୍ୱ ଭକ୍ତ ଦାସ ନେବା ପରେ ଜଣଙ୍କ ପରେ ଜଣେ ନେତା ଦଳ ଛାଡୁଛନ୍ତି। ପ୍ରଥମ ପାଳି ପଡ଼ିଥିଲା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କର। କଂଗ୍ରେସ ସଂଗଠନକୁ ସଜାଡ଼ିବା ପାଇଁ ପ୍ରଶ୍ନ କରିବାରୁ ଭକ୍ତ ତାଙ୍କୁ ବିଦା କରିଥିଲେ। ଇତିମଧ୍ୟରେ ମୋକିମ ନୂଆ ଦଳ ଗଠନ କରି ଭକ୍ତଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ସେହିଭଳି ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟକମାନଙ୍କ ସହ ଆଲୋଚନା କରି ବିଜେଡି ପ୍ରାର୍ଥୀଙ୍କୁ ସମର୍ଥନ ଦେବାରୁ ଦଳର ତିନି ତିନି ଜଣ ବିଧାୟକ କ୍ରସଂ ଭୋଟିଂ କରି ନିଲମ୍ବିତ ହୋଇଛନ୍ତି। ଫଳରେ ବିଧାନସଭାରେ ଦଳର ସଦସ୍ୟ ସଂଖ୍ୟା ୧୪ରୁ ୧୧ରୁ ହ୍ରାସ ପାଇଛି।

ଇତିମଧ୍ୟରେ ଦଳର ଦୁଇ ଜଣ ଆଗଧାଡ଼ିର ଯୁବନେତା ଅମୀୟ ପାଣ୍ଡବ ଓ ପ୍ରଶାନ୍ତ କୁମାର ଶତପଥୀ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଏହି ଦୁଇ ଜଣ ଗଣମାଧ୍ୟମରେ ଦଳର ମୋର୍ଚ୍ଚା ସମ୍ଭାଳୁଥିଲେ। ସେମାନଙ୍କ ଦଳ ତ୍ୟାଗ ନେଇ ଭକ୍ତ କିଛି ବି ପ୍ରତିକ୍ରିୟା ଦେଇନାହାନ୍ତି। ହେଲେ ପ୍ରଶାନ୍ତ ଓ ଅମୀୟ ଭକ୍ତଙ୍କ ବିରୋଧରେ ବିଷୋଦ୍‌ଗାର କରିଛନ୍ତି। ଏ ଦୁଇ ଜଣଙ୍କ ପରେ କାରଣ ଦର୍ଶାଅ ନୋଟିସ୍‌ର ସମ୍ମୁଖୀନ ହୋଇଥିବା ସୁଦର୍ଶନ ଦାସ ବି କଂଗ୍ରେସ ଛାଡ଼ିବା ନେଇ ଚର୍ଚ୍ଚା ହେଉଛି। ମାନସ ଚୌଧୁରୀଙ୍କ ଭଳି କଂଗ୍ରେସରେ ଥିବା କିଛି ଟାଣୁଆ ନେତା ମଧ୍ୟ ନିଜ ଆଡୁ ସଂଗଠନରୁ ଦୂରେଇ ଯାଇଛନ୍ତି।

ସେହିଭଳି ନୂଆପଡ଼ା ନିର୍ବାଚନ ପରଠାରୁ ଦଳର ବରିଷ୍ଠ ନେତାମାନେ ଯଥାସମ୍ଭବ ଭକ୍ତଙ୍କଠାରୁ ଦୂରତା ରକ୍ଷା କରୁଛନ୍ତି। କାରଣ ସେତେବେଳେ ବିନାନୁମତିରେ ➪ପୃଷ୍ଠା-୬

## ସଞ୍ଜିବ ମିଶ୍ରଙ୍କୁ ପ୍ରମୁଖ ଆବାସିକ କମିଶନର ଦାୟିତ୍ୱ

ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): ୧୯୯୭ ବ୍ୟାଚ ଆଇଏଏସ ତଥା ରାଜ୍ୟ ଅର୍ଥ ସଚିବ ସଞ୍ଜିବ କୁମାର ମିଶ୍ରଙ୍କୁ ପ୍ରମୁଖ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ୧୯୯୮ ବ୍ୟାଚ ଆଇଏଏସ ବିଶାଳ ଗଗନଙ୍କୁ କେନ୍ଦ୍ର ସରକାରରେ ନିଯୁକ୍ତି ମିଳିବା ପରେ ଏହି ପଦବୀ ଖାଲି



ପଡ଼ିଥିଲା। ରାଜ୍ୟ ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ୧୯୯୭ ବ୍ୟାଚ ଆଇଏଏସ ଶ୍ରୀ ମିଶ୍ର ନୂଆଦିଲ୍ଲୀରେ ଓଡ଼ିଶା ସରକାରଙ୍କ ପ୍ରମୁଖ ଆବାସିକ କମିଶନର ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ୧୯୯୮ ବ୍ୟାଚ୍ ଆଇଏଏସ ବିଶାଳ ଗଗନଙ୍କୁ ମାର୍ଚ୍ଚ ୩୧ ତାରିଖରେ କେନ୍ଦ୍ର କାର୍ମିକ ମନ୍ତ୍ରଣାଳୟ ଅଧୀନରେ କେନ୍ଦ୍ରୀୟ ସୂଚନା ଆୟୋଗଙ୍କ ସଚିବ ଭାବେ ଅବସ୍ଥାପିତ କରାଯାଇଥିଲା। ଶ୍ରୀ ଗଗନଙ୍କ ନୂଆ ନିଯୁକ୍ତି ପରେ ପ୍ରମୁଖ ଆବାସିକ କମିଶନର ପଦବୀ ଖାଲି ପଡ଼ିଥିଲା। ୧୯୯୫ ବ୍ୟାଚ୍ ଆଇପିଏସ ରୀତୁ ଅରୋରା ଏବେ ନୂଆଦିଲ୍ଲୀରେ ଓଡ଼ିଶା ସରକାରଙ୍କ ସ୍ୱତନ୍ତ୍ର ଆବାସିକ କମିଶନର ଭାବେ ମଧ୍ୟ କାର୍ଯ୍ୟ କରୁଛନ୍ତି। ସେହିପରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକ୍ରମରେ ଓଡ଼ିଶା କ୍ୟାଡ଼ରର ୧୯୯୪ ➪ପୃଷ୍ଠା-୬

## ଦାମ ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣା

# ଜିଲ୍ଲା ପ୍ରଶାସନକୁ ୭ ଦିନର ଅଲ୍ଟିମେଟମ

- ପ୍ରତିମୂର୍ତ୍ତି ପୁନଃସ୍ଥାପିତ ନ ହେଲେ ଅଷ୍ଟମ ଦିନରୁ ଧାରଣା
- ମନେ ପଡ଼ିଲା ମହାବାତ୍ୟା ପରେ ଏରସମାର ପୁନରୁଦ୍ଧାର ସଂଘର୍ଷ
- ଷଡ଼ଯନ୍ତ୍ରକାରୀଙ୍କ ଭବିଷ୍ୟତ ଛାରଖାର ହୋଇଯିବ:ସମ୍ବିତ





ପାରାଦୀପ, ୨୭।୪ (ବିଶ୍ୱରଞ୍ଜନ ବିଶ୍ୱାଳ): ଶିଆଳି ବେଳାଭୂମିରେ ସ୍ୱର୍ଗତଃ ଦାମୋଦର ରାଉତଙ୍କ ପ୍ରତିମୂର୍ତ୍ତି ଭଙ୍ଗା ଘଟଣାରେ ଆଜି ରାସ୍ତାକୁ ଓହ୍ଲାଇଛନ୍ତି ପୁଅ ତଥା ପୂର୍ବତନ ବିଧାୟକ ସମ୍ବିତ ରାଉତରାୟ। ଏରସମା ତହସିଲ ଅଫିସ ସମ୍ମୁଖରେ ବିଶାଳ ପ୍ରତିବାଦ ସଭା ସାଙ୍ଗକୁ ଜିଲ୍ଲା ପ୍ରଶାସନକୁ ୭ ଦିନର ସମୟ ଦେଇଛନ୍ତି ସମ୍ବିତ। ସାତ ଦିନ ମଧ୍ୟରେ ପ୍ରତିମୂର୍ତ୍ତି ପୁନଃସ୍ଥାପିତ ନ ହେଲେ ଅଷ୍ଟମ ଦିନକୁ ସେ ନିଜେ ଶହ ଶହ ଦାମପ୍ରେମୀଙ୍କ ସହ ଧାରଣାରେ ବସିବେ। ଏଥିସହ ଆଜି ସେ ୧୯୯୯ ମହାବାତ୍ୟା ସମୟରେ ତାଙ୍କ ବାପାଙ୍କ ସଂଘର୍ଷର କାହାଣୀ କହିଥିଲେ।

୧୯୯୯ ମହାବାତ୍ୟାରେ ରାଜ୍ୟର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଥିଲା ଏରସମା। ବାତ୍ୟା ପରଦିନ ବାପାଙ୍କ ସହ ସେ ମଧ୍ୟ ଏରସମା ଯାଇଥିଲେ ଆଉ କିଭଳି ଗୋଟିଏ ପରେ ଗୋଟିଏ ଗଛ କାଟି ସେମାନେ ବଜାରରେ ପହଞ୍ଚିଥିଲେ, ସେ ସ୍ମୃତିକୁ ମନେ ପକାଇଥିଲେ। ସେତେବେଳକୁ ଏରସମା ବଜାରରେ ହଜାରେରୁ ଅଧିକ ଲୋକ ଦାମବାବୁଙ୍କ ଦେଖି ଏକାସାଙ୍ଗେ କାନ୍ଦି ଉଠିଥିଲେ, ଆଉ ଦାମ ରାଉତ ମଧ୍ୟ ନିଜ କୋହ ସମ୍ବରଣ କରିପାରି ନ ଥିଲେ। ତା'ପରେ ଏରସମାର ପୁନରୁଦ୍ଧାର ପାଇଁ ସେ ଆରମ୍ଭ କରିଥିଲେ ସଂଘର୍ଷ। ତାଙ୍କରି ଉଦ୍ୟମରେ ହିଁ ଏରସମା ନୂଆ ରୂପ ପାଇଲା, ଯେଉଁଥିପାଇଁ ଏରସମାବାସୀ ତାଙ୍କୁ ଏରସମାଶ୍ରୀ ବୋଲି ସମ୍ବୋଧନ କରନ୍ତି। ହେଲେ ସେଇ ନେତାଙ୍କ ପ୍ରତିମୂର୍ତ୍ତିକୁ ଆଜି କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ରାଜନୈତିକ ଉଦ୍ଦେଶ୍ୟ ରଖି ଭାଙ୍ଗିଦେଇଛନ୍ତି। ଶିଆଳି ବେଳାଭୂମିରେ ଏବେ ଜଙ୍ଗଲ ନାହିଁ। ସେଠାରେ ସ୍ୱର୍ଗତଃ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ରହିଛି। ସେ ପ୍ରତିମୂର୍ତ୍ତି ସ୍ଥାପନ ବି ଦାମ ରାଉତଙ୍କ ଉଦ୍ୟମରେ ସମ୍ଭବପର ହୋଇଥିଲା। ଏଥିସହ ସେଠାରେ ସରକାରୀ ମାର୍କେଟ କମ୍ପ୍ଲେକ୍ସ ବି ରହିଛି। ଯଦି ସେସବୁ ବେଆଇନ ନୁହେଁ, ତା'ହେଲେ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ➪ପୃଷ୍ଠା-୬

## ଅଶୁଭ ସୋମବାର

# ପୃଥକ ଦୁର୍ଘଟଣାରେ ୬ ମୃତ

ବାରିପଦା/କଳାହାଣ୍ଡି,୨୭।୪(ସଂଚାର ବ୍ୟୁରୋ): ଆଜି ସୋମବାର ୬ ଜଣ ଯାତ୍ରୀଙ୍କ ପାଇଁ ଅଶୁଭ ସାବ୍ୟସ୍ତ ହୋଇଛି ଓ ସଡ଼କ ଦୁର୍ଘଟଣାରେ ସେମାନଙ୍କ ଜୀବନ ଦୀପ ଲିଭିଯାଇଛି। ରାଜ୍ୟର ପୃଥକ୍ ପୃଥକ୍ ସ୍ଥାନରେ ୬ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଗୋଟିଏ ପଟେ କରଞ୍ଜିଆର ବାଉନାଶାଳ ନିକଟରେ ଏକ ସ୍କର୍ପିଓ ମୋଟର ସାଇକେଲ୍‌କୁ ଧକ୍କା ଦେବା ଫଳରେ ୨ ଜଣ ମୃତ୍ୟୁବରଣ କରିଛନ୍ତି ଓ ଅନ୍ୟ ଦୁଇ ଜଣ ଆହତ ହୋଇଛନ୍ତି। ଏହାଛଡ଼ା କରଞ୍ଜିଆର ଠାକୁରମୁଣ୍ଡା-କରଞ୍ଜିଆ ରାଜ୍ୟ ରାଜପଥରେ ଏକ ଯାତ୍ରୀବାହୀ ବସ୍ ସମ୍ମୁଖରୁ ଆସୁଥିବା କାର୍‌କୁ ଧକ୍କା ଦେବାରୁ ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଛି ଓ ୨ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏହାଛଡ଼ା କଳାହାଣ୍ଡିର ଜୁନାଗଡ଼ ଥାନା



ଅନ୍ତର୍ଗତ ବୁଢ଼ିପଦର ଛକରେ ଏକ ପିକ୍‌ଅପ୍ ଭ୍ୟାନ୍ ମୋଟର ସାଇକେଲ୍‌କୁ ଧକ୍କା ଦେବା ଫଳରେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ମାମୁଁ ଓ ଭଣଜାଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ୨୨୦ ନମ୍ବର ଜାତୀୟ ରାଜପଥ କରଞ୍ଜିଆ ବାଉନାଶାଳ ନିକଟସ୍ଥ ଗ୍ରୀଡ୍ ସମ୍ମୁଖରେ ଏକ ଭୟାବହ ଦୁର୍ଘଟଣା ଆଜି ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଘଟିଛି। ଏକ ସ୍କର୍ପିଓ (ନଂ.ଜେଏଚ୍‌୦୫ବିଏଫ୍ ୧୨୫୮) ଦ୍ରୁତ ଗତିରେ ଘଟଗାଁ ତାରିଣୀ ଦର୍ଶନ ପାଇଁ ଝାଡ଼ଖଣ୍ଡର ଜାମସେଦପୁରରୁ ଆସୁଥିବା ସମୟରେ କରଞ୍ଜିଆ ପଟରୁ ଯାଉଥିବା ଏକ ମୋଟର ସାଇକେଲ୍ (ନଂ. ➪ପୃଷ୍ଠା-୬



## କାନ ଡେରିଥା

ରାଘବ ଚଢ୍ଢାଙ୍କ ଲୋକ
ପ୍ରିୟତାରେ
ଲକ୍ଷ ଲକ୍ଷ ଲୋକ ଥିଲେ
ଆପ ଛାଡିଲେ ପ୍ରେମ ବି କମିଲା
ଲୋକେ ଅନଫଲୋ କଲେ
ମାଇଲେଜ ନେଉଥିଲେ...
ସଂସଦରେ ତାଙ୍କ ଗରମ ଭାବକୁ
ପଦୁଅଁ ଛଡେଇ ନେଲେ ।

■ ଦେବାଶିଷ

## ଅହଙ୍କାରର ପରିଣତି

# ନବୀନଙ୍କ ପାଇଁ ବିଜେଡିରେ ନାହାନ୍ତି ବିଜୁ ଲିଗାସୀ

- ଦଳ ପାଇଁ ଅବଦାନ ନଥିବା ନେତାଙ୍କୁ ପୁରସ୍କାର
- ବିଜୁ ଅନୁଗତଙ୍କୁ ଗୌଣ କରିଦେଇଛି ଦଳ
- ମହଙ୍ଗା ପଡ଼ିଲା କାର୍ପେଟଦାରଙ୍କ ମାର୍ଗଦର୍ଶନ





ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): ବିଜୁ ଲିଗାସୀଙ୍କୁ ଚେକ୍ ଦେବାକୁ ଏବେ ନବୀନ ପଟ୍ଟନାୟକ ଓ ବିଜେଡିର କିଛି ତଥାକଥିତ କାର୍ପେଟଦାର ମାନସ ମନ୍ଥନ କରୁଛନ୍ତି। ହେଲେ ବିଜେଡି ଗଠନ ହେବା ଦିନଠାରୁ ଏବେ ଯାଏଁ ଗତ ୨୯ ବର୍ଷ ଭିତରେ ବିଜୁ ଅନୁଗତଙ୍କୁ କିଏ ହତାଦର କରି ଗୌଣ କରିଥିଲା? କିଏ ବିଜୁ ଅନୁଗତଙ୍କୁ ଘରେ ବସେଇଦେଲା ଆଉ ଦଳ ପାଇଁ ସାମାନ୍ୟତମ ଅବଦାନ ନ ଥିବା ଆମଦାନୀ ନେତାଙ୍କୁ ଆଣି ପ୍ରଚଣ୍ଡ କ୍ଷମତାଶାଳୀ କଲା? ଯେଉଁ କାର୍ପେଟଦାରଙ୍କ ପରାମର୍ଶରେ ନବୀନ ଏଭଳି ପଦକ୍ଷେପ ନେଇଥିଲେ, ଏବେ ସେମାନେ କୁଆଡ଼େ ଗଲେ ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି।

ରାମକୃଷ୍ଣ ପଟ୍ଟନାୟକଙ୍କଠାରୁ ଆରମ୍ଭ କରି ପ୍ରଫୁଲ୍ଲ ସାମଲ ଓ ଲାଲବିହାରୀ ହିମିରିକାଙ୍କ ପର୍ଯ୍ୟନ୍ତ ସବୁ ବିଜୁ ଅନୁଗତଙ୍କୁ ଦଳରେ ପର୍ଯ୍ୟାୟ କ୍ରମେ କୋଣଠେସା କରାଗଲା। ରାମକୃଷ୍ଣ ପଟ୍ଟନାୟକ କି ତାଙ୍କ ଝିଅ ଅନୀତା ଶୁଭଦର୍ଶିନୀଙ୍କୁ ବିଜେଡି ନିଜ ସହ ରଖିଲାନି। ଏବେ ସେ ଗଞ୍ଜାମରେ ବିଜେଡି ପାଇଁ ବଡ଼ କଣ୍ଟା ସାଜିଛନ୍ତି। ଖାଲି ସେ ନୁହଁନ୍ତି, ସୁର ନାୟକଙ୍କ ଭଳି ନେତାଙ୍କୁ ମଧ୍ୟ ବିଜେଡି କୋଣଠେସା କରିଦେଲା। ତାଙ୍କ ହାତରୁ ତାଙ୍କ ନିର୍ବାଚନମଣ୍ଡଳୀ ଛଡ଼େଇନେଲେ ନବୀନ। ହେଲେ ସେ ଦଳ ବିରୋଧରେ ପଦୁଟିଏ ବି କହି ନ ଥିଲେ। ତାଙ୍କ ପୁଅ ଦୀର୍ଘ ବର୍ଷ ଧରି ବିଜେଡି ପାଇଁ କାମ କରୁଛନ୍ତି ଆଉ କାକଟପୁରରେ ବିଜେଡି ପ୍ରାର୍ଥୀଙ୍କୁ ସହଯୋଗ କରିଆସୁଛନ୍ତି। ହେଲେ ନା ସୁର ନାୟକ ବଞ୍ଚିଥିବା ବେଳେ ବିଜେଡି ତାଙ୍କୁ ଥଇଥାନ କଲା ନା ତାଙ୍କ ପୁଅଙ୍କୁ କୌଣସି ଗୁରୁତ୍ୱ ଦେଲା। ସେହିଭଳି ଡାକ୍ତର ଦାମୋଦର ରାଉତ। ମଲା ପର୍ଯ୍ୟନ୍ତ ସେ ଥିଲେ ଏକାନ୍ତ ବିଜୁ ଅନୁଗତ। ଦଳର କିଛି କାର୍ପେଟଦାରଙ୍କ ସହ ତାଙ୍କର ମତାନ୍ତର ହେଉଥିବାରୁ ତାଙ୍କୁ ଦଳରୁ ବିଦା କରି ତାଙ୍କ ପୁଅକୁ ଟିକେଟ ଦେଲେ। ସେ ବିଜେପି ଗଲେ ମଧ୍ୟ ସେଠି ନିଜକୁ ଖାପ ଖୁଆଇପାରିଲେନି। ବିଜେଡି ମଧ୍ୟ ତାଙ୍କୁ ଆଉ ନିଜ ସହ ରଖିପାରିଲା ନାହିଁ। ପ୍ରଫୁଲ୍ଲ ଘଡ଼େଇଙ୍କର ରାଜନୈତିକ କ୍ୟାରିୟରକୁ ମଧ୍ୟ ଦଳ ତଳିତଳାନ୍ତ କରିଦେଇଛି।

ନଳିନୀ ମହାନ୍ତି, ଡାକ୍ତର କମଳା ଦାସ, ଅମର ଶତପଥୀ, ପ୍ରଭାତ ତ୍ରିପାଠୀ, ଦିଲ୍ଲୀପ ରାୟ, ଏମିତି ତାଲିକା ବେଶ୍ ଲମ୍ବା। ଯାହାକୁ ଯେତେବେଳେ ଯେଉଁଠି ଦରକାର ପଡ଼ିଛି ତାଙ୍କୁ ନବୀନ ବ୍ୟବହାର କରି ଡଷ୍ଟବିନ୍‌କୁ ଫିଙ୍ଗିଦେଇଛନ୍ତି। ଆଉ ଦଳ ପ୍ରତି କାଣିଚାଏ ବି ଅବଦାନ ନ ଥିବା ସସ୍ମିତ ପାତ୍ର, ପ୍ରମିଳା ବିଶୋୟୀ, ସୁଜିତ କୁମାର, ମମତା ମହନ୍ତ, ଅମର ପଟ୍ଟନାୟକ, ଶ୍ରୀମୟୀ ମିଶ୍ରଙ୍କ ଭଳି ନେତା ବିଜେଡିରେ ଯୋଗଦେଲେ ଏବଂ ରାତାରାତି ଷ୍ଟାର ବନିଗଲେ। ଆଉ ସେମାନଙ୍କ ଭିତରୁ କିଏ ଏବେ ବିଜେଡିରେ ଅଛନ୍ତି? ସରକାର ଭାଙ୍ଗିବା ମାତ୍ରେ ମମତା ମହନ୍ତ, ସୁଜିତ କୁମାର ଓ ଅମର ପଟ୍ଟନାୟକ ବିଜେଡିକୁ ଗୋଇଠା ମାରି ଚାଲିଗଲେ। ଆଉ କିଛି ଅଛନ୍ତି ଯେଉଁମାନେ ପଦ୍ମ ପୋଖରୀକୁ ଗୋଡ଼ ବଢ଼େଇ ସାରିଲେଣି। କେବଳ ଡେଇଁବାକୁ ଉପଯୁକ୍ତ ସମୟ ଓ ସୁଯୋଗକୁ ଅପେକ୍ଷା କରିଛନ୍ତି। କିଛି ପଦ୍ମ ଟୋପି ନ ପିନ୍ଧି ମଧ୍ୟ ଆତ୍ମା ତାଙ୍କର ଗୈରିକ ହୋଇଗଲାଣି। ମମତା ମହନ୍ତ, ସୁଜିତ କୁମାର, ଅମର ପଟ୍ଟନାୟକ, ସସ୍ମିତ ପାତ୍ରଙ୍କ ଭଳି ନେତା ଯଦି ଏତେ ଲୋକପ୍ରିୟ ଥିଲେ ➪ପୃଷ୍ଠା-୬

# ଆଗେ ଥଇଥାନ କର, ପରେ ଉଚ୍ଛେଦ

## ଜିଲ୍ଲାପାଳଙ୍କ ଗାଡି ସମ୍ମୁଖରେ ବସିଲେ ଆଠ ପରିବାର



**ଆଳି,୨୭।୪(ସଂଚାର ବ୍ୟୁରୋ):** ଥଇଥାନ ନିମନ୍ତେ ଜିଲ୍ଲାପାଳଙ୍କ ଗାଡି ସମ୍ମୁଖରେ ବସିଲେ ଆଳି ଗୋପାଳପୁର ଗ୍ରାମର ଆଠଟି ପରିବାର ଲୋକ । ଆମକୁ ଆଗ ଥଇଥାନ କର ତା ପରେ ଉଚ୍ଛେଦ କର । ଏମିତି ଗୁହାରି ଜଣାଇ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ଗୋପାଳପୁର ଗ୍ରାମର ଆଠଟି ପରିବାର । କେନ୍ଦ୍ରାପଡ଼ା ଜିଲ୍ଲା ପତ୍ରପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମାଣ ହେବାକୁ ଥିବା ଦ୍ୱିତୀୟ ସେତୁ ନିମନ୍ତେ ଗୋପାଳପୁର ଗ୍ରାମ ର ଆଠଟି ପରିବାରକୁ ଉଛେଦ ନିମନ୍ତେ ନୋଟିସ ଲଗାଇଛି ପ୍ରଶାସନ । ଆଳି ତହସିଲ ପକ୍ଷରୁ ନୋଟିସ ଲାଗିବା ପରେ ପରିବାର ଲୋକ ଆଜି ଆଳି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଜନଶୁଣାଣୀ କାର୍ଯ୍ୟକ୍ରମରେ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ ଜଣାଇବା ସହ ଗାଡି ଆଗରେ ବସି ସେମାନଙ୍କୁ ଥଇଥାନ କରିବା ପରେ ଉଛେଦ କରିବା ନିମନ୍ତେ ନିବେଦନ କରିଥିଲେ । ଏ ନେଇ ଜିଲ୍ଲାପାଳ ସେମାନଙ୍କୁ ଥଇଥାନ ନିମନ୍ତେ ବସୁନ୍ଧରା ଯୋଜନାରେ ଜାଗା ଯୋଗାଇ ଦେବା ନିମନ୍ତେ ତହସିଲ ପକ୍ଷରୁ ପ୍ରକ୍ରିୟା ଚାଲିଥିବା ସୂଚନା ଦେଇଛନ୍ତି ।

# ଅଇନିପଡା କଲ୍ୟାଣ ମଣ୍ଡପ ପାଇଁ ୩୫ଲକ୍ଷ ଟଙ୍କା ମଞ୍ଜୁର, ସାଂସଦଙ୍କୁ କୃତଜ୍ଞତା

**ପଟ୍ଟାମୁଣ୍ଡାଇ,୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ନରସିଂହପୁର ପଂଚାୟତ ଅଇନିପଡା କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ଅଂଚଳବାସୀ ଦୀର୍ଘ ଦିନ ହେବ ଦାବୀ କରିଆସୁଥିଲେ । ଏ ସମ୍ପର୍କରେ ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡାଙ୍କୁ ଭେଟି ଅଇନିପଡା କଲ୍ୟାଣ ମଣ୍ଡପ ପାଇଁ ଅର୍ଥ ମଂଜୁର କରିବାକୁ ଅନୁରୋଧ କରିଥିଲେ । କେନ୍ଦ୍ରାପଡ଼ା ସାଂସଦ ଶ୍ରୀ ପଣ୍ଡା ସରପଞ୍ଚଙ୍କ ଅନୁରୋଧ ରକ୍ଷା କରି ଅଇନିପଡା କଲ୍ୟାଣ ମଣ୍ଡପ ପାଇଁ ତାଙ୍କ ସାଂସଦ ପାଣ୍ଠିରୁ ୩୫ ଲକ୍ଷ ଟଙ୍କା ମଂଜୁର କରି ମଞ୍ଜୁରୀପତ୍ର କେନ୍ଦ୍ରାପଡ଼ା ଜିଲ୍ଲାପାଳ ଓ ନରସିଂହପୁର ସରପଞ୍ଚଙ୍କ ନିକଟକୁ ପଠାଇଛନ୍ତି । ଏଥି ପାଇଁ ନରସିଂହପୁର ସରପଞ୍ଚ ଦିପ୍ତିମୟୀ ପରିଡା, ଯୁବନେତା ସୁଶୀଲ ପରିଡା ଗିରିଜାଶଙ୍କର ସାମଲ ଚନ୍ଦନ ପାତ୍ର ପରେଶ କୁମାର ସାହୁ ପ୍ରମୁଖ ସାଂସଦ ଶ୍ରୀପଣ୍ଡାଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଘରୁ ବାହାରି ପାରୁନାହାଁନ୍ତି ଗ୍ରାମବାସୀ

# ଟେଣ୍ଡର ହେବାର ଦୁଇ ବର୍ଷ ପରେ ମଧ୍ୟ ହେଉନି ଡ୍ରେନ୍ କାମ



**କେନ୍ଦ୍ରାପଡା,୨୭।୪(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରାଂଚଳ ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ଅନେକ ସମସ୍ୟା ଲାଗି ରହିଛି । ଏହି ସମସ୍ୟା ମାନଙ୍କ ଭିତରୁ ମୁଖ୍ୟ ସମସ୍ୟା ହେଲା ଡ୍ରେନ୍ ନିର୍ମାଣ । ବିଗତ ଦୁଇ ବର୍ଷ ହେଲା ପୌରସଂସ୍ଥା ତରଫରୁ ୧୨ ନମ୍ବର ୱାର୍ଡରେ ସୁରଜ କ୍ଲବ ପକ୍ଷରୁ ଡ୍ରେନ୍ ନିର୍ମାଣ କରିବା ପାଇଁ ଟେଣ୍ଡର ହୋଇଥିବାବେଳେ ଆଜିପର୍ଯ୍ୟନ୍ତ ଡ୍ରେନ୍ ନିର୍ମାଣ ହୋଇପାରୁନାହିଁ। ଯାହାଫଳରେ ସାମାନ୍ୟ ବର୍ଷା ହେଲେ ଗ୍ରାମବାସୀଙ୍କ ଘର ଭିତରେ ବର୍ଷା ଜଳ ପଶୁଛି । ଦୁଇ ତିନିମାସ ବରିଷ୍ଠ ନାଗରିକ, ମହିଳା ଘରୁ ବାହାରିପାରୁନାହାଁନ୍ତି । ସ୍କୁଲ୍ ଛାତ୍ର ଛାତ୍ରୀ ସ୍କୁଲକୁ ଯାଇପାରୁନାହାଁନ୍ତି । ଏ ବିଷୟରେ ବାରମ୍ବାର ପୌର କାର୍ଯ୍ୟନିର୍ବାହୀ ଅଧିକାରୀ, ପୌରଅଧ୍ୟକ୍ଷାକୁ ଜଣାଉଥିଲେ ମଧ୍ୟ ଏମାନେ ନିରୁପାୟ ହୋଇ କୌଣସି ପଦକ୍ଷେପ ନେଇପାରୁନାହାଁନ୍ତି । ଠିକାଦାର ଜଣକ କାମ ନେଇ ସ୍ଥାନୀୟ କାଉନ୍ସିଲରଙ୍କୁ ସବ୍‌ଲେଟ୍‌ରେ କାମ ଦେଇଥିବାରୁ ଦୁଇ ବର୍ଷ ବିତିଯାଇଥିଲେ ମଧ୍ୟ କାଉନ୍ସିଲର ଏପର୍ଯ୍ୟନ୍ତ କାମ ଆରମ୍ଭ କରୁନାହାଁନ୍ତି । ସୋମବାର ଦୁଇଶହରୁ ଉର୍ଦ୍ଧ୍ୱ ଗ୍ରାମବାସୀ ସମାଜସେବୀ ଆବୁ ହୋସେନ୍‌ଙ୍କ ସହିତ ଲାଲ୍ ବାବୁ ଖାନ୍, ସେକ୍ ମୌସିମ୍, ସେକ୍ ଆକବର, ସରାଫତ୍ ଅଲ୍ଲୀ, ସେକ୍ ବାବୁ ଜିଲ୍ଲାପାଳଙ୍କୁ ଭେଟି ସପ୍ତାହକ ମଧ୍ୟରେ ଡ୍ରେନ୍ କାମ ଆରମ୍ଭ ନ ହେଲେ ଜିଲ୍ଲା କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ନଦୀରେ ବୁଡ଼ି ଶ୍ରମିକ ନିଖୋଜ

**ନିଶ୍ଚିନ୍ତକୋଇଲି,୨୭।୪(ସଂଚାର ବ୍ୟୁରୋ):** କଟକ ଜିଲ୍ଲା ଚିତ୍ରୋତ୍ପଳା ନଦୀରେ ଜନାର୍ଦ୍ଦନପୁରରୁ କୁଳିଆକୁ ସଂଯୋଗ କରିବା ପାଇଁ ନିର୍ମାଣଧୀନ ବ୍ରିଜରେ କାର୍ଯ୍ୟ କରୁଥିବା ଶ୍ରମିକ ନଦୀରେ ବୁଡ଼ି ନିଖୋଜ ରହିଥିବା ଜଣାପଡ଼ିଛି। ନାରାୟଣୀ ଦାଶ କନଷ୍ଟ୍ରକସନ ପକ୍ଷରୁ ଏହି ବ୍ରିଜର ନିର୍ମାଣ କାର୍ଯ୍ୟ ଚାଲୁଛି। ନାରାୟଣୀ ଦାଶ କନଷ୍ଟ୍ରକସନ ପକ୍ଷରୁ ଶ୍ରମିକ ମାନଙ୍କ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା କରାଯାଇନଥିବାରୁ ଏଭଳି ଅଘଟଣ ଘଟିଛି ବୋଲି ସ୍ଥାନୀୟ ଲୋକେ ଆଲୋଚନା କରୁଛନ୍ତି। ନିଖୋଜ ଶ୍ରମିକ ମାହାଙ୍ଗା ଏରକଣାର ଘନଶ୍ୟାମ ପ୍ରଧାନଙ୍କ ବଡ଼ପୁଅ ଗଣେଶ୍ୱର ପ୍ରଧାନ ବୋଲି ଜଣାପଡ଼ିଛି। ଶ୍ରମିକ ନଦୀରେ ବୁଡ଼ି ନିଖୋଜ ରହିଥିବା ଖବର ପାଇ ନିଶ୍ଚିନ୍ତକୋଇଲି ଓ ସାଲେପୁରର ଅଗ୍ନିଶମବାହିନୀ କର୍ମଚାରୀ ମାନେ ନଦୀରେ ଖୋଜାଖୋଜି ଜାରି ରଖିଛନ୍ତି।

## ଶ୍ରୀ ବଳଦେବଜୀଉଙ୍କ ଚନ୍ଦନଯାତ୍ରା

# ପଚାସଢ଼ା ପାଣିରେ ଚାଲିଛି ଚାପଖେଳ

**କେନ୍ଦ୍ରାପଡା, ୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡାର ଆରାଧ୍ୟ ଦେବ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ପବିତ୍ର ଚନ୍ଦନଯାତ୍ରା ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଯାଇଛି। ଏହି ଯାତ୍ରା ଦୀର୍ଘ ୨୧ ଦିନ ପର୍ଯ୍ୟନ୍ତ ଚାଲିବ । ପ୍ରବଳ ଗ୍ରୀଷ୍ମ ଋତୁରେ ଦିଅଁ ମାନଙ୍କୁ ମାନବିକ ବିଚାରରେ ଶୀତଳତା ପ୍ରଦାନ ପାଇଁ ଚନ୍ଦନ ପୋଖରୀରେ ଡଙ୍ଗାରେ ବସାଯାଇ ଚାପ ଖେଳ କରାଯିବାର ପରମ୍ପରା ବହୁ ପ୍ରାଚୀନ କାଳରୁ ପାଳନ କରାଯାଇ ଆସୁଛି ।



ଶ୍ରୀ ବଳଦେବଜୀଉଙ୍କ ମନ୍ଦିର ଠାରୁ ପ୍ରାୟ ଅଧ କିମି ଦୂରରେ ଥିବା ନୂଆ ଚନ୍ଦନ ପୋଖରୀରେ ଏବେ ପାଳନ କରାଯାଉ ଥିବାବେଳେ ସେହି ଚନ୍ଦନ ପୋଖରୀର ପାଣିର ଅବସ୍ଥା କୌଣସି ନର୍ଦ୍ଦମା ଠାରୁ କମ ନୁହେଁ । ନୀଳ ରଙ୍ଗର ଆସ୍ତରଣ ପାଣି ଉପରେ ଥିବାବେଳେ ପାଣିକୁ ସୁଙ୍ଘିଲେ ଦୁର୍ଗନ୍ଧ ବାସନା ଓ ବ୍ୟବହାର ଅନୁପଯୋଗୀ ବୋଲି ସମସ୍ତେ କହୁଛନ୍ତି। ପଚା ସଢ଼ା ପାଣି ଯାହା ମଣିଷ ବ୍ୟବହାର ପାଇଁ ଅନୁପଯୋଗୀ ସେଥିରେ ଦିଅଁ ମାନଙ୍କ ଧାର୍ମିକ ରୀତି ପାଳନ କରାଯାଉଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମନରେ ଦାରୁଣ ଆଘାତ ଲାଗିଛି। ଅନେକ ଭକ୍ତ ଏହାକୁ ପ୍ରତିବାଦ କରିଛନ୍ତି।

ତେବେ ସେହି ଚନ୍ଦନ ପୋଖରୀର ଅବସ୍ଥା ଚନ୍ଦନ ଯାତ୍ରା ପୂର୍ବରୁ ସୁଧାରିବା ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ଉଦ୍ୟମ କରାଯାଇ ନାହିଁ । ଅପର ପକ୍ଷରେ ଏହି ପୋଖରୀକୁ ବାର୍ଷିକ ୩୦ ହଜାର ଟଙ୍କାରେ ମାଛ ଚାଷ ପାଇଁ ନିଲାମ ଦିଆ ଯାଇଛି । ସର୍ତ୍ତ ଅନୁଯାଇ ନିଲାମ ଧାରୀ ଏହି ପୋଖରୀର ପରିଚାଳନା କରିବା ସହ ଜଳର ଶୁଦ୍ଧତା ଓ ଅନ୍ୟ ଆନୁସଙ୍ଗିକ ଦିଗ ପ୍ରତି ଆଦୌ ଦୃଷ୍ଟି ନଦେଇ ଚୁପ ହୋଇ ବସି ରହିଛି । ମାଛର ଆକାର ବୃଦ୍ଧି ପାଇଁ ରାସାୟନିକ ସାର ପ୍ରୟୋଗ କରାଯାଉଥିବା କେତେକ ବ୍ୟକ୍ତି ଅଭିଯୋଗ କରିଛନ୍ତି। ବର୍ତ୍ତମାନ ପୋଖରୀରେ ପ୍ରାୟ ୧୦ ଫୁଟ ଉଚ୍ଚର ପଙ୍କ ଭରି ଯାଇ ଥବାରୁ ପାଣି ଅତ୍ୟନ୍ତ ଦୁର୍ଗନ୍ଧ ଓ ବ୍ୟବହାର ଅନୁପଯୋଗୀ ହୋଇ ପଡିଛି। ତଥାପି ଶ୍ରଦ୍ଧାଳୁ ଭକ୍ତମାନେ ଦିଅଁ ମାନଙ୍କ ଚନ୍ଦନଯାତ୍ରା ସୟରେ ଧାର୍ମିକ ନୀତି ପାଳନ ପାଇଁ ଏହି ଜଳରେ ବୁଡ ପକାଇବା ଆଦି କରୁଥିବାରୁ ଚର୍ମରୋଗ ବ୍ୟାପିବାର ଆଶଙ୍କା ଦେଖା ଦେଲାଣି ।

ମନ୍ଦିର ପ୍ରଶାସନ ତୁରନ୍ତ ଏନେଇ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଇଟିପୁର ଗିରିମଠପଡ଼ା ଗ୍ରାମରେ ପାନୀୟ ଜଳ ସମସ୍ୟା



**କେନ୍ଦ୍ରାପଡା,୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବାରୁଅ ପଂଚାୟତ ଅଧିନସ୍ଥ ଇଟିପୁର ଗିରିମଠ ପଡା ଗ୍ରାମର ଦଳିତ ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଭେଟି ଗତ ତିନିମାସ ହେବ ଏହି ଦଳିତ ବସ୍ତିରେ ପାନୀୟ ଜଳ ପାଇଁ ଏହି ଗ୍ରାମବାସୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବା ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

ଅଭିଯୋଗ ମୁତାବକ ଇଟିପୁର ଗିରିମଠ ଗ୍ରାମର ପ୍ରାୟ ଶହେରୁ ଉର୍ଦ୍ଧ୍ୱ ଦଳିତ ପରିବାର ପାଇପ୍ ଯୋଗେ ପାନୀୟଜଳ ପାଇପାରୁ ନାହାଁନ୍ତି। ସରକାରଙ୍କ ତରଫରୁ ଘର୍ ଘର୍ ଜଳ ଯୋଗାଣର ବ୍ୟବସ୍ଥା ଥିଲେ ମଧ୍ୟ ଏହି ଗ୍ରାମରେ ତାହା କାର୍ଯ୍ୟକାରୀ ହୋଇପାରୁନାହିଁ । ଉକ୍ତ ପାନୀୟ ଜଳ ସମସ୍ୟା ବିଷୟରେ ସ୍ଥାନୀୟ ସରପଂଚଙ୍କୁ ଅବଗତ କରିଥିଲେ । ସରପଂଚ ଗ୍ରାମୀଣ ପାନୀୟ ଜଳ ଯୋଗାଣ ନିର୍ବାହୀ ଯନ୍ତ୍ରୀ, ଜେଇ, ଏସ୍‌ଡିଓ ଓ ଅଧିକ୍ଷଣଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀମାନେ କୌଣସି ପଦକ୍ଷେପ ନେଉନାହାଁନ୍ତି । ବାରୋ ପମ୍ପ ହାଉସ୍‌ରୁ ପାଇପ୍ ଲାଇନ୍ ବନ୍ଦ କରି ଘିଗିଡିଆ ଗ୍ରାମରେ ନୂତନ ଭାବେ ହୋଇଥିବା ପମ୍ପ ହାଉସ୍ ପାଇପ୍‌ରେ ପାଣି ସଂଯୋଗ କରିବା ପାଇଁ ଆଦେଶ ଦେଇଛନ୍ତି । ଘିଗିଡିଆ ଗ୍ରାମର ନୂତନ ପମ୍ପ ହାଉସ୍‌ରେ ସଂଯୋଗ କରିବା ପାଇଁ ମାଟି ଖୋଳା ଯାଇଥିଲା । ସ୍ଥାନୀୟ ଅଂଚଳର କିଛି ବ୍ୟକ୍ତି ଏହି ପାଇପ୍ ସଂଯୋଗକୁ ବିରୋଧ କରିବାରୁ କାର୍ଯ୍ୟଟି ବନ୍ଦ ହୋଇଯାଇଛି। ଯାହାଫଳରେ ଇଟିପୁର, ଗିରିମଠ ଗ୍ରାମବାସୀମାନେ ପାନୀୟ ଜଳ ପାଇବାର ଅସୁବିଧାର ସମ୍ମୁଖୀନ ହେଉଥିବା ସରପଂଚ ଗୋପିନାଥ ମଳିକଙ୍କ ନେତୃତ୍ୱରେ ଜିଲ୍ଲାପାଳଙ୍କୁ ଭେଟି ତୁରନ୍ତ ପାଣି ପାଇପ୍ ସଂଯୋଗ କରି ଗ୍ରାମବାସୀଙ୍କୁ ପାଣି ଯୋଗାଇବା ପାଇଁ ଦାବି କରିଛନ୍ତି ।

# ମହିଳାଙ୍କୁ ହତ୍ୟା ପରେ ଜାଳିଦେଲେ ଶାଶୂଘର ଲୋକେ, ସ୍ୱାମୀ ଓ ଶାଶୂ ଗିରଫ

## ଅର୍ଦ୍ଧଦଗ୍ଧ ମୃତଦେହ ଜବତ କଲା ପୁଲିସ



**ମହାକାଳପଡ଼ା, ୨୭।୪ (ସଂଚାର ବ୍ୟୁରୋ):** ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିନସ୍ଥ ବେଣାକନ୍ଧା ଗ୍ରାମରେ ଏକ ମହିଳାଙ୍କୁ ଶାଶୁଘର ଲୋକେ ମାରି ବାରିପଛ ବିଲରେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଝିଅଙ୍କ ପରିବାର ଲୋକେ ଏନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଝିଅର ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରିଛି।

ସୁଚନା ଅନୁସାରେ ପଟ୍ଟାମୁଣ୍ଡାଇ ଥାନା ଅଧିନସ୍ଥ ନଳଡିହ ଗ୍ରାମର ମନୋରଞ୍ଜନ ଦଣ୍ଡା ତାଙ୍କ ଝିଅ ତଅପୋଇ ଙ୍କୁ ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ବେଣାକନ୍ଧା ଗ୍ରାମର ବିଶ୍ୱଜିତ ମଣ୍ଡଳଙ୍କ ସହିତ ବୈବାହିକ ରିତି ନିତିରେ ବିବାହ କରିଥିଲେ। ବିବାହର ଏକ ବର୍ଷ ଭଲରେ ଭଲରେ ସଂସାର ଚାଲିଥିଲା। ବିଶ୍ୱଜିତ କାମ ଧନ୍ଦା ନକରି ଘରେ ମଦ ପିଇ ମାତାଲ୍ ହୋଇ ସବୁବେଳେ ତଅପୋଇ ସହିତ ଝଗଡା କରୁଥିଲା। ଏକଥା ବାପା ମନୋରଞ୍ଜନଙ୍କ କାନରେ ପଡିଲା। ଗତ ଶନିବାର ଦିନ ମନୋରଞ୍ଜନ କିଛି ମୁରବୀ ଲୋକଙ୍କୁ ଧରି ବେଣାକନ୍ଧାସ୍ଥିତ ତାଙ୍କ ଝିଅ ଘରେ ପହଞ୍ଚିଥିଲେ। ଝିଅ ଶାଶୁଘର ଗାଁର କିଛି ମୁରବୀ ମାନଙ୍କ ଉପସ୍ଥିତିରେ ସମସ୍ତ କଥା ଆଲୋଚନା କରାଯାଇ ସମାଧାନ କରି ମନୋରଞ୍ଜନ ତାଙ୍କ ଝିଅ, ଶାଶୁ ଓ ଜ୍ୱାଇଁ ଙ୍କୁ ବୁଝାସୁଝା ସାରି ରାତି ୨ ଟା ସମୟରେ ନଳଡିହ ଗାଁକୁ ଫେରିଯାଇଥିଲେ। ସକାଳୁ ତାଙ୍କ ଝିଅ ଆତ୍ମହତ୍ୟା କରିଛି ବୋଲି ମନୋରଞ୍ଜନଙ୍କୁ ଖବର ଆସିଥିଲା। ବେଣାକନ୍ଧା ଗ୍ରାମରେ ପହଞ୍ଚି ସେ ଯାହା ଦେଖିଥିଲେ ତାଙ୍କ ହୋସ୍ ଉଡିଯାଇଥିଲା। ବାରିପଟ ବିଲରେ ତାଙ୍କ ଝିଅ ଅର୍ଦ୍ଧଦଗ୍ଧ ଅବସ୍ଥାରେ ମୃତଦେହ ପଡିଛି। ପାଖରେ କିଛି ନଡ଼ା ବିଛାଯାଇଛି ଏକ ଜାର ପଡିଛି ଓ ଅନ୍ୟାନ୍ୟ ସାମଗ୍ରୀ ପଡ଼ିଥିବା ଦେଖି ବାପା ମନୋରଞ୍ଜନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ମନୋରଞ୍ଜନ ତନ୍ତିଆପାଳ ସାମୁଦ୍ରିକ ଥାନାରେ ପହଞ୍ଚି ଝିଅକୁ ଶାଶୁ ଘର ଲୋକେ ମାରିଦେଇଥିବା ସେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ତନ୍ତିଆପାଳ ସାମୁଦ୍ରିକ ଥାନା ଅଧିକାରୀ ରଶ୍ମିରଞ୍ଜନ ନାୟକଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରି ଘଟଣା ସ୍ଥଳରେ ପହଁଞ୍ଚି ସ୍ୱାମୀ ବିଶ୍ୱଜିତ୍ ଓ ଶାଶୁ ମମତାଙ୍କୁ ଥାନାକୁ ଆଣି ପଚରା ଉଚୁରା କରିବା ସହିତ ଦୁହିଁଙ୍କ ନାମରେ ହତ୍ୟା ମାମଲା (୬୭/୨୬) ରୁଜୁ କରି ଉଭୟଙ୍କ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଥିବା ବେଳେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଛି ପୁଲିସ।

# ୧୪୮ ଲିଟର ଚୋରା ମଦ ଜବତ, ୬ ଗିରଫ

**କେନ୍ଦ୍ରାପଡ଼ା, ୨୭।୪ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର.ଆୟରଙ୍କ ନିର୍ଦ୍ଦେଶକ୍ରମେ ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ଜିଲ୍ଲାର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ରୋମିତ ଗ୍ରାମର ସଂଗ୍ରାମ ପ୍ରଧାନ(୨୩)ଙ୍କ ଠାରୁ ୩୨ ଲିଟର ବିଦେଶୀ ମଦ ସମେତ ଗୋଟିଏ ମୋଟର ସାଇକେଲ, ନରହରିପୁର ଗ୍ରାମର ରଜନୀକାନ୍ତ ଦାସ (ବୟସ-୪୮)ଙ୍କ ଠାରୁ ୩୪ ଲିଟର ଚୋରା ବିଦେଶୀ ମଦ, ପାଟକୁରା ଗ୍ରାମର ରଞ୍ଜନ କୁମାର ପରିଡା (୫୪)ଙ୍କ ଠାରୁ ୨୧ ଲିଟର



ଚୋରା ବଦେଶୀ ମଦ, ରାଜନଗର ଗ୍ରାମର ମଙ୍ଗୁଳି ଚରଣ ସ୍ୱାଇଁ (୩୭)ଙ୍କ ଠାରୁ ୨୨ ଲିଟର ଚୋରା ବିଦେଶୀ ମଦ, କୁରନ୍ତି ଗ୍ରାମର ପ୍ରଦୀପ କୁମାର ନରେନ୍ଦ୍ର(୫୬)ଙ୍କ ଠାରୁ ୨୯ ଲିଟର ଚୋରା ବିଦେଶୀ ମଦ ଏବଂ କେଉଟ ଖଣ୍ଡିଆ ଗ୍ରାମର ସନ୍ତୋଷ କୁମାର ସେଠୀଙ୍କ ଠାରୁ ୧୦ ଲିଟର ଚୋରା ଦେଶୀ ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି । ସେମାନଙ୍କ ପାଖରୁ ସମୁଦାୟ ୧୪୮ ଲିଟର ବିଦେଶୀ ଓ ଦେଶୀ ଚୋରା ମଦ ସମେତ ଗୋଟିଏ ମୋଟର ସାଇକେଲ ଜବତ କରାଯାଇ ୬ ଜଣଙ୍କୁ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ଛାୟାକାନ୍ତ ନାୟକ, ଋତୁପ୍ରଭା ସ୍ୱାଇଁ, ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

# ଆଳି ପୁଲିସ ପକ୍ଷରୁ ଖୋଲିଲା ଜଳଛତ୍ର

**ଆଳି,୨୭।୪(ସଂଚାର ବ୍ୟୁରୋ):** ଆଳି ପୋଲିସ ଆନୁକୂଲ୍ୟରେ ଆଳି ଥାନା ଛକରେ ଖୋଲିଲା ଜଳ ଛତ୍ର । ତହ ତହ ଖରାକୁ ଝାଞ୍ଜି ପବନ ସହ ଜନ ଜୀବନ ଅସ୍ତବ୍ୟସ୍ତ ହୋଇଥିବା ବେଳେ ତୃଷ୍ଣାର୍ଥ ପଥିକ ମାନଙ୍କର ତୃଷ୍ଣା ନିବାରଣ ନିମନ୍ତେ ଆଳି ଥାନା ନିକଟ କଟକ ଚାନ୍ଦବାଲି ମୁଖ୍ୟ ରାସ୍ତାରେ ଜଳଛତ୍ରର ଶୁଭାରମ୍ଭ କରିଛନ୍ତି ଆଳି ପୋଲିସ।




ଜିଲ୍ଲା ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ ଏହି ଜଳଛତ୍ରର ଫିତା କାଟି ଶୁଭ ଉଦଘାଟନ କରିଥିଲେ ତାଙ୍କ ସହିତ ଥିଲେ ଆଳି ଥାନାର ଥାନାଧିକାରୀ ଅନ୍ତର୍ଯ୍ୟାମୀ ଶ୍ରୀଚନ୍ଦନ, ପଟ୍ଟାମୁଣ୍ଡାଇ ଏସଡିପିଓ ସୁକାନ୍ତ ପାତ୍ରଙ୍କ ସମେତ ପୋଲିସ ଅଧିକାରୀ ଯୋଗ ଦେଇ ଥିଲେ।

# ମାଣିକପାଟଣା ପ୍ରିମିୟର ଲିଗ୍ ଉଦ୍‌ଯାପିତ, ନିଆଳ ଚାମ୍ପିଅନ୍

**ଆଳି,୨୭।୪ (ସଂଚାର ବ୍ୟୁରୋ):** ଆଳି ମାଣିକପାଟଣା ପ୍ରିମିୟରଲିଗ ମହାସମାରୋହରେ ଉଦଯାପିତ ହୋଇଯାଇଛି। ଜିଆରପି ଇନ୍ଫ୍ରାଷ୍ଟ୍ରକଚର ମ୍ୟାନେଜିଙ୍ଗ ଡାଇରେକ୍ଟର ସୁରେଶ ଚନ୍ଦ୍ର ପାତ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି ଅଷ୍ଟମ ବାର୍ଷିକ ପ୍ରତିଯୋଗିତା ରେ ନିଆଳ ବନାମ ଚଣ୍ଡୀଆଗଡି ମଧ୍ୟରେ କଡା ମୁକାବିଲା ହୋଇ ପ୍ରଥମେ ୧୦ ଓଭର ରେ ନିଆଳ ୧୬୨ ରନ କରିଥିବା ବେଳେ ଚଣ୍ଡୀଆଗଡି ୧୧୭ ରନ କରି ରନର୍ସ ଅପ ହୋଇଥିଲା।



ମ୍ୟାନ ଅଫଦି ମ୍ୟାଚ୍ ଶୁଭମ୍ ପଲାଇ, ସିରିଜି ଶ୍ରୀତମ ମଲିକ ହୋଇଥିଲେ। ସେପଟେ ଚମ୍ପିୟନ ଟିମ ନିଆଳ ଏବଂ ରନର୍ସ ଅପ ଟିମଙ୍କୁ ମୁଖ୍ୟ ଅତିଥି ପ୍ରଣବ କୁମାର ଶୁକ୍ଲା, ସମ୍ମାନୀୟ ଅତିଥି ମାନସ କୁମାର ସାହୁ, ଶିକ୍ଷାବିତ ପ୍ରମୋଦ କୁମାର ମଲ୍ଲିକ, ରାଧାଶ୍ୟାମ ବେହେରା ସାମ୍ବାଦିକା ସରୋଜିନୀ ମହାନ୍ତି ଚାମ୍ପିୟନ ଟ୍ରଫି ପ୍ରଦାନ କରିଥିଲେ।

# ଜାତୀୟ ପଞ୍ଚାୟତିରାଜ ଦିବସରେ ବଡ଼ମୂଳବସନ୍ତ ପଞ୍ଚାୟତ ସମ୍ମାନିତ



**ପଟ୍ଟାମୁଣ୍ଡାଇ,୨୭।୪(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକରେ ଜାତୀୟ ପଞ୍ଚାୟତରାଜ ଦିବସ ପାଳନ ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ ମୁଖ୍ୟଅତିଥି, ବିଡ଼ିଓ ଶୀତଲ ଅଗ୍ରୱାଲ, ବ୍ଲକ ଉପାଧ୍ୟକ୍ଷା ଜୟନ୍ତୀ ସ୍ୱାଇଁ,ଅତିରିକ୍ତ ବିଡ଼ିଓ ନନ୍ଦିନୀ ଶତପଥୀ, ବ୍ଲକ ସହନିର୍ବାହୀଯନ୍ତ୍ରୀ ରୋଜାଲିନ ମହାଳିକ ଓ ପ୍ରସନ୍ନ ରାଉତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଞ୍ଚମ ଅର୍ଥ କମିଶନ ଅନୁଦାନ ରାଶି ସଫଳ ବିନିଯୋଗ ପାଇଁ ବଡ଼ମୂଳବସନ୍ତ ପଂଚାୟତକୁ ପୁରସ୍କୃତ କରାଯାଇଛି। ବଡ଼ ମୂଳ ବସନ୍ତ ପଂଚାୟତ ସରପଞ୍ଚ ସନ୍ତୋଷ ସେଠୀ ସମିତିସଭ୍ୟା ସ୍ମୃତିମୟୀ ମଳିକ କନିଷ୍ଠଯନ୍ତ୍ରୀ ବିନୟ ମିଶ୍ର ଓ ଏ ଡି ଇ ଓ ଅଶୋକ ଦାଶଙ୍କୁ ସମ୍ମାନିତ କରାଯାଇଥିଲା ।

# ତହତହ ଖରାରେ ଜଳୁଛି ଗଦା ଗଦା ଇଟାଭାଟି

## ଧୂଆଁ ଓ ନିଆଁ ଧାସରେ ଲୋକେ କଲବଲ



**କୋରେଇ,୨୭।୪ (ସଂଚାର ବ୍ୟୁରୋ):** ସାରା ରାଜ୍ୟରେ ଏବେ ତାତି କଲବଲ କରୁଥିବା ବେଳେ ବ୍ୟାସନଗର ତହସିଲ ଅଧୀନ ମୂଳାପାଳ ପଂଚାୟତର ଶାଳବା, ସରସଦା, ଖିରୋ, ଧନତ୍ରୀ, ରଣପାଳ, ଗୋବିନ୍ଦପୁର, ମାଦଳା, ବରପଦା, ମୂଳାପାଳ, ରଙ୍ଗରଙ୍ଗା, ବଣହରା, ପଳସା, ବର୍ତ୍ତମଣା, ରାଣିଗୋଡ଼ା, ଭକଣ୍ଡରୀ, ସେଭଳି କରଦାରେ ବେଆଇନ ଭାବେ ମାଳମାଳ ନାଲି ଇଟା ପୋଡ଼ାଚାଲିଛି। ଯାହା ଫଳରେ ଏଠାକାର ତାପମାତ୍ରାକୁ ଆହୁରି ଦ୍ୱିଗୁଣିତ କରୁଛି।

ତେବେ ପ୍ରବଳ ଗ୍ରୀଷ୍ମପ୍ରବାହ ସମୟରେ ତହତହ ଖରାରେ ଏଠାରେ ଜଳୁଥିବା ଶତାଧିକ ଇଟାଭାଟି ଧୂଆଁ ସାଙ୍ଗକୁ ନିଆଁ ଧାସରେ ଏହି ଅଂଚଳର ଲୋକେ କଲବଲ ହେଉଛନ୍ତି। ଏଥିସହିତ ସରକାର କୋଟି କୋଟି ଟଙ୍କା ରାଜସ୍ୱ ହରାଉଛନ୍ତି। ତା' ସହିତ ପରିବେଶ ପ୍ରଦୂଷିତ ହେଉଛି। ଏହାସହ ଅହରହ କୋଇଲା ଜଳୁଥିବାରୁ ଧୂଆଁ ଯୋଗୁଁ ପ୍ରଦୂଷଣ ବଢୁଛି। ଲୋକେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି।

ସେହିପରି ଯାଜପୁର ତହସିଲ ଷଠିପୁର ରାଜସ୍ୱ କାର୍ଯ୍ୟାଳୟ ଅଧୀନରେ ଥିବା ଷଠିପୁର, ମାଧପୁର, ଗୁଡିଆ, ରୁମାପଶି, ବ୍ରଜନଗର, ବାଲିପଶି ଆଦି ଗ୍ରାମରେ ସରକାରୀ ଜାଗାରେ ବହୁ ସଂଖ୍ୟାରେ ଇଟାଭାଟି ଜଳୁଛି। ଜେସିବି ଲଗାଇ ରାତିରେ ସରକାରୀ ଜାଗାରୁ ମାଟି ଉଠାଯାଉଛି। ଇଟା ବେପାରୀମାନେ ଖୋଲା ଖୋଲି ଭାବେ ଏହି ବେଆଇନ କାରବାର ଚଳାଇଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ହେଉନାହିଁ। ଏହି ଅଂଚଳରେ ଇଟାଭାଟି ବେପାର କୁଟୀର ଶିଳ୍ପରେ ପରିଣତ ହୋଇଛି। ଏହାଦ୍ୱାରା ବାୟୁମଣ୍ଡଳ ଉତ୍ତପ୍ତ ହେଉଛି।

ଜିଲ୍ଲାରେ ଶହ ଶହ ବେଆଇନ ଇଟାଭାଟି ଜଳୁଥିଲେ ମଧ୍ୟ ଜିଲ୍ଲା ପ୍ରଦୂଷଣ ବିଭାଗ ଆଖି ବୁଜି ଦେଇଛି। ପ୍ରଶାସନ ପକ୍ଷରୁ ରାସ୍ତା ପାର୍ଶ୍ୱ, ନଦୀପଠା ଓ ବିଭିନ୍ନ ସରକାରୀ ଜାଗାରେ ଜଳୁଥିବା ନାଲି ଇଟା ଭାଟିଗୁଡ଼ିକୁ ତୁରନ୍ତ ବନ୍ଦ କରିବା ସହିତ ବେଆଇନ ଭାବେ ଗଚ୍ଛିତ ମାଟି, ବାଲିକୁ ଜବତ କରାଯିବା ସହ ଏପରି ସମସ୍ୟାର ସମାଧାନ ଦିଗପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ଯାଜପୁର ଜିଲ୍ଲାରେ ଉତ୍କଟ ଜଳ ସଙ୍କଟ

## ଶିଳ୍ପ ଓ ଖଣି ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜଳସ୍ତର ନିମ୍ନଗାମୀ

## ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପାଲଟିଛି ପ୍ରହସନ



**ଯାଜପୁର,୨୭।୪ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲାବାସୀଙ୍କ ଚିନ୍ତା ବଢ଼ାଇଛି ଏବେ ଜଳ ସଂକଟ। ମୁଖ୍ୟତଃ ଶିଳ୍ପାୟନ ସହ ଜଙ୍ଗଲ ହ୍ରାସ ଓ ଖଣି ଖନନ ଯୋଗୁ ଆଜି ସମଗ୍ର ଜିଲ୍ଲା ଜଳସଙ୍କଟରେ ଉବୁଟୁବୁ ହେଉଛନ୍ତି। ଅପରପକ୍ଷରେ ପାନୀୟ ଜଳ ସଂକଟ ଦୂର କରିବାକୁ ବିଜେଡି ସରକାର ମେଗା ପାଇପ୍ ଜଳଯୋଗାଣ ପ୍ରକଳ୍ପ ନିର୍ମାଣକୁ ଗୁରୁତ୍ୱ ଦେଇଥିଲେ । ହେଲେ ମେଗା ପ୍ରକଳ୍ପ ଗୁଡିକ ଶେଷ ହୋଇ ନ ଥିବାରୁ ଗାଁ ମାନଙ୍କରେ ପାଣି ଏଯାବତ ପହଞ୍ଚି ପାରୁନାହିଁ । ଯାହାକି ଜିଲ୍ଲାର କୋରେଇ, ଧର୍ମଶାଳା, ଯାଜପୁର, ବିଂଝାରପୁର, ସୁକିନ୍ଦା, ଦାନଗଦି ଆଦି ବ୍ଲକ ଅଞ୍ଚଳରେ ଜଳ ସଂକଟ ଦେଖାଦେଇଛି ।

ବିଜେଡି ସରକାର ଦାନଗଦି ବ୍ଲକର ୨୩ ପଞ୍ଚାୟତ ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପ୍ରାୟ ୧୩୪ କୋଟି ଟଙ୍କା ଅନୁଦାନ ଯୋଗାଇ ଦେଇଥିଲେ । ହେଲେ ଏଯାବତ ଏହା କାର୍ଯ୍ୟକ୍ଷମ ହୋଇ ନାହିଁ । ସେହିପରି ସୁକିନ୍ଦା ବ୍ଲକରେ ଓଏମ୍‌ଟିଏଡିସି ପାଣ୍ଠିରୁ ୨୩୩.୦୪ କୋଟି ଟଙ୍କାର ୩ଟି ଜଳ ଯୋଗାଣ ପ୍ରକଳ୍ପ ନିର୍ମାଣ ହୋଇ ଥିଲେ ବି ଗୋଟିଏ ବି ପ୍ରକଳ୍ପରୁ ନିର୍ଦ୍ଧାରିତ ଗ୍ରାମଗୁଡ଼ିକୁ ଆବଶ୍ୟକ ଜଳଯୋଗାଣ ହୋଇପାରିନାହିଁ। ହେଲେ ବିଭାଗୀୟ ଅଧିକାରୀ ଶତପ୍ରତିଶତ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିବା କହିବା ଘଟଣା ଅଧିକ ରହସ୍ୟମୟ ହୋଇଛି। ଯାହାକି ଆଜି ରଣସୋଲ, ଚିଙ୍ଗୁଡ଼ିପାଳ, କାଳିଆପାଣି, କଅଁସ, ସଂସାଇଲୋ, ବରଗଢି, କଳରଙ୍ଗିଅଟା, ତଳଗି, ବାଉଁଶଅଣ୍ଟା, ସୁକୁରଙ୍ଗି, ଓସ୍ତପାଳ, କମର୍ଘ୍ୟ ଆଦି ଗ୍ରାମର ଲୋକେ ପ୍ରକଳ୍ପଗୁଡ଼ିକରୁ ନିୟମିତ ଭାବେ ସ୍ୱଚ୍ଛ ପାଣି ପାଇବାରୁ ବଞ୍ଚିତ ଅଛନ୍ତି ।

ଏପରିକି ଖଣି ଓ ଶିଳ୍ପାଞ୍ଚଳରେ ବ୍ୟାପକ ଭୂତଳ ଜଳ ବ୍ୟବହାର ହିଁ ଜଳସ୍ତର ନିମ୍ନଗାମୀର ମୁଖ୍ୟ କାରଣ । ଫଳରେ ଜିଲ୍ଲାର ଖଣି ଓ ଶିଳ୍ପାଞ୍ଚଳ ସମେତ କେତେକ ବ୍ଲକ ଅଞ୍ଚଳରେ ନଳକୂଅ ପାଣିରେ କ୍ରୋମିୟମ, ଆଇରନ ଆଦି ବାହାରୁଥିବା ଦେଖିବାକୁ ମିଳୁଛି । ଏହିଁ ଜଳ ବ୍ୟବହାର ଅନୁପଯୁକ୍ତ ହୋଇ ପଡୁଥିବାରୁ ଲୋକମାନେ ନଦୀ, ନାଳ, କେନାଲ ପାଣି ବ୍ୟବହାର କରିବାକୁ ବାଧ୍ୟ ହେଉଛନ୍ତି।

ଖଣି ଓ ଶିଳ୍ପ କାରଖାନା ପାର୍ଶ୍ୱବର୍ତ୍ତୀ ଗାଁ ଗୁଡିକରେ ପାନୀୟ ଜଳ ସମସ୍ୟା ସର୍ବାଧିକ ଦେଖାଦେଇଛି। କାରଣ ଭୂତଳ ଜଳସ୍ତର ନିମ୍ନଗାମୀ ହେବା ଯୋଗୁଁ ଟ୍ୟୁବୱେଲରୁ ପାଣି ବାହାରୁ ନ ଥିବା ବେଳେ କୂଅ, ପୋଖରୀ ଶୁଖି ଯାଉଛି । ଫଳରେ ଶିଳ୍ପ ଓ ଖଣି କମ୍ପାନୀଗୁଡିକ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦେଉଥିଲେ ହେଁ ଗ୍ରାମବାସୀଙ୍କ ପାଇଁ ପର୍ଯ୍ୟାପ୍ତ ହେଉ ନାହିଁ। ଫଳରେ ଟ୍ୟାଙ୍କର ଯୋଗେ ଜଳ ଯୋଗାଣ ପ୍ରହସନ ପାଲିଟିଛି।

# ନେତାଙ୍କୁ ଲଜ୍ଜା କ୍ରସ୍ ଭୋଟିଂ

ରାଜନୈତିକ ବ୍ୟବସ୍ଥାର ମୂଳ ଆଧାର ହେଉଛି ଜନପ୍ରତିନିଧିତ୍ୱ ଏବଂ ଦଳୀୟ ଅନୁଶାସନ। କିନ୍ତୁ ସାମ୍ପ୍ରତିକ ସମୟରେ ରାଜ୍ୟସଭା ନିର୍ବାଚନରେ କ୍ରସ ଭୋଟିଙ୍ଗ ଏକ ସାଧାରଣ ଘଟଣା ହୋଇପଡ଼ିଛି। ଏହା କେବଳ ଏକ ଦଳର ପ୍ରାର୍ଥୀଙ୍କୁ ପରାଜିତ କରୁନାହିଁ, ବରଂ ଗଣତନ୍ତ୍ରର ମୂଳ ନୀତିକୁ ଦୁର୍ବଳ କରୁଛି। କ୍ରସ ଭୋଟିଙ୍ଗ ହେଉଛି ଯେତେବେଳେ ଜଣେ ବିଧାୟକ ନିଜ ଦଳର ନିର୍ଦ୍ଦେଶ ଅନୁସାରେ ଭୋଟ୍ ନଦେଇ ବିରୋଧୀ ଦଳର ପ୍ରାର୍ଥୀଙ୍କୁ ସମର୍ଥନ କରନ୍ତି। ଏହା ରାଜ୍ୟସଭା ନିର୍ବାଚନରେ ଅଧିକ ଦେଖାଯାଏ, ଯେଉଁଠାରେ ବିଧାୟକମାନେ ଭୋଟ୍ ଦିଅନ୍ତି। ସମ୍ପ୍ରତି ବିହାର, ଓଡ଼ିଶା ଏବଂ ହରିୟାଣାରେ ଏହି ଘଟଣା ସ୍ପଷ୍ଟ ହୋଇଛି। ଓଡ଼ିଶାରେ କିଛି କଂଗ୍ରେସ ଏବଂ ବିଜେଡି ବିଧାୟକ ବିଜେପି ସମର୍ଥିତ ପ୍ରାର୍ଥୀଙ୍କୁ ଭୋଟ୍ ଦେଇ ଆଶ୍ଚର୍ଯ୍ୟ ସୃଷ୍ଟି କରିଥିଲେ।



କ୍ରସ୍ ଭୋଟିଙ୍ଗ ମୂଳ କାରଣ ହେଉଛି ଗୋପନୀୟ ବ୍ୟାଲେଟ୍ ବ୍ୟବସ୍ଥା। ରାଜ୍ୟସଭା ନିର୍ବାଚନ ବିଧାନସଭାର କାର୍ଯ୍ୟକ୍ରମ ଭାବେ ଗଣା ହୁଏ ନାହିଁ, ବରଂ ନିର୍ବାଚନ ଆୟୋଗ ପରିଚାଳନା କରନ୍ତି। ତେଣୁ ଏଠାରେ ଦଳୀୟ ହୁଇପ୍ ଆଇନଗତ ବଳ ରଖେ ନାହିଁ। ଆଣ୍ଟି-ଡିଫେକ୍ସନ୍ ଆଇନ୍ ଏହି କ୍ଷେତ୍ରରେ ପ୍ରଯୁଜ୍ୟ ନୁହେଁ। ଫଳରେ ବିଧାୟକମାନେ ନିଜ ସ୍ୱାର୍ଥ, ଟଙ୍କା କିମ୍ବା ଅନ୍ୟାନ୍ୟ ପ୍ରଲୋଭନରେ ପଡ଼ି କ୍ରସ୍ ଭୋଟ୍ ଦେଇପାରନ୍ତି। ଏହା ଘୋଡ଼ା ବେପାର ଏବଂ କେନ୍ଦ୍ରୀୟ ରାଜନୀତିର ପ୍ରଭାବକୁ ପ୍ରୋତ୍ସାହିତ କରେ। ଗଣତନ୍ତ୍ରରେ ଜନତା ଯେଉଁ ପ୍ରତିନିଧି ନିର୍ବାଚନ କରନ୍ତି, ସେମାନେ ଦଳର ନୀତି ଏବଂ ପ୍ରତିଶ୍ରୁତି ଅନୁସାରେ କାର୍ଯ୍ୟ କରିବା ଉଚିତ। କିନ୍ତୁ କ୍ରସ୍ ଭୋଟିଙ୍ଗ୍ ଏହି ବିଶ୍ୱାସକୁ ଭାଙ୍ଗିଦିଏ। ଏହା ଦଳୀୟ ଅନୁଶାସନକୁ ଦୁର୍ବଳ କରେ ଏବଂ ରାଜନୈତିକ ନୈତିକତାର ଅଧଃପତନ ଘଟାଏ।

ଏହି ପ୍ରଥା ଗଣତନ୍ତ୍ରର ପବିତ୍ରତାକୁ ପ୍ରଶ୍ନ କରେ। ଯେତେବେଳେ ଏକ ଦଳର ବିଧାୟକ ବିରୋଧୀ ଦଳକୁ ସମର୍ଥନ କରନ୍ତି, ସେତେବେଳେ ଜନତାର ମତକୁ ଅଣଦେଖା କରାଯାଏ। ଜନତା ନିର୍ବାଚନରେ ଏକ ଦଳକୁ ବିଜୟୀ କରିଥାନ୍ତି ଯାହାର ନୀତି ଏବଂ ଆଦର୍ଶ ସେମାନଙ୍କୁ ପସନ୍ଦ। କ୍ରସ୍ ଭୋଟିଙ୍ଗ୍ ଦ୍ୱାରା ସେହି ନୀତିର ପ୍ରତିନିଧିତ୍ୱ ବଦଳିଯାଏ। ଏହା ହର୍ସ୍ ଟ୍ରେଡିଙ୍ଗ୍କୁ ପ୍ରୋତ୍ସାହିତ କରେ, ଯେଉଁଥିରେ ବିଧାୟକମାନଙ୍କୁ କେନ୍ଦ୍ରୀୟ ରାଜନୈତିକ ଲାଭ ଦେଇ ପ୍ରଭାବିତ କରାଯାଏ। ଫଳରେ ରାଜ୍ୟର ସ୍ୱାର୍ଥ କ୍ଷୁଣ୍ଣ ହୁଏ ଏବଂ ଫେଡେରାଲିଜମର ଆଧାର ଦୁର୍ବଳ ହୁଏ। ଓଡ଼ିଶା ପରି ରାଜ୍ୟରେ ଯେଉଁଠାରେ ଆଞ୍ଚଳିକ ଦଳ ଏବଂ ଜାତୀୟ ଦଳ ମଧ୍ୟରେ ପ୍ରତିଯୋଗିତା ରହିଛି, ଏହି ପ୍ରଥା ଆଞ୍ଚଳିକ ରାଜନୀତିକୁ ଅସ୍ଥିର କରିପାରେ। ଏହା ଏକ ଖରାପ ପରମ୍ପରା ସୃଷ୍ଟି କରୁଛି। ଯଦି ଆଜି ବିଧାୟକମାନେ କ୍ରସ୍ ଭୋଟ୍ ଦେଇ ଦଳୀୟ ନିର୍ଦ୍ଦେଶ ଅମାନ୍ୟ କରନ୍ତି, ତେବେ ଭବିଷ୍ୟତରେ ଏହା ଆହୁରି ବ୍ୟାପକ ହୋଇପାରେ। ଏହା ରାଜନୈତିକ ନୈତିକତାର ଅଧଃପତନକୁ ପ୍ରତିଫଳିତ କରେ। ଯେଉଁ ବିଧାୟକ ଜନତାର ଭୋଟ୍ରେ ନିର୍ବାଚିତ ହୋଇଛନ୍ତି, ସେମାନେ ଦଳର ପ୍ରତିନିଧି ଭାବେ କାର୍ଯ୍ୟ କରିବା ଉଚିତ୍। କ୍ରସ୍ ଭୋଟିଙ୍ଗ୍ ଦ୍ୱାରା ସେମାନେ ନିଜର ବିଶ୍ୱାସଯୋଗ୍ୟତା ହରାଉଛନ୍ତି। ଏହା ଯୁବକ ରାଜନୈତିକ କର୍ମୀମାନଙ୍କୁ ଭୁଲ୍ ପଥ ଦେଖାଏ। ଗଣତନ୍ତ୍ରରେ ଅନୁଶାସନ ଏବଂ ନୀତିର ପାଳନ ଅତ୍ୟନ୍ତ ଜରୁରୀ। ଯଦି ଏହି ପ୍ରଥା ଜାରି ରହେ, ତେବେ ଜନତାର ରାଜନୀତି ପ୍ରତି ବିଶ୍ୱାସ କମିଯିବ।

ଏହି ସମସ୍ୟାର ସମାଧାନ ପାଇଁ ଆଇନଗତ ପରିବର୍ତ୍ତନ ଆବଶ୍ୟକ। ରାଜ୍ୟସଭା ନିର୍ବାଚନରେ ହୁଇପର ଆଇନଗତ ବଳ ଦେବା ଉଚିତ୍ କିମ୍ବା ଆଣ୍ଟି-ଡିଫେକ୍ସନ୍ ଆଇନକୁ ଏହି କ୍ଷେତ୍ରରେ ପ୍ରସାରିତ କରିବା ଉଚିତ। ଏହା ସହିତ ବିଧାୟକମାନଙ୍କ ନୈତିକ ଶିକ୍ଷା ଏବଂ ଦଳୀୟ ଅନୁଶାସନକୁ କଡ଼ାକଡ଼ି କରିବା ଦରକାର। ରାଜନୈତିକ ଦଳଗୁଡ଼ିକ ନିଜର ବିଧାୟକଙ୍କୁ ଦଳୀୟ ନିର୍ଦ୍ଦେଶ ମାନିବାକୁ ପ୍ରେରଣା ଦେବା ଉଚିତ। ଜନତା ମଧ୍ୟ ଏହି ବିଷୟରେ ସଚେତନ ହେବା ଦରକାର। ନିର୍ବାଚନରେ ଏପରି ବିଧାୟକଙ୍କୁ ପରାଜିତ କରି ସଠିକ୍ ପ୍ରତିନିଧି ନିର୍ବାଚନ କରିବା ଉଚିତ।

କ୍ରସ୍ ଭୋଟିଙ୍ଗ ଗଣତନ୍ତ୍ରର ସ୍ୱାସ୍ଥ୍ୟକୁ କ୍ଷତି ପହଞ୍ଚାଏ ଏବଂ ଜନପ୍ରତିନିଧିଙ୍କ ବିଶ୍ୱାସଯୋଗ୍ୟତାକୁ ହ୍ରାସ କରେ। ଆମେ ଏକ ଶକ୍ତିଶାଳୀ ଏବଂ ନୈତିକ ଗଣତନ୍ତ୍ର ଗଢ଼ିବାକୁ ଚାହୁଁଥିଲେ ଏହି ପ୍ରଥାର ବିରୋଧ କରିବା ଆବଶ୍ୟକ। ରାଜନୈତିକ ଦଳ, ନିର୍ବାଚନ ଆୟୋଗ ଏବଂ ଜନତା ସମସ୍ତେ ମିଶି ଏହି ସମସ୍ୟାର ସମାଧାନ କରିବା ଉଚିତ। ତେବେ ହିଁ ଭାରତୀୟ ଗଣତନ୍ତ୍ର ଆହୁରି ମଜବୁତ ହୋଇପାରିବ।

# ଘରଣୀ



ଡ. ଚନ୍ଦ୍ରକଳା ନାୟକ

ଆରତୀ ଦେବୀ ସର୍ବଦା କର୍ମତତ୍ପର। ଘରକରଣାରେ ଧୁରନ୍ଧର। ରୋଷେଇ ଠାରୁ ଆରମ୍ଭ କରି ଘର ସଜାଇବା, ଠାକୁର ପୂଜା, ସବୁକିଛି ତାଙ୍କ ବାଁ ହାତ ଖେଳ। କେବଳ ସେ ଜଣେ ଭଲ ଘରଣୀ ନୁହନ୍ତି, ଜଣେ ସଫଳ ମା' ବି। ଏକମାତ୍ର ପୁଅ ଈଶ୍ୱରର ପ୍ରେରଣାଦାୟୀ ଜନନୀ। ବାଲ୍ୟ ସମୟରୁ ପୁଅ ପ୍ରତି କୌଣସି କର୍ତ୍ତବ୍ୟରେ ଅବହେଳା କରି ନାହାନ୍ତି। ବନ୍ଧୁ ବାନ୍ଧବ, ସାହି ପଡ଼ିଶା, ସ୍ୱାମୀଙ୍କ ଅଫିସର କର୍ମଚାରୀ ସମସ୍ତଙ୍କର ସେ ଆଦରଣୀୟା। ଈଶ୍ୱର ପିଲା ଦିନରୁ ତା ମା'ଙ୍କର କର୍ତ୍ତବ୍ୟ ପରାୟଣତା ନେଇ ଯଥେଷ୍ଟ ଅବଗତ ଥାଏ। ସେଥିପାଇଁ ସେ ଆଜି ଗୋଟିଏ ପ୍ରତିଷ୍ଠିତ କମ୍ପାନୀର ମ୍ୟାନେଜିଂ ଡାଇରେକ୍ଟର।

ବାଲ୍ୟ ସମୟରୁ ଆରତୀ ଦେବୀଙ୍କୁ ଅନୁକରଣ କରି ଆଜି ଯୁବକ ଅବସ୍ଥାରେ ଜଣେ ସଫଳ ବ୍ୟକ୍ତି ହୋଇ ପାରିଛି। ଈଶ୍ୱର ନାମର ଯଥାର୍ଥକୁ ସେ ପ୍ରତିପାଦିତ କରିଛି। ଜନ୍ମରୁ



ସେ ଭଗବାନଙ୍କୁ ପ୍ରବଳ ବିଶ୍ୱାସ କରେ। ଆଶ୍ଚର୍ଯ୍ୟର ବିଷୟ ଆରତୀ ଦେବୀଙ୍କ ସ୍ୱାମୀ ଅଜିତ ପଟ୍ଟନାୟକ ଅବସରପ୍ରାପ୍ତ ସରକାରୀ କର୍ମଚାରୀ। ଅଜିତବାବୁଙ୍କର ଏକ ଭିନ୍ନ ଦୁନିଆ। ଅଫିସର କର୍ମଚାରୀ ମାନଙ୍କ ସହିତ ତାଙ୍କର ଅନେକ ସମୟ କଟିଯାଏ। ଅବସର ନେବା ପରେ ଅଫିସର କ୍ଲବର ମେମ୍ବର ହୋଇ ପ୍ରାୟ ସମୟ ସେହି ବନ୍ଧୁ ମାନଙ୍କ ଗ୍ରହଣରେ କଟାଇ ଥାନ୍ତି। ଏକ ଚିରାଚରିତ ରୁଟିନ ଜୀବନ। ଈଶ୍ୱର, ବାପାଙ୍କର ଏହି ଦୃଷ୍ଟିଭଙ୍ଗୀକୁ ପିଲାଟି ଦିନରୁ ଦେଖି ଆସିଛି। କେବଳ ଅର୍ଥ ଓ ସାଙ୍ଗସାଥୀକୁ ବାଦଦେଲେ, ଅଜିତବାବୁ ପରିବାର ପ୍ରତି କୌଣସି ପ୍ରକାର କର୍ତ୍ତବ୍ୟକୁ ସେ ତୁଲାଇ ନାହାନ୍ତି। ଈଶ୍ୱର ପ୍ରତିଷ୍ଠିତ ବ୍ୟକ୍ତି ଭାବେ ସମାଜସେବାରେ ଦୀର୍ଘ ୪ ବର୍ଷ ହେବ ନିଜକୁ ନିୟୋଜିତ କରିଛି। ଯେଉଁ ସଭାକୁ ଈଶ୍ୱର ଯାଏ, ତା ସଫଳତା ପଛରେ ତା ମା'ଙ୍କ ପ୍ରେରଣା ବା ହାତ ଅଛି, ଏ କଥା କହିବାକୁ ଈଶ୍ୱର କେବେ ବି ଭୁଲେନାହିଁ। ଅନେକ ଥର ତା ଭାଷଣରେ ଜୀବନର ସମସ୍ତ ଶ୍ରେୟ ସେ ତା'ର ମା'ଙ୍କୁ ହିଁ ଦେଇଥାଏ। ଈଶ୍ୱରଙ୍କ ମା'ଙ୍କ ପ୍ରତି ଏତେ ଆନୁଗତ୍ୟ, ଅଜିତ ବାବୁଙ୍କୁ ଆଦୌ ଭଲ ଲାଗେନାହିଁ। ସର୍ବଦା ତାଙ୍କ ମନଟା ଉଣା ହୋଇଯାଏ। ମନେ ମନେ ଚିନ୍ତା କରନ୍ତି, ମୁଁ କଣ ପୁଅ ପାଇଁ କିଛି କରିନାହିଁ। ଦିନେ ତ କୋଉଠି ପୁଅ ଧାଡିଟିଏ ମୋ ବିଷୟରେ କହିଲା ନାହିଁ। ମନରେ ଗଭୀର କ୍ଷୋଭ ନେଇ ଘର ଭିତରେ ଚୁପ ରୁହନ୍ତି। ଦିନକର କଥା। ଏକ ଟିଭି ଚ୍ୟାନେଲରେ ପୁଅ ଈଶ୍ୱରଙ୍କ ଏକ ସାକ୍ଷାତକାର ନିଆଗଲା। ଅଜିତବାବୁ ଓ ଆରତୀ ଦେବୀ ଏହି ସାକ୍ଷାତକାରକୁ ଘରେ ବସି ଦେଖୁଥିଲେ। ପୂର୍ବବତ ଈଶ୍ୱର ନିଜର ସମସ୍ତ ସଫଳତାର ଶ୍ରେୟ ଆରତୀ ଦେବୀଙ୍କ ପାଦତଳେ ସମର୍ପି ଦେଇଥିଲା। ଅଜିତବାବୁ ଭାବପ୍ରବଣ ହୋଇ ଟିଭି ସୁଇଜ ବନ୍ଦ କରିଦେଲେ। ମୁହଁ କଳାକାଠ ପଡ଼ିଗଲା। ହୃଦୟ ଭିତରଟା ଯେମିତି ଓଟାରି ହୋଇଗଲା। ଘୁମ ଖାଇ ବସି ପଡ଼ିଲେ। ଘରକୁ ଈଶ୍ୱର ଯେତେବେଳେ ଫେରିଲେ, ଦେଖିଲେ ବାପା ମନ ଦୁଃଖରେ ବସିଛନ୍ତି। କିଛି ବୁଝି ପାରିଲେ ନାହିଁ। ପୁଅର ଏତେବଡ ଟିଭି ଚ୍ୟାନେଲରେ ସାକ୍ଷାତକାର। କିନ୍ତୁ ବାପା କାହିଁକି ଖୁସି ନାହାନ୍ତି ? ଈଶ୍ୱର ମନେ ମନେ ସବୁକଥା ବୁଝିଗଲା। ବାପାଙ୍କର ଦୁଃଖକୁ ଲାଘବ କରିବା ପାଇଁ ବାପାଙ୍କ ପାଖରେ ଗେଞ୍ଜି ହୋଇ ବସିଲା। ବାପାଙ୍କ ମନ ଭୁଲାଇବା ପାଇଁ ଆଡୁ ସାଡୁ ଅନେକ କଥା ଗପି ଚାଲିଲା। କିନ୍ତୁ ସେଥିରେ ବାପାଙ୍କ ଭାବର ପରିବର୍ତ୍ତନ ହେଲା ନାହିଁ। ଏଥର ଈଶ୍ୱର ବାପାଙ୍କୁ ମୁହଁ ଖୋଲି ସତକଥା କହିବା ଆରମ୍ଭ କଲା। ବାପା, ସତକଥା କହିଲ, ମା' ମୋ ପାଇଁ ଯେତିକି ପରିଶ୍ରମ ଓ ତ୍ୟାଗ କରିଛି, ତା ପାଇଁ ଏ ଶବ୍ଦପୁଞ୍ଜି କଣ ଯଥେଷ୍ଟ ? ଆପଣ ଅର୍ଥ ରୋଜଗାର କରିଛନ୍ତି ସତ, ହେଲେ ମୋ ମା' ସାରା ପରିବାରର ଭାର ବହନ କରିଛି। ମୁଁ ଦେଖିଛି ଦିନରାତି ଏକ କରି ସେ ଆମ ଦିଜଣଙ୍କ କେତେ ଯତ୍ନ ନିଏ, ସେବା କରେ। ବାପା ତୁମେ କଣ ଦୁଇ ବର୍ଷ ତଳର ଘଟଣାକୁ ଭୁଲି ଯାଇଛ? ଅଫିସରୁ ଫେରିବା ସମୟରେ ଦୁର୍ଘଟଣାରେ ଗୋଡ ଭାଙ୍ଗି ଯାଇଥିବା ଘଟଣା। ଦିନରାତି ତୁମ ପାଖେ ପାଖେ ସେ ସେବା କରିଛି। ସାରା ରାତି ତୁମ ଯନ୍ତ୍ରଣା ଲାଘବ ପାଇଁ ଅନିଦ୍ରା ରହିଛି। ଘରର ସମସ୍ତ କାର୍ଯ୍ୟ ହସି ହସି କରିଛି। ଦିନେ ତ ପ୍ରତିବାଦ କରିନି। ଦିନେ ତ ପ୍ରଶଂସା ଖୋଜିନି। ଆଚ୍ଛା ବାପା, ମୋତେ ସତ କଥା କହିଲ, ମା'ର ଏହି ମହାନତା ପାଇଁ ତାକୁ ତୁମେ କେବେ ପ୍ରଶଂସା କରିଛ ? ପ୍ରଶଂସା ଛାଡ ବାପା, କେବେ ତା ମନର ଭାବକୁ ପଢ଼ିବାକୁ ଚେଷ୍ଟା କରିଛ ? କିନ୍ତୁ ମୁଁ ଦେଖିଛି ବାପା, ତୁମ ମୁହଁରୁ ପ୍ରଶଂସା ଶୁଣିବାକୁ ସେ ବ୍ୟାକୁଳ ଥାଏ। ମୋ ଛାତିରେ ହାତ ରଖି କୁହନ୍ତୁ ବାପା, ସେ କଣ ପ୍ରଶଂସା ପାଇବାକୁ ଯୋଗ୍ୟ ନୁହେଁ କି ? ଗୋଟିଏ ନାରୀର ହାଡଭଙ୍ଗା ପରିଶ୍ରମକୁ ସାରା ସମାଜ ଆଗରେ ପ୍ରକାଶ କରିବା କଣ ମୋର ଭୁଲ ? ଆପଣ ଓ ମା' ଗୋଟିଏ ପବିତ୍ର ବନ୍ଧନରେ ୪୦ ବର୍ଷ ହେଲା ବାନ୍ଧି ହୋଇ ରହିଛନ୍ତି। ଅତୁଟ ଏ ବନ୍ଧନ। ତେବେ ନିଜ ସ୍ତ୍ରୀ ପ୍ରତି ଏପରି ଅବିଚାର ଓ ଅସହିଷ୍ଣୁତା କଣ ପାଇଁ ? ଜାଣିଛନ୍ତି ବାପା, ପ୍ରତ୍ୟେକ ସଭାରେ ଏହା କେବଳ ମୁଁ ମୋ ମା' ପାଇଁ କୁହେ ନାହିଁ। ଏହା ପ୍ରତ୍ୟେକ ପରିବାରର ଘରଣୀଟିଏ ପାଇଁ କୁହେ। ଦୁଇପଦ ମିଠା କଥାରେ ସେମାନଙ୍କ ଜୀବନ ସାଧନାର ମୂଲ୍ୟ ମିଳେ। ସେମାନଙ୍କ ଅକ୍ଳାନ୍ତ ପରିଶ୍ରମର ନାର୍ଯ୍ୟ ହକ ମିଳିବା ଅପରିହାର୍ଯ୍ୟ। ସେମାନେ ତ କେବେ ଦରମା ଚାହାନ୍ତି ନି ? କେବଳ ଚାହାନ୍ତି ପରିବାରରୁ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ଓ ଆପଣା ପଣିଆ। ଈଶ୍ୱରଙ୍କ ମୁହଁରୁ ମାତୃଜାତି ପ୍ରତି ଏଭଳି ଗଭୀର ଭାବାବେଗକୁ ଦେଖି ଅଜିତ ବାବୁ ହତବାକ ହୋଇ ଯାଇଥିଲେ। ବାପା, ଅନେକ ସମୟରେ ଏକପାଖିଆ ବିଚାର ମଣିଷକୁ ସ୍ୱେଚ୍ଛାଚାରୀ କରେ। ଅନେକ ପରିବାରରେ ପରୁଷ ପ୍ରାଧାନ୍ୟ ପରମ୍ପରାରେ ଏହି ସ୍ୱେଚ୍ଛାଚାରିତା ନାରୀର ଜୀବନକୁ ଦୁର୍ବିସହ କରିଦିଏ। ଅନେକ ନାରୀଙ୍କ ପାଇଁ ଏହି ଅକୁହା ଯନ୍ତ୍ରଣା ତା ଜୀବନର ସବୁ ସପନକୁ ଜାଳି ପୋଡି ଛାରଖାର କରିଦିଏ। ହେଲେ ସେ ବାପା, ଶ୍ୱଶୁର, ସ୍ୱାମୀ, ଦିଅର କିମ୍ବା ପୁଅ ହେଉ ପଛେ, ସେ ଅନୁଭବୀ କିମ୍ବା ବିବେକୀ ହୋଇଥିଲେ, ନାରୀର ଭୂମିକାକୁ ସ୍ୱୀକାର କରି ମର୍ଯ୍ୟାଦା ପ୍ରଦାନ କରିଥାଏ। ଏଥିପାଇଁ ପୁରୁଷ ରୂପକ ମଣିଷ ଭିତରେ ମଣିଷ ପଣିଆ ଅତ୍ୟାବଶୀକ ହୋଇଥାଏ। ଏହି ସ୍ୱୀକୃତି ଏବଂ ମର୍ଯ୍ୟାଦା ତା ଜୀବନବ୍ୟାପୀ ସାଧନାର ଶ୍ରେଷ୍ଠ ପୁରସ୍କାର ହୋଇଥାଏ। ଏହାପରେ ବାପାଙ୍କ ମନରେ ଜମାଟ ବାନ୍ଧିଥିବା ଅସନ୍ତୋଷ ଗୁଡାକ ଏକବାର ଥମି ଯାଇଥିଲା। ନିଜ ଘରଣୀ ପ୍ରତି କରିଥିବା ଅବିଚାରରୁ କିପରି ନିସ୍ତାର ପାଇବେ ସେଇ ଚିନ୍ତାରେ ଘୁମ ଖାଇ ବସିଥିଲେ।

ଅଧ୍ୟାପିକା, ମହାପୁରୁଷ ହାଡିଦାସ ମହାବିଦ୍ୟାଳୟ, ଛତିଆ, ଯାଜପୁର, ମୋ-୯୪୩୭୯୫୭୬୧୭

# ସର୍ଦ୍ଦାର ମଣିମଲ୍ଲଙ୍କଠାରୁ ଉତ୍କଳଗୌରବ ମଧୁବାବୁ



ସତ୍ୟବାଦୀ ବଳିଆରସିଂହ

"ମୁଁ ଜନ୍ମଗତ ସମ୍ମାନ ଓ ନିଜ ଦ୍ୱାରା ଅର୍ଜିତ ସମ୍ମାନର ପାର୍ଥକ୍ୟ ଶିଖିଲି ଏବଂ ଭବିଷ୍ୟତ ଜୀବନରେ ଆତ୍ମ ଅର୍ଜିତ ସମ୍ମାନ ପାଇବା ପାଇଁ ଚେଷ୍ଟା କରିବି ବୋଲି ଠିକ୍ କଲି।" ଜନ୍ମଗତ ସମ୍ମାନ ଓ ଆତ୍ମ ଅର୍ଜିତ ସମ୍ମାନ ପ୍ରତି ବାଲ୍ୟକାଳରୁ ସଚେତନ ଥଲେ ଉତ୍କଳଗୌରବ ମଧୁସୂଦନ ଦାସ। ଏକଦା ବୀରମାଟି ଖୋରଧା ଥିଲା ସେମାନଙ୍କର ବାସସ୍ଥଳୀ। ଜଟଣୀ ରଥିପୁରରେ ତାଙ୍କର ପୂର୍ବପୁରୁଷମାନେ ଅବସ୍ଥାନ କରୁଥିଲେ। ବିଶିଷ୍ଟ ଔପନ୍ୟାସିକ ତଥା ଖ୍ୟାତନାମା ସାମ୍ବାଦିକ ସୁରେନ୍ଦ୍ର ମହାନ୍ତିଙ୍କ 'ମଧୁସୁଦନ ଦାସ' ପୁସ୍ତକରେ ଏ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ସେଥିରେ ସେ ଲେଖିଛନ୍ତି- "ସପ୍ତଦଶ ଶତାବ୍ଦୀର ପ୍ରାରମ୍ଭରେ ଓଡ଼ିଶାର ଶାସନ କ୍ଷେତ୍ରରେ ଗୋଟିଏ ପ୍ରବଳ ଆଲୋଡ଼ନ, ବିଲୋଡ଼ନ ଓ ଅନିଶ୍ଚିତତା ଲାଗି ରହିଥିବାବେଳେ ମଣିମଲ୍ଲ ନାମକ ଜଣେ ଖଣ୍ଡାୟତ ସର୍ଦ୍ଦାର ସ୍ୱାଧୀନ ଉତ୍କଳର ଶକ୍ତିପୀଠ ଖୋରଧାରୁ ଉଠିଆସି ସତ୍ୟଭାମାପୁର ଗ୍ରାମରେ ଗୋଟିଏ ଚଉପାଢ଼ୀ ସ୍ଥାପନ କରି ସେଠାରେ ବସବାସ କରିଥିଲେ।"

ସତ୍ୟଭାମାପୁରର ଏହି ପରିବାରଟି ଥିଲା ବହୁ ଭୂସମ୍ପତ୍ତିର ଅଧିକାରୀ, ଗୋଟିଏ ଧନଶାଳୀ ପରିବାର। ଗ୍ରାମର ପଶ୍ଚିମ ପ୍ରାନ୍ତକୁ ଗୋଟିଏ ବିରାଟ ଚକଘେର। ହତାବାଡ଼ି ଭିତରେ ଠିଆ ହୋଇଥିବା ଚୋଧୁରୀ ପରିବାରର ମଉଡ଼ମଣ। ସାତ ଶେଣିଆ ହାତୀଶାଳ ପରି ଖଞ୍ଜାଘର। ଖାଲି ଏ ଘର ତ ନୁହେଁ, ଘର ଚାରିପାଖେ ଆମ୍ବତୋଟା, ନଡ଼ିଆମାଳ, ଫୁଲ ବଗିଚା ଆଉ ଅମାରଘରର ଗହଳିରେ ଚଉଦମାଣିଆ ଚକଟା ଭରପୂର ହୋଇ ଉଠିଥିଲା। ମାତ୍ର ୧୮୦୩ ମସିହାରେ ଓଡ଼ିଶା ଇଂରେଜମାନଙ୍କ ହାତକୁ ଚାଲିଯିବା ପରଠାରୁ ସତ୍ୟଭାମାପୁର ଚୋଧୁରୀ ପରିବାରର ସୌଭାଗ୍ୟ-କର୍ପୂର ଦିନୁ ଦିନ ଉଡ଼ିଯିବାରେ ଲାଗିଲା। ବର୍ଷକୁ ବର୍ଷ ନୂଆ ଜମାବନ୍ଦି ଫଳରେ ଜମାବୃଦ୍ଧି ସାଙ୍ଗକୁ ରାଜସ୍ୱ ଠିକ୍ ସମୟରେ ପଇଠ ଦେଇ ନ ପାରିବା ଫଳରେ ଚୋଧୁରୀ ପରିବାରର ଜମିଦାରୀ ଇଲାକା ସବୁ ସୂର୍ଯ୍ୟାସ୍ତ ଆଇନ ବଳରେ କଲିକତା ଠାରେ ନିଲାମ ଉଠିବାକୁ ଲାଗିଲା। ଏହାର ନିକଟରେ ବିଶ୍ୱନପୁର ଏକ ରାଜ୍ୟ ଥିଲା। ଏହାର ରାଜା ଥିଲେ କୃପାସିନ୍ଧୁ ଶ୍ରୀଚନ୍ଦନ। ସୂର୍ଯ୍ୟାସ୍ତ ଆଇନ ବଳରେ ୧୮୧୪ ଖ୍ରୀଷ୍ଟାବ୍ଦରେ ତାଙ୍କ ରାଜ୍ୟ ନିଲାମ ହୋଇଥିଲା। ନିମାପଡ଼ା ଅଣ୍ଡିଆ ଗଡ଼ର ରାଜା ଜଗବନ୍ଧୁ ରାଟସିଂହଙ୍କ ରାଜ୍ୟ ମଧ ସେହିଭଳି ଚାଲିଯାଇଥିଲା। ଓଡ଼ିଶାରୁ କଲିକତାକୁ ଯିବା ପାଇଁ ସେତେବେଳକୁ ରେଳରାସ୍ତା ବା ପାଦଚଲା ବାଟ ଙ୍କ ନଥାଏ। ତେଣୁ ଓଡ଼ିଆ ଜମିଦାରମାନଙ୍କ ଇଲାକା ସବୁ ତେଣେ ନିଲାମରେ ଉଠିଲା ବେଳକୁ ସେ ଖବରଟା ସୁଦ୍ଧା ଓଡ଼ିଶାରେ ଆସି ପହଞ୍ଚି ପାରୁ ନଥାଏ। ଏପରି ଭାବରେ ଓଡ଼ିଶାର ବହୁ ସଂଭ୍ରାନ୍ତ ପରିବାର ପରି ସତ୍ୟଭାମାପୁର ଚୋଧୁରୀ ପରିବାର କଲିକତାର 'ଲ୍ୟାଣ୍ଡ ସେକ୍ୟୁଲେଟର' ମାନଙ୍କ ହାତରେ ନିଜର ଅଧିକାଂଶ ଜମିବାଡ଼ି ହରାଇବା ପରେ ଆର୍ଥିକ ସ୍ଥିତି ଦୁର୍ବଳ ହୋଇ ପଡ଼ିଲା। ସଂସାର ଯାତ୍ରାର ଅନଟନ ସତ୍ତ୍ୱେ ପିତା ରଘୁନାଥଙ୍କ ମନରେ ଆଭିଜାତ୍ୟ ଆଉ ଆତ୍ମଗୌରବର ଗୋଟାଏ ପ୍ରଚ୍ଛନ୍ନ ଭାବ ସବୁବେଳେ ଲାଗି ରହିଥାଏ। କାହିଁ କେତେ ପୁରୁଷତଳେ ସତ୍ୟଭାମାପୁର ଚଉପାଢ଼ିର ଆଦି ସ୍ଥାପୟିତା ଖଣ୍ଡାୟତ ମଣି ମଲ୍ଲଙ୍କର ରକ୍ତ ଯେ ତାଙ୍କର ଧମନୀରେ ଏବେ ବି ପ୍ରବାହିତ ହେଉଅଛି, ଏହି ଧାରଣାଟା ସବୁବେଳେ ମନରେ ଖେଳି ବୁଲୁଥାଏ। ଉକ୍ତ ପ୍ରସଙ୍ଗଟି ମଧୁବାବୁଙ୍କ ଜୀବନୀ ଉପରେ ଆଧାରିତ ଅନ୍ୟ ଏକ ପୁସ୍ତକ 'ଶତାବ୍ଦୀର ସୂର୍ଯ୍ୟ'ରେ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ଉଲ୍ଲେଖ କରିଛନ୍ତି। ଖୋରଧା ଅଞ୍ଚଳରେ ଖଣ୍ଡାୟତମାନଙ୍କର ସଞ୍ଜ୍ଞା ନବଜାତକର ଜନ୍ମ ହେବା ସମୟରେ ବେଳେ ବେଳେ ପରିବର୍ତ୍ତନ କରି ଦିଆଯାଇଥାଏ। ଯାହା ଫଳରେ ମଧୁବାବୁ, ତାଙ୍କ ପିତା ସହ ପ୍ରପିତାମହମାନଙ୍କର ସଞ୍ଜ୍ଞା "ମଲ୍ଲ"ରୁ ଦାସ ହୋଇଯାଇଥିଲା। ମଧୁବାବୁ ଥିଲେ ଉଚ୍ଚାଭିଳାଷୀ। ଆର୍ଥିକ ଅନଟନ ସତ୍ତ୍ୱେ ତାଙ୍କର ଶିକ୍ଷାର୍ଜନର ପିପାସା ପ୍ରବଳ ଥିଲା। ସେ ୧୮୬୪ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ଏଣ୍ଟ୍ରାନସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଉଚ୍ଚ ଶିକ୍ଷାପାଇଁ ତାଙ୍କ ପାଖରେ ଅର୍ଥର ଅଭାବ ଥିଲା। ଉଚ୍ଚ ଶିକ୍ଷା ପାଇଁ ଅର୍ଥ ସଂଗ୍ରହ ନିମିତ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲରେ କିଛିକାଳ ଶିକ୍ଷକତା କଲେ। ସେହି ସମୟରେ ତାଙ୍କର 'ଙ୍କୀର ମୋହନ ସେନାପତି, ରାଧାନାଥ ରାୟଙ୍କ ସଙ୍ଗେ ବନ୍ଧୁତା ହେଲା। ମଧୁବାବୁ ଉଚ୍ଚ ଶିକ୍ଷା ପାଇଁ ଷ୍ଟିମର ଯୋଗେ କଲିକତା ଗଲେ। ସେଠାରେ ପହଞ୍ଚିବା ପରେ ଆର୍ଥିକ ଅନଟନର ସମ୍ମୁଖୀନ ହେଲେ। ସେ ଭବାନୀପୁରର ଲଣ୍ଡନ ମିଶନ ସୋସାଇଟି କଲେଜରେ ପହଞ୍ଚିଲେ। ସେଠାରେ ସୁପରିଟେଣ୍ଡେଣ୍ଟ୍ ରେଭେରେଣ୍ଡ ଜେ.ପି. ଆଷ୍ଟନ ତାଙ୍କର କରୁଣ କାହାଣୀ ଶୁଣି ତାଙ୍କୁ କଲେଜରେ ନାମ ଲେଖାଇବାକୁ ଅନୁମତି ଦେଲେ ଓ ପାଠ ପଢ଼ା ଖର୍ଚ୍ଚ ପାଇଁ ମାସିକ ଆଠ ଟଙ୍କା ବୃତ୍ତି ଦେବାର ବ୍ୟବସ୍ଥା କଲେ। ଘରୁ ସାହାଯ୍ୟ ପାଇବାର ଆଶା ନଥିବାରୁ ଅନେକ ସମୟରେ ଉପବାସରେ ରହୁଥିଲେ। ତଥାପି କର୍ତ୍ତବ୍ୟ ପଥରେ ଅଟଳ ରହିଥିଲେ। ୧୮୬୮ ମସିହାରେ ସେ ଏ. ଏ. ପାଶ କଲେ। ୧୮୬୯ରେ ସେ ଖ୍ରୀଷ୍ଟିୟ ଧର୍ମରେ ଦୀକ୍ଷିତ ହୋଇଥିବାର ଜଣାପଡ଼େ। ୧୮୭୦ ମସିହାରେ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ. ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଏହାଦ୍ୱାରା ସେ ପ୍ରଥମ ଓଡ଼ିଆ ଗ୍ରାଜୁଏଟ ହେବାର ସୌଭାଗ୍ୟ ଅର୍ଜନ କଲେ। ୧୮୭୩ରେ ସେ ଏମ୍.ଏ ପାଶ କଲେ। ଏହାପରେ ସେ ଗାର୍ଡ଼ନରିଚ ହାଇସ୍କୁଲର ପ୍ରଧାନଶିକ୍ଷକ ପଦରେ ରହି ମାସିକ ଅଶୀଟଙ୍କା ଦରମା ପାଇଲେ। ପ୍ରଧାନ ଶିକ୍ଷକ ଥିବାବେଳେ କଲିକତା ବିଶ୍ୱ ବିଦ୍ୟାଳୟ ଆଇନ କଲେଜରେ ପଢ଼ିଲେ। ସେ ସମୟରେ ସାର୍ ଆଶୁତୋଷ ମୁଖାର୍ଜୀଙ୍କର ଗୃହ ଶିକ୍ଷକ ଥିଲେ। ପରବର୍ତ୍ତୀ ସମୟରେ ଆଶୁତୋଷ ମୁଖାର୍ଜୀ କଲିକତା ବିଶ୍ୱବିଦ୍ୟାଳୟର ଭାଇସ-ଚାନସେଲର ହୋଇଥିଲେ। ଶ୍ରୀ ମୁଖର୍ଜୀ ସର୍ବଦା ମଧୁ ବାବୁଙ୍କୁ ତାଙ୍କର ବାଲ୍ୟଗୁରୁ ରୂପେ ସମ୍ବୋଧନ କରୁଥିଲେ। ମଧୁବାବୁ କଲିକତା ହାଇକୋର୍ଟରେ କିଛି କାଳ ଓକିଲାତି କରି କଟକ ଚାଲିଆସିଲେ। ମଧୁବାବୁ ଏଠାରେ ଓକିଲାତି ଆରମ୍ଭ କଲାବେଳକୁ ସମସ୍ତ ପ୍ରତିଷ୍ଠିତ ଆଇନ ବ୍ୟବସାୟୀମାନେ ଥିଲେ ଓଡ଼ିଶା ବାହାରର ଲୋକ। ସେମାନେ ଏହି ତରୁଣ ଓକିଲଙ୍କୁ ନାନା ପ୍ରକାର ବ୍ୟଙ୍ଗ ବିଦ୍ରୂପ କଲେ। ସେ ପ୍ରଥମେ ଏକ ଗରିବ ଚାଷୀର ମୋକଦ୍ଦମା ହାତକୁ ନେଲେ। ଅନ୍ୟ ପକ୍ଷରେ ବାଦୀ ଥିଲେ ପୁରୀ ଏମାର ମଠର ମହନ୍ତ ମହାରାଜା। ସମସ୍ତ ଓକିଲ ମହନ୍ତ ମହାରାଜଙ୍କ ସପକ୍ଷରେ ଥିବାବେଳେ ଗରିବ ଚାଷୀ ପକ୍ଷରୁ ମଧୁବାବୁ ଲଢ଼ି ଜୟଯୁକ୍ତ ହେଲେ। ଫଳରେ ମଧୁବାବୁଙ୍କ ଖ୍ୟାତି ବଢ଼ିଗଲା। ସେ ବହୁ ବଡ଼ବଡ଼ ମକଦ୍ଦମାରେ ଜୟଯୁକ୍ତ ହୋଇଥିଲେ। ସେଥିମଧ୍ୟରୁ ଖଣ୍ଡପଡ଼ା ରାଜା ନଟବର ସିଂହ ମର୍ଦ୍ଦରାଜ, ପୁରୀ ରାଣୀ ସୂର୍ଯ୍ୟମଣି ପାଟମହାଦେଇ, କେନ୍ଦୁଝର ରାଜା, ଧନୁର୍ଜୟ ଭଞ୍ଜ ଓ ମାନସିଂହ ପାଟଣା ବାନା ଓ ରଙ୍ଗା ନାମରେ ଥିବା ଡ଼କାୟତି କେଶ୍ ଆଦିର ସଫଳତା ଯୋଗୁଁ ସେ ମଧୁ ବାରିଷ୍ଟର ରୂପେ ପରିଚିତ ହେଲେ। ସେ ଓକିଲାତି ପେଶାରେ ବିଚକ୍ଷଣ ବୁଦ୍ଧିମତ୍ତାର ପରିଚୟ ଦେଇ ଜୟଯୁକ୍ତ ହୋଇ ପାରୁଥିଲେ। ମଧୁବାବୁ ଭାରତୀୟ ଜାତୀୟ କଂଗ୍ରେସର ସଭ୍ୟ ଥିଲେ। ସେ ୧୮୮୫ରୁ ୧୯୧୦ ମସିହା ପର୍ଯ୍ୟନ୍ତ ଭାରତର କଲିକତା, ମାନ୍ଦ୍ରାଜ, ଆହ୍ଲାବାଦ ପ୍ରଭୃତି ସ୍ଥାନରେ ବସିଥିବା କଂଗ୍ରେସ ଅଧିବେଶନରେ ଯୋଗ ଦେଇଥିଲେ। ମାତ୍ର ଏହା ଦ୍ୱାରା ଓଡ଼ିଆ ଭାଷୀ ବିଭିନ୍ନ ଅଞ୍ଚଳଗୁଡ଼ିକର ଏକତ୍ରୀକରଣ ହୋଇପାରିବ ନାହିଁ ବୋଲି ସେ ହୃଦୟଙ୍ଗମ କଲେ। ତେଣୁ ସେ କଂଗ୍ରେସ ପରିତ୍ୟାଗ କରି ଉତ୍କଳ ସମ୍ମିଳନୀ ଗଢ଼ିଲେ। ମଧୁବାବୁଙ୍କ ଉଦ୍ୟମରେ କଟକରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ମୟୁରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। 'ଉତ୍କଳ ସମ୍ମିଳନୀ' ସବୁ ଓଡ଼ିଆ ଭାଷୀ ଲୋକଙ୍କର ଏକ ମିଳନ ପୀଠ ବୋଲି ଘୋଷଣା କଲେ। ସେତେବେଳକାଳର ଜାତୀୟବାଦୀ ଇଂରେଜ ଖବରକାଗଜ 'ଅମୃତବଜାର' ପତ୍ରିକାର ସମ୍ପାଦକ ମୋତିଲାଲ ଘୋଷ ଏ ସମ୍ମିଳନୀରେ ଯୋଗଦେଇଥିଲେ। "ଉତ୍କଳ ସମ୍ମିଳନୀ ପରି ଗଣ ଆନ୍ଦୋଳନ ଭାରତରେ ବିରଳ" ବୋଲି ସେ ମତ ଦେଇଥିଲେ। ମଧୁବାବୁ ୧୮୯୭ ଓ ୧୯୦୭ ଖ୍ରୀଷ୍ଟାବ୍ଦରେ ବିଲାତ ଯାଇଥିଲେ। ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ କରିବା ଲକ୍ଷ୍ୟ ଥିଲା। ଉତ୍କଳ ସମ୍ମିଳନୀର ବାରମ୍ବାର ଦାବି ଫଳରେ ୧୯୩୧ ମସିହା ସେପ୍ଟେମ୍ବର ମାସ ୧୮ ତାରିଖରେ ଓଡ଼ନେଲ କମିଶନ ଗଠନ ହେଲା। ୧୯୩୩ ମସିହା ମାର୍ଚ୍ଚ ମାସ ୧୭ ତାରିଖରେ ଭାଷା ଭିତ୍ତିରେ ଓଡ଼ିଶା ଓ ସିନ୍ଧୁ ପ୍ରଦେଶ ଗଠନ ହେବା ଘୋଷଣା ହେଲା। ୧୯୩୬ ମସିହାରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶଗଠିତ ହୋଇଥିଲେ ହେଁ ସେତେବେଳକୁ ମଧୁବାବୁ ଇହଜଗତରେ ନଥିଲେ। ମଧୁବାବୁ ୧୯୧୩ ଜାନୁଆରୀ ୨୦ ତାରିଖରେ ବିହାର-ଓଡ଼ିଶା ରାଜ୍ୟ କାଉନସିଲର ସଦସ୍ୟ ଭାବେ ଶପଥ ନେଇଥିଲେ। ସେ ଙ୍କ ୧୯୧୯ ମସିହାରେ ସ୍ୱାୟତ ଶାସନ ବିଭାଗର ମନ୍ତ୍ରୀଭାବେ ଦାୟିତ୍ୱ ନେଇଥିଲେ। ମନ୍ତ୍ରୀ ପଦ ପାଇବାରେ ସେ ଥିଲେ ପ୍ରଥମ ଓଡ଼ିଆ। ୧୯୨୩ ଫେବୃଆରୀ ମାସ ୭ ତାରିଖରେ ଅବୈତନିକ ଭାବେ ମନ୍ତ୍ରୀ କାର୍ଯ୍ୟ ତୁଲାଇବାକୁ ଓ ଓକିଲାତି ଭାବେ ଜୀବିକା ନିର୍ବାହ କରିବାକୁ ମଧୁବାବୁ ବିହାର- ଓଡ଼ିଶା ଗଭର୍ଣ୍ଣର ସାର୍ ଏଚ.ହୁଇଲରଙ୍କୁ ପତ୍ର ଦେଲେ। କିନ୍ତୁ ଗଭର୍ଣ୍ଣର ଏ ପ୍ରସ୍ତାବ ଗ୍ରହଣ କଲେ ନାହିଁ। ଫଳରେ ଇସ୍ତଫା ଦେଲେ। ସେ ସମୟରେ ଭାରତରେ କୌଣସି ମନ୍ତ୍ରୀ ଯେ ଏକଥା ଚିନ୍ତା କରିପାରିନଥିବେ, ଏଥିରେ ସନ୍ଦେହ ନାହିଁ। ମଧୁବାବୁ ମନ୍ତ୍ରୀ ପଦରୁ ଇସ୍ତଫା ଦେବା ପରେ ଗଭର୍ଣ୍ଣର ତାଙ୍କ ଘରକୁ ନିମନ୍ତ୍ରଣ କରିଥିଲେ। ମଧୁବାବୁ ଭାରତୀୟ ପୋଷାକ ପିନ୍ଧିଯିବାକୁ ଚାହିଁଲେ। କିନ୍ତୁ ଗଭର୍ଣ୍ଣର ତାହାକୁ ଅନୁମତି ଦେଲେ ନାହିଁ। ମଧୁସୁଦନ ଲେଖିଲେ, "ଗୋଲାପର ଚାରିପାଖର ଘାସ ଗୋଲାପର ରଙ୍ଗ କିମ୍ବା ସୁବାସ ଗ୍ରହଣ କରେ ନାହିଁ। ତେଣୁ ବଡ଼ ଲୋକଙ୍କ ସଂସ୍ପର୍ଶରେ ଆସି ବଡ଼ ହେବା ପାଇଁ ମୁଁ କେବେ ଚେଷ୍ଟା କରିନାହିଁ।" ମଧୁବାବୁ ଓଡ଼ିଶା ଆର୍ଟ ଓ୍ୟାରସ ବା ଉତ୍କଳ ସୂକ୍ଷ୍ମ କଳାର ଏକ କାରଖାନା ଖୋଲିଥିଲେ। ସେ ଙ୍କ ଉତ୍କଳ ଟ୍ୟାନେରୀ ନାମରେ ଏକ ଚମଡ଼ା ଶିଳ୍ପ କାରଖାନା ଖୋଲିଥିଲେ। ଦ୍ରବ୍ୟର ଗୁଣାତ୍ମକମାନ ଉପରେ ଗୁରୁତ୍ୱ ଦେଉଥିଲେ। ତାଙ୍କ ଉଦ୍ୟମ ଯୋଗୁଁ ଭାରତରେ ପ୍ରଥମ କରି ମହିଳାମାନେ ଆଇନ ବ୍ୟବସାୟ କରିବାର ଅଧିକାର ପାଇଲେ। ଓଡ଼ିଶା ଜାତିର ପୁନରୁଦ୍ଧାର ପାଇଁ ତାଙ୍କର ପ୍ରାଣ କାନ୍ଦୁଥିଲା। ସେ ଓଡ଼ିଶାବାସୀଙ୍କୁ ଉଦ୍ବୋଧନ ଦେଇ କହିଛନ୍ତି- "ଏହି ସ୍ଥାନରେ ବଡ଼ ଦେଉଳକୁ ଚାହଁ ଓ ଜାତିର ପୁନରୁଦ୍ଧାର କର- ଏହା ଆମ୍ଭମାନଙ୍କର ବୀଜମନ୍ତ୍ର ହେବା ଆବଶ୍ୟକ।" ମଧୁବାବୁ ଗୋପବନ୍ଧୁ ଦାସଙ୍କୁ ନିଜର ଉତ୍ତରାଧିକାରୀଭାବେ ମନୋନୀତ କରିଥିଲେ। ମାତ୍ର ମଧୁରସୁଦନଙ୍କ ମୃତ୍ୟୁ ପୂର୍ବରୁ ଗୋପବନ୍ଧୁଙ୍କର ତିରୋଧାନ ହୋଇଥିଲା। ସେ ତେଣୁ ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏ ଦାୟିତ୍ୱ ଦେବାପାଇଁ ସ୍ଥିର କରିଥିଲେ। ପଣ୍ଡିତ ନୀଳକଣ୍ଠ ଙ୍କ ତାଙ୍କର ଶେଷ ଦର୍ଶନ ପାଇଁ କଟକ ଆସି ତାଙ୍କ ପାଖରେ ପହଞ୍ଚିଲେ। ଓଡ଼ିଶାବାସୀଙ୍କୁ ତାଙ୍କର କିଛି କହିବାର ଅଛି କି ବୋଲି ପଣ୍ଡିତ ନୀଳକଣ୍ଠ ପଚାରନ୍ତେ, ମଧୁବାବୁ ଉତ୍ତର ଦେଲେ- "ଓଡ଼ିଶାବାସୀ ତାଙ୍କର ଅନ୍ତର ନିର୍ମଳ ରଖିଥିବେ"। ସେ ପୁଣି କହିଥିଲେ- "ମୁଁ ତ ଯାଉଛି ମନେ ରଖିଥିବ ଜଣେ ଓଡ଼ିଆ ଥିଲା।" ତାହାଥିଲା ତାଙ୍କର ଶେଷ କଥା। ୮୫ ବର୍ଷ ବୟସରେ ୧୯୩୪ ମସିହା ଫେବୃଆରୀ ମାସ ୩ ତାରିଖ ରାତି ୧ ଘଣ୍ଟା ୧୫ ମିନିଟ୍ରେ ସେ ଶେଷ ନିଶ୍ୱାସ ତ୍ୟାଗ କଲେ। କଟକରୁ ପ୍ରକାଶିତ ଦୈନିକ 'ସମାଜ'ରେ ପୁରା ପୃଷ୍ଠାରେ ପରଦିନ ବାହାରିଲା- "ଓଡ଼ିଶାର ମୁକୁଟ ବିହୀନ ସମ୍ରାଟ ଆଉ ନାହାନ୍ତି"। ପ୍ରଖ୍ୟାତ ସାହିତ୍ୟିକ ସୁରେନ୍ଦ୍ର ମହାନ୍ତି ସେଥିପାଇଁ କହିଛନ୍ତି-"ଜୀବନରେ ଯେପରି ମରଣରେ ମଧ ସେହିପରି। ମଧୁସୂଦନ ଯଥାର୍ଥରେ ଥିଲେ ଏକ ସମ୍ରାଟ"। ମଧୁବାବୁଙ୍କୁ ବାରମ୍ବାର ମନେ ପକାଇଲେ ବି ତାହା କମ୍ ହେବ। ପାଠ୍ୟପୁସ୍ତକମାନଙ୍କରେ ପ୍ରତ୍ୟେକ ଶ୍ରେଣୀ ପାଇଁ ତାଙ୍କ ସମ୍ବନ୍ଧୀୟ ଲେଖା ସ୍ଥାନ ପାଇବା ଆବଶ୍ୟକ। ତାଙ୍କର ଉକ୍ତି "ଜାତି ଇତିହାସ ଜାତିର ନିର୍ଝର, ତହୁଁ ବହେ ସଦା ଜାତି ପ୍ରାଣଧାର, ସେ ଧାରାରୁ ନୀର ପିଉଛି ଯେ ନର, ନିଶ୍ଚୟ ହେବ ସେ ଜାତି କର୍ମବୀର", ଏହା ସଦା ସର୍ବଦା ଓଡ଼ିଆଙ୍କ ହୃଦୟରେ ଗୁଂଜରିତ ହେଉ।

ସଭାପତି, ଓଡ଼ିଆ ଭାଷା ସୁରକ୍ଷା ସମ୍ମିଳନୀ
ବକ୍ସି ଜଗବନ୍ଧୁ ନଗର, ଖୋର୍ଦ୍ଧା
ଶୂନ୍ୟଭାଷ: ୯୨୩୭୦୮୯୫୦୯

# ଗ୍ରୀଷ୍ମ ପ୍ରବାହର ଚେତାବନୀ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଭାରତ ଏକ ଗ୍ରୀଷ୍ମପ୍ରଧାନ ଦେଶ ଭାବେ ଜଣାଶୁଣା। ଗ୍ରୀଷ୍ମକାଳରେ ନିଦାଘ ଖରା ଜନଜୀବନକୁ ଅସ୍ତବ୍ୟସ୍ତ କରିଦେଇଥାଏ। ସାଧାରଣତଃ ଦେଶରେ ମେ' ମାସରେ ଅସହ୍ୟ ତାତି ତଥା ଗ୍ରୀଷ୍ମ ପ୍ରବାହ ଅନୁଭବ ହୋଇଥିବାବେଳେ ଚଳିତ ବର୍ଷ ଆଗୁଆ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଆକାଶରୁ ଅଗ୍ନିବର୍ଷାରେ ପରିଣତ ହୋଇଛି ବୋଲି କୁହାଯାଇପାରେ। ଓଡ଼ିଶା, ଛତିଶଗଡ଼, ତେଲେଙ୍ଗାନା, କେରଳ ଏବଂ ଗୁଜରାଟ ଓ ଆନ୍ଧ୍ରପଦେଶ କେତେ ଭାଗ ସମେତ କେନ୍ଦ୍ରୀୟ, ଉତର ଓ ଦକ୍ଷୀଣ ଭାରତରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ତଥା ଦିନର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ୍ ଯପିବା ନେଇ ଭାରତୀୟ ପାଣିପାଗ ବିଭାଗ (ଆଇଏମଡି) ଚେତାବନୀ ଦେଇଛି। ତାମିଲନାଡୁ ଓ କର୍ଣ୍ଣାଟକ ମଧ ତାତିରୁ ବାଦ୍ ପଡ଼ିନାହିଁ। ଆହୁରି ମଧ ଅସହ୍ୟ ଗୁଳୁଗୁଳି ଏବଂ ସହରାଚଂଳର କଂକ୍ରିଟ୍ ତାତି ଯୋଗୁଁ ଉପକୂଳ ଅଞ୍ଚଳରେ ପରିସ୍ଥିତି ଅତ୍ୟନ୍ତ ଖରାପ ହୋଇପାରେ ବୋଲି ଆଇଏମଡି ଚେତାବନୀ ଦେଇଛି। ଏହା ନିସନ୍ଦେହ ଯେ, ଅସହ୍ୟ ଖରାର ପ୍ରଭାବରେ ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଯାତାୟତ ଓ ଶ୍ରମ ପ୍ରଭାବିତ ହୋଇଥିବାବେଳେ ପାନୀୟ ଜଳର ଉତ୍କଟ ଅଭାବ କେବଳ ଜନଜୀବନ ନୁହେଁ, ଜୀବଜଗତକୁ ହସ୍ତସନ୍ତ କରିଦେଇଥାଏ। ଅସହ୍ୟ ଖରା ଅଂଶୁଘାତ ଏବଂ ହୃଦଘାତ ମୃତ୍ୟୁର କାରଣ ହୋଇଥାଏ। ପ୍ରତିବର୍ଷ



ଅଂଶୁଘାତରେ ଶହଶହ ଲୋକ ମୃତ୍ୟୁବରଣ କରିବା ସରକାରୀ ତଥ୍ୟ କହେ। ବହୁଳ ପ୍ରସାରିତ ଲାନସେଟ୍ ପତ୍ରକା ରିପୋର୍ଟ ଅନୁଯାୟୀ ଗତ ୨୦୨୪ରେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଦେଶରେ ୨୪୭ ବିଲିଅନ ଶ୍ରମ ଘଣ୍ଟା ନଷ୍ଟ ହୋଇଥିବାବେଳେ ଏବେ କେତେକ ରାଜ୍ୟ ସତର୍କତାମୂଳକ ପଦକ୍ଷେପ ସ୍ୱରୁପ ଦିନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଖରାରେ ଶ୍ରମିକଙ୍କ କାମ ନିଷିଦ୍ଧ ଘୋଷଣା କରିଛନ୍ତି। ଆମ ରାଜ୍ୟରେ ଏପ୍ରିଲ ଦ୍ୱିତୀୟ ସପ୍ତାହରୁ ଖରାରେ ଶ୍ରମକଙ୍କୁ କାମ ବନ୍ଦ ପାଇଁ ନିର୍ଦ୍ଦେଶନାମା ଜାରି କରିସାରିଲେଣି। ଯାହାର ପରିଣତି ସ୍ୱରୁପ ନିର୍ମାଣ ଓ କୃଷି କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥିବା କୁହାଯାଏ। ରବି ଶସ୍ୟ ଉତ୍ପାଦନ ବାଧାପ୍ରାପ୍ତ ହେବା ସହ ଖାଦ୍ୟ ନିରାପତ ପ୍ରତି ଗୁରୁ ଧମକ ସୃଷ୍ଟି କରିବା ଆଶଙ୍କା ରହିଛି। ପନିପରିବା ଉତ୍ପାଦନ ହ୍ରାସ ଯୋଗୁଁ ଦରବୃଦ୍ଧି ପାଇବା ସହ ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହେବା ରିପୋର୍ଟ କହେ। ଜଳଭଣ୍ଡାର ଗୁଡିକରେ ଜଳପତନ ହ୍ରାସ ଅଘୋଷିତ ବିଦ୍ୟୁତ କାଟ ଜନଜୀବନକୁ ଅସ୍ତବ୍ୟସ୍ତ କଲାଣି। କଳକାରଖାନରୁ ଉତ୍ପାଦନ ମଧ ହ୍ରାସ ପାଇଲାଣି। ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସ୍କୁଲଗୁଡିକୁ ଆଗୁଆ ଖରାଛୁଟି ଘୋଷଣା କରାଯାଇଛି। ଆମ ରାଜ୍ୟରେ ମେ' ୬ତାରିଖରୁ ସ୍କୁଲ ଗୁଡିକାର ଖରାଛୁଟି ହେବାକୁ ଥିବାବେଳେ ଚଳିତ ବର୍ଷ ଆଗୁଆ ଛୁଟି ଘୋଷଣା କରାଯାଇଛି। ଗ୍ରୀଷ୍ମ ଋତୁରେ ଆମଦେଶରେ ବହୁ ଭାଗ ତଥା ପାହାଡିଆ ଅଞ୍ଚଳରେ ପାନୀୟ ଜଳର ଅଭାବ ଦେଖାଦେଲାଣି। ଏହାର କାରଣ ହେଉଛି ଭୂତଳ ଜଳସ୍ତର ହ୍ରାସ। ପ୍ରତି ପରିବାରକୁ ପାଇପ ଯୋଗେ ପାନୀୟ ଜଳଯୋଗାଣ ପାଇଁ ସରକାର ପ୍ରତିବର୍ଷ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ବିଭିନ୍ନ ଯୋଜନା କରୁଛନ୍ତି, କିନ୍ତୁ କିଛି ସୁଫଳ ମିଳୁନାହିଁ, ଜଳସ୍ତର ହ୍ରାସ ଯୋଗୁଁ ନଳକୂପରୁ ପାଣି ବାହାରୁନାହିଁ, ପାଇପରେ ଯେଉଁ ଜଳ ଯୋଗାଇ ଦିଆଯାଉଛି। ତାହା ସ୍ୱାସ୍ଥ୍ୟ ପାଇଁ ଅନପଯୁକ୍ତ। ନଦୀ, ନାଳ, ପୋଖରୀ ଶୁଖି ଯାଉଛି। ଜଳଭଣ୍ଡାରର ଜଳ ସ୍ତର କମି ଯାଉଛି। ଶକ୍ତି, ପରିବେଶ ଏବଂ ଜଳ ପରିଷଦର ୨୦୨୫ ସର୍ଭେ ରିପୋର୍ଟ ଅନୁଯାୟୀ ଦେଶର ୫୭ ପ୍ରତିଶତ ଜିଲ୍ଲା ଅତି ଗ୍ରୀଷ୍ମ ପ୍ରବଣ ଅଞ୍ଚଳ ହୋଇଥିବାବେଳେ ୭୬ପ୍ରତିଶତ ଲୋକ ପ୍ରଭାବିତ ହୋଇଥାଆନ୍ତି। ଏହା ନିସନ୍ଦେହ ଯେ, ଗ୍ରୀଷ୍ମ ପ୍ରବାହ ଦେଶରେ ଏକ ସ୍ଥାୟୀ ସମସ୍ୟା, ଏହାର ମୁକାବିଲା ପାଇଁ ଦେଶରେ ହିଟ ଆକସନ ପ୍ଲାନ (ଏଚଏପି)ର ଆବଶ୍ୟକତା ରହିଛି। ପ୍ରକୃତିର ଏହି କୋପରୁ ରକ୍ଷା ପାଇବା ପାଇଁ ସ୍ଥାୟୀ ଯୋଜନା ଜରୁରୀ। ଯାହାକି ଅଂଶୁଘାତରୁ ଜନସାଧରଣଙ୍କୁ ସୁରକ୍ଷିତ ରଖିପାରିବ।

ସମ୍ମାନ ଭବନ,
ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୯୪୩୭୯୯୪୩୭୯

## ଆପକୁ ଝଟକା: ୭ ସାଂସଦଙ୍କୁ ମିଳିଲା ବିଜେପି ସଦସ୍ୟତା



ନୂଆଦିଲ୍ଲୀ,୨୭।୪: ଅରବିନ୍ଦ କେଜ୍ରିୱାଲଙ୍କ ଆମ ଆଦମୀ ପାର୍ଟିକୁ ଏକ ବଡ଼ ଝଟକା ଲାଗିଛି। ରାଜ୍ୟସଭା ରାଘବ ଚଢ଼ାଙ୍କ ସମେତ ସମସ୍ତ ଆପ ସାଂସଦଙ୍କୁ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବରେ ମାନ୍ୟତା ଦେଇଛି। ରାଜ୍ୟସଭା ସଚିବାଳୟ ଏ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ରାଜ୍ୟସଭା ସଚିବାଳୟ ଆମ ଆଦମୀ ପାର୍ଟିରୁ ବିଜେପିରେ ଯୋଗ ଦେଇଥିବା ସମସ୍ତ ସାଂସଦଙ୍କ ସମ୍ପର୍କରେ ଏକ ବିଜ୍ଞପ୍ତି ଜାରି କରିଛି। ସେମାନଙ୍କୁ ବିଜେପିରେ ସାମିଲ ଘୋଷଣା କରାଯାଇଛି, ଯାହା ଦ୍ୱାରା ଉଚ୍ଚ ସଦନରେ ବିଜେପି ସଦସ୍ୟଙ୍କ ସଂଖ୍ୟା ୧୧୩କୁ ବୃଦ୍ଧି ପାଇଛି। ଆମ ଆଦମୀ ପାର୍ଟିର ସାଂସଦ ସଞ୍ଜୟ ସିଂହ ଆଜି (ରବିବାର) ଆପ ଛାଡିଥିବା ସାତ ଜଣ ସାଂସଦଙ୍କୁ ଅଯୋଗ୍ୟ ଘୋଷଣା କରିବାକୁ ଦାବି କରି ରାଜ୍ୟସଭା ଅଧ୍ୟକ୍ଷ ସି.ପି. ରାଧାକୃଷ୍ଣନଙ୍କୁ ଏକ ଚିଠି ଲେଖିଥିଲେ। ସଞ୍ଜୟ ସିଂହ କହିଥିଲେ ଯେ, ସାତ ଜଣ ଆପ ସାଂସଦଙ୍କ ଏହି ପଦକ୍ଷେପ ଦଳତ୍ୟାଗ କରିବା ପରି। ଏହା ପକ୍ଷାନ୍ତର ଦଳତ୍ୟାଗର ଏବଂ ଭାରତୀୟ ସମ୍ବିଧାନ ପ୍ରତି ବିଶ୍ୱାସଘାତକତା ଥିଲା। ତେବେ ରାଜ୍ୟସଭା ସଚିବାଳୟ ଦ୍ୱାରା ଜାରି ଏକ ବିଜ୍ଞପ୍ତି ଏବେ ସ୍ପଷ୍ଟ କରିଛି ଯେ ଆମ ଆଦମୀ ପାର୍ଟିର ଦାବିକୁ ପ୍ରତ୍ୟାଖ୍ୟାନ କରାଯାଇଛି। ଏହି ସାଂସଦ ମାନଙ୍କୁ ଏବେ ଭାରତୀୟ ଜନତା ପାର୍ଟିର ସଦସ୍ୟ ଭାବରେ ବିବେଚନା କରାଯିବ, ଯାହା ଫଳରେ ଉକ୍ତ ସଦନରେ ଆମ ଆଦମୀ ପାର୍ଟିର କେବଳ ତିନି ଜଣ ସାଂସଦ ଅଛନ୍ତି। ସୂଚନାଯୋଗ୍ୟ ଯେ, ରାଘବ ଚଢା, ସନ୍ଦୀପ ପାଠକ ଏବଂ ଅଶୋକ ମିତ୍ତଲ ଶୁକ୍ରବାର ଏକ ସାମ୍ବାଦିକ ସମ୍ମିଳନୀରେ ଆମ ଆଦମୀ ପାର୍ଟିରୁ ଅଲଗା ହେବାର ଘୋଷଣା କରିଥିଲେ।

## ବିରିୟାନୀ ଓ ତରଭୁଜ ଖାଇ ଗୋଟିଏ ପରିବାରର ୪ ମୃତ !



ମୁମ୍ବାଇ,୨୭।୪: ଅକାଳରେ ଗୋଟିଏ ପରିବାରର ୪ ସଦସ୍ୟଙ୍କ ଜୀବନ ଚାଲିଯାଇଛି। ଫୁଡ୍ ପଏଜନ ପାଇଁ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୁମ୍ବାଇର ପାଇଧୁନି ଅଞ୍ଚଳରୁ ଆସିଛି ଏଭଳି ଏକ ଦୁଃଖଦ ଖବର। ବିଷକ୍ରିୟା ଯୋଗୁଁ ସ୍ୱାମୀ-ସ୍ତ୍ରୀଙ୍କ ସହ ୨ ଝିଅଙ୍କ ମଧ୍ୟ ଅକାଳରେ ବିୟୋଗ ଘଟିଛି। ମୃତକମାନେ ହେଲେ ଅବଦୁଲ୍ଲା ଡୋକାଡିଆ, ପତ୍ନୀ ନସରିନ୍, ଝିଅ ଆୟେଶା ଏବଂ ପୁଅ ଜେବନା। ମୃତକଙ୍କ ସମ୍ପର୍କୀୟ କହିଛନ୍ତି ଯେ, ରାତ୍ରୀ ଭୋଜନରେ ପରିବାର ଲୋକେ ବିରିୟାନୀ ଖାଇଥିଲେ। ବିରିୟାନୀ ଖାଇ ସାରିବା ପରେ ସମସ୍ତେ ତରଭୁଜ ଖାଇଥିଲେ। ତରଭୁଜ ଖାଇ ସାରିବା ପରେ ସମସ୍ତେ ଶୋଇବା ପାଇଁ ଯାଇଥିଲେ। ମାତ୍ର କିଛି ହେବା ପୂର୍ବରୁ ଅସୁସ୍ଥତା ଅନୁଭବ କରିଥିଲେ। ସମସ୍ତେ ଏଭଳି ଅନୁଭବ କରୁଥିବା କହିବା ପରେ ଆମ୍ବୁଲାନ୍ସ ଡାକି ମେଡିକାଲକୁ ଯାଇଥିଲେ। ଡାକ୍ତର ସେଠାରେ ପରିବାରର ୪ ସଦସ୍ୟଙ୍କୁମୃତ ଘୋଷଣା କରିଥିଲା।

# ସୁଶାସନ ଓ ସୁରକ୍ଷା ଦେବାରେ ଟିଏମ୍‌ସି ବିଫଳ

## ବଙ୍ଗଳା ମତଦାତାଙ୍କୁ ମୋଦିଙ୍କ ପ୍ରତିଶ୍ରୁତି



ବାରାକପୁର,୨୭।୪: ସିକିମ ଗସ୍ତ କରିବା ପୂର୍ବରୁ ପଶ୍ଚିମବଙ୍ଗରେ ହେବାକୁ ଥିବା ଦ୍ୱିତୀୟ ପର୍ଯ୍ୟାୟ ନିର୍ବାଚନ ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ଅନ୍ତିମ ନିର୍ବାଚନ ପ୍ରଚାର କରିଛନ୍ତି। ବାରାକପୁରଠାରେ ଆୟୋଜିତ ଏକ ନିର୍ବାଚନୀ ରାଲିରେ ଯୋଗଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ଏବେ ମୁଁ ପୁଣିଥରେ ମେ' ୪ ତାରିଖରେ ପଶ୍ଚିମବଙ୍ଗ ଫେରିବି, ଯେତେବେଳେ ବିଜେପି ସରକାର ଶପଥ ଗ୍ରହଣ କରିବ। ଏହି ଅବସରରେ ସେ ମମତା ଓ ତୃଣମୂଳ ଉପରେ ତାଙ୍କର ଆକ୍ରମଣକୁ ତୀବ୍ର କରି କହିଥିଲେ ଯେ, ପଶ୍ଚିମବଙ୍ଗ ଲୋକମାନେ ସୁରକ୍ଷା, ସୁଯୋଗ ଏବଂ ସଚ୍ଚୋଟ ଶାସନ ଚାହାଁନ୍ତି। ମାତ୍ର ତାହା ପ୍ରଦାନ କରିବାରେ ଟିଏମସି ସମ୍ପୂର୍ଣ୍ଣ ବିଫଳ ହୋଇଛି। ବଙ୍ଗାଳରେ ମୁଁ ପଡ଼ୋଶୀ ରାଜ୍ୟ ଓଡ଼ିଶା ଓ ବିହାରର ପରିବେଶ ଦେଖିପାରୁଛି। ତେଣୁ ମୁଁ ଅନୁଭବ କରୁଛି ଯେ ମୁଁ ଖୁବ୍ ଶୀଘ୍ର ପୁଣିଥରେ ପଶ୍ଚିମବଙ୍ଗକୁ ଫେରିବି। ଆଉ ସେତେବେଳେକୁ ଏଠାରେ ବିଜେପି ସରକାରଙ୍କ ଶପଥ ଗ୍ରହଣ ସମାରୋହ ହୋଇଥିବ। ଓଡିଶା ଏବଂ ବିହାର ପରେ, ବଙ୍ଗାଳରେ ବି ପଦ୍ମ ଫୁଟିବ ବୋଲି ମୋଦି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ପଶ୍ଚିମବଙ୍ଗ ସହିତ ତାଙ୍କର ପୁରୁଣା ସମ୍ପର୍କକୁ ମନେ ପକେଇ କହିଛନ୍ତି, ମୋର ବ୍ୟକ୍ତିଗତ ଜୀବନ ଓ ଆଧ୍ୟାତ୍ମିକ ଯାତ୍ରାରେ ପଶ୍ଚିମବଙ୍ଗର ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରହିଛି। ମୁଁ ପଶ୍ଚିମବଙ୍ଗର ବହୁ ମହାନ ହସ୍ତୀଙ୍କଠାରୁ ପ୍ରେରଣା ନେଇଛି। ପଶ୍ଚିମବଙ୍ଗର ମାଟିରୁ ମିଳିଥିବା ଅନୁଭୂତି ମୋର ଜୀବନ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ ରହିଛି। ବଙ୍ଗାଳର ସେବା କରିବା, ଏହାର ସୁରକ୍ଷା ସୁନିଶ୍ଚିତ କରିବା ଏବଂ ରାଜ୍ୟକୁ ସୁରକ୍ଷା ଦେବା ପାଇଁ ନିଜକୁ ଉତ୍ସର୍ଗୀକୃତ ବୋଲି ଭାବୁଛି ବୋଲି ମୋଦି କହିଛନ୍ତି। ବାରାକପୁରରେ ଐତିହାସିକ ଗୁରୁତ୍ୱ ବିଷୟରେ ଉଲ୍ଲେଖ କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଏହି ଭୂମି ୧୮୫୭ ମସିହାରେ ଭାରତର ପ୍ରଥମ ସ୍ୱାଧୀନତା ଯୁଦ୍ଧରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା ଏବଂ ବର୍ତ୍ତମାନ ପଶ୍ଚିମବଙ୍ଗରେ ରାଜନୈତିକ ପରିବର୍ତ୍ତନର ମୂଳଦୁଆ ପକାଇବାକୁ ଯାଉଛି। ଭାରତର ସାମଗ୍ରିକ ବିକାଶ ପାଇଁ ପଶ୍ଚିମବଙ୍ଗର ପ୍ରଗତି ଅତ୍ୟନ୍ତ ଜରୁରୀ। ପୂର୍ବାଞ୍ଚଳର ଉତ୍ଥାନ ଦେଶର ଭବିଷ୍ୟତ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ପଶ୍ଚିମବଙ୍ଗର ସେବା, ସୁରକ୍ଷା ଏବଂ ରକ୍ଷା କରିବା ମୋର ଭାଗ୍ୟ ଏବଂ କର୍ତ୍ତବ୍ୟ।

## ପ୍ରଧାନମନ୍ତ୍ରୀଙ୍କ ସିକିମ୍ ଗସ୍ତ ଆରମ୍ଭ

ନୂଆଦିଲ୍ଲୀ,୨୭।୪: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜିଠାରୁ ଦୁଇ ଦିନିଆ ସିକିମ ଗସ୍ତରେ ଯାଉଛନ୍ତି। ସିକିମ ରାଜ୍ୟ ଗଠନର ୫୦ତମ ବର୍ଷ ପୂର୍ତ୍ତି ତଥା ସ୍ୱର୍ଣ୍ଣଜୟନ୍ତୀ ସମାରୋହର ସମାପନ ଉତ୍ସବରେ ଯୋଗଦେବା ସହ ରାଜ୍ୟବାସୀଙ୍କ ପାଇଁ ସେ ୪,୦୦୦ କୋଟିରୁ ଅଧିକ ଟଙ୍କାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ପ୍ରଧାନମନ୍ତ୍ରୀ ସୋମବାର ଅପରାହ୍ଣ ପ୍ରାୟ ୩ଟା ସମୟରେ ଗାଙ୍ଗଟକରେ ପହଞ୍ଚିବାର କାର୍ଯ୍ୟକ୍ରମ ରହିଛି। ମଙ୍ଗଳବାର ସେ ଗାଙ୍ଗଟୋକସ୍ଥିତ ଅର୍କିଡେରିୟମ ପରିଦର୍ଶନ କରିବେ। ରାଜ୍ୟର ସମୃଦ୍ଧ ପରିବେଶ ଏବଂ ଫୁଲର ଐତିହ୍ୟ ପ୍ରଦର୍ଶନ କରିବା ପାଇଁ ଏହାକୁ ଏକ ବିଶ୍ୱସ୍ତରୀୟ 'ଅର୍କିଡ୍ ଅନୁଭୂତି କେନ୍ଦ୍ର' ଭାବେ ବିକଶିତ କରାଯାଇଛି। ମଙ୍ଗଳବାର ସକାଳ ପ୍ରାୟ ୧୦ଟାରେ ପାଲଜୋର ଷ୍ଟାଡିୟମରେ ଆୟୋଜିତ ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଧାନମନ୍ତ୍ରୀ ଜନସଭାକୁ ସମ୍ବୋଧିତ କରିବେ।

## ଭାରତ-ନ୍ୟୁଜିଲାଣ୍ଡ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ସ୍ୱାକ୍ଷର

ନୂଆଦିଲ୍ଲୀ,୨୭।୪: ସୋମବାର ଦିନ ଭାରତ ଏବଂ ନ୍ୟୁଜିଲ୍ୟାଣ୍ଡ ଏକ ଐତିହାସିକ ମୁକ୍ତ ବାଣିଜ୍ୟ ଚୁକ୍ତିନାମା (ଏଫଟିଏ) ସ୍ୱାକ୍ଷର କରିଛନ୍ତି। ଏହି ଚୁକ୍ତିନାମା ଚଳିତ ବର୍ଷ ଶେଷ ଭାଗରେ କାର୍ଯ୍ୟକାରୀ ହେବାର ସମ୍ଭାବନା ରହିଛି। ତେବେ ଏହା ଲାଗୁ ହେବା ପୂର୍ବରୁ ଏହାକୁ ନ୍ୟୁଜିଲ୍ୟାଣ୍ଡର ସଂସଦ ଦ୍ୱାରା ଅନୁମୋଦନ କରିବାକୁ ପଡିବ। ନୂଆଦିଲ୍ଲୀସ୍ଥିତ ଭାରତ ମଣ୍ଡପମ୍‌ରେ ନ୍ୟୁଜିଲାଣ୍ଡ ବାଣିଜ୍ୟମନ୍ତ୍ରୀ ଟଡ୍ ମ୍ୟାକକ୍ଲେ ଏବଂ ଭାରତର ବାଣିଜ୍ୟ ମନ୍ତ୍ରୀ ପୀୟୁଷ ଗୋୟଲ ଚୁକ୍ତିନାମାର ସରକାରୀ ଦସ୍ତାବିଜରେ ସ୍ୱାକ୍ଷର କରିଛନ୍ତି। ରବିବାର ନ୍ୟୁଜିଲ୍ୟାଣ୍ଡ ପ୍ରଧାନମନ୍ତ୍ରୀ କ୍ରିଷ୍ଟୋଫର ଲକ୍ସନ ଚୁକ୍ତିନାମା ସ୍ୱାକ୍ଷର କରିବା ନେଇ ନିଶ୍ଚିତ କରିଥିଲେ। ସେ ସୋସିଆଲ ମିଡ଼ିଆ ପ୍ଲାଟଫର୍ମ 'ଏକ୍ସ'ରେ ଏକ ଭିଡିଓ ପୋଷ୍ଟ କରି କହିଥିଲେ ଯେ, ଭାରତ ଏବେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବରେ ମୁଣ୍ଡ ଟେକିଛି। ନ୍ୟୁଜିଲାଣ୍ଡର ରପ୍ତାନୀକାରୀମାନେ ଏହା ଦ୍ୱାରା ଲାଭ ହାସଲ କରିପାରିବେ। ଏହି ରାଜିନାମା ୧.୪ ବିଲିଅନ୍ ଲୋକଙ୍କୁ ନେଇ ଭାରତର ବୃହତ ବଜାରରେ ନ୍ୟୁଜିଲାଣ୍ଡର ରପ୍ତାନୀକାରୀଙ୍କୁ ପ୍ରବେଶ କରିବାକୁ ଅଭୂତପୂର୍ବ ସୁଯୋଗ ଆଣିଦେବ। ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଭାରତରୁ ନ୍ୟୁଜିଲାଣ୍ଡକୁ ରପ୍ତାନୀ ହେବାକୁ ଥିବା ୮,୨୮୪ ଭାରତୀୟ ଉତ୍ପାଦ ଉପରେ ୧୦୦ ପ୍ରତିଶତ ଶୁଳ୍କ ମୁକ୍ତ ହେବ। ସେହିଭଳି, ଚମଡ଼ାଜାତ ପଦାର୍ଥ, ହସ୍ତତନ୍ତ, ହସ୍ତଶିଳ୍ପ ଭଳି ୭୦ ପ୍ରତିଶତ ଭାରତୀୟ ଉତ୍ପାଦ ଶୁଳ୍କମୁକ୍ତ ଭାବରେ ନ୍ୟୁଜିଲାଣ୍ଡ ବଜାରରେ ପ୍ରବେଶ କରିବେ। ୨୦୧୦ରୁ ଦୁଇ ଦେଶ ମଧ୍ୟରେ ଏହି ଆଲୋଚନା ଆରମ୍ଭ ହୋଇଥିଲା। ନଅ ପର୍ଯ୍ୟାୟ ଅଲୋଚନା ପରେ ୨୦୧୫ ରେ ଏହାକୁ ବନ୍ଦ କରିଦିଆଯାଇଥିଲା। ୨୦୨୫ ମାର୍ଚ୍ଚରେ ଏହି କଥାବାର୍ତ୍ତା ପୁଣିଥରେ ଆରମ୍ଭ କରାଯାଇଥିଲା।

## ମୁଁ ଦୁଷ୍କର୍ମୀ ନୁହେଁ: ଟ୍ରମ୍ପ୍



ୱାଶିଂଟନ,୨୭।୪: ମୁଁ ବଳାତ୍କାରୀ ନୁହେଁ କିମ୍ବା ମୁଁ କାହାକୁ ବଳାତ୍କାର କରିନାହିଁ ବୋଲି ସୋମବାର ସିବିଏସ ନ୍ୟୁଜ ସାମ୍ବାଦିକ ନୋରା ଓ'ଡୋନେଲଙ୍କ ସହିତ ଏକ ସାକ୍ଷାତକାର ଡୋନାଲ୍ଡ ଟ୍ରମ୍ପ ପ୍ରକାଶ କରିଛନ୍ତି। ସାକ୍ଷାତକାର ପ୍ରାରମ୍ଭରେ ଟ୍ରମ୍ପ ଶାନ୍ତ ଦେଖାଯାଉଥିଲେ। କିନ୍ତୁ ନୋରା ଯେତେବେଳେ ହ୍ୱାଇଟ୍ ହାଉସ ହିଲଟନ୍ ହୋଟେଲ ସନ୍ଦିଗ୍ଧ ଆକ୍ରମଣକାରୀର ଘୋଷଣାପତ୍ର ପଢ଼ିବାକୁ ଲାଗିଲେ ସେତେବେଳେ ଟ୍ରମ୍ପ ଉତକ୍ଷିପ୍ତ ହୋଇଉଠି ଏହି କଥା କହିଛନ୍ତି। ଏଭଳି ଘୋଷଣାପତ୍ର ମୋତେ ବଦନାମ କରିବା ପାଇଁ ପ୍ରସ୍ତୁତ କରାଯାଇଛି ବୋଲି ଟ୍ରମ୍ପ୍ କହିଛନ୍ତି। ସେ ଆହୁରି କହିଛନ୍ତି ଯେ, ସେହି ଅଭିଯୋଗଗୁଡ଼ିକ ସହିତ ମୋର କୌଣସି ସମ୍ପର୍କ ନାହିଁ। ମୁଁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ। ନୋରାଙ୍କ ପ୍ରଶ୍ନକୁ ଅଣଦେଖା କରି ଟ୍ରମ୍ପ କହିଥିଲେ ଯେ, ମୁଁ ଶିଶୁ ନିର୍ଯାତନାକାରୀ ନୁହେଁ। ତୁମେ ଜଣେ ଅସୁସ୍ଥ ମାନସିକତା ଥିବା ବ୍ୟକ୍ତିଙ୍କର ଅର୍ଥହୀନ କଥା ମତେ ପଚାରୁଛ। ଏହି ଅବସରରେ ଟ୍ରମ୍ପ ଆକ୍ରମଣକାରୀଙ୍କୁ ଜଣେ ମୌଳବାଦୀ, ଜଣେ ଖ୍ରୀଷ୍ଟିଆନ ବିରୋଧୀ ଏବଂ ଜଣେ ଅତ୍ୟନ୍ତ ଅସୁସ୍ଥ ମାନସିକତା ଥିବା ବ୍ୟକ୍ତି ଭାବରେ ବର୍ଣ୍ଣନା କରିଛନ୍ତି। ଏହାବ୍ୟତୀତ, ସେ ଆମେରିକାରେ ବୃଦ୍ଧି ପାଉଥିବା ରାଜନୈତିକ ହିଂସା ପାଇଁ ଡେମୋକ୍ରାଟିକ ନେତାଙ୍କ 'ଘୃଣା ଭାଷଣ' କୁ ଦାୟୀ କରିଛନ୍ତି।

## ପକେଟ୍‌ରେ ପିଆଜ ରଖ, ଗରମରୁ ମୁକ୍ତି ମିଳିବ



ନୂଆଦିଲ୍ଲୀ,୨୭।୪: ପକେଟରେ ଗୋଟିଏ ପିଆଜ ରଖ। ଖରା ତୁମର କିଛି କ୍ଷତି କରିପାରିବନି। ସୋମବାର ମଧ୍ୟପ୍ରଦେଶର ଶିବପୁରୀଠାରେ ଆୟୋଜିତ ଏକ ସଭାକୁ ସମ୍ବୋଧିତ କରି କେନ୍ଦ୍ରମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ଏହା କହିଛନ୍ତି। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, ଯଦି ଆପଣ ପକେଟରେ ପିଆଜ ନେଇ ବାହାରକୁ ଆସନ୍ତି, ତେବେ ସହଜରେ ପ୍ରଚଣ୍ଡ ଗରମ ସହ୍ୟ କରିପାରିବେ। ତାଙ୍କ ଦାବିକୁ ପ୍ରମାଣିତ କରିବା ପାଇଁ ସିନ୍ଧିଆ ନିଜ ପକେଟରୁ ଏକ ପିଆଜ ବାହାର କରି ଉପସ୍ଥିତ ଲୋକଙ୍କୁ ଦେଖାଇଥିଲେ। ସିନ୍ଧିଆ କହିଥିଲେ, ମୋ ଗାଡ଼ିରେ ନା ଏସି ଚାଲେ, ନା ମୁଁ ଏୟାରକଣ୍ଡିସନ୍ ହୋଇଥିବା ପରିବେଶରେ ରହେ। ଲୋକମାନେ ପ୍ରାୟତଃ ପଚାରନ୍ତି, ମେ ଏବଂ ଜୁନ୍ ମାସର ପ୍ରଚଣ୍ଡ ଗରମ ଏବଂ ୫୧ ଡିଗ୍ରୀ ତାପମାତ୍ରାରେ ମଧ୍ୟ ତୁମେ ଏସବୁ ସୁବିଧା ବିନା କିପରି ବଞ୍ଚିପାରିବ? ତା'ପରେ ସେ ତାଙ୍କ ପକେଟରୁ ଏକ ପିଆଜ କାଢ଼ି କହିଥିଲେ, ତୁମ ସହିତ ଏକ ପିଆଜ ନେଇଯାଅ; ତୁମର କିଛି ହେବ ନାହିଁ।

## ଋଷରେ ଆରାଘଚି, ପୁଟିନଙ୍କ ସହ କରିବେ ଆଲୋଚନା

### ତୈଳ ପାଇପଲାଇନରେ ବିସ୍ଫୋରଣ ପାଇଁ ଆମେରିକାର ଧମକ

### ଆଗେ ଅବରୋଧ ହଟାଅ, ପରେ ଶାନ୍ତି ଆଲୋଚନା ହେବ: ଇରାନ୍



ନୂଆଦିଲ୍ଲୀ,୨୭।୪: ଇରାନର ବୈଦେଶିକ ମନ୍ତ୍ରୀ ଆବ୍ବାସ ଆରାଘଚି ସୋମବାର ଋଷରେ ପହଞ୍ଚିଛନ୍ତି। ଆମେରିକା-ଇସ୍ରାଏଲ ସହିତ ଇରାନର ଜାରି ରହିଥିବା ଯୁଦ୍ଧ ଓ ଉତ୍ତେଜନାକୁ ବନ୍ଦ କରିବା ନେଇ ସେ ଋଷ୍ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହ ଆଲୋଚନା କରିବେ। ଏତଦବ୍ୟତୀତ, ବିଭିନ୍ନ ଅନ୍ତଃରାଷ୍ଟ୍ରୀୟ ସମସ୍ୟା ନେଇ ତାଙ୍କର ପୁଟିନ ସହିତ ଆଲୋଚନା କରିବାର ଅଛି ବୋଲି ଆରାଘଚି ଇରାନୀ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସୂଚନା ଦେଇଛନ୍ତି। ପୁଟିନ ଓ ଆରାଘଚିଙ୍କ ମଧ୍ୟରେ ଏହି ଆଲୋଚନା ବିଶ୍ୱରେ ସମ୍ପର୍କର ବିକାଶ ତଥା ଯୁଦ୍ଧ ଉତ୍ତେଜନା ହ୍ରାସ କରିବା ପାଇଁ ଏକ ସୁଯୋଗ ଆଣିଦେବ ବୋଲି କୂଟନୀତିଜ୍ଞମାନେ ବିଶ୍ୱାସ କରୁଛନ୍ତି। ଅପରପକ୍ଷରେ, ପାକିସ୍ତାନ ପ୍ରସ୍ତାବିତ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନାକୁ ପ୍ରତ୍ୟାଖ୍ୟାନ କରି ଆରାଘଚି ଋଷ୍ ଯାଇଥିବାରୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ରୋଧିତ ହୋଇଛନ୍ତି। ଟ୍ରମ୍ପ୍ ପରୋକ୍ଷରେ ଧମକ ଦେଇ କହିଛନ୍ତି ଯେ, ଯଦି ଇରାନ ତିନିଦିନ ମଧ୍ୟରେ କୌଣସି ନିର୍ଣ୍ଣାୟକ ଚୁକ୍ତିରେ ନ ପହଞ୍ଚେ ତା'ହେଲେ ଇରାନର ତୈଳ ପାଇପଲାଇନରେ ଭୟଙ୍କର ବିସ୍ଫୋରଣ ହେବ। ଫକ୍ସ ନ୍ୟୁଜ୍ ସହିତ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, ଇରାନ ଆଉ ତେଲ ରପ୍ତାନି କରିପାରିବ ନାହିଁ। ଅବରୋଧ ଯୋଗୁଁ ଇରାନ ଜାହାଜ ଦ୍ୱାରା ତେଲ ରପ୍ତାନି ହୋଇପାରୁନି। ଏବେ ପାଇପ୍‌ଲାଇନ ନଷ୍ଟ ହେବା ଦ୍ୱାରା ଏହାର ରପ୍ତାନି ସମ୍ପୂର୍ଣ୍ଣ ଭାବରେ ବନ୍ଦ ହୋଇଯିବ। ତେବେ ଟ୍ରମ୍ପ୍‌ଙ୍କର ଏହି ଚେତାବନୀର କୌଣସି ପ୍ରଭାବ ଇରାନ ଅଧିକାରୀମାନଙ୍କ ଉପରେ ପଡ଼ିନାହିଁ। ଇରାନ ତା'ର ନୂଆ ରଣନୀତି ସମ୍ପର୍କରେ ଆମେରିକାକୁ ଅବଗତ କରାଇଦିଆଯାଇଛି। ଇରାନର ରଣନୀତି ଅନୁସାରେ, ଆମେରିକା ଯଦି ବାସ୍ତବିକ ମଧ୍ୟପ୍ରାଚ୍ୟରେ ଶାନ୍ତି ସ୍ଥାପନ କରିବାକୁ ଚାହୁଁଛି ତା'ହେଲେ ଏହା ପ୍ରଥମେ ହର୍ମୁଜ ପ୍ରଣାଳୀରୁ ନୌସେନା ଅବରୋଧ ହଟାଉ ଏବଂ ଇରାନର ତୈଳ ରପ୍ତାନିକୁ ସ୍ୱାଭାବିକ କରୁ। ଏହାପରେ ଇରାନ ଆମେରିକା ସହିତ ଶାନ୍ତି ଆଲୋଚନାରେ ଭାଗନେବ। ତେବେ ଗୁରୁତ୍ୱପୂର୍ଣ୍ଣ କଥା, ଇରାନ ଆମେରିକାକୁ ଦେଇଥିବା ଏହି ପ୍ରସ୍ତାବରେ 'ପରମାଣୁ କାର୍ଯ୍ୟକ୍ରମ' ପ୍ରସଙ୍ଗକୁ ପରେ ଆଲୋଚନା କରିବା ପାଇଁ ସ୍ଥଗିତ ରଖିବାକୁ କହିଛି। ତେବେ ବିଶେଷଜ୍ଞଙ୍କ ମତରେ, ଇରାନର ଏହି ପ୍ରସ୍ତାବ ଟ୍ରମ୍ପଙ୍କୁ ଅଡୁଆର ପକାଇ ଦେଇଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। କାରଣ ଟ୍ରମ୍ପଙ୍କ ମୁଖ୍ୟଲକ୍ଷ୍ୟ ଇରାନକୁ ପରମାଣୁ ଅସ୍ତ୍ର ନିର୍ମାଣରୁ ରୋକିବା। ଯଦି ସେ ପରମାଣୁ ଆଲୋଚନା ବିନା ଘେରାବନ୍ଦୀ ହଟାଇ ଦିଅନ୍ତି, ତେବେ ଇରାନ ପୁଣି ଆର୍ଥିକ ସମୃଦ୍ଧ ହୋଇ ନିଜର ପରମାଣୁ ଭଣ୍ଡାର ବଢ଼ାଇବାର ସୁଯୋଗ ପାଇବ ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି।

### ୨୦୨୯ ସୁଦ୍ଧା ବାମ-ଉଗ୍ରବାଦର ମୂଳୋତ୍ପାଟନ

## ମୁତୟନ ହେବେ ଘାତକ 'କୋବ୍ରା' କମାଣ୍ଡୋ



ନୂଆଦିଲ୍ଲୀ,୨୭।୪: ଦେଶରୁ ବାମପନ୍ଥୀ ଉଗ୍ରବାଦର ମୂଳୋତ୍ପାଟନ ପାଇଁ ଅଣ୍ଟା ଭିଡ଼ିଛନ୍ତି କେନ୍ଦ୍ର ସରକାର। ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକରେ ବର୍ଷ ବର୍ଷ ଧରି ଲାଗି ରହିଥିବା ଉଗ୍ରବାଦ ସମସ୍ୟାକୁ ସମ୍ପୂର୍ଣ୍ଣ ରୂପେ ଶେଷ କରିବା ପାଇଁ କେନ୍ଦ୍ର ସରକାର ୨୦୨୯ ମସିହାକୁ ଡେଡ୍‌ଲାଇନ ଧାର୍ଯ୍ୟ କରିଛନ୍ତି। ବିଶେଷ କରି ମଣିପୁରକୁ ଏହି ଅଭିଯାନର କେନ୍ଦ୍ରବିନ୍ଦୁ କରାଯାଇଛି। ହିନ୍ଦୁସ୍ତାନ ଟାଇମ୍ସର ରିପୋର୍ଟ ଅନୁଯାୟୀ, କେନ୍ଦ୍ର ସରକାର ଏକ ବଡ଼ ଯୋଜନା ପ୍ରସ୍ତୁତ କରିଛନ୍ତି । ଯେଉଁ ସୁରକ୍ଷାବଳ ବର୍ତ୍ତମାନ ନକ୍ସଲ ଏବଂ ମାଓବାଦ ପ୍ରଭାବିତ ଅଞ୍ଚଳରେ ମୁତୟନ ଅଛନ୍ତି, ସେମାନଙ୍କୁ ଏବେ ମଣିପୁର, ଆସାମ, ଅରୁଣାଚଳ ପ୍ରଦେଶ ଏବଂ ନାଗାଲାଣ୍ଡ ପରି ଉଗ୍ରବାଦ ପ୍ରଭାବିତ ରାଜ୍ୟକୁ ପଠାଯିବ। ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ (୨୦୨୬) ଏବଂ ଅମରନାଥ ଯାତ୍ରା ପରେ ଏହି ସ୍ଥାନାନ୍ତର ପ୍ରକ୍ରିୟା ଆରମ୍ଭ ହେବାର ସମ୍ଭାବନା ରହିଛି। ୨୦୨୬ ମଧ୍ୟଭାଗରୁ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳକୁ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକୁ ପଠାଯିବ। ଏହି ଅଭିଯାନର ନେତୃତ୍ୱ ନେବେ ସିଆରପିଏଫ୍‌ର କୋବ୍ରା ଫୋର୍ସ।

## ନିଲାମ ହେବ ଗାୟତ୍ରୀ ଦେବୀଙ୍କ ସୁପରକମ୍ପ୍ୟୁଟର

ନୂଆଦିଲ୍ଲୀ,୨୭।୪: ବୁଧବାର ଲଣ୍ଡନର ପ୍ରସିଦ୍ଧ ସୋଥବିଜ ନିଲାମ ହାଉସରେ ଜୟପୁର ରାଜମାତା ତଥା ମହାରାଣୀ ଗାୟତ୍ରୀ ଦେବୀଙ୍କ ସୁପର କମ୍ପ୍ୟୁଟର ନିଲାମ କରାଯିବ। 'ଆର୍ଟସ ଅଫ୍ ଦ ଇସଲାମିକ ୱାର୍ଲଡ ଇନ୍ ଇଣ୍ଡିଆ' ନାମକ ଏହି ନିଲାମୀରେ ଭାରତର ସପ୍ତଦଶ ଶତାବ୍ଦୀର ଏକ ବିଶାଳ ଆଷ୍ଟ୍ରୋଲାବ୍ (ଖଗୋଳୀୟ ଗଣନା ଯନ୍ତ୍ର) ବିକ୍ରି ଲାଗି ଉପଲବ୍ଧ ହେବ । ବହୁମୁଖୀ କ୍ଷମତା କାରଣରୁ ବିଶେଷଜ୍ଞମାନେ ପିତଳରେ ତିଆରି ହୋଇଥିବା ଏହି ଅଦ୍ଭୁତ ଯନ୍ତ୍ରକୁ ସେହି ସମୟର 'ସୁପରକମ୍ପ୍ୟୁଟର' ଏବଂ 'ପ୍ରାଚୀନ ସ୍ମାର୍ଟଫୋନ୍' ଭାବେ ସମ୍ବୋଧନ କରୁଛନ୍ତି। ବିବିସି ରିପୋର୍ଟ ଅନୁସାରେ, ଏହି ଆଷ୍ଟ୍ରୋଲାବ୍‌କୁ ସମୟ, ତାରାର ଉପସ୍ଥିତି ସମ୍ପର୍କରେ ଜାଣିବା ସହିତ ଗ୍ରହ ନକ୍ଷତ୍ରଙ୍କ ଗତିବିଧିକୁ ବୁଝିବା ଲାଗି ବ୍ୟବହାର କରାଯାଇଥାଏ। ସେହିପରି ଏହା ଦ୍ୱାରା ସୂର୍ଯ୍ୟାସ୍ତ, ସୂର୍ଯ୍ୟୋଦୟ ସମୟ, କୌଣସି କୋଠାର ଉଚ୍ଚତା, କୂଅର ଗଭୀରତା ସମ୍ପର୍କରେ ଜାଣି ହେଉଥିଲା। ଏପରିକି ତତ୍କାଳୀନ ସମୟରେ ଜାତକ ପ୍ରସ୍ତୁତି ଲାଗି ମଧ୍ୟ ଏହାକୁ ବ୍ୟବହାର କରାଯାଉଥିଲା। ଏହାର ଓଜନ ୮.୨ କିଲୋ। ବ୍ୟାସ ପ୍ରାୟ ୩୦ ସେମି, ଉଚ୍ଚତା ୪୬ ସେମି। ସେହି ସମୟରେ ଭାରତରେ ଉପଲବ୍ଧଥିବା ଆଷ୍ଟ୍ରୋଲାବଠାରୁ ଏହା ଆକାରରେ ୪ ଗୁଣ ବଡ଼। ସପ୍ତଦଶ ଶତାବ୍ଦୀର ଆରମ୍ଭରେ ଲାହୋର (ବର୍ତ୍ତମାନ ପାକିସ୍ତାନ)ରେ ଏହାକୁ ପ୍ରସ୍ତୁତ କରାଯାଇଥିଲା। ଏହି ଐତିହାସିକ ଉପକରଣଟି ଭାରତୀୟ ମୁଦ୍ରାରେ ପ୍ରାୟ ୧୫-୨୦ କୋଟି ଟଙ୍କାରେ ବିକ୍ରି ହୋଇପାରେ ବୋଲି ଅନୁମାନ କରାଯାଉଛି।




## ଏୟାର ଇଣ୍ଡିଆ ବିମାନର ଏମର୍ଜେନ୍ସି ଲ୍ୟାଣ୍ଡିଂ

ମୁମ୍ବାଇ,୨୭।୪: ଦେଶର ଆର୍ଥିକ ରାଜଧାନୀ ମୁମ୍ବାଇରୁ ଭୋପାଳ ଯାଉଥିବା ଏକ ଏୟାର ଇଣ୍ଡିଆ ବିମାନକୁ ରବିବାର ଏକ ଯାନ୍ତ୍ରିକ ତ୍ରୁଟି ଯୋଗୁ ରାଜା ଭୋଜ ବିମାନବନ୍ଦରରେ ଜରୁରିକାଳୀନ ଅବତରଣ କରାଯାଇଛି। ଫଳରେ ଏକ ବଡ଼ ଦୁର୍ଘଟଣାକୁ ଏଡ଼ାଇ ଦିଆଯାଇଛି। ଜଣେ ବିମାନବନ୍ଦର ଅଧିକାରୀ କହିଛନ୍ତି ଯେ, ବିମାନଟି ଭୋପାଳରୁ ମୁମ୍ବାଇ ଫେରିବାର କାର୍ଯ୍ୟକ୍ରମ ଥିଲା। କିନ୍ତୁ ଉଡ଼ାଣ ବାତିଲ କରାଯାଇଥିଲା। ମୋଟ ୧୭୮ ଜଣ ଯାତ୍ରୀ ବୁକିଂ କରିଥିଲେ। ବିମାନବନ୍ଦର ପରିଚାଳନାକାରୀ ନିଶ୍ଚିତ କରିଛନ୍ତି ଯେ ବିମାନଟି ୧୭୫ ଜଣଙ୍କୁ ନେଇ ଅପରାହ୍ନ ୩ଟା୨୦ ରେ ଭୋପାଳ ବିମାନବନ୍ଦରରେ ସୁରକ୍ଷିତ ଭାବରେ ଅବତରଣ କରିଛି।

## ଲଦାଖରେ ୫ ନୂଆ ଜିଲ୍ଲା ପାଇଁ ଘୋଷଣା



ନୂଆଦିଲ୍ଲୀ,୨୭।୪: ଲଦାଖର ଲେଫ୍ଟନାଣ୍ଟ ଗଭର୍ଣ୍ଣର(ଉପ ରାଜ୍ୟପାଳ) ପାଞ୍ଚଟି ନୂତନ ଜିଲ୍ଲା ଗଠନ ପାଇଁ ବିଜ୍ଞପ୍ତିକୁ ଅନୁମୋଦନ କରିଛନ୍ତି। ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭିକେ ସକ୍ସେନା ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ, ପାଞ୍ଚଟି ନୂତନ ଜିଲ୍ଲା ଗଠନ ସହିତ ଲଦାଖରେ ମୋଟ ଜିଲ୍ଲା ସଂଖ୍ୟା ବର୍ତ୍ତମାନ ୭ ହେବ। ସେ ଏହି ନିଷ୍ପତ୍ତିକୁ ନାଗରିକଙ୍କ ନିକଟକୁ ଶାସନ ଆଣିବା ଏବଂ ବିକାଶ, ନିଯୁକ୍ତି ଏବଂ ଉଦ୍ୟୋଗ ପାଇଁ ନୂତନ ସୁଯୋଗ ସୃଷ୍ଟି କରିବା ବୋଲି ଆହୁରି ବର୍ଣ୍ଣନା କରିଛନ୍ତି। ଲେଫ୍ଟନାଣ୍ଟ ଗଭର୍ଣ୍ଣର ଭି.କେ. ସକ୍ସେନା ଲେଖିଛନ୍ତି ଯେ, ଆଜି ଲଦାଖ ପାଇଁ ଏକ ଐତିହାସିକ ଦିନ। ମୁଁ ଲଦାଖରେ ପାଞ୍ଚଟି ନୂତନ ଜିଲ୍ଲା ସୃଷ୍ଟି ପାଇଁ ବିଜ୍ଞପ୍ତିକୁ ଅନୁମୋଦନ କରିଛି, ଯାହା ଲଦାଖର ଲୋକଙ୍କ ଆକାଂକ୍ଷା ଏବଂ ଦୀର୍ଘଦିନର ଦାବିକୁ ପୂରଣ କରୁଛି। ଏହି ପାଞ୍ଚଟି ନୂତନ ଜିଲ୍ଲା ଗୁଡିକ ହେଉଛି, ନୁବ୍ରା, ଶାମ, ଚାଙ୍ଗଥାଙ୍ଗ, ଜାନ୍ସକାର ଏବଂ ଦ୍ରାସ । ଲଦାଖରେ ବର୍ତ୍ତମାନ ଦୁଇଟି ବଦଳରେ ସାତଟି ଜିଲ୍ଲା ରହିବ। ଏହି ବିକାଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଏକ ବିକଶିତ ଏବଂ ସମୃଦ୍ଧ ଲଦାଖର ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି।

### ଆଇଏମଡିର ସତର୍କ ସୂଚନା

## ସୁପର ଏଲ୍-ନିନୋ ସୃଷ୍ଟି କରିପାରେ ଝଡ଼



ନୂଆଦିଲ୍ଲୀ,୨୭।୪: ଏପ୍ରିଲ ୨୭ ତାରିଖରୁ ଏପ୍ରିଲ ୩୦ ତାରିଖ ମଧ୍ୟରେ ଉତ୍ତର-ପୂର୍ବ ଭାରତରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗ ପକ୍ଷରୁ କୁହାଯାଇଛି। ବର୍ଷା ସହିତ ବିଜୁଳି ଏବଂ ପ୍ରବଳ ପବନ ଓ ହାଲୁକାରୁ ମଧ୍ୟମ ବର୍ଷା ହେବାର ସମ୍ଭାବନା ରହିଛି। ଅରୁଣାଚଳ ପ୍ରଦେଶ, ଆସାମ, ମେଘାଳୟ, ନାଗାଲାଣ୍ଡ, ମଣିପୁର, ମିଜୋରାମ ଏବଂ ତ୍ରିପୁରାରେ ମେ ୨ ତାରିଖ ପର୍ଯ୍ୟନ୍ତ ପ୍ରବଳ ବର୍ଷା ହୋଇପାରେ। ସେହିପରି ମେ ୨ ତାରିଖ ପର୍ଯ୍ୟନ୍ତ ପୂର୍ବ ଭାରତର କିଛି ଅଂଶ, ବିଶେଷକରି ପଶ୍ଚିମବଙ୍ଗ, ସିକିମ, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ବିହାରରେ ମଧ୍ୟ ଝଡ଼ବର୍ଷା ଏବଂ ବିଜୁଳି ସହିତ ବର୍ଷା ହୋଇପାରେ। ୩୦ ରୁ ୫୦ କିମି/ଘଣ୍ଟା ବେଗରେ ପବନ ବହିବାର ସମ୍ଭାବନା ରହିଛି। ବିଚ୍ଛିନ୍ନ ସ୍ଥାନଗୁଡ଼ିକରେ, ଝଡ଼ବର୍ଷା (୫୦-୬୦ କିମି/ଘଣ୍ଟା ପବନ ବେଗ, ୭୦ କିମି/ଘଣ୍ଟା ପର୍ଯ୍ୟନ୍ତ ପବନ ବହିବା) ସହିତ ଝଡ଼ବର୍ଷାର ସମ୍ଭାବନା ରହିଛି। ଆଇଏମଡି ବୈଜ୍ଞାନିକମାନେ ସତର୍କ ସୂଚନା ଜାରିକରି କହିଛନ୍ତି ଯେ, ୨୦୨୬ ମସିହାରେ 'ସୁପର ଏଲ୍ ନିନୋ' ସୃଷ୍ଟି ହୋଇପାରେ। ଏହା ଫଳରେ ମୌସୁମୀ ବର୍ଷା ହ୍ରାସ ପାଇବ ଏବଂ ତାପମାତ୍ରା ସ୍ୱାଭାବିକ ଠାରୁ ଅଧିକ ହେବ। ପଶ୍ଚିମ ବାୟୁ ସହିତ ଏକ ପଶ୍ଚିମ ବିସ୍ତାର ସକ୍ରିୟ ଅଛି। ପୂର୍ବ ଉତ୍ତର ପ୍ରଦେଶ ଏବଂ ଆଖପାଖ ଅଞ୍ଚଳଗୁଡ଼ିକରେ ଏକ ଘୂର୍ଣ୍ଣିବଳୟ ପରିସର ଜାରି ରହିଛି। ପଶ୍ଚିମ ବାୟୁ ଜେଟ୍ ଷ୍ଟ୍ରିମ୍ ବର୍ତ୍ତମାନ ପୂର୍ବ ଭାରତରେ ସକ୍ରିୟ ଅଛି। ଏହାର ପ୍ରଭାବରେ, ଆଗାମୀ ତିନି ଦିନ ପାଇଁ ଉତ୍ତର-ପଶ୍ଚିମ ଏବଂ ମଧ୍ୟ ଭାରତରେ ଗ୍ରୀଷ୍ମ ପ୍ରବାହ ପରିସ୍ଥିତି ଜାରି ରହିବାର ସମ୍ଭାବନା ଅଛି, ଯାହା ପରେ ପାଗ ପରିବର୍ତ୍ତନ ହେବାର ଆଶା କରାଯାଉଛି। ଆଗାମୀ ସପ୍ତାହରେ, ପୂର୍ବ ଭାରତରେ ବଜ୍ରପାତ ସହିତ ଝଡ଼ବର୍ଷା ହେବାର ସମ୍ଭାବନା ଅଛି; ବିଶେଷକରି, ଉତ୍ତର-ପଶ୍ଚିମ ଭାରତରେ ଏପ୍ରିଲ ୨୮ ରୁ ମେ ୨ ମଧ୍ୟରେ, ମଧ୍ୟ ଭାରତରେ ଏପ୍ରିଲ ୨୭ ରୁ ଏପ୍ରିଲ ୩୦ ମଧ୍ୟରେ ଏବଂ ଦକ୍ଷିଣ ଭାରତରେ ଏପ୍ରିଲ ୨୮ ରୁ ଏପ୍ରିଲ ୩୦ ମଧ୍ୟରେ। କିଛି ଅଞ୍ଚଳରେ ବର୍ଷା ମଧ୍ୟ ହୋଇପାରେ।

ଦିଲ୍ଲୀରେ ସର୍ବାଧିକ ତାପମାତ୍ରା ୪୨ ଡିଗ୍ରୀ ସେଲ୍ସିୟସ୍ ଏବଂ ସର୍ବନିମ୍ନ ୨୬ ଡିଗ୍ରୀ ସେଲ୍ସିୟସ୍ ରହିଛି। ଧୂଳିଝଡ଼ ଏବଂ ବର୍ଷାର ସମ୍ଭାବନା ଯୋଗୁଁ ପ୍ରଚଣ୍ଡ ଗରମରୁ କିଛିଟା ଆଶ୍ୱସ୍ତି ମିଳିବ ବୋଲି ଆଶା କରାଯାଉଛି। ମଙ୍ଗଳବାର ଦିନ ସହରର ବିଭିନ୍ନ ସ୍ଥାନରେ ପ୍ରବଳ ପବନ ସହିତ ହାଲୁକା ବର୍ଷା କିମ୍ବା ଝିପିଝିପି ବର୍ଷା ହୋଇପାରେ। ଆଗାମୀ ତିନି ଦିନ ପର୍ଯ୍ୟନ୍ତ ଦିଲ୍ଲୀରେ ମେଘ ଲାଗି ରହିବ ବୋଲି ଆଶା କରାଯାଉଛି।

# ‘ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ’ ଉଦ୍‌ଯାପିତ




ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ)ଃ ଓଡ଼ିଶାର କର୍ପୋରେଟ୍ ଜଗତର କର୍ମଜୀବୀଙ୍କ ମଧ୍ୟରେ ଶାରୀରିକ ସୁସ୍ଥତା, କ୍ରୀଡ଼ା ମନୋଭାବ ଓ ବ୍ୟାବସାୟିକ ସମ୍ପର୍କ ବୃଦ୍ଧି କରିବା ଲକ୍ଷ୍ୟରେ ଆୟୋଜିତ ଦୁଇଦିନିଆ ପ୍ରମୁଖ ଇଭେଣ୍ଟ ‘ଅଲ୍ଟିମେଟ୍ କର୍ପୋରେଟ୍ ଚାମ୍ପିଅନ୍ସ’ ସଫଳତାର ସହ ସମ୍ପନ୍ନ ହୋଇଛି। ସିଡ୍ରିମ୍ଜ ପକ୍ଷରୁ ଆୟୋଜିତ ଏହି ଚାମ୍ପିଅନ୍ସିପ୍ ରାଜ୍ୟର ଅନ୍ୟତମ ବୃହତ୍ କର୍ପୋରେଟ୍ କ୍ରୀଡ଼ା ମହୋତ୍ସବ ଭାବେ ପରିଚିତ ହୋଇଛି। ପ୍ରତିଯୋଗିତାରେ ୧୨୮ଟି ପୁରୁଷ ଡବଲ୍ସ ଓ ୩୨ଟି ମିକ୍ସଡ୍ ଡବଲ୍ସ ଟିମ୍ ଅଂଶଗ୍ରହଣ କରିଥିଲେ। ଖେଳଗୁଡ଼ିକ ‘ବେଷ୍ଟ ଅଫ୍ ୩ ସେଟ୍’ ଫର୍ମାଟ୍‌ରେ ଅତ୍ୟନ୍ତ ରୋମାଞ୍ଚକର ଭାବେ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ପ୍ରମୁଖ ଆଇଟି ଓ କର୍ପୋରେଟ୍ ସଂସ୍ଥା ଯଥା ୱିପ୍ରୋ, ଟିସିଏସ୍, ଇନଫୋସିସ୍, ଆକ୍ସେଞ୍ଚର୍, ଆଇବିଏମ୍, କଗ୍ନିଜାଣ୍ଟ, ଇଏସଏସଏଲ୍‌ର ପ୍ରତିନିଧିମାନେ ସାମିଲ ହୋଇଥିଲେ। ଏଥିସହ ବିଭିନ୍ନ ବେସରକାରୀ ବ୍ୟାଙ୍କ, ରେଳବାଇ ଓ ନାଲକୋ ଭଳି ପିଏସୟୁର ବରିଷ୍ଠ ଅଧିକାରୀମାନେ ମଧ୍ୟ ନିଜର କ୍ରୀଡ଼ା କୌଶଳ ପ୍ରଦର୍ଶନ କରିଥିଲେ।

ଟୁର୍ଣ୍ଣାମେଣ୍ଟ ସମ୍ପର୍କରେ ସିଡ୍ରିମ୍ଜର ଟୁର୍ଣ୍ଣାମେଣ୍ଟ ଡାଇରେକ୍ଟର ସ୍ମୃତି ଦେବତା କହିଛନ୍ତି ଯେ ଆମେ ବୋର୍ଡରୁ ବାହାରେ ଏକ ନୂତନ ପ୍ଲାଟଫର୍ମ ସୃଷ୍ଟି କରିବାକୁ ଚାହୁଁଥିଲୁ। ଏହି ଟୁର୍ଣ୍ଣାମେଣ୍ଟ କେବଳ ଟ୍ରଫି ଜିତିବା ପାଇଁ ନୁହେଁ, ବରଂ ଏକ ସୁସ୍ଥ କର୍ପୋରେଟ୍ ପରିବେଶ ସୃଷ୍ଟି କରିବା ଓ ବିଭିନ୍ନ ଶିଳ୍ପ ନେତାମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରିବା ପାଇଁ ଏକ ମାଧ୍ୟମ। ପ୍ରତିଯୋଗିତାରେ ପୁରୁଷ ଡବଲ୍ସରେ ଦେବେଶ ଓ ପ୍ରତାପ ଚାମ୍ପିଅନ୍ ହୋଇଥିବା ବେଳେ ପ୍ରଦ୍ୟୁମ୍ନ ଓ ସ୍ମୃତି ଏହି ବର୍ଗରେ ରନର୍ସଅପ୍, ମିକ୍ସଡ୍ ଡବଲ୍ସରେ ଜନ୍ମେଜୟ ଓ ଶାଳିନୀ ଚାମ୍ପିଅନ୍, ଆଶାକିରଣ ଓ ବାଲା ରନର୍ସଅପ୍ ହୋଇଛନ୍ତି। ଏହି ଦୁଇଦିନିଆ ପ୍ରତିଯୋଗିତାରେ ନାଲକୋରୁ ଆଶୁତୋଷ ରଥ, ଇନଫୋସିସରୁ ସତ୍ୟଜିତ ମହାନ୍ତି, ସନ୍‌ସାଇନ୍ ହସ୍ପିଟାଲ୍ସରୁ ଅୟସକାନ୍ତ ମହାନ୍ତି, ୱିପ୍ରୋରୁ ମନୀଷ ୱାଘେଲା, ଦୂରଦୃଷ୍ଟି ପତ୍ରିକାରୁ ଦୁର୍ଗା ପ୍ରସାଦ ସାମନ୍ତରାୟ, ଜୟ ଓଡ଼ିଶାରୁ ରୁଦ୍ର ସାମନ୍ତରାୟ, ଡିବି ନେକ୍ସଟ ସିଇଓ ସଂଗ୍ରାମ ରାଉତରାୟ, କୋଟକରୁ ଅନୁପମ ପଟ୍ଟନାୟକ ଓ କଳ୍ପତରୁ ଫାଉଣ୍ଡେସନରୁ ସୁବଭେନ୍ଦୁ ପଣ୍ଡା, ଅଭିନେତା ପାର୍ଥସାରଥୀ ରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଶେଷ ରେ ମୁଖ୍ୟ ପରିଚାଳକ ଚିତ୍ତରଞ୍ଜନ ଦେବତା ଧନ୍ୟବାଦ ଅର୍ପଣ କରିଥିଲେ।

## ରୁଟ୍ ମାର୍ଚ୍ଚ ବେଳେ ବନ୍ଧୁକରୁ ମ୍ୟାଗାଜିନ ଉଭାନ

**କୋଲକାତା,୨୭।୪(ସଂଚାର ବ୍ୟୁରୋ)ଃ** ରବିବାର ରୁଟ୍ ମାର୍ଚ୍ଚ ସମୟରେ କେନ୍ଦ୍ରୀୟ ବାହିନୀର ଜଣେ ଯବାନଙ୍କ ବନ୍ଧୁକର ମ୍ୟାଗାଜିନ ଗାଏବ ହେବା ପରେ ମାଣିକତଳାରେ ଉତ୍ତେଜନା ସୃଷ୍ଟି ହୋଇଛି। ଯବାନଙ୍କ ଲିଖିତ ଅଭିଯୋଗ ପରେ ମାଣିକତଳା ପୁଲିସ ସନ୍ଧାନ ଆରମ୍ଭ କରିଛି। ପୋଲିସ ସୂତ୍ର ଅନୁଯାୟୀ, ମାଣିକତଳା ଅଞ୍ଚଳରେ ଏକ ରୋଡ୍ ଶୋ ହେବାର ଥିଲା। କେନ୍ଦ୍ରୀୟ ବାହିନୀର କର୍ମଚାରୀମାନେ ରୁଟ୍ ମାର୍ଚ୍ଚ କରୁଥିଲେ। ସେତିକିବେଳେ ବନ୍ଧୁକର ମ୍ୟାଗାଜିନ ନଥିବା ଯବାନ ଦେଖି ଥାନାରେ ଲିଖିତ ଅଭିଯୋଗ କରିଥିଲେ।

## ଯାଦବପୁରରେ ବାମପନ୍ଥୀ ଛାତ୍ରସଂଘ ବିଜୟୀ

**କୋଲକାତା,୨୭।୪(ସଂଚାର ବ୍ୟୁରୋ)ଃ** ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପୂର୍ବରୁ ଯାଦବପୁର ବିଶ୍ୱବିଦ୍ୟାଳୟ ଛାତ୍ର ନିର୍ବାଚନର ଫଳାଫଳ ଘୋଷଣା କରାଯାଇଛି। ବାମପନ୍ଥୀ ଦଳ ସବୁ ବିଭାଗରେ ବିଜୟ ହାସଲ କରିଛି। ଏପ୍ରିଲ ୨୧ ଓ ୨୪ ତାରିଖରେ ଯାଦବପୁର ବିଶ୍ୱବିଦ୍ୟାଳୟରେ ଛାତ୍ରସଂଘ ନିର୍ବାଚନ ହୋଇଥିବା ବେଳେ ସୋମବାର ଫଳାଫଳ ଘୋଷଣା କରାଯାଇଛି। ଡେମୋକ୍ରାଟିକ୍ ଛାତ୍ର ମହାସଂଘ ପ୍ରାୟ ୧୩୦୦ ଭୋଟ ବ୍ୟବଧାନରେ ଇଞ୍ଜିନିୟରିଂ ସ୍ନାତକୋତ୍ତର ବିଭାଗରେ ବିଜୟୀ ହୋଇଛି। ଡିଏସ୍‌ଏଫ୍ ମଧ୍ୟ ୧୦୦ ଭୋଟରେ ଜିତି ଇଞ୍ଜିନିୟରିଂ ସ୍ନାତକୋତ୍ତର ବିଭାଗର ନିୟନ୍ତ୍ରଣ ବଜାୟ ରଖିଛି। କଳା ବିଭାଗରେ, ଏସ୍‌ଏଫ୍‌ଆଇ ସ୍ନାତକ ଏବଂ ସ୍ନାତକୋତ୍ତର ବିଭାଗର ନିୟନ୍ତ୍ରଣ ବଜାୟ ରଖିଛି।

## ହାଓଡାରେ ସୂର୍ଯ୍ୟବଂଶୀ ଓ ମହାଲିଙ୍ଗଙ୍କ ପ୍ରଚାର

**କୋଲକାତା,୨୭।୪(ସଂଚାର ବ୍ୟୁରୋ)ଃ** ପଶ୍ଚିମବଙ୍ଗର ଶେଷ ପର୍ଯ୍ୟାୟ ବିଧାନସଭା ନିର୍ବାଚନ ପ୍ରଚାର କରିଛନ୍ତି ଓଡ଼ିଶାର ଉଚ୍ଚଶିକ୍ଷା, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ। ସୋମବାର ଉତ୍ତର ହାଓଡା ବିଧାନସଭା ପ୍ରାର୍ଥୀ ଉମେଶ ରାୟଙ୍କ ସପକ୍ଷରେ ପ୍ରଚାର କରିଛନ୍ତି। ହାଓଡ଼ାର ଏସି ମାର୍କେଟ ଜନତା ସ୍କୁଲ ନିକଟରୁ ବିଶାଳ ସୁସଜ୍ଜିତ ରାଲି ସମଗ୍ର ଅଞ୍ଚଳ ପରିକ୍ରମା କରିଥିଲା। ରାଲିରେ ବିଜେପି ନେତା ରବି ସାଓ, ବିଜେପି ଯୁବନେତା ପ୍ରବୀର ଶଙ୍କର ଦାଶ, ରାଜେନ୍ଦ୍ର ପ୍ରସାଦ ରାଉଳ, ଓବିସି ଓଡିଆ ସଂପାଦକ ସିଦ୍ଧାର୍ଥ ଶଙ୍କର ପତି, ଆଇନଜୀବୀ ଧର୍ମେନ୍ଦ୍ର ସେନାପତି ପ୍ରମୁଖ ସାମିଲ ହୋଇଥିଲେ।

## ୧୪ ସହରର ତାପମାତ୍ରା ୪୧ ଡିଗ୍ରୀ ଉପରେ
# ତତଲା ସହର ଝାରସୁଗୁଡ଼ା

**ଭୁବନେଶ୍ୱର,୨୭।୪ (ସଂଚାର ବ୍ୟୁରୋ)ଃ** ଓଡିଶାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଜାରି ରହିଛି। ସୋମବାର ରାଜ୍ୟର ଅନ୍ୟୂନ ୧୪ ଟି ସହରରେ ତାପମାତ୍ରା ୪୧ ଡିଗ୍ରୀ ସେଲସିୟସ ଉପରେ ରେକର୍ଡ କରାଯାଇଛି। ପାଖାପାଖି ୪୪.୭ ଡିଗ୍ରୀ ତାପମାତ୍ରା ସହିତ ଝାରସୁଗୁଡ଼ା ରାଜ୍ୟର ସବୁଠାରୁ ତତଲା ସହର ସାବ୍ୟସ୍ତ ହୋଇଛି। ତା’ ପଛକୁ ବରଗଡ଼ରେ ୪୩.୯ ଡିଗ୍ରୀ, ବୌଦ୍ଧରେ ୪୩.୫ ଡିଗ୍ରୀ ଏବଂ ବଲାଙ୍ଗୀରରେ ୪୩.୩ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଛି। ସମ୍ବଲପୁର ଓ ନୂଆପଡ଼ାର ତାପମାତ୍ରା ୪୩.୨ ଡିଗ୍ରୀ ରହିଥିଲା। ସେହିପରି ରାଉରକେଲା, ଟିଟିଲାଗଡ଼, ହିରାକୁଦ, ସୁନ୍ଦରଗଡ଼ରେ ତାପମାତ୍ରା ୪୩ ଡିଗ୍ରୀ ପାଖାପାଖି ରହିଛି। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ କାଳବୈଶାଖୀ ଯୋଗୁଁ କେତେକ ସ୍ଥାନରେ ସାମାନ୍ୟ ଆଶ୍ୱସ୍ତି ମିଳିଛି। ସୋରଡ଼ାରେ



ପ୍ରାୟ ଏକ ଘଣ୍ଟା ଧରି ପ୍ରବଳ କୁଆପଥର ବର୍ଷା ହୋଇଥିବାରୁ ସେଠାକାର ତାପମାତ୍ରାରେ ହ୍ରାସ ଘଟିଥିଲା। ତେବେ ଝଡ଼ ପବନ ହେତୁ ଅନେକ ଅଞ୍ଚଳରେ ବିଦ୍ୟୁତ୍ ଯୋଗାଣ ବାଧାପ୍ରାପ୍ତ ହୋଇଛି।

## ୫ ଜିଲ୍ଲାରେ ଜଳୁଛି ଜଙ୍ଗଲ

**ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ)ଃ** ଗ୍ରୀଷ୍ମପ୍ରବାହର ଯୋଗୁଁ ତାତି ବଢ଼ୁଛି। ଏଥିସହ ହୋଇ ମାଡି ଚାଲିଛି ଜଙ୍ଗଲ ନିଆଁ। ହୁତୁ ହୁତୁ ହୋଇ ଜଳୁଛି ଉତ୍ତରରୁ ଦକ୍ଷିଣ ରାଜ୍ୟର ବିଭିନ୍ନ ଜଙ୍ଗଲ । ନିଆଁ ଲାଗି ପୋଡ଼ି ଯାଉଛି ହଜାର ହଜାର ଗଛ । ଜଙ୍ଗଲି ଜନ୍ତୁଙ୍କ ଜୀବନ ଦୁର୍ବିସହ ହୋଇପଡ଼ିଛି । କିନ୍ତୁ ନିଆଁକୁ ଆୟତ୍ତ କରିବାରେ ବିଫଳ ବନବିଭାଗ। ଆଖିଆଗରେ ଜଳି ପୋଡି ପାଉଁଶ ହେଇଯାଉଛି ଆମ ଜଙ୍ଗଲ । ଜଙ୍ଗଲ ଆମର ସବୁଜ ସୁନା, ଗୋଟେ ଜଙ୍ଗଲ ସୃଷ୍ଟି ହେବାକୁ ବର୍ଷ ବର୍ଷ ଲାଗିଥାଏ ହେଲେ ନିଆଁ ଲାଗିଗଲେ କ୍ଷଣିକ ଭିତରେ ସବୁକିଛି ପୋଡି ଛାରଖାର। ଗ୍ରୀଷ୍ମ ପ୍ରବାହ ଯୋଗୁଁ ରାଜ୍ୟରେ ତାତି ଯେମିତି ବଢ଼ୁଛି, ଜଙ୍ଗଲ ନିଆଁ ବି ସେମିତି ବଢ଼ି ବଢ଼ି ଚାଲିଛି। କୋରାପୁଟ ଜୟପୁର ବନଖଣ୍ଡର ଶୁଣ୍ଡିଗୁଡା ପାଇନ୍ ଜଙ୍ଗଲ। ଜଙ୍ଗଲରେ ମାଡିଯାଇଛି ନିଆଁ। ଜଙ୍ଗଲ ନିଆଁରେ ଆଖପାଖ ଅଞ୍ଚଳ ଧୂଆଁମୟ ହୋଇପଡ଼ିଛି। ଫାୟାର ପଏଣ୍ଟ ସତର୍କ ସଙ୍କେତ ଆସିବା ପରେ ବନବିଭାଗ ପହଞ୍ଚି ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା ଚଳାଇଛନ୍ତି । ଚିତ୍ରକୋଣ୍ଡା, ବଲାଙ୍ଗୀର, କନ୍ଧମାଳ, ନଳବଣରେ ବି ଜଙ୍ଗଲରେ ନିଆଁ ଲାଗିଛି। ଗ୍ରୀଷ୍ମଋତୁ ପୂର୍ବରୁ ଜଙ୍ଗଲ ନିଆଁ ରୋକିବାକୁ ସ୍ଥାନୀୟ ଅଞ୍ଚଳରେ ସଚେତନତା ସୃଷ୍ଟି କରିବା ପାଇଁ ବନବିଭାଗ ଲକ୍ଷଲକ୍ଷ ଟଙ୍କା ଖର୍ଚ୍ଚ କରୁଛି । ତଥାପି ଜଙ୍ଗଲ ନିଆଁ ରୋକାଯାଇପାରୁନି। ଜଙ୍ଗଲ ନିଆଁ ନିୟନ୍ତ୍ରଣ ପାଇଁ ବର୍ଷ ଆରମ୍ଭରୁ ଜଙ୍ଗଲ ବିଭାଗ ଅନେକ ଗୁଡିଏ ପ୍ରତିଶ୍ରୁତି ଦେଇଥିଲା। ବିଭାଗୀୟ ଅଧିକାରୀଙ୍କ କହିବା କଥା ଗତବର୍ଷ ଏହି ସମୟରେ ୨୯ ହଜାର ପଏଣ୍ଟରେ ନିଆଁ ଲାଗିଥିବା ବେଳେ ବର୍ତ୍ତମାନ ୧୯ ହଜାର ପଏଣ୍ଟରେ ନିଆଁ ଲାଗିଛି । ହେଲେ ବାଲିଗୁଡ଼ା ଓ କଳାହାଣ୍ଡି ରେଞ୍ଜରେ ଅଧିକ ସଂଖ୍ୟାରେ ନିଆଁ ଲାଗୁଛି । ନବରଙ୍ଗପୁର ଓ କୋରାପୁଟ ଜିଲ୍ଲାରେ ପୋଡୁ ଚାଷ ପାଇଁ ଲୋକଙ୍କ ଦ୍ୱାରା ନିଆଁ ଲଗାଯାଉଛି ।

## ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର

**କଟକ,୨୭।୪(ସଂଚାର ବ୍ୟୁରୋ)ଃ** ଆଶୀର୍ବାଦ ଫାଉଣ୍ଡେସନ ପକ୍ଷରୁ ଖପୁରିଆସ୍ଥିତ ଓଇଆ ମଣ୍ଡପ ପରିସରରେ ମାଗୁଣି ଚରଣ ଦାସଙ୍କ ଅଧ୍ୟକ୍ଷତାରେ ଏକ ନିଶୁଳ୍କ ସ୍ୱାସ୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମଣିପାଲ ହସ୍ପିଟାଲ ପକ୍ଷରୁ ଅଭିଜ୍ଞ ଡାକ୍ତରଙ୍କ ଦ୍ୱାରା ଚକ୍ଷୁ, ଅର୍ଥୋପେଡ଼ିକ, ମଧୁମେହ, ଆସ୍ଥମା ଏବଂ ଥାଇରଏଡ୍ ଆଦି ରୋଗର ନିରାକରଣ ଦିଗରେ ୧୧୫ରୁ ଉର୍ଦ୍ଧ୍ୱ ଲୋକ ପରାମର୍ଶ ନେଇଛନ୍ତି। ଏଥିସହିତ ବିପି ଏବଂ ଡାଏବେଟିସ ପରୀକ୍ଷା ବିନାଦେୟରେ ଯୋଗାଇ ଦିଆଯାଇଛି। ଏହି ଶିବିରରେ ସମାଜସେବୀ ଅଭିମନ୍ୟୁ ଦାସ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସର୍ଜରି ଡାକ୍ତର ଶକ୍ତିପ୍ରସାଦ ସାହୁ, କର୍ପୋରେଟର ସୌଭାଗିନୀ ଜେନା, ଅରବିନ୍ଦ ଜେନା, ଶୁଭାଶିଷ ପଟ୍ଟନାୟକ, ଅନ୍ଧରପୁର ସାହି ଅଧିକାରୀ ପ୍ରମୋଦ ଭୋଳ ପ୍ରମୁଖ ଯୋଗ ଦେଇଥିଲେ । ରକ୍ତଦାନ ଶିବିର ଏବଂ ସ୍ୱାସ୍ଥ୍ୟ ଶିବିର ବ୍ୟତୀତ ଆସନ୍ତା ଜୁଲାଇରେ ସଂଗଠନ ପକ୍ଷରୁ ୨୪ ଘଣ୍ଟିଆ ନିଶୁଳ୍କ ଆମ୍ବୁଲାନ୍ସ ସେବା ଜନସାଧାରଣଙ୍କୁ ଯୋଗାଇ ଦିଆଯିବ ବୋଲି ଉପଦେଷ୍ଟା ଦେବଦତ୍ତ ଧଳ ସୂଚନା ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ବିଶ୍ୱରଞ୍ଜନ ସାହୁ, ସଂଯୋଜକ ସମୀର କର, ସଦସ୍ୟ ବୀରକିଶୋର ସାହୁ, ସରୋଜ କୁମାର ରାଉତ, ବିନୋଦ ବେହେରା, ସୌରଭ ଅଗ୍ରୱାଲ, କେଶଭ ଅଗ୍ରୱାଲ, ବିନୋଦ କୁମାର ବେହେରା, ଚିତ୍ତରଞ୍ଜନ ନାୟକ, ମନୋରଞ୍ଜନ ଜେନା, ଇଂ ଶୈଳେନ୍ଦ୍ର କୁମାର ଭୋଳ, ରାଜେଶ କୁମାର ଯୋଶୀ, ପ୍ରଦୀପ୍ତ କୁମାର ଦାସ, ସ୍ୱରୂପ ଭୂୟାଁ, ଅମୀୟ ରଞ୍ଜନ ସାହୁ, ସଞ୍ଜୀବ କୁମାର ମହାପାତ୍ର, ଶୋଭରାଜ ମହାପାତ୍ର, ଭାଗିରଥୀ ଦାସ, ରୁଦ୍ରପ୍ରସାଦ ଦାସ, ଅଭିଜିତ ରାଉତରାୟ, ପ୍ରଭାକର ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

### ପଦ୍ମ ପୁରସ୍କାର-୨୦୨୭
## ଜୁଲାଇ ୩୧ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ



**ନୂଆଦିଲ୍ଲୀ,୨୭।୪(ସଂଚାର ବ୍ୟୁରୋ)ଃ** ଗଣତନ୍ତ୍ର ଦିବସ ୨୦୨୭ ଅବସରରେ ଘୋଷଣା ହେବାକୁ ଥିବା ପଦ୍ମ ପୁରସ୍କାର-୨୦୨୭ ପାଇଁ ନାମାଙ୍କନ ଓ ସୁପାରିସ୍ ପ୍ରକ୍ରିୟା ଗତ ମାର୍ଚ୍ଚ ୧୫ରୁ ଆରମ୍ଭ ହୋଇଛି। ଏହି ପୁରସ୍କାର ପାଇଁ ନାମାଙ୍କନର ଶେଷ ତାରିଖ ଜୁଲାଇ ୩୧ ତାରିଖ ଧାର୍ଯ୍ୟ କରାଯାଇଛି। ଇଚ୍ଛୁକ ବ୍ୟକ୍ତିମାନେ କେବଳ ରାଷ୍ଟ୍ରୀୟ ପୁରସ୍କାର ପୋର୍ଟାଲ (https://awards.gov.in) ମାଧ୍ୟମରେ ଅନଲାଇନ୍‌ରେ ନାମାଙ୍କନ କିମ୍ବା ସୁପାରିସ୍ ଦାଖଲ କରିପାରିବେ।

ପଦ୍ମ ପୁରସ୍କାର ଯଥା ପଦ୍ମ ବିଭୂଷଣ, ପଦ୍ମ ଭୂଷଣ ଓ ପଦ୍ମଶ୍ରୀ ଦେଶର ସର୍ବୋଚ୍ଚ ନାଗରିକ ପୁରସ୍କାର। ୧୯୫୪ରେ ଆରମ୍ଭ ହୋଇଥିବା ଏହି ପୁରସ୍କାରଗୁଡ଼ିକ ପ୍ରତିବର୍ଷ ଗଣତନ୍ତ୍ର ଦିବସ ଅବସରରେ ଘୋଷଣା କରାଯାଇଥାଏ। ଏହି ପୁରସ୍କାର ‘ବିଶିଷ୍ଟ କାର୍ଯ୍ୟ’କୁ ସ୍ୱୀକୃତି ଦେବା ପାଇଁ ଦିଆଯାଇଆସୁଛି। କଳା, ସାହିତ୍ୟ ଓ ଶିକ୍ଷା, କ୍ରୀଡ଼ା, ଔଷଧ, ସମାଜସେବା, ବିଜ୍ଞାନ ଓ ଇଞ୍ଜିନିୟରିଂ, ସାର୍ବଜନୀନ ବ୍ୟାପାର, ସିଭିଲ ସେବା, ବାଣିଜ୍ୟ ଓ ଶିଳ୍ପ ଇତ୍ୟାଦି ସମସ୍ତ କ୍ଷେତ୍ର/ବିଭାଗରେ ଉଲ୍ଲେଖନୀୟ ଓ ଅସାଧାରଣ ସଫଳତା/ସେବା ପାଇଁ ପ୍ରଦାନ କରାଯାଉଛି। ଜାତି, ବୃତ୍ତି, ପଦବୀ କିମ୍ବା ଲିଙ୍ଗ ନିର୍ବିଶେଷରେ ସମସ୍ତ ବ୍ୟକ୍ତି ଏହି ପୁରସ୍କାର ପାଇବା ପାଇଁ ଯୋଗ୍ୟ। ଡାକ୍ତର ଏବଂ ବୈଜ୍ଞାନିକଙ୍କ ବ୍ୟତୀତ ପିଏସୟୁରେ କାମ କରୁଥିବା ସରକାରୀ କର୍ମଚାରୀମାନେ ପଦ୍ମ ପୁରସ୍କାର ପାଇଁ ଯୋଗ୍ୟ ନୁହଁନ୍ତି।

ନାମାଙ୍କନ/ସୁପାରିସ୍‌ରେ ପୋର୍ଟାଲରେ ଉପଲବ୍ଧ ଫର୍ମାଟ ଅନୁସାରେ ନିର୍ଦ୍ଦିଷ୍ଟ ସମସ୍ତ ପ୍ରାସଙ୍ଗିକ ବିବରଣୀ ରହିବା ଆବଶ୍ୟକ। ଏଥିରେ ବର୍ଣ୍ଣନାତ୍ମକ ଆକାରରେ ଏକ ଉଦ୍ଧୃତି (ସର୍ବାଧିକ ୮୦୦ ଶବ୍ଦ) ଥିବା ଉଚିତ, ଯାହା ସ୍ପଷ୍ଟ ଭାବେ ତାଙ୍କର ସମ୍ପୃକ୍ତ କ୍ଷେତ୍ର/ବିଭାଗରେ ସୁପାରିସ୍ ହୋଇଥିବା ବ୍ୟକ୍ତିଙ୍କ ଉଲ୍ଲେଖନୀୟ ଓ ଅସାଧାରଣ ସଫଳତା/ସେବା ବିଷୟରେ ଉଲ୍ଲେଖ କରିବା।

## ରେଙ୍ଗାଳି ବାମ ବନ୍ଧ ଡିଭିଜନ ଅଫିସରେ ତାଲା ଝୁଲିଲା



**କାମାକ୍ଷାନଗର,୨୭।୪ (ସଂଚାର ବ୍ୟୁରୋ)ଃ** ଢେଙ୍କାନାଳ ଜିଲା କାମାକ୍ଷାନଗର ରେଙ୍ଗାଳି ବାମ ବନ୍ଧ କେନାଲ ଡିଭିଜନ ଅଫିସରେ ତାଲା ଝୁଲିଛି। ୨୦୦୩-୦୪ ମସିହାରୁ ଠିକା କାମ କରି ପ୍ରାୟ ୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବକେୟା ଅର୍ଥ ପ୍ରାପ୍ୟ ପାଇ ନ ଥିବାରୁ ସମ୍ପୃକ୍ତ ଠିକାସଂସ୍ଥା ଅର୍ଥ ପାଇଁ କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କୋର୍ଟର ନିର୍ଦ୍ଦେଶ ଅନୁଯାୟୀ ସୋମବାର ଢେଙ୍କାନାଳ ଜିଲା କାମାକ୍ଷାନଗର ରେଙ୍ଗାଳି ବାମ ବନ୍ଧ କେନାଲ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ କୋର୍ଟ ପକ୍ଷରୁ ସିଲ୍ କରାଯାଇଛି। କଟକ କମର୍ସିଆଲ କୋର୍ଟଙ୍କ କଡ଼ା ନିର୍ଦ୍ଦେଶକ୍ରମେ ସ୍ଥାନୀୟ କୋର୍ଟ କର୍ମଚାରୀ ଅଧିକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ସିଲ୍ କରିଛନ୍ତି। ପ୍ରାପ୍ତ ସୂଚନା ଅନୁଯାୟୀ, ଏକ ଠିକାସଂସ୍ଥା କାମାକ୍ଷାନଗର ଅଞ୍ଚଳରେ ୨୦୦୪ରେ ପ୍ରାୟ ୯ କୋଟି ଟଙ୍କାର କେନାଲ କାମ କରିବା ପାଇଁ ଚୁକ୍ତି କରିଥିଲା। କାମ ଚାଲିଥିବା ସମୟରେ ବିଭାଗ ପକ୍ଷରୁ ସମ୍ପୂର୍ଣ୍ଣ ସାଇଟ ଯୋଗାଇ ଦିଆଯାଇ ନ ପାରିବାରୁ ବିଭାଗ ନିଜ ଆଡୁ କାମଟିକୁ ବନ୍ଦ କରିଦେଇଥିଲା। ଏହାସହ ଠିକାଦାରଙ୍କ ପ୍ରାପ୍ୟକୁ ମଧ୍ୟ ଅଟକାଇ ଦିଆଯାଇଥିଲା। ଠିକାଦାର ଜଣକ ନିଜର ହକ ପାଇଁ ଆର୍ବିଟ୍ରେସନର ସହାୟତା ନେଇଥିଲେ। ଦୁଇଟି କାମ ବାବଦକୁ ପ୍ରାୟ ୫୨ ଲକ୍ଷ ଏବଂ ୨୯ ଲକ୍ଷ ଟଙ୍କା ବକେୟା ରହିଥିଲା ଯାହା ବର୍ତ୍ତମାନ ପ୍ରାୟ ସୁଧସହ ୩କୋଟିରୁ ଉର୍ଦ୍ଧ୍ୱ ହେବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ଏହାକୁ ବିରୋଧ କରି ଜଳସେଚନ ବିଭାଗ, ଜିଲା କୋର୍ଟ, ହାଇକୋର୍ଟ ଏବଂ ପରିଶେଷରେ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ ମଧ୍ୟ ସବୁଠି ସେମାନେ ବିଫଳ ହୋଇଥିଲେ। ତେବେ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବିଭାଗ ଟଙ୍କା ପଇଠ ନ କରିବାରୁ ମାମଲାଟି କଟକ କମର୍ସିଆଲ କୋର୍ଟକୁ ଯାଇଥିଲା। ଦୁଇ ବର୍ଷ ଧରି ମାମଲା ଚାଲିବା ପରେ ଆଜି ଅଧିକାରୀଙ୍କ ଉପସ୍ଥିତିରେ ଏହି ଅଫିସଟିକୁ ଆଟାଚମେଣ୍ଟ ବା ସିଲ କରାଯାଇଛି।

## ମସ୍କଟରେ ପାଳିତ ହେଲା ‘ଓଡ଼ିଶା ଦିବସ’



**ପାରାଦ୍ୱୀପ,୨୭।୪(ସଂଚାର ବ୍ୟୁରୋ)ଃ** ଓମାନର ଭାରତୀୟ ସୋସିଆଲ୍ କ୍ଲବ୍‌ର ଓଡ଼ିଆ ୱିଙ୍ଗ୍ ପକ୍ଷରୁ ଗତ ୨୪ରେ ମସ୍କଟରେ ବସବାସ କରୁଥିବା ଓଡ଼ିଆ ପ୍ରବାସୀଙ୍କ ଗହଣରେ ଅତ୍ୟନ୍ତ ଉତ୍ସାହର ସହ ଓଡ଼ିଶା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଓମାନରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତ ଜି.ଭି. ଶ୍ରୀନିବାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଚଳଚ୍ଚିତ୍ର ନିର୍ମାତା ସବ୍ୟସାଚୀ ମହାପାତ୍ର, ଜନପ୍ରିୟ କଣ୍ଠଶିଳ୍ପୀ ଅସିତ ତ୍ରିପାଠୀ, 'ସେରୋ ପ୍ରପର୍ଟିଜ୍'ର ଅଧ୍ୟକ୍ଷ ଅନିଲ୍ ଦାସ ଏବଂ ସିଇଓ ଶୀତଲ ଜୋଶୀ ଯୋଗ ଦେଇଥିଲେ। ସେମାନେ ଭୁବନେଶ୍ୱର ଏବଂ ଦୁବାଇରେ ରିଅଲ୍ ଇଷ୍ଟେଟ୍ ସୁଯୋଗ ବିଷୟରେ ନିଜର ମତ ରଖିଥିଲେ। ଏକ ପ୍ରଶଂସନୀୟ ପଦକ୍ଷେପ ସ୍ୱରୂପ ଓଡ଼ିଆ ୱିଙ୍ଗ୍‌ର ଆବାହକ ସଞ୍ଜୟ ଜତି ଓଡ଼ିଶାର ଚାଲିଥିବା ବିକାଶ ଓ ରୂପାନ୍ତରଣ ପରିପ୍ରେକ୍ଷୀରେ ଉତ୍କଳ ଦିବସର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସମାଜର ଓଡିଆ ଶ୍ରମଜୀବୀ (ବ୍ଲୁ-କଲାର) ସଦସ୍ୟମାନଙ୍କର ସମାରୋହରେ ବିଶେଷ ଅଂଶଗ୍ରହଣକୁ ନିଶ୍ଚିତ କରିଥିଲେ, ଯାହାକୁ ମୁଖ୍ୟ ଅତିଥି ଉଚ୍ଚ ପ୍ରଶଂସା କରିବା ସହ ସାହସ ଓ ତ୍ୟାଗର ପ୍ରତୀକ ଧର୍ମପଦର ପ୍ରେରଣାଦାୟୀ କାହାଣୀ ଉପରେ ନିଜର ବକ୍ତବ୍ୟ ରଖିଥିଲେ। ଆନନ୍ଦ ଶଙ୍କରଙ୍କ ରଚନା ଏବଂ ଶାନ୍ତି ମନ୍ତ୍ର ଉପରେ ଆଧାରିତ ଏକ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ ଏକ ପ୍ରଶାନ୍ତ ବାତାବରଣ ସୃଷ୍ଟି କରିଥିଲା।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଓଡ଼ିଶା ପରି...

ଲୋକମାନେ ସୁରକ୍ଷା, ସୁଯୋଗ ଏବଂ ସଚ୍ଛୋଟ ଶାସନ ଚାହାଁନ୍ତି, ଯାହା ଟିଏମସି ଯୋଗାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ଜମ୍ମୁ ଓ କାଶ୍ମୀରରେ ଧାରା ୩୭୦ରେ ଅଧିକାଂଶ ବ୍ୟବସ୍ଥାକୁ ବାତିଲ କରି, ବିଜେପି ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ଏକ ସଂକଳ୍ପ ପୂରଣ କରିଛି। ବଙ୍ଗଳାର ନୂତନ ବିଜେପି ସରକାର ଶ୍ୟାମା ପ୍ରସାଦ ମୁଖାର୍ଜୀଙ୍କ ସମୃଦ୍ଧି ରାଜ୍ୟର ସ୍ୱପ୍ନ ପୂରଣ କରିବ ଏବଂ ଶରଣାର୍ଥୀ ସମସ୍ୟାର ସମାଧାନ କରିବ। ଆଜି ସନ୍ଧ୍ୟା ୬ଟାରେ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଦ୍ୱିତୀୟ ପର୍ଯ୍ୟାୟ ମତଦାନ ପାଇଁ ପ୍ରଚାର ଆନୁଷ୍ଠାନିକ ଭାବେ ଶେଷ ହୋଇଛି। ଭବାନୀପୁର ଓ ପାଣିହାଟି ସମେତ ଆସନ୍ତା ୨୯ ତାରିଖରେ ୧୪୨ଟି ଆସନରେ ହେବାକୁ ଥିବା ମତଦାନ ଉପରେ ଏବେ ସମସ୍ତଙ୍କର ନଜର କେନ୍ଦ୍ରୀଭୂତ ହୋଇଛି। ସମସ୍ତ ପ୍ରମୁଖ ରାଜନୈତିକ ଦଳର ତାରକା ପ୍ରଚାରକମାନେ ର୍‍ୟାଲି, ସାଧାରଣ ସଭା ଜରିଆରେ ମତଦାନ ପୂର୍ବରୁ ଜନସାଧାରଣଙ୍କୁ ନିଜ ନିଜ ସପକ୍ଷରେ ଭୋଟ୍ ଦେବା ସକାଶେ ସେମାନଙ୍କର ଅନ୍ତିମ ପ୍ରୟାସକୁ ହାତଛଡ଼ା କରିନାହାନ୍ତି। ପ୍ରକାଶଥାଉ କି, ନଦିଆ, ପୂର୍ବ ବର୍ଦ୍ଧମାନ, ହାଓଡ଼ା, ହୁଗୁଳି, ଉତ୍ତର ୨୪ ପ୍ରଗଣା ଏବଂ ଦକ୍ଷିଣ ୨୪ ପ୍ରଗଣା ସମେତ ୬ଟି ଜିଲ୍ଲା ଏବଂ ରାଜଧାନୀ କୋଲକାତାରେ ମୋଟ ୧୪୨ଟି ବିଧାନସଭା ଆସନରେ ଏପ୍ରିଲ ୨୯ ତାରିଖରେ ମତଦାନ ହେବ। ୧୪୨ ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ମୋଟ୍ ୧,୪୪୮ ଜଣ ପ୍ରାର୍ଥୀଙ୍କ ଭାଗ୍ୟ ଏପ୍ରିଲ ୨୯ ତାରିଖରେ ନିର୍ଦ୍ଧାରିତ ହେବ। ଉଭୟ ଶାସକ ତୃଣମୂଳ ଏବଂ ବିଜେପି ବଙ୍ଗ ଦଖଲ ପାଇଁ ଅଭିଯାନକୁ ଜୋରଦାର କରିଥିବା ବେଳେ ୨୯ ତାରିଖ ମତଦାନରେ କୋଲକାତାର ମୁସଲିମ୍ ଭୋଟ୍ ନିର୍ଣ୍ଣାୟକ ହୋଇପାରେ ବୋଲି ଇଣ୍ଡିଆ ଟୁଡେ ପକ୍ଷରୁ କରାଯାଇଥିବା ଏକ ଗ୍ରାଉଣ୍ଡ ଜିରୋ ସର୍ବେକ୍ଷଣ ପରେ ପ୍ରକାଶ କରିଛି। କୋଲକତା ସହରର ଜନସଂଖ୍ୟାର ପ୍ରାୟ କୋଡ଼ିଏ ପ୍ରତିଶତ ମୁସଲିମ୍ ହୋଇଥିବା ବେଳେ ତୃଣମୂଳ କଂଗ୍ରେସ ୪୬ ଜଣ ମୁସଲିମ ନେତାଙ୍କୁ ପ୍ରାର୍ଥୀ କରିଛି। ମମତାଙ୍କ ‘ଲକ୍ଷ୍ମୀ ଭଣ୍ଡାର’ ଏବଂ ‘ରୂପଶ୍ରୀ’ ଭଳି କଲ୍ୟାଣକାରୀ ଯୋଜନା ମୁସଲିମ ମହିଳାଙ୍କୁ ତୃଣମୂଳ ଆଡ଼କୁ ଆକର୍ଷିତ କରିବାର ସମ୍ଭାବନା ରହିଛି। ସେହିଦୃଷ୍ଟିରୁ ବିଜେପି କୌଣସି ମୁସଲିମଙ୍କୁ ପ୍ରାର୍ଥୀ କରିନାହିଁ। ତେଣୁ ଦ୍ୱିତୀୟ ପର୍ଯ୍ୟାୟ ମତଦାନ ତୃଣମୂଳ ସପକ୍ଷରେ ଯାଇପାରେ ବୋଲି ଇଣ୍ଡିଆ ଟୁଡେ ଦର୍ଶାଇଛି। ୧୪୨ଟି ବିଧାନ ସଭା ନିର୍ବାଚନ ମଣ୍ଡଳୀରେ ତୃଣମୂଳ କଂଗ୍ରେସ, ଭାରତୀୟ ଜନତା ପାର୍ଟି, ସିପିଆଇ (ଏମ) ନେତୃତ୍ୱାଧୀନ ବାମ ସାମ୍ମୁଖ୍ୟ ଏବଂ କଂଗ୍ରେସ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ତୀବ୍ର ହେବାକୁ ଥିବା ବେଳେ ଭୋଟରମାନଙ୍କ ସୁବିଧା ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ ଏବଂ ବାଲଟ୍ ପେପରଗୁଡ଼ିକରେ ପ୍ରାର୍ଥୀଙ୍କ ରଙ୍ଗୀନ ଫଟୋଗ୍ରାଫ୍ ଏବଂ ସେମାନଙ୍କର ବିବରଣୀ, କ୍ରମିକ ସଂଖ୍ୟା, ପ୍ରତୀକ, ନାମକୁ ବଡ଼ ଅକ୍ଷରରେ ଲେଖାଯିବ ବୋଲି ଭାରତୀୟ ନିର୍ବାଚନ କମିଶନ ସୂଚନା ଦେଇଛନ୍ତି।

### ଶିଳ୍ପୀ ଓ ବୁଣାକାର...

କ୍ରାଫ୍ଟସ ମ୍ୟୁଜିୟମରେ ଆୟୋଜିତ ଏହି ସ୍ୱତନ୍ତ୍ର ପ୍ରଦର୍ଶନୀ ଆମ ବୁଣାକାର ଓ ଶିଳ୍ପୀମାନଙ୍କର ସେହି ଅସାଧାରଣ କଳାକୃତିକୁ ସମ୍ମାନ ଜଣାଇବା ସହ ସେମାନଙ୍କୁ ବିଶ୍ୱ ବଜାରରେ ଏକ ନୂତନ ପରିଚୟ ଦେବାର ଏକ ସଶକ୍ତ ମାଧ୍ୟମ। ଏହି ଅବସରରେ ଓଡ଼ିଶାର ସମ୍ବଲପୁରୀ ଓ ଇକତ ବୁଣାକାରଙ୍କ ଧୈର୍ଯ୍ୟ ଓ କଳାକୁ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ବ ଭାରତର ବିକାଶ ପାଇଁ ପୂର୍ବୋଦୟ ମିଶନର କଳ୍ପନା କରିଛନ୍ତି, ଯାହା ଏକ ଯୁଗାନ୍ତକାରୀ ପଦକ୍ଷେପ। ପୂର୍ବ ଭାରତର ବିକାଶ ହେଲେ ହିଁ ସମଗ୍ର ଭାରତର ବିକାଶ ହେବ। ସେହିପରି ବର୍ତ୍ତମାନ ସମୟରେ ଏହି କାରିଗରୀକୁ ଇ-କମର୍ସ ପ୍ଲାଟ୍‌ଫର୍ମରେ ଅଧିକ ଯୋଡ଼ିବା ଦିଗରେ ଗୁରୁତ୍ୱାରୋପ କରିଥିଲେ। ସେ କହିଥିଲେ ଯେ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତ ଗଠନ ହେବ ଯେଉଁଠାରେ ଆମର ବୁଣାକାରମାନେ ଇ-କମର୍ସ ଏବଂ ଓଏନଡିସି ପ୍ଲାଟଫର୍ମ ମାଧ୍ୟମରେ ବିଶ୍ୱ ବଜାର ସହ ସିଧାସଳଖ ଯୋଡ଼ି ହୋଇପାରିବେ ବୋଲି ଶ୍ରୀ ପ୍ରଧାନ କହିବା ସହ ଜନସାଧାରଣଙ୍କୁ ସ୍ୱଦେଶୀ ସାମଗ୍ରୀ ବ୍ୟବହାର କରିବାକୁ ଅପିଲ କରିଛନ୍ତି।

### ଭକ୍ତଙ୍କ ଯୋଗୁଁ...

କୌଣସି ଦଳୀୟ ନେତା ନୂଆପଡ଼ା ଯାଇପାରିବେ ନାହିଁ ବୋଲି ଫତୁଆ ଜାରି କରିଥିଲେ ଭକ୍ତ। ଏଥିରେ ଅସନ୍ତୁଷ୍ଟ ହୋଇ ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନାଙ୍କ ଭଳି ବରିଷ୍ଠ ନେତାମାନେ ସେଠାକୁ ଯିବାକୁ ଉଚିତ୍ ମଣି ନ ଥିଲେ। ହେଲେ ଶେଷ ମୁହୂର୍ତ୍ତରେ ନିଜ ଉପରୁ ଦୋଷ ଛଡ଼ାଇବାକୁ ଭକ୍ତ ସେମାନଙ୍କୁ ନୂଆପଡ଼ା ଯିବା ପାଇଁ ଅନୁରୋଧ କରିଥିଲେ। ଏବେ ରାଜ୍ୟ କଂଗ୍ରେସର ବିଜେଡିକରଣକୁ ନେଇ ଦଳ ଭିତରେ ଘମାଘୋଟ ଲଢ଼େଇ ଚାଲିଛି। ଭକ୍ତ ଇତିମଧ୍ୟରେ ନିଲମ୍ବିତ ବିଧାୟିକା ସୋଫିଆ ଫିରଦୋସ୍‌ଙ୍କ ବିଧାନସଭା ସଭ୍ୟପଦ ରଦ୍ଦ ପାଇଁ ଲାଗି ପଡ଼ିଛନ୍ତି। ମୋଟାମୋଟି ଭାବେ ପ୍ରଦେଶ କଂଗ୍ରେସରେ ଭକ୍ତ ଯେଉଁଭଳି ପରିବେଶ ସୃଷ୍ଟି କରୁଛନ୍ତି, ତାହା କଂଗ୍ରେସକୁ ଆଗକୁ ବଢ଼ିବା ବଦଳରେ ପଛକୁ ପଛକୁ ନେବାରେ ଲାଗିଛି। ଏଭଳି ସ୍ଥିତିରେ କଂଗ୍ରେସର କେନ୍ଦ୍ରୀୟ କର୍ତ୍ତୃପକ୍ଷ ହସ୍ତକ୍ଷେପ ନ କଲେ ରାଜ୍ୟ କଂଗ୍ରେସର କ୍ଷମତା ଦଖଲ ସ୍ୱପ୍ନ ଧୂଳିସାତ ହେବା ନିଶ୍ଚିତ ବୋଲି ଖୋଦ୍ କଂଗ୍ରେସ କର୍ମୀମାନେ କହୁଛନ୍ତି।

### ସଞ୍ଜିବ ମିଶ୍ରଙ୍କୁ...

ବ୍ୟାଚ୍ ଆଇଏଏସ ରଞ୍ଜନା ଚୋପ୍ରାଙ୍କୁ କେନ୍ଦ୍ର ଆଦିବାସୀ ମନ୍ତ୍ରଣାଳୟର ସଚିବ ଭାବେ ଆଜି ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ଶ୍ରୀମତୀ ଚୋପ୍ରା ଏବେ କେନ୍ଦ୍ରୀୟ ଡେପୁଟେସନରେ ଅଛନ୍ତି ତଥା କେନ୍ଦ୍ର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ଆଦିବାସୀ ମନ୍ତ୍ରଣାଳୟର ସଚିବ ଅନୀଲ ମଲ୍ଲିକ ଛୁଟିରେ ଯାଇଥିବାରୁ ତାଙ୍କ ସ୍ଥାନରେ ଶ୍ରୀମତୀ ଚୋପ୍ରା ଆଦିବାସୀ ମନ୍ତ୍ରଣାଳୟର ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ବୋଲି ଜଣାପଡ଼ିଛି।

### ଜିଲ୍ଲା ପ୍ରଶାସନକୁ...

ସ୍ଥାପିତ ହେବା କିଭଳି ବେଆଇନ ହେଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଏଥିସହ ପ୍ରଶାସନ ଚାହିଁଥିଲେ ଶିଆଳି ବାଲିଯାତ୍ରା କମିଟି ସହ ଆଲୋଚନା କରି ପ୍ରତିମୂର୍ତ୍ତିକୁ ସ୍ଥାନାନ୍ତର କରିପାରିଥାନ୍ତା। କିନ୍ତୁ ଉଦ୍‌ଘାଟନର ଦୁଇ ଦିନ ପୂର୍ବରୁ ପ୍ରଶାସନ ଏହାକୁ ଭାଙ୍ଗିବାର ଉଦ୍ଦେଶ୍ୟ ଆଦୌ ମହତ୍ ନୁହେଁ। କାହା ବଳରେ ବଳୀୟାନ ହୋଇଛି ଜିଲ୍ଲା ପ୍ରଶାସନ ବୋଲି ସେ ପ୍ରଶ୍ନ କରିଛନ୍ତି। ଏନେଇ ସେ ଆଜି ଜିଲ୍ଲାପାଳଙ୍କ ସହ ମଧ୍ୟ ଆଲୋଚନା କରିଛନ୍ତି। ଜିଲ୍ଲାପାଳ ତାଙ୍କୁ ୭ ଦିନର ସମୟ ମାଗିଛନ୍ତି। ୭ ଦିନ ମଧ୍ୟରେ ଦାମ ରାଉତଙ୍କ ପ୍ରତିମୂର୍ତ୍ତି ପୁନଃସ୍ଥାପିତ ହେବ। ସେପଟେ ରାଜନଗର ଡିଏଫଓ ତିନି ଦିନ ପରେ ମୁହଁ ଖୋଲିଛନ୍ତି। ସେ କହିଛନ୍ତି ଯେ ଏହି ପ୍ରତିମୂର୍ତ୍ତି ଜଙ୍ଗଲ ଜମିରେ ହୋଇଥିଲା ଓ ଏଥିପାଇଁ ଅନୁମତି ନିଆଯାଇ ନ ଥିଲା। ପୂର୍ବରୁ ରହିଥିବା ପ୍ରତିମୂର୍ତ୍ତି ଓ ମାର୍କେଟ କମ୍ପ୍ଲେକ୍ସ ସମ୍ପର୍କରେ ସେ କହିଛନ୍ତି ଯେ ପୂର୍ବରୁ ଯଦି ବେଆଇନ କାମ ହୋଇଛି, ତା’ର ଅର୍ଥ ନୁହେଁ ଏବେ ବି ଆମେ ସେହିଭଳି ବେଆଇନ କାମ କରିବା। ଯାହା ବି ବେଆଇନ କାମ ହୋଇଛି, ତା’ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏଥିସହ ଶିଆଳି ବାଲିଯାତ୍ରା କମିଟି ସହ ଆଲୋଚନା କରାଯାଇଛି। ସେମାନେ ପ୍ରଶାସନଠାରୁ ଅନୁମତି ନେଇ ଅଣଜଙ୍ଗଲ ଜମିରେ ପ୍ରତିମୂର୍ତ୍ତି ସ୍ଥାପନ କରିପାରିବେ ବୋଲି ଡିଏଫଓ ସଫେଇ ଦେଇଛନ୍ତି।

### ପୃଥକ ଦୁର୍ଘଟଣାରେ...

ଓଆର୍‌୦୯ଜେ ୨୭୯୮)କୁ ଧକ୍କା ଦେଇଥିଲା। ଫଳରେ ମୋଟର ସାଇକେଲଟି ରାସ୍ତାରୁ ଦୂରକୁ ଛିଟିକି ପଡ଼ିଥିଲା ଓ ସ୍କର୍ପିଓର ସମ୍ମୁଖ ପଟ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିଲା। ମୋଟର ସାଇକେଲ ଯୋଗେ କରଞ୍ଜିଆ ପଟରୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସିତ ହେବା ପରେ ନିଜ ଘର ଯଶିପୁର ବ୍ଲକ ପାଣ୍ଡକୁ ଯାଉଥିବା ଶଙ୍କର ନାଏକ ଓ ତାଙ୍କ ପତ୍ନୀ କବିତା ଗୁରୁତର ଭାବେ ଆହତ ହୋଇଥିଲେ। ଖବର ପାଇ କରଞ୍ଜିଆ ଭାରପ୍ରାପ୍ତ ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନଙ୍କ ନିର୍ଦ୍ଦେଶ ମତେ ସବ୍‌ଇନ୍ସପେକ୍ଟର ଭାରତୀ ନାଏକ ଘଟଣାସ୍ଥଳରେ ପହଞ୍ଚି ଉଭୟ ଶଙ୍କର ଓ କବିତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ଚିକିତ୍ସା ପାଇଁ ଆଣିଥିଲେ। କିନ୍ତୁ ସେଠାରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଏଥିସହ ସ୍କର୍ପିଓରେ ବସିଥିବା ଯାତ୍ରୀଙ୍କ ମଧ୍ୟରୁ ୨ ଜଣ ମହିଳା ମଧ୍ୟ ଆହତ ହୋଇଛନ୍ତି। ସେହିପରି କରଞ୍ଜିଆ ବ୍ଲକ ଠାକୁରମୁଣ୍ଡା- କରଞ୍ଜିଆ ରାଜ୍ୟ ରାଜପଥ ନମ୍ବର ୫୩ କାଦଡିହା ଭାଟିସାହି ଛକସ୍ଥିତ ଏକ ହୁଡ଼ି ନିକଟରେ ଆଜି ପୂର୍ବାହ୍ନ ପ୍ରାୟ ସାଢ଼େ ୧୧ ସମୟରେ କରଞ୍ଜିଆ ପଟରୁ ଉଦଳା ଯାଉଥିବା ପ୍ରଶାନ୍ତି ବସ୍ ସହ ଅପର ପଟରୁ ଆସୁଥିବା ଏକ କାର (ନଂ.ଓଡି୦୪ଜେ ୦୦୨୨)କୁ ଧକ୍କା ଦେଇଥିଲା। ଏଥିରେ କାର୍‌ରେ ଥିବା ଯାତ୍ରୀଙ୍କ ମଧ୍ୟରୁ ଅନ୍ୟୂନ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଖବର ପାଇ କରଞ୍ଜିଆ ଥାନା ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ମୃତାହତମାନଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲା। ମୃତକଦ୍ୱୟ ହେଲେ ଯାଜପୁରର ନୀଳମଣି ସାହୁ ଓ ଧର୍ମଶାଳାର ମବୁ ବଳ। ଏହାଛଡ଼ା ଆହତ ହୋଇଥିବା ଦୁଇ ବ୍ୟକ୍ତି ହେଲେ ଧର୍ମଶାଳାର ପ୍ରଦୀପ କୁମାର ବଳ ସାମନ୍ତ ଓ ପାଲୁ ବଳ। ତେବେ ଉଭୟ ଗୁରୁତରଙ୍କୁ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡ଼ିଛି। କାରଟି ରାଇରଙ୍ଗପୁର ଅଭିମୁଖେ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲା। ଏହାଛଡ଼ା କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ବୁଡିପଦର ଛକରେ ଏକ ଅଜଣା ପିକଅପ ଧକ୍କାରେ ଜୁନାଗଡ଼ ବ୍ଲକ ଚିକିଲି ଗାଁର ମୁକେଶ ନାଗ (୧୮) ଓ ମାଟିଗାଁର ମହେନ୍ଦ୍ର ନାଏକ (୧୩) ମୃତ୍ୟୁବରଣ କରିଛନ୍ତି। ମୁକେଶ ଓ ମହେନ୍ଦ୍ର ଓଡ଼ି୦୮ଭି ୭୧୧୨ ନମ୍ବରବିଶିଷ୍ଟ ବାଇକରେ ଜୁନାଗଡ଼କୁ ଯାଉଥିବା ସମୟରେ ଦୁର୍ଘଟଣାର ଶିକାର ହୋଇଥିଲେ। ଖବର ପାଇ ଜୁନାଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

### ନବୀନଙ୍କ ପାଇଁ...

ତେବେ ବିଜେଡି ସେମାନଙ୍କୁ ପ୍ରତ୍ୟକ୍ଷ ନିର୍ବାଚନକୁ କାହିଁକି ଓହ୍ଲାଇଲାନି ବୋଲି ପ୍ରଶ୍ନ ଉଠୁଛି। କଥା ହେଉଛି, ପ୍ରଣବ ପ୍ରକାଶ ଦାସ ଓ ଭିକେ ପାଣ୍ଡିଆନଙ୍କ ଭଳି ନେତା, ଯେଉଁମାନେ ସେ ସମୟରେ ବିଜେଡିର କାର୍ପେଟଦାର ସାଜିଥିଲେ, ସେମାନଙ୍କୁ ଯିଏ ଭଲ ଲାଗିଲା ତା’ ମୁଣ୍ଡରେ ନବୀନ ସୁନା କଳସ ଢାଳିଲେ। ପ୍ରଭାତ ବିଶ୍ୱାଳ, ଅନୁଭବ ମହାନ୍ତି, ଅରିନ୍ଦମ ରାୟ, ଆକାଶ ଦାସ ନାୟକ, ସିଦ୍ଧାନ୍ତ ମହାପାତ୍ର, ପ୍ରଦୀପ ପାଣିଗ୍ରାହୀଙ୍କ ପରି ଯେଉଁମାନେ ଟିକେ ପ୍ରଶ୍ନ କଲେ ସେମାନଙ୍କୁ ଫୋପାଡ଼ି ଦିଆଗଲା। କାର୍ପେଟଦାରଙ୍କ ସେଇ ଅହଙ୍କାରର ପରିଣାମ ଆଜି ବିଜେଡି ଓ ନବୀନ ପଟ୍ଟନାୟକ ଭୋଗୁଛନ୍ତି। ଯେଉଁ ବିଜୁବାବୁଙ୍କ ନାଁରେ ଦଳ ଗଠନ ହୋଇଥିଲା, ବର୍ତ୍ତମାନ ଦେଖିବାକୁ ଗଲେ କାଁଭାଁ ଦୁଇ ଚାରି ଜଣଙ୍କୁ ଛାଡ଼ିଦେଲେ ଆଉ ପ୍ରକୃତ ବିଜୁ ଅନୁଗତ ବା ବିଜୁ ଲିଗାସୀ ବିଜେଡିରେ ନାହାଁନ୍ତି। ଏବେ କାର୍ପେଟଦାର ପଟ୍ଟେଇ ହେଉଛନ୍ତି, ହେଲେ ନେଡ଼ିଗୁଡ଼ କହୁଣି ଦେଇ ମାଟିରେ ପଡ଼ିସାରିଲାଣି। ଆଉ ସମୟଚକ୍ର ବଦଳିବନି। ନିଜ ଆସନ ସୁରକ୍ଷିତ ରଖିବାକୁ ଲିଗାସୀଙ୍କୁ ହଟେଇଦେଲେ। ଏବେ ସେଇ ଲିଗାସୀ ବିଜେଡି ଉପରେ ଭାରୀ ପଡୁଛି।

## ଉଚ୍ଛେଦ ନୋଟିସକୁ ବିରୋଧ କରି ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଘେରିଲେ ବ୍ୟବସାୟୀ ସଂଘ

ନବରଙ୍ଗପୁର, ୨୭।୪ (ସଂଚାର ବ୍ୟୁରୋ): ନବରଙ୍ଗପୁର ସହର ମଧ୍ୟରେ ଥିବା ଉଠା ଦୋକାନୀଙ୍କୁ ଉଛେଦ ପାଇଁ ମ୍ୟୁନିସିପାଲିଟିର ନୋଟିସକୁ ବିରୋଧ ଓ ପ୍ରତିବାଦ ସ୍ୱରୂପ ମ୍ୟୁନିସିପାଲିଟି କାର୍ଯ୍ୟାଳୟ ଘେରିଲେ ଉଠାଦୋକାନୀ ସଂଘ ଓ ବ୍ୟବସାୟୀ ସଂଘ। ନବରଙ୍ଗପୁର ସହର ମୁଖ୍ୟ ରାସ୍ତା ପାର୍ଶ୍ୱ ରେ ଥିବା ଉଠାଦୋକାନି ବ୍ୟବସାୟୀ ମାନଙ୍କୁ ପୌର ସଂସ୍ଥା ତରଫରୁ ଉଚ୍ଛେଦ ପାଇଁ ନୋଟିସ ଜାରି କରାଯାଇଛି । ଯାହାର ପ୍ରତିବାଦରେ ସଙ୍ଘର ସମସ୍ତ କାର୍ଯ୍ୟକର୍ତ୍ତା ଓ ଚାମ୍ବର ଅଫ କମର୍ସ ତରଫରୁ ପ୍ରତିବାଦ ପୌରସଂସ୍ଥା କାର୍ଯ୍ୟନିର୍ବାହୀଙ୍କ ନିକଟରେ ଫେରାଦ ହୋଇ ନୋଟିସକୁ ବିରୋଧ କରାଯାଇଛି। ଉଚ୍ଛେଦ ପୂର୍ବରୁ ଭେଣ୍ଡିଙ୍ଗଜୋନ କରି ଥଇଥାନ କରିବା ପାଇଁ ଦାବି କରାଯାଇଛି । କୌଣସି ଉଠାଦୋକାନି ରାସ୍ତାକୁ କବଜା କରି ନ ଥିବା କୁହାଯିବା ସହିତ ବର୍ଷା ଖରା ଦାଉରୁ ରକ୍ଷା ପାଇବା ପାଇଁ କେବଳ ଅଳ୍ପ ଟିଣ ବାହାରକୁ ଆସିଥିବା କୁହାଯାଇଛି । ଏବଂ ସନ୍ଧ୍ୟା ସମୟରେ କେବଳ ଫାଷ୍ଟ ଫୁଡ଼ ଦୋକନି ରାସ୍ତା କଡ଼ରେ ବେପାର କରି ପୁଣି ନିଜ ସାମାନକୁ ଅନ୍ୟତ୍ର ରଖି ଦିଅନ୍ତି ବୋଲି କୁହାଯାଇଛି। ତେଣୁ ଗରିବ ଶ୍ରେଣୀର ଏହି ଉଠାଦୋକାନୀଙ୍କୁ ଉପଯୁକ୍ତ ସ୍ଥାନରେ ଥଇଥାନ କରିବା ପାଇଁ ଦାବି କରିଛନ୍ତି ନଚେତ ଆଗାମୀ ଦିନରେ ପ୍ରତିବାଦ ସ୍ୱରକୁ ତୀବ୍ର କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ବସୁଧା ଜଳ ପ୍ରକଳ୍ପ ଅଚଳ

# ପାଣି ପାଇଁ ସମସ୍ୟା ଭୋଗୁଛନ୍ତି ଲୋକେ

ଫୁଲବାଣୀ, ୨୭।୪ (ସଂଚାର ବ୍ୟୁରୋ): କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଡ଼ିମିରି ଗୁଡା ପଞ୍ଚାୟତ କରେକାମ୍ବା, ଶ୍ରାଡିପଙ୍ଗା ଦୁଇଟି ୱାର୍ଡରେ ଜଳ ସଙ୍କଟ ଦେଖାଦେଇଛି । ଦୀର୍ଘ ୪ ବର୍ଷରୁ ଊର୍ଦ୍ଧ୍ୱ ହେବ ବସୁଧା ଜଳ ପ୍ରକଳ୍ପ ନିର୍ମାଣର ମାତ୍ର ଗୋଟିଏ ବର୍ଷ ପରେ ଅଚଳ ହେବାରୁ ଏହି ପ୍ରକଳ୍ପଟି କୌଣସି କାମରେ ଲାଗିପାରୁନାହିଁ ।

୩ ନମ୍ବର ୱାର୍ଡ କରେକାମ୍ବା ଏବଂ ୨ ନମ୍ବର ୱାର୍ଡ ଶ୍ରାଡି ପଙ୍ଗାରେ ସର୍ବମୋଟ ସତୁରି ଘର ରହିଥିବା ବେଳେ ଚାରି ସହରୁ ଊର୍ଦ୍ଧ୍ୱ ଜନସଂଖ୍ୟା ମଧ୍ୟ ରହିଛି । ପ୍ରଶାସନ ତରଫରୁ ତିନୋଟି ନଳ କୂପ କରାଯାଇଛି କିନ୍ତୁ ଯେଉଁ ପାଣି ଅଳ୍ପ କିଛି ବାହାରୁଚି ତାହା ବ୍ୟବହାର ଉପଯୋଗୀ ହେଉନାହିଁ ଓ କିଛି ନଳକୂପରୁ ପାଣି ବାହାରୁ ନାହିଁ । ଦୁଇଟି ସୋଲାର ପ୍ରକଳ୍ପ ଅଛି କିନ୍ତୁ ଗୋଟିଏ ଚାଲୁଥିବା ବେଳେ ଅନ୍ୟଟି ଖରାପ ଅବସ୍ଥାରେ ପଡ଼ି ରହିଥିବା ଗ୍ରାମବାସୀ କହିଛନ୍ତି ଯାହାକୁ ନେଇ ପାଣି ପାଇଁ ଅସୁବିଧା ଭୋଗୁଥିବା ବେଳେ ଅଞ୍ଚଳରେ ପାଣି ଟୋପାଏ ପାଇଁ ଅସନ୍ତୋଷ ପ୍ରକାଶ ପାଇଛି ।

ବାରମ୍ବାର ପାଣି ପାଇଁ ଅଭିଯୋଗ ପରେ ଅଞ୍ଚଳବାସୀଙ୍କ ସୁବିଧା ପାଇଁ ବସୁଧା ଜଳ ପ୍ରକଳ୍ପ ଲକ୍ଷାଧିକ ଟଙ୍କାରେ ନିର୍ମାଣ କରାଯାଇଥିବା ବେଳେ ପ୍ରଶାସନର ଅବହେଳା ଯୋଗୁଁ ତାହା ଅଚଳ ହୋଇ ପଡ଼ିରହିବା ସହ ପ୍ରାୟତଃ ବିଭିନ୍ନ ଜିନିଷ ନଷ୍ଟ ହେବାକୁ ବସିଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ପ୍ରାପ୍ତ ସୂଚନା ଅନୁସାରେ କୁଆଡେ ଏହି ପ୍ରକଳ୍ପର ବିଦ୍ୟୁତ ବିଲ ପଚାଶ ହଜାରରୁ ଊର୍ଦ୍ଧ୍ୱ ଥିବାରୁ ବିଦ୍ୟୁତ ବିଭାଗ ବିଦ୍ୟୁତ ସଂଯୋଗ କାଟି ଦେବାରୁ ଏଭଳି ଅସୁବିଧା ହୋଇଥିବା ସୂଚନା ମିଳିଛି ।

ତେବେ ବର୍ତ୍ତମାନ ଖରା ପ୍ରବଳ ବଢ଼ିବା ସାଙ୍ଗକୁ ପାଣି ଟୋପାଏ ପାଇଁ ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ପ୍ରଶାସନର ଅବହେଳାକୁ ଦାୟୀ କରିବା ସହ ତୁରନ୍ତ ଏହି ବସୁଧା ପ୍ରକଳ୍ପର ସ୍ଥାୟୀ ସମାଧାନ କରିବାକୁ ସୀତାରାମ ଅଞ୍ଚଳବାସି ଦାବୀ କରିଛନ୍ତି। ଏହାର ତୁରନ୍ତ ସମାଧାନ ନ ହେଲେ ଜିଲ୍ଲାପାଳଙ୍କ ଦ୍ୱାରସ୍ତ ହେବୁ ବୋଲି ଚେତାବନୀ ମଧ୍ୟ ଦେଇଛନ୍ତି।



## ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ପୂର୍ବରୁ ଜାତୀୟ ରାଜପଥରେ ଯୁଦ୍ଧକାଳୀନ ମରାମତି



ଯୋଡ଼ା, ୨୭।୪ (ସଂଚାର ବ୍ୟୁରୋ): ଯୋଡ଼ା କଳାପାହାଡ଼ ଠାରୁ କେନ୍ଦୁଝର ପଳାସପଙ୍ଗା ପର୍ଯ୍ୟନ୍ତ ସଂଯୋଗ ସୃଷ୍ଟି କରୁଥିବା ଜାତୀୟ ରାଜପଥ- ୨୧୫ ଦୀର୍ଘଦିନ ଧରି ମାରଣାତ୍ମକ ଅବସ୍ଥାରେ ରହିଥିବାରୁ ସାଧାରଣ ଲୋକ, ଯାତ୍ରୀ ଓ ଚାଳକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗଡ଼, ପିଚୁ ଓ ଅସମତଳ ଅଞ୍ଚଳ ଯୋଗୁଁ ଯାତାୟାତ ବହୁତ କଷ୍ଟସାଧ୍ୟ ହୋଇପଡ଼ିଥିଲା। ବିଶେଷକରି ଖଣି ଅଞ୍ଚଳ ହେତୁ ଏହି ରାସ୍ତାରେ ଭାରୀ ଯାନବାହନର ଚଳାଚଳ ଅଧିକ ଥିବାରୁ ପଥର ଅବସ୍ଥା ଦିନକୁ ଦିନ ଅଧିକ ଖରାପ ହୋଇଯାଇଥିଲା। ଦୀର୍ଘଦିନ ଧରି ସ୍ଥାନୀୟ ଲୋକମାନେ ଏହି ରାସ୍ତାର ସ୍ଥାୟୀ ମରାମତି ପାଇଁ ଦାବି କରୁଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସ୍ଥାୟୀ ପଦକ୍ଷେପ ନିଆଯାଇନଥିବା ଅଭିଯୋଗ ହୋଇଆସୁଥିଲା। ବର୍ଷା ଦିନରେ ଗଡ଼ଢାରେ ପାଣି ଭରିଯାଉଥିବାରୁ ଦୁର୍ଘଟଣାର ଆଶଙ୍କା ବଢ଼ିଯାଉଥିଲା। ଆମ୍ବୁଲାନ୍ସ, ସ୍କୁଲ୍ ବସ୍ ସହିତ ଛୋଟ ଓ ବଡ଼ ସମସ୍ତ ଯାନ ଚଳାଚଳରେ ବାଧା ସୃଷ୍ଟି ହେଉଥିଲା। ତେବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଗସ୍ତକୁ ନେଇ ପ୍ରଶାସନ ସଚେତନ ହୋଇଥିବା ଦେଖାଯାଇଛି। ରାଜପଥର ବିଭିନ୍ନ ସ୍ଥାନରେ ହଠାତ୍ ମରାମତି କାମ ଆରମ୍ଭ ହୋଇଛି। ଗାତ ପୂରଣ, ପିଚୁ ମରାମତି ଓ ରାସ୍ତା ସଫାସୁଫା କାମ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଥିବା ଦେଖିବାକୁ ମିଳୁଛି। ଦିନ ଓ ରାତିରେ କାମ ଚାଲିଥିବାରୁ ସ୍ଥାନୀୟ ଅଞ୍ଚଳରେ ଏହା ଚର୍ଚ୍ଚାର ବିଷୟ ହୋଇଯାଇଛି।

## ସରେଇଁରୁ ହାତିଶୀଳା ରାସ୍ତା କାର୍ଯ୍ୟ ନିମ୍ନମାନର ଅଭିଯୋଗ

**ମେଟାଲ୍ କମ୍ ଡଷ୍ଟ ଅଧିକ ପକାଇ ଚାଲିଛି ନିର୍ମାଣ**

**ତଦନ୍ତ ଦାବି କଲେ ଅଞ୍ଚଳବାସୀ**



ଆନନ୍ଦପୁର, ୨୭।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଘଷିପୁରା ବ୍ଲକ୍ ଅନ୍ତର୍ଗତ ସରେଇଁ ଠାରୁ ହାତିଶୀଳା ପର୍ଯ୍ୟନ୍ତ ଚାଲୁଥିବା ରାସ୍ତା ନିର୍ମାଣ କାମକୁ ନେଇ ବର୍ତ୍ତମାନ ଉଠିଛି ଗୁରୁତର ପ୍ରଶ୍ନଚିହ୍ନ। ସରକାରଙ୍କ ପକ୍ଷରୁ ଗ୍ରାମୀଣ ଅଞ୍ଚଳର ଯାତାୟାତ ସୁବିଧା ବଢ଼ାଇବା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ ଏହି ରାସ୍ତା କାମ ଆରମ୍ଭ ହୋଇଥିବା ସତ୍ତ୍ୱେ, କାମର ଗୁଣମାନ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦେଖାଦେଇଛି ଅସନ୍ତୋଷ।

ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ଏହି ରାସ୍ତା ନିର୍ମାଣ କାମରେ ବଡ଼ ଠିକାଦାର ନିୟୋଜିତ ହୋଇଥିଲେ ମଧ୍ୟ କାମ ହେଉଛି ସମ୍ପୂର୍ଣ୍ଣ ମନମୁଖୀ ଭାବରେ। ନିର୍ମାଣରେ ଆବଶ୍ୟକ ମାନଙ୍କୁ ଅନୁସରଣ କରାଯାଉନଥିବାରୁ ରାସ୍ତାର ଦୀର୍ଘସ୍ଥାୟୀତ୍ୱ ଉପରେ ଗଭୀର ସନ୍ଦେହ ଜନ୍ମ ନେଇଛି। ମୁଖ୍ୟତଃ ରାସ୍ତା ନିର୍ମାଣ ସମୟରେ ଯେଉଁଠାରେ ପ୍ରୟୋଜନୀୟ ମେଟାଲ୍ ପକାଯିବା ଦରକାର, ସେଠାରେ ମେଟାଲ୍ କମ୍ ଓ ଡଷ୍ଟ ଅଧିକ ପରିମାଣରେ ପକାଯାଉଥିବା ଦେଖିବାକୁ ମିଳୁଛି। ଏହା ଫଳରେ ଅଳ୍ପ ସମୟରେ ରାସ୍ତା ଖରାପ ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ସେହିପରି ରାସ୍ତାର ଉଭୟ ପାର୍ଶ୍ୱରେ ମାଟି ପକାଯାଉନଥିବାରୁ ରାସ୍ତାର ଭିତ୍ତି ଦୁର୍ବଳ ହେଉଛି ବୋଲି ଲୋକେ କହୁଛନ୍ତି। ଆଉ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କାର୍ଯ୍ୟସ୍ଥଳରେ କୌଣସି ଦାୟିତ୍ୱଶୀଳ ଅଧିକାରୀ ନିୟମିତ ଭାବେ ନଜର ରଖୁନଥିବା ଅଭିଯୋଗ ମଧ୍ୟ ଆସୁଛି। ଏଥିପାଇଁ ଠିକାଦାର ମନଇଚ୍ଛା କାମ କରୁଥିବା ଓ ନିୟମକାନୁନକୁ ଅବହେଳା କରାଯାଉଥିବା କୁହାଯାଉଛି।

ଏହି ସବୁ ଅନିୟମିତତାକୁ ନେଇ ଅଞ୍ଚଳବାସୀ ମଧ୍ୟରେ ଦେଖାଦେଇଛି ତୀବ୍ର ଅସନ୍ତୋଷ। ସେମାନେ ଏହାର ଉଚ୍ଚ ସ୍ତରୀୟ ତଦନ୍ତ କରାଯିବା ସହିତ ଦୋଷୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏହି ପରିପ୍ରେକ୍ଷିତରେ ପ୍ରଶାସନ କେବେ ସଚେତନ ହେବ ଓ କେବେ ଏହି ନିମ୍ନମାନର କାମ ଉପରେ ରୋକ ଲାଗିବ, ତାହା ଦେଖିବାକୁ ବାକି ରହିଲା।

## ଭାରତୀୟ ଖାଦ୍ୟ ସୁରକ୍ଷାର ଜାଗ୍ରତ ପ୍ରହରୀ ହେଉଛନ୍ତି ପ୍ରାଣୀ ଚିକିତ୍ସକ



ଭୁବନେଶ୍ୱର, ୨୭।୪ (ସଂଚାର ବ୍ୟୁରୋ): ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ଭଳି ସମସ୍ୟା ତୀବ୍ର ରୂପ ଧାରଣ କରିଥିବା ବେଳେ ଦେଶର ଖାଦ୍ୟ ସୁରକ୍ଷାର ଦାୟିତ୍ୱ ପ୍ରାଣୀ ଚିକିତ୍ସକଙ୍କ ହାତରେ ରହିଛି ବୋଲି ଜଣେ ବିଶିଷ୍ଟ ବୈଜ୍ଞାନିକ ମତ ରଖିଛନ୍ତି। ପ୍ରାଣୀ ଚିକିତ୍ସକମାନେ ଜାତୀୟ ଖାଦ୍ୟ ସୁରକ୍ଷାର ଅଦୃଶ୍ୟ ରକ୍ଷକ ହୋଇଥିବା ବେଳେ ଜଳବାୟୁ ପରିବର୍ତ୍ତନ ସମସ୍ୟା ମଧ୍ୟରେ ଖାଦ୍ୟ ଏବଂ ପୋଷଣ ବିଷୟରେ ଏମାନଙ୍କ ବିନା ଚିନ୍ତା କରାଯାଇ ନପାରେ ବୋଲି ଶନିବାର ଆଇସିଏଆର-ସେଂଟ୍ରାଲ୍ ଇନଷ୍ଟିଚ୍ୟୁଟ୍ ଫର ଫ୍ରେସୱାଟର ଆକ୍ୱାକଲଚର (ସିଫା)ର ନିର୍ଦ୍ଦେଶକ ଡକ୍ଟର ପ୍ରମୋଦ କୁମାର ସାହୁ କହିଛନ୍ତି।

ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଣ୍ଡ୍ରି (ଆଭିଏସଏଏଚ), ଓଡ଼ିଶା ଲାଇଭଷ୍ଟକ ଡେଭେଲପମେଣ୍ଟ ସୋସାଇଟି ଏବଂ ଓଡ଼ିଶା ଭେଟେରିନାରି କାଉନସିଲ୍‌ର ମିଳିତ ଆନୁକୂଲ୍ୟରେ ଆୟୋଜିତ ବିଶ୍ୱ ପ୍ରାଣୀ ଚିକିତ୍ସକ ଦିବସ ପାଳନ ଅବସରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଡକ୍ଟର ସାହୁ ଏହା କହିଥିଲେ। କାର୍ଯ୍ୟକ୍ରମରେ ସୋଆର କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ ପ୍ରାଣୀ ଚିକିତ୍ସକ ମାନଙ୍କର ଅବଦାନ ଅତୁଳନୀୟ। କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ପ୍ରାଣୀ ଚିକିତ୍ସକ ମାନଙ୍କୁ ସମ୍ମାନିତ କରାଯାଇଥିଲା। ସେମାନଙ୍କ ମଧ୍ୟରେ ବିଶିଷ୍ଟ କ୍ରୀଡାବିତ୍ ଡକ୍ଟର ବିବେକାନନ୍ଦ ତ୍ରିପାଠୀ ଓ ଓଡ଼ିଶାର ପ୍ରଥମ ମହିଳା ପ୍ରାଣୀ ଚିକିତ୍ସକ ପ୍ରଫେସର ପ୍ରଗତୀ ପଣ୍ଡା ମଧ୍ୟ ରହିଥିଲେ।

## ମରଣଯନ୍ତା ପାଲଟିଛି ରେଳ ଷ୍ଟେସନରୁ ପଞ୍ଚାୟତ ଅଫିସ୍ ରାସ୍ତା

ବେତନଟୀ, ୨୭।୪ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଅଧିନ ବେତନଟୀ ରେଳ ଷ୍ଟେସନ ଠାରୁ ବେତନଟୀ ପଞ୍ଚାୟତ ଅଫିସ ପର୍ଯ୍ୟନ୍ତ ରାସ୍ତା ଅତି ଖରାପ ହେଇ ରାସ୍ତା ମଝିରେ ଗାତ ହୋଇଯାଇଥିବାରୁ ଦୈନିକ ବିଭିନ୍ନ ଛୋଟ ବଡ଼ ଦୁର୍ଘଟଣା ହେଉଥିବାର ଦେଖାଯାଇଛି। ରାସ୍ତାଟି ବେତନଟୀ ସହରର ମୁଖ୍ୟ ରାସ୍ତା ଭିତରୁ ଅନ୍ୟତମ। ଏହା ସତ୍ତ୍ୱେ ବି ବିଭାଗୀୟ ଅଧିକାରୀ ଦୃଷ୍ଟି ନପଡ଼ିବା ଅଞ୍ଚଳବସୀଙ୍କ ଚିନ୍ତା ବଢ଼ାଇଛି।

ଏହା ସତ୍ତ୍ୱେ ରେଳ ବିଭାଗ ଏହି ରାସ୍ତା କଡ଼ରେ ଡ୍ରେନ ଏବଂ ପ୍ରାଚେରି ନିର୍ମାଣ କରୁଥିବା ବେଳେ ଡ୍ରେନ ଖୋଳା ମାଟି ରାସ୍ତା ଉପରେ ରଖାଯାଇଥିବାବେଳେ ଆଜି ପର୍ଯ୍ୟନ୍ତ ମାଟି ଅନ୍ୟତ୍ର ନିଆଯାଇନାହିଁ । ପୁନଃଶ୍ଚ ରାସ୍ତାଟି ଆର୍‌ଡ଼ି ବିଭାଗର ପିଏମଜିଏସୱାଇ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀ ରାସ୍ତାର ଗାତ ପଡିବା କିମ୍ବା ମାରାମତି କରିବା ଦିଗରେ ଦୃଷ୍ଟି ଦେଉନଥିବାରୁ ଏହିଭଳି ଦୁର୍ଘଟଣା ଅଧିକାଂଶ ଦିନ ହେଉଥିବାର ଦେଖାଯାଇଛି ।



## ପିକଅପ୍ ଓ ବୁଲେଟ୍ ମୁହାଁମୁହିଁ ଧକ୍କା, ଜଣେ ମୃତ



ହିଞ୍ଜିଳିକାଟୁ, ୨୭।୪ (ସଂଚାର ବ୍ୟୁରୋ): ହିଞ୍ଜିଳିକାଟୁ ଥାନା ସାରୁ ଛକ ନିକଟରେ ସୋମବାର ସକାଳ ୯ ଘଣ୍ଟ ସମୟରେ ଏକ ପିକଅପ୍ ଭ୍ୟାନ୍ ଓ ବୁଲେଟ୍ ବାଇକ ମଧ୍ୟରେ ମୁହାମୁହିଁ ଧକ୍କା ହେବା ଫଳରେ ଘଟଣାସ୍ଥଳରେ ଜଣକ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣଙ୍କ ହେଲେ ପୋଲସରା ବ୍ଲକ୍ ଅନ୍ତର୍ଗତ ମନ୍ଦାର ଗ୍ରାମର ସମିର ମଲ୍ଲିକ୍ (୨୫) ଓ ଗୁରୁତର ଆହତ ଦୁଇ ଜଣ ହେଲେ ରତ୍ନାକର ମଲ୍ଲିକ୍ ଏବଂ ପିଣ୍ଟୁ | ସେମାନେ ବୁଲେଟ୍ (ଓଡି୦୭ଏଏଲ୪୮୩୮)ରେ ନିଜ ଗ୍ରାମରୁ ବ୍ରହ୍ମପୁର ଅଭିମୁଖେ ବାହାରିଥିବା ବେଳେ ସାରୁ ଛକ ନିକଟରେ ସାମ୍ନା ପଟରୁ ଏକ ପିକଅପ୍ ଭ୍ୟାନ୍ (ଓଡି୦୭ବିସି ୯୭୩୫) ସହ ମୁହାମୁହିଁ ଧକ୍କା ହୋଇଥିଲା | ଫଳରେ ପିକଅପ୍ ଭ୍ୟାନ୍ ଓଲଟି ପଡିବାରୁ ଭ୍ୟାନ୍ ତଳେ ଚାପି ହୋଇ ସମିରଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇ ଜଣ ସହଯୋଗୀ ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକଙ୍କ ସହଯୋଗ କ୍ରମେ ଆହତଙ୍କୁ ବ୍ରହ୍ମପୁର ଡାକ୍ତରଖାନାକୁ ଚିକିତ୍ସା ପାଇଁ ପଠାଯାଇଥିଲା | ଦୁର୍ଘଟଣା ଘଟିବା ପରେ ପିକଅପ୍ ଭ୍ୟାନ୍‌ର ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ଉଭୟ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ପୋଲିସ ଜବତ କରି ତଦନ୍ତ କରୁଛି |

## ବିଭିନ୍ନ ଦାବି ନେଇ ପ୍ରତୀକ ଧାରଣା



ବାଲେଶ୍ୱର, ୨୭।୪ (ସଂଚାର ବ୍ୟୁରୋ): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ରେଳ ଷ୍ଟେସନ ପରିସରରେ ବିଭିନ୍ନ ଦାବି ନେଇ ସମାଜ କଲ୍ୟାଣ ବିକାଶ ପରିଷଦ ଓ ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା ଅନୁଷ୍ଠିତ। ସୂଚନା ଅନୁସାରେ ଜଳେଶ୍ୱର ଷ୍ଟେସନକୁ ଅମୃତ ଭାରତ ଯୋଜନାରେ ଅନ୍ତର୍ଭୁକ୍ତ ହୋଇଥିଲେ ମଧ୍ୟ କୌଣସି କାର୍ଯ୍ୟ ନ ହେବା, ୪୬ ନମ୍ବର ଲେବୁଲକ୍ରସିଂ ନିକଟରେ ଓଭରବ୍ରିଜ ନିର୍ମାଣ, ପ୍ଲାଟଫର୍ମରେ ଦେୟମୁକ୍ତ ଶୌଚାଳୟ ନିର୍ମାଣ, ଅଧିକ ସୁପରଫାଷ୍ଟ ଟ୍ରେନ ରହଣି ସହିତ ଭୋଗରାଇ ଠାରେ ଥିବା ରେଳ ବିଭାଗର କାଉଣ୍ଟର ଅର୍ଥକୁ ଦିଘାକୁ ନ ଦେଇ ଜଳେଶ୍ୱରକୁ ହସ୍ତାନ୍ତର କରିବାକୁ ଦାବି କରି ସମାଜ କଲ୍ୟାଣ ବିକାଶ ପରିଷଦ ଓ ଜଳେଶ୍ୱରର ବିଭିନ୍ନ ସଂଗଠନ ପକ୍ଷରୁ ପ୍ରତୀକ ଧାରଣା ଦିଆଯାଇଛି। ଆଉ ଏସବୁ କାର୍ଯ୍ୟ କାରି ନ ହେଲେ ଜଳେଶ୍ୱର ଜନସାଧାରଣ ପକ୍ଷରୁ ରେଳ ରୋକ କରାଯିବାକୁ ଚେତାବନୀ ଦିଆଯାଇଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଅନିୟମିତତା ଅଭିଯୋଗ

# ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଘେରିଲା ଠିକାଦାର ସଂଘ

ସୁନ୍ଦରଗଡ଼, ୨୭।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗରେ ମହାଘୋଟାଲା। ଏକ ନିର୍ଦ୍ଦିଷ୍ଟ ଠିକା ସଂସ୍ଥାକୁ ଅହେତୁକ ଅନୁକମ୍ପା ଅଭିଯୋଗ। ଜାଲ କାଗଜପତ୍ର ଦେଇ ଟେଣ୍ଡର ହାତେଉଥିବା ଅଭିଯୋଗ। ଟେଣ୍ଡର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ଆଣି ଆଜି ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଘେରିଛି ଜିଲ୍ଲା ଠିକାଦାର ସଂଘ। ନିମ୍ନମାନର କାମ କରୁଥିବା ସଂସ୍ଥାକୁ କେମିତି ମିଳୁଛି ବାରମ୍ବାର କାମ, ସେ ନେଇ ଉଠାଇଛନ୍ତି ପ୍ରଶ୍ନ। ଏହାକୁ ନେଇ ସୁନ୍ଦରଗଡ଼ ଗ୍ରାମ୍ୟ ଉନ୍ନୟନ ବିଭାଗ କାର୍ଯ୍ୟାଳୟ ପରିସରରେ ଦେଖାଦେଇଛି ଉତ୍ତେଜନା। ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କୁ ଘେରି ଦୁର୍ନିତୀର ତଦନ୍ତ ପାଇଁ ଦାବୀ କରିଛନ୍ତି ଠିକାଦାର।

ଅଭିଯୋଗ ହେଉଛି, ଟେଣ୍ଡର ପ୍ରକ୍ରିୟାରେ ସମସ୍ତ ନିୟମକୁ ଜଳାଞ୍ଜଳି ଦେଇଛି ବିଭାଗ। ଗୋଟିଏ ପଟେ ଅଭିଜ୍ଞ ଠିକାଦାରଙ୍କୁ ଅଣଦେଖା କରାଯାଉଥିବା ବେଳେ, ଅନ୍ୟପଟେ ଜାଲ କାଗଜପତ୍ର ଦେଇଥିବା ସଂସ୍ଥାକୁ ମିଳୁଛି ଗ୍ରୀନ୍ ସିଗନାଲ୍। ଖାଲି ସେତିକି ନୁହେଁ, ସଂପୃକ୍ତ ଠିକା ସଂସ୍ଥା ନାଁରେ ପୂର୍ବରୁ ନିମ୍ନମାନର କାର୍ଯ୍ୟ ନେଇ ଅଭିଯୋଗ ହୋଇଥିଲା। ସ୍ଥାନୀୟ ବିଧାୟକ ମଧ୍ୟ ଏହି ଦୁର୍ନୀତି ବିରୋଧରେ ସ୍ୱର ଉଠାଇଥିଲେ। ତଥାପି କେଉଁ ଅଦୃଶ୍ୟ ଶକ୍ତିର ଚାପରେ ବିଭାଗ ସେହି ସଂସ୍ଥାକୁ ବାରମ୍ବାର ସୁଯୋଗ ଦେଉଛି, ତାକୁ ନେଇ ସନ୍ଦେହ ଘନୀଭୂତ ହେଉଛି।



## ବୋରିଗୁମ୍ମା ବ୍ଲକରେ ବଢ଼ି ଚାଲିଛି ମନ୍ଦିରରୁ ଚୋରି ଘଟଣା

ବୋରିଗୁମ୍ମାର, ୨୭।୪ (ସଂଚାର ବ୍ୟୁରୋ): କୋରାପୁଟ ଜିଲ୍ଲା ବୋରିଗୁମ୍ମା ଉପଖଣ୍ଡ ଆରୋକ୍ଷୀ କାର୍ଯ୍ୟାଳୟ ଅଧୀନ ବି. ସିଂହପୁର ଥାନା କୁମୁଲି ସ୍ଥିତ ପ୍ରଭୁ ଜଗନ୍ନାଥଙ୍କ ମନ୍ଦିରରୁ ବିଗତ ୧୫ ରୁ ୨୦ ଦିନ ପୂର୍ବେ ବିଳମ୍ବିତ ରାତିରେ ସୁନା ଓ ରୁପା ଅଳଙ୍କାର ସହ ଦାନ ହୁଣ୍ଡିରୁ ପ୍ରାୟ ଲକ୍ଷାଧିକ ଟଙ୍କା ଚୋରି ହୋଇଛି | ମନ୍ଦିର ଫାଟକ ଭାଙ୍ଗି କେହି ଦୁର୍ବୃତ୍ତ ପ୍ରଭୁଙ୍କ ବିଗ୍ରହରୁ ସୁନା ଓ ରୁପା ଅଳଙ୍କାର ଲୁଟି ନେଇଛନ୍ତି | ସେହି ଦିନ ସକାଳେ ପୂଜକ ପୂଜା କରିବାକୁ ଆସିବା ସମୟରେ ମୁଖ୍ୟ ଦ୍ୱାର ତାଲା ଭଙ୍ଗା ଯାଇଥିବା ଦେଖି ସ୍ଥାନୀୟ ଲୋକଙ୍କୁ ଜଣାଇଥିଲେ | ମନ୍ଦିର ଖୋଲିବା ପରେ ପ୍ରଭୁଙ୍କ ବିଗ୍ରହରେ ସୁନା ଓ ରୁପା ଅଳଙ୍କାର ନଥିବା ଦେଖିଥିଲେ | ଗ୍ରାମରେ ମାତ୍ର ୧ ମାସ ପୂର୍ବେ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଥିବା ଆରାଧ୍ୟ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରୁ ଚୋରି ଘଟଣା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ବ୍ୟଥିତ କରିଛି | ଏ ନେଇ ଭକ୍ତଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଛି | ଏନେଇ ବି. ସିଂହପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଛି ବୋଲି ମନ୍ଦିର ପରିଚାଳନା କମିଟିର ସଭାପତି ଶ୍ରୀ ଦେବେନ୍ଦ୍ର ପଣ୍ଡା କହିଛନ୍ତି କହିବାକୁ ଗଲେ ବୋରିଗୁମ୍ମା ଓ ବି. ସିଂହପୁର ଥାନା ଅଞ୍ଚଳ ଚୋରି, ରାହାଜାନୀ ବଢ଼ି ଚାଲିଥିବା ବେଳେ ପୁଲିସର ନିଷ୍କ୍ରିୟତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

## ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ଦ୍ୱାରା ପାୱାରବୋଟ ଉଦ୍‌ଘାଟିତ

ପାରାଦୀପ, ୨୭।୪ (ସଂଚାର ବ୍ୟୁରୋ): ଛାତ୍ରଛାତ୍ରୀଙ୍କ ସୁରକ୍ଷା ଏବଂ ସମୁଦାୟ ଯାତାୟାତ ସୁବିଧାକୁ ବଢ଼ାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍ ଆଜି ଜଗତସିଂହପୁର ଜିଲ୍ଲାର ଏରସାମା ବ୍ଲକ ଅନ୍ତର୍ଗତ ଦାହିବରା ଘାଟରେ ୨୪ ଆସନ ବିଶିଷ୍ଟ ପାୱାରବୋଟ ଉଦ୍‌ଘାଟନ କରିଛି।



ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ଧୋବେଇ ଜଙ୍ଗଲ ରେଭେନ୍ୟୁ ଭିଲେଜ୍ ଅନ୍ତର୍ଗତ ଜାପା ଗ୍ରାମ ପଞ୍ଚାୟତର ଝାଟିପାରି ଏବଂ ଦାହିପାରି ଗ୍ରାମର ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ଓ ନିର୍ଭରଯୋଗ୍ୟ ଯାତାୟାତ ସୁବିଧା ପ୍ରଦାନ କରିବା। ଏହି ଛାତ୍ରଛାତ୍ରୀମାନେ ପ୍ରତିଦିନ ଅମ୍ବିକି ଗ୍ରାମ ପଞ୍ଚାୟତରେ ଅବସ୍ଥିତ ଅମ୍ବିକି ହାଇସ୍କୁଲ ଏବଂ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟକୁ ଯାତ୍ରା କରନ୍ତି। ଦୀର୍ଘଦିନ ଧରି, ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକମାନେ ହାନସୁଆ ନଦୀ ପାର ହେବା ପାଇଁ ଅସୁରକ୍ଷିତ ଦେଶୀ ଡୁଙ୍ଗାରୁ ନିର୍ଭର କରୁଥିଲେ, ଯେଉଁଥିରେ କୌଣସି ସୁରକ୍ଷା ବ୍ୟବସ୍ଥା ନଥିଲା। ଏହି ଦୈନିକ ଯାତ୍ରା କେବଳ ଛାତ୍ରଛାତ୍ରୀଙ୍କ ପାଇଁ ନୁହେଁ, ସାଧାରଣ ଲୋକମାନେ ଯେଉଁମାନେ ଦୁଇଚକା ଯାନ ନେଇ ନଦୀ ପାର କରୁଥିଲେ, ସେମାନଙ୍କ ପାଇଁ ମଧ୍ୟ ବଡ଼ ଝୁମ୍ପ ହେଉଥିଲା।

ଏହି କାର୍ଯ୍ୟକ୍ରମର ଉଦ୍‌ଘାଟନ ଜଗତସିଂହପୁର ଜିଲ୍ଲାପାଳ ଓ ଜିଲ୍ଲା ମେଜିଷ୍ଟ୍ରେଟ୍ ଜେ. ସୋନାଲଙ୍କ ଦ୍ୱାରା କରାଯାଇଥିଲା। ଏହାରେ ଅକ୍ଷୟ ପିଲ୍ଲାୟ, (ଚିଫ୍ ଡିଭେଲପମେଣ୍ଟ ଅଫିସର-କମ୍-ଏକ୍ସିକ୍ୟୁଟିଭ ଅଫିସର, ଜିଲ୍ଲା ପରିଷଦ), ଅଙ୍କିତ କୁମାର ବର୍ମା, (ପୁଲିସ ସୁପରିଣ୍ଟେଣ୍ଡେଣ୍ଟ, ଜଗତସିଂହପୁର), ଦାସରଥୀ ଜେନା, (ବ୍ଲକ ଡିଭେଲପମେଣ୍ଟ ଅଫିସର, ଏରସାମା), ନୋଜ ସିଂହ (ଭାଇସ୍ ପ୍ରେସିଡେଣ୍ଟ, ଜେଏସ୍‌ଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍ ଲିମିଟେଡ୍, ପାରାଦୀପ), ବିଦୁଲତା ରାଉତ (ସରପଞ୍ଚ, ଜାପା ପଞ୍ଚାୟତ) ଓ ଅଭିଜିତ ମହାନ୍ତି (ଲୋକେସନ୍ ହେଡ୍, ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେସନ୍, ପାରାଦୀପ) ସହ ଧୋବେଇ ଜଙ୍ଗଲ ଗ୍ରାମର ବହୁ ସଂଖ୍ୟକ ସ୍ଥାନୀୟ ଲୋକ ଉପସ୍ଥିତ ଥିଲେ।

## ତାଲା ଭାଙ୍ଗି ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି

ଯୋଡ଼ା, ୨୭।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଥାନା ଅନ୍ତର୍ଗତ ଟାଟା ସ୍ପଞ୍ଜ କଲୋନୀରେ ଘଟିଥିବା ଏକ ଚୋରି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି। ଘରର ତାଲା ଭାଙ୍ଗି ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନାନୁସାରେ, ଟାଟା ସ୍ପଞ୍ଜ କଲୋନୀର କ୍ୱାର୍ଟର ନମ୍ବର ଡବ୍ଲ୍ୟୁ/୩ଆର୍-୧/୫୭ରେ ବସବାସ କରୁଥିବା ଦେବଦତ୍ତ ରାୟ ପରିବାର ସହିତ ଘର ବାହାରେ ଥିବା ସମୟରେ କିଛି ଦୁର୍ବୃତ୍ତ ସୁଯୋଗ ନେଇ ଘରର ମୁଖ୍ୟ ତାଲା ଭାଙ୍ଗି ଭିତରକୁ ପ୍ରବେଶ କରିଥିଲେ। ପରେ ଘରର ଆଲମାରି ଓ ଅନ୍ୟାନ୍ୟ ସାମଗ୍ରୀ ତଛନଛ କରି ସୁନା ଗହଣା ଚୋରି କରି ଫେରାର ହୋଇଯାଇଥିବା ଜଣାପଡ଼ିଛି। ଚୋରି ହୋଇଥିବା ସୁନା ଗହଣାର ଆନୁମାନିକ ମୂଲ୍ୟ ପ୍ରାୟ ୩୦ ଲକ୍ଷ ଟଙ୍କା ହେବ ବୋଲି ଘର ମାଲିକ ଦେବଦତ୍ତ ରାୟ ପ୍ରତିକ୍ରିୟାରେ କହିଛନ୍ତି। ଖବର ପାଇ ଯୋଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସହିତ ସ୍ୱତନ୍ତ୍ର ଡଗ ସ୍କ୍ୱାଡ୍ ମଧ୍ୟ ଘଟଣାସ୍ଥଳକୁ ପହଞ୍ଚି ପ୍ରମାଣ ସଂଗ୍ରହ କରିଥିବା ଜଣାପଡ଼ିଛି।

# ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ୍

**ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ବହୁଳ ବ୍ୟବହାର**

**ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ, ମୃତ୍ତିକା ପ୍ରଦୂଷଣ ବଢ଼ାଉଛି**

**ବ୍ୟବହାର ଉପରେ ଲାଗୁନି ରୋକ**



କାକଟପୁର/ଅସ୍ତରଙ୍ଗ, ୨୭।୪ (ସଂଚାର ବ୍ୟୁରୋ): ଏବେ ବିବାହ, ବ୍ରତ ଋତୁ ଚାଲିଛି। ଭୋଜି ଭାତ ଆସର ଜମୁଛି। ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ଠୋଲା ଠୁ ଆରମ୍ଭ କରି ବଡ଼ ବଡ଼ ହୋଟେଲରେ ମଧ୍ୟ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି। ପରିବେଶକୁ ବିଗାଡ଼ିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ୍ୟ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି।

ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ। ଏହା ପରିବେଶ ପ୍ରଦୂଷଣରେ ମଧ୍ୟ ସାହାର୍ଯ୍ୟ କରେ। ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ। ଥର୍ମୋ କୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ। ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ।

ବ୍ୟବସାୟୀ ମାନଙ୍କୁ ସୁବିଧା ହେଉବେଳେ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି। କିନ୍ତୁ ସବୁ ସତ୍ତ୍ୱେ ବି ଏହାର ଚାହିଦା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକି )ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ୍ୟ ଏହା ବନ୍ଦ ହେଉନାହିଁ। ପ୍ରଶାସନ ତୁରନ୍ତ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଯାଞ୍ଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାରରେ ରୋକ ଲଗାଉ ବୋଲି ଦାବୀ ହୋଇଛି।

## ଶନିଶ୍ଚର ମନ୍ଦିର ଓ ହନୁମାନ ମନ୍ଦିରର ଭୂମି ପୂଜନ ଉତ୍ସବ

ବାଲିଆପାଳ, ୨୭।୪ (ସଂଚାର ବ୍ୟୁରୋ): ବାଲିଆପାଳ ବ୍ଲକ ଅଧିନସ୍ଥ ନିଖିରା ଗ୍ରାମରେ ଅବସ୍ଥିତ ସର୍ବ ପ୍ରାଚୀନ ଶୈବ ପୀଠ ବାବା ନିଖିରେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ନୂତନ ଶନିଶ୍ଚର ମନ୍ଦିର ଓ ହନୁମାନ ମନ୍ଦିରର ଭୂମି ପୂଜନ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମନ୍ଦିରର ପୂଜକ ମନୋଜ ଆଚାର୍ଯ୍ୟ, ହିମାଂଶୁ ମହାପାତ୍ର, ସତ୍ୟବ୍ରତ ଆଚାର୍ଯ୍ୟ ପ୍ରମୁଖ ପୂଜାର୍ଚ୍ଚନା କରି ସାରିବା ପରେ ହରି ନାମ ସଂକୀର୍ତ୍ତନ ପୂର୍ବକ ଦୁଇ ମନ୍ଦିରର ଭୂମି ପୂଜନ ସମାପନ ହୋଇଥିଲା। ବାବା ନିଖିରେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟିର ସଭାପତି ସଦାଶିବ ବେହେରା, ଚଡ଼କ ମେଳା କମିଟି ସଭାପତି ଲକ୍ଷ୍ମଣ କୁମାର ଦଳାଇ, ଦୁର୍ଗାପୂଜା କମିଟି ସଭାପତି ନବକୃଷ୍ଣ ଦାସ, ପୂର୍ବତନ ପାଟଭକ୍ତ ନଗେନ୍ଦ୍ର ଭୂୟାଁ, ମନ୍ଦିର କମିଟିର କୋଷାଧ୍ୟକ୍ଷ ଅନନ୍ତ କୁମାର ଭୂୟାଁ, ମନ୍ଦିର ନିର୍ମାଣର ଶିଳ୍ପୀ ବସନ୍ତ ଦାସଙ୍କ ସମେତ ବାବା ନିଖିରେଶ୍ୱର ମହାଦେବ ମନ୍ଦିର ଉନ୍ନୟନ କମିଟିର ସଦସ୍ୟ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।



# କଳିଙ୍ଗ ବୀର ସୈନ୍ୟଙ୍କ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ ପ୍ରସ୍ତାବ



ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): କଳିଙ୍ଗ ଯୁଦ୍ଧ ପୃଥିବୀ ଇତିହାସରେ ଏକ ଯୁଗାନ୍ତକାରୀ ଘଟଣା। କଳିଙ୍ଗର ବୀର ସୈନିକ, ଯେଉଁମାନେ ଚଣ୍ଡାଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରି ଇତିହାସରେ ବୀରତ୍ୱ ଓ ପରିବର୍ତ୍ତନର ମହାନଗାଥା ଲେଖିଯାଇଥିଲେ, ସେମାନଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନର ପ୍ରସ୍ତାବ ଉପରେ ବିଚାର କରିବା ପାଇଁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଏକ କମିଟି ଗଠନ କରାଯାଇଛି। ଏକାମ୍ର ବିଧାୟକ ବାବୁ ସିଂଙ୍କ ଅଧ୍ୟକ୍ଷତାରେ ଏହି କମିଟି ଗଠିତ ହୋଇଛି। ବିଶିଷ୍ଟ ସାହିତ୍ୟିକ ଡ. ପ୍ରତିଭା ରାୟ, ବିଶିଷ୍ଟ ଐତିହାସିକ ଡ. ନିହାର ରଞ୍ଜନ ପଟ୍ଟନାୟକ, ଡ. ବେଣୁଧର ପାତ୍ର, ଡ. ଅନାମ ବେହେରା, ବିଶିଷ୍ଟ ଇତିହାସ ଗବେଷକ ଅନିଲ ଧୀର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ, ଖୋର୍ଦ୍ଧା ଜିଲ୍ଲା ଜିଲ୍ଲାପାଳଙ୍କ ସ୍ଥାନୀୟ ରାଜସ୍ୱ ବିଭାଗ ଅଧିକାରୀ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପନିର୍ଦ୍ଦେଶକ ଓ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱର ପ୍ରତିନିଧି ପ୍ରମୁଖ ଏହି କମିଟିରେ ସଦସ୍ୟ ଭାବେ ରହିଛନ୍ତି। ଆଜି ଧଉଳିଠାରେ ଏକାମ୍ର ବିଧାୟକ ଶ୍ରୀ ସିଂଙ୍କ ଅଧ୍ୟକ୍ଷତାରେ କମିଟିର ସଦସ୍ୟମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଛି। ଧଉଳିର ପାଦଦେଶରେ ଦୟା ନଦୀକୂଳରେ କଳିଙ୍ଗ ଯୁଦ୍ଧରେ ମୃତ୍ୟୁବରଣ କରିଥିବା କଳିଙ୍ଗର ବୀର ସୈନ୍ୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ତର୍ପଣ ଶିଳାସ୍ତମ୍ଭ ସ୍ଥାପନ କରିବା ସହ ଏକ ସଂଗ୍ରହାଳୟ, କାରୁକାର୍ଯ୍ୟ ମନ୍ଦିର, ଆମ୍ଫି-ଥିଏଟର ସ୍ଥାପନ ପାଇଁ କମିଟିର ସଦସ୍ୟ ପ୍ରସ୍ତାବ ଦେଇଛନ୍ତି।

## ରାସ୍ତା ମଝିରେ ଡେଲିଭରି ବୟଙ୍କୁ ଆକ୍ରମଣ

ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): ଭୁବନେଶ୍ୱରରେ ପୁଣି ବୁଲିଲା ଖଣ୍ଡା। ଫୁଡ ଡେଲିଭରି ବୟଙ୍କୁ ମରଣାନ୍ତକ ଆକ୍ରମଣ କରି ଫେରାର ହୋଇଗଲେ ଦୁର୍ବୃତ୍ତ। ଜମାଟୋ ଡେଲିଭରି ବୟଙ୍କ ଠାରୁ ମୋବାଇଲ ଛଡ଼େଇବାକୁ ଯାଇ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଜନ୍ମେଜୟ ଗୋଛାୟତଙ୍କ କହିବା ଅନୁସାରେ, ମାଷ୍ଟର କ୍ୟାଣ୍ଟିନ ନିକଟସ୍ଥ ରାଜଧାନୀ ଫାଷ୍ଟଫୁଡ ସାମ୍ନାରେ ତାଙ୍କ ଉପରେ ଆକ୍ରମଣ ହୋଇଥିଲା। ସେ ଅର୍ଡର ଆସିବା ପାଇଁ ଅପେକ୍ଷା କରିଥିବା ବେଳେ ହଠାତ ପଛପଟୁ ଦୁଇ ଜଣ ଆସି ମୋବାଇଲ ଛଡ଼ାଇବାକୁ ଚେଷ୍ଟା କରୁଥିଲେ। ଏହାପରେ ଏଠି କଣ କରୁଛୁ ବୋଲି ପଚାରିଲେ। ପରେ ଜନ୍ମେଜୟ ବିପରୀତ ଦିଗରେ ଥିବା ଫାଷ୍ଟଫୁଡ ଦୋକାନକୁ ଯାଉଥିବା ବେଳେ ପଛରୁ ଆଉ ଜଣେ ଆସି ତାଙ୍କ ଗୋଡ଼କୁ ହାଣି ଦେଇ ଫେରାର ହୋଇଯାଇଥିଲେ। ରାତି ପ୍ରାୟ ୧.୪୫ରେ ଏହି ଘଟଣା ଘଟିଥିଲା। ପୁଲିସ ଜନ୍ମେଜୟଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଡାକ୍ତରଖାନାରେ ନେଇଥିଲା।

### ୧୪ ଶିଶୁ ଚୋରିର ଖୋଳତାଡ଼

## ଏସ୍‌ସିବି ଅଧୀକ୍ଷକଙ୍କୁ ଆରଡିସିଙ୍କ ତଦନ୍ତ ନିର୍ଦ୍ଦେଶ

କଟକ,୨୭।୪(ସଂଚାର ବ୍ୟୁରୋ): ଏସସିବି ମେଡିକାଲ୍‌ରେ ୧୪ ଜଣ ଶିଶୁ ଚୋରି ହେବା ନେଇ ହୋଇଥିବା ଅଭିଯୋଗର ଖୋଳତାଡ଼ ଆରମ୍ଭ ହୋଇଛି। ଏସିବି ଅଧୀକ୍ଷକଙ୍କୁ ଆରଡିସିଙ୍କ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କଟକ ବଡ଼ ମେଡିକାଲରେ ଗତ ୬ ବର୍ଷ ଭିତରେ ସ୍ତ୍ରୀ ଓ ପ୍ରସୂତି ବିଭାଗରେ ସନ୍ତାନ ପ୍ରସବ କରିଥିବା ଅସହାୟ ତଥା ମାନସିକ ଅନଗ୍ରସର ମହିଳାଙ୍କର ୧୪ ଜଣ ଶିଶୁଙ୍କ ପତ୍ତା ମିଳୁ ନଥିବା ନେଇ ଗଣମାଧ୍ୟମରେ




ଖବର ପ୍ରକାଶ ପାଇବା ପରେ ଏହାକୁ ନେଇ ତନାଘନା ଆରମ୍ଭ ହୋଇଛି। ତଦନ୍ତ ପରେ ଅଭିଯୁକ୍ତଙ୍କ ବିରୋଧରେ କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲା, ସେନେଇ ଏକ ରିପୋର୍ଟ ଦାଖଲ କରିବାକୁ ମଧ୍ୟ କେନ୍ଦ୍ରାଞ୍ଚଳ ଆରଡିସି ନିର୍ଦ୍ଦେଶ ଦେଇଛନ୍ତି।

# ରାଜକୀୟ ଉପସ୍ଥିତି ଜାହିର କରୁଛି ରାମୁର କଙ୍କାଳ



ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): ଚନ୍ଦକା ଜଙ୍ଗଲର ପ୍ରିୟ ଦନ୍ତା ହାତୀ ରାମୁ ପୁଣି ଥରେ ଠିଆ ହୋଇଛି। ତେବେ ଏଥର ଜୀବନ୍ତ ନୁହେଁ, ବରଂ ନିଜର ବିଶାଳକାୟ କଙ୍କାଳ ମାଧ୍ୟମରେ ସେ ପର୍ଯ୍ୟଟକଙ୍କୁ ନିଜର ରାଜକୀୟ ଉପସ୍ଥିତିର ଅନୁଭବ ଦେବ। ଗୋଡ଼ିବାରି ନେଚର କ୍ୟାମ୍ପରେ ଦୀର୍ଘ ୫ ମାସର ପରିଶ୍ରମ ପରେ ପ୍ରାୟ ୨୫୦ରୁ ଅଧିକ ହାଡ଼କୁ ସଂଯୋଗ କରାଯାଇ ରାମୁର ଏହି ବିଶାଳ ଢାଞ୍ଚା ପ୍ରସ୍ତୁତ କରାଯାଇଛି।

- ୧୦ ଟନ ଆଇରନ ସିଲିଂରେ ଝୁଲିଛି ୨ ଟନ୍‌ର କଙ୍କାଳ
- ଖୁବଶୀଘ୍ର ପର୍ଯ୍ୟଟକ ଓ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲାଯିବ

୫ ମାସର ମାରାଥନ ପ୍ରକ୍ରିୟା ପରେ ୯୫ ପ୍ରତିଶତ କାମ ଶେଷ ହୋଇଛି ଓ ଖୁବଶୀଘ୍ର ଏହା ପର୍ଯ୍ୟଟକ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ଖୋଲିବ। ୨ ଟନ୍ ଓଜନର ଏହି କଙ୍କାଳକୁ ସୁରକ୍ଷିତ ଭାବେ ଝୁଲାଇ ରଖିବା ପାଇଁ ୧୦ ଟନ୍ କ୍ଷମତା ବିଶିଷ୍ଟ ମଜବୁତ ଆଇରନ ସିଲିଂ କରାଯାଇଛି। ଏହି ନିଆରା ପ୍ରୟାସକୁ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ସାମିଲ କରିବାକୁ ଲକ୍ଷ୍ୟ ରଖିଛନ୍ତି ବନ୍ୟପ୍ରାଣୀ ବିଶେଷଜ୍ଞ। ରାମୁର ମୃତ୍ୟୁ ରିପୋର୍ଟକୁ ନେଇ ଏବେ ବି ସସପେନ୍ସ ଲାଗି ରହିଥିବା ବେଳେ ଏହାର ଉଦଘାଟନ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯାଇଛି। ରାମୁର ଏହି ସ୍କେଲିଟନ୍‌କୁ ଏକ ବିଶେଷ କାଚ କ୍ୟାବିନ ଭିତରେ ରଖାଯିବ। ପ୍ରାୟ ୨ ଟନ ଓଜନର ଏହି ଢାଞ୍ଚାକୁ ଷ୍ଟେନଲେସ ଷ୍ଟିଲ କେବୁଲ ଓ ରଡ ସାହାଯ୍ୟରେ ଝୁଲନ୍ତା ଅବସ୍ଥାରେ ରଖାଯାଇଛି। ମେରୁଦଣ୍ଡରୁ ଲାଞ୍ଜ ପର୍ଯ୍ୟନ୍ତ ଷ୍ଟିଲ ରଡ୍ ଦିଆଯାଇଥିବା ବେଳେ ବକ୍ସ ସେକ୍ସନ ପାଇପ୍ ମାଧ୍ୟମରେ ଏହାକୁ ସଂଯୋଗ କରାଯାଇଛି। ଗତ ବର୍ଷ ଡିସେମ୍ବର ୯ ତାରିଖରେ ଭରତପୁର-ଡମପଡ଼ା ଜଙ୍ଗଲର ମାଟି ତଳୁ ଏହି କଙ୍କାଳ ଖୋଳି ବାହାର କରାଯାଇ ଭୁବନେଶ୍ୱର ରେଞ୍ଜ ଅଫିସରେ ସାବୁନ ଓ ହାଇଡ୍ରୋଜେନ ପେରକସାଇଡ୍ ସାହାଯ୍ୟରେ ହାଡ଼ଗୁଡ଼ିକୁ ସଫା କରାଯାଇଥିଲା। ଏବେ କେବଳ ହାଡ଼ ଓ ଦାନ୍ତରେ ରଙ୍ଗ କାମ ବାକି ରହିଛି, ଯାହା ଆଗାମୀ ଦୁଇ ଦିନ ମଧ୍ୟରେ ଶେଷ ହେବାକୁ ଯାଉଛି।

### ବାହାଘର ପ୍ରୋସେସନରେ ହତ୍ୟା ଉଦ୍ୟମ

## ତିନି ଦିନ ମଧ୍ୟରେ ଅଭିଯୁକ୍ତଙ୍କୁ ଗିରଫ ଦାବି

ପୋଲସରା,୨୭।୪(ସଂଚାର ବ୍ୟୁରୋ): ବଡ଼ଭାଇର ବାହାଘର ପ୍ରୋସେସନ ବେଳେ ସାନଭାଇକୁ ହତ୍ୟା ଉଦ୍ୟମ କରାଯାଇଛି। ଗଞ୍ଜାମ ପୋଲସରା ବ୍ଲକ୍ ବାଲିଘାଇ ଗାଁରେ ବଡ଼ ଭାଇ ବାହାଘର ପ୍ରୋସେସନ ବେଳେ ସାନଭାଇକୁ ସଂଘବଦ୍ଧ ଭାବେ ଆକ୍ରମଣ କରାଯାଇଛି। ଗୁରୁତର ଭାବେ ଆହତ ହୋଇଥିବା ଯୁବକ ଜଣଙ୍କ ହେଲେ ଆକାଶ ଜେନା। ତାଙ୍କୁ ପ୍ରଥମେ ପୋଲସରା ଓ ପରେ ବ୍ରହ୍ମପୁର ଏମ୍‌କେସିଜିକୁ ସ୍ଥାନାନ୍ତର କରାଯାଇଛି। ସାମାନ୍ୟ କଥାରୁ ଯୁକ୍ତିତର୍କ ପରେ ଦୁର୍ବୃତ୍ତମାନେ ଏପରି ମରଣାନ୍ତକ ଆକ୍ରମଣ କରିଥିଲେ। ତେବେ ଘଟଣା ପରେ ଉତ୍ତ୍ୟକ୍ତ ଗ୍ରାମବାସୀ ହତ୍ୟାକାରୀଙ୍କ ଗିରଫ ଦାବିରେ ରାସ୍ତା ଅବରୋଧ କରିଥିଲେ। ପୋଲସରାର ପୂର୍ବତନ ନଗରପାଳ ପ୍ରଫୁଲ୍ଲ ପ୍ରଧାନଙ୍କ ମଧ୍ୟସ୍ଥତାରେ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ଲିଖିତ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ରାସ୍ତା ଅବରୋଧରୁ ହଟିଥିଲେ।

# ୮ ବିଧାୟକଙ୍କ ପଦ ରଦ୍ଦ ପାଇଁ ବିଜେଡିର ଦାବି



- ବାଚସ୍ପତିଙ୍କୁ ଭେଟିଲେ ପ୍ରତିନିଧି ଦଳ
- ଉପନିର୍ବାଚନରେ ଲୋକପ୍ରିୟତା ପ୍ରମାଣ ଦେବାକୁ ଆହ୍ୱାନ
- ଆମେ ଯଦି ଅଦରକାରୀ ଆମକୁ ଦଳରୁ ବିଦା କରାଯାଉ:ସୌଭିକ

ଭୁବନେଶ୍ୱର,୨୭।୪(ସଂଚାର ବ୍ୟୁରୋ): କ୍ରସ ଭୋଟିଂ କରିଥିବା ବିଜେଡିର ୮ ବିଧାୟକଙ୍କ ସଭ୍ୟପଦ ରଦ୍ଦ ପାଇଁ ବିଜେଡି ଆରମ୍ଭ କରିଛି ଅଭିଯାନ। ବାଚସ୍ପତିଙ୍କୁ ଏ ସମ୍ପର୍କରେ ଦଳର ଏକ ପ୍ରତିନିଧି ଦଳ ଭେଟି ଅଭିଯୋଗ କରିଛନ୍ତି ଯେ ଏହି ବିଧାୟକମାନେ ଦଳ ହ୍ୱିପକୁ ମାନିନାହାଁନ୍ତି। ତେଣୁ ଦଳ ବିରୋଧୀ କାମ କରିଥିବା ୮ ଜଣ ବିଧାୟକଙ୍କ ସଭ୍ୟ ରଦ୍ଦ ପାଇଁ ବିଜେଡି ଦାବି କରିଛି।

ଗଣମାଧ୍ୟମକୁ ସୂଚନା ଦେଇ ବରିଷ୍ଠ ବିଜେଡି ନେତା ଅରୁଣ ସାହୁ କହିଛନ୍ତି ଯେ ସମ୍ବିଧାନବିତ୍ ଓ ଆଇନ ବିଶେଷଜ୍ଞଙ୍କ ସହ ଆଲୋଚନା ପରେ ନିର୍ଯ୍ୟାସ ଆସିଲା ଯେ ଯେଉଁମାନେ ଦଳର ନେତୃତ୍ୱ ଓ ଦଳୀୟ ସମ୍ବିଧାନକୁ ବିରୋଧ କରିଛନ୍ତି ସେମାନଙ୍କ ସଭ୍ୟ ପଦ ଖାରଜ ହୋଇପାରିବ। ଦଳର ସମ୍ବିଧାନ ଅନୁଯାୟୀ ଦଳ ବିରୋଧୀ କାମ କଲେ ଆଇନତଃ କାର୍ଯ୍ୟାନୁଷ୍ଠାନ ନିଆଯିବ। ଏହି ୮ ବିଧାୟକ ଅନ୍ୟ ପ୍ରାର୍ଥୀଙ୍କୁ ରାଜ୍ୟସଭା ନିର୍ବାଚନରେ ଭୋଟ ଦେଇଥିଲେ। ବିରୋଧୀ ଦଳ ମୁଖ୍ୟ ସଚେତକ ନିର୍ବାଚନର ଦୁଇ ଦିନ ପୂର୍ବରୁ ହ୍ୱିପ ଜାରି କରିଥିଲେ ଯେ କୌଣସି ବିଧାୟକ ମୁଖ୍ୟାଳୟ ଛାଡ଼ିବନି ଓ ଦଳୀୟ ବୈଠକରେ ଯୋଗ ଦେବେ। ଯାହା ସେମାନେ କରିନାହାନ୍ତି। ସେହିପରି ୨୦୧୭ ଡିସେମ୍ବର ୪ରେ ଶରଦ ଯାଦବଙ୍କ ରାଜ୍ୟସଭା ପଦ ରଦ୍ଦ ହୋଇଥିଲା। କାରଣ ସେ ଦଳବିରୋଧୀ ମନ୍ତବ୍ୟ ଦେବା ସହ ଦଳ ବିରୋଧରେ କାମ କରିଥିଲେ। ସୁପ୍ରିମକୋର୍ଟ ବି ତାଙ୍କ କ୍ଷେତ୍ରରେ କହିଥିଲେ ଯେ ସେ ଦଳୀୟ ଅନୁଶାସନ ମାନି ନ ଥିବାରୁ ପଦ ଗଲା। ସିମଲାରେ ବି ୬ ଜଣ ବିଧାୟକଙ୍କ ପଦ ଖାରଜ ହୋଇଥିଲା। ବିଜେଡି ନେତୃତ୍ୱ ବିରୋଧରେ ସର୍ବସମ୍ମୁଖରେ କହିବା ହିଁ ନିଜ ଆଡୁ ଦଳ ଛାଡ଼ିବା ସହ ସମାନ। ଆର୍ଟିକ୍‌ଲ ୧୯୧ର ଦଶମ ଅନୁଚ୍ଛେଦ ଅନୁସାରେ ସେମାନଙ୍କ ପଦ ଖାରଜ ହୋଇପାରିବେ ବୋଲି ସେ କହିଛନ୍ତି। ସେହିପରି ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ କହିଛନ୍ତି ଯେ ବିଜେଡି ପକ୍ଷରୁ ମୁଖ୍ୟ ସଚେତକ ଭାବେ ମୁଁ ବାଚସ୍ପତିଙ୍କୁ ଲେଖିଛି ଯେ ଯେଉଁ ୮ ବିଧାୟକ ଦଳ ବିରୋଧୀ କାମ କରିଛନ୍ତି ସେମାନଙ୍କ ଦଳରେ ରହିବାର ଆବଶ୍ୟକ ନାହିଁ। ତେଣୁ ସେମାନେ ନିଲମ୍ବିତ ହୋଇଛନ୍ତି। ତୁରନ୍ତ ସଭ୍ୟ ପଦରୁ ବିଦା ହୁଅନ୍ତୁ ନ ହେଲେ ନିଜ ଆଡୁ ପଦ ଛାଡ଼ନ୍ତୁ। ଯଦି ସେମାନେ ଲୋକପ୍ରିୟ, ଉପନିର୍ବାଚନକୁ ଆସନ୍ତୁ। ହିମାଚଳ ପ୍ରଦେଶରେ ବି ପଦ ରଦ୍ଦ ହୋଇଥିଲା। ଏଠି ବି ସମାନ ନିୟମ ଲାଗୁ ହେଉ ବୋଲି ସେ ଦାବି କରିଛନ୍ତି।

ଦଳ ଯାହା କରିବା କଥା କରିଛି। ମୁଁ ଯାହା କରିବା କଥା କରିସାରିଛି। ଏବେ ପୁଣି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଯାଉଥିବା ଗଣମାଧ୍ୟମରୁ ଜାଣିଲି। ତେବେ ଘଟଣା ସ୍ପଷ୍ଟ ହେଲା ପରେ ମୁଁ ମୋର ପ୍ରତିକ୍ରିୟା ରଖିବି। ବିଜେଡିର ଏହି ଦାବିକୁ ନେଇ ଜବାବ ରଖିଛନ୍ତି ନିଲମ୍ବିତ ବିଧାୟକ ସୌଭିକ ବିଶ୍ୱାଳ। ସେ କହିଛନ୍ତି ଯେ ବିଜେଡି ଦଳର ମୁଖ୍ୟ ସଚେତକ କ୍ରସ ଭୋଟିଂ କରିଥିବା ବିଧାୟକମାନେ ଅଦରକାରୀ ବୋଲି କହୁଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ବିଧାୟକମାନଙ୍କୁ କାହିଁକି ଦଳରେ ରଖିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି? ରାଜ୍ୟସଭା ନିର୍ବାଚନରେ ଦଳର ହ୍ୱିପ ଲାଗୁ ହୁଏନାହିଁ ବୋଲି ସେ କହିଛନ୍ତି।

### ଆଉ ଖଟିଆରେ ବୁହାହେବେନି ଗର୍ଭବତୀ

## ‘ନିରୀକ୍ଷଣ ସାଥୀ’ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଆରମ୍ଭ






ଆସ୍କା,୨୭।୪(ସଂଚାର ବ୍ୟୁରୋ): ଗଞ୍ଜାମ ଧରାକୋଟ ବ୍ଲକର ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଗର୍ଭବତୀ ମହିଳା ଓ ଶିଶୁଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ଅଭିନବ ସେବା ଆରମ୍ଭ ହୋଇଛି। ‘ନିରୀକ୍ଷଣ ସାଥୀ’ ନାମକ ଏହି ଯୋଜନା ମାଧ୍ୟମରେ ଅପହଞ୍ଚ ଇଲାକାରେ ଏବେ ମାଗଣା ଅଟୋ ଆମ୍ବୁଲାନ୍ସ ସେବା ଉପଲବ୍ଧ ହେବ। ଏହାଦ୍ୱାରା ଗର୍ଭବତୀ ମହିଳାଙ୍କୁ ଆଉ ଖଟିଆରେ ମେଡିକାଲ ବୋହିବାକୁ ପଡ଼ିବ ନାହିଁ। ପ୍ରଥମ ପର୍ଯ୍ୟାୟରେ ୧୩ଟି ଅଟୋକୁ ଆମ୍ବୁଲାନ୍ସ ଭାବେ ବ୍ୟବହାର କରାଯାଉଥିବା ବେଳେ ଏଥିପାଇଁ ସ୍ୱତନ୍ତ୍ର ହେଲ୍ପଲାଇନ ଓ ଆପ୍ ବିକଶିତ କରାଯାଇଛି। ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନଙ୍କ ଉପସ୍ଥିତିରେ ଧରାକୋଟର ମଙ୍ଗଳପୁରଠାରେ ଏହି ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଦୁର୍ଗମ ଅଞ୍ଚଳର ଅଟୋ ଚାଳକମାନେ ଏହି ସେବା ଯୋଗାଇ ସରକାରଙ୍କଠାରୁ ଅର୍ଥ ଉପାର୍ଜନ କରିବାର ସୁଯୋଗ ମଧ୍ୟ ପାଇବେ। ଧରାକୋଟ ବ୍ଲକର ବଳରାମପୁର ଓ ସାବା ପଞ୍ଚାୟତ ଭଳି ଅନେକ ସ୍ଥାନରେ ଭଲ ରାସ୍ତା ନ ଥିବାରୁ ଆମ୍ବୁଲାନ୍ସ କିମ୍ବା ବସ୍ ସେବା ପହଞ୍ଚିବା କଷ୍ଟକର ହେଉଥିଲା। ଫଳରେ ଗର୍ଭବତୀ ମହିଳାଙ୍କୁ ଖଟିଆରେ ବୋହି ମେଡିକାଲ ନିଆଯାଉଥିଲା। ଅନେକ ସମୟରେ ବିଳମ୍ବ ହେତୁ ଅତ୍ୟଧିକ ରକ୍ତସ୍ରାବ କାରଣରୁ ମା’ ଓ ଶିଶୁଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିଲା। ଏହି ସମସ୍ୟାର ସମାଧାନ ପାଇଁ ‘ନିରୀକ୍ଷଣ ସାଥୀ’ ଯୋଜନା ଏବେ ଏକ ବଡ଼ ସାହାରା ପାଲଟିବ। ଏହି ସେବା ପାଇଁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ନିରୀକ୍ଷଣ ଆପ୍ ଓ ହେଲ୍ପଲାଇନ ନମ୍ବର ଜାରି କରାଯାଇଛି। ଗର୍ଭବତୀ ମହିଳାଙ୍କ ସ୍ୱାସ୍ଥ୍ୟ ପରୀକ୍ଷାଠାରୁ ଆରମ୍ଭ କରି ପ୍ରସବ ଓ ଶିଶୁକୁ ଏକ ବର୍ଷ ହେବା ଯାଏଁ ସବୁ ସମୟରେ ମାଗଣା ପରିବହନ ସେବା ମିଳିବ।

## ଚକ୍ଷୁଦାନ କରି ଅମର ହୋଇଗଲେ ସାଗରିକା



ସୁନ୍ଦରଗଡ଼,୨୭।୪(ସଂଚାର ବ୍ୟୁରୋ): ଗତକାଲି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ପରିବାର ସହ ଏକ ସାମାଜିକ କାର୍ଯ୍ୟକ୍ରମରେ ଯୋଗଦେବା ସକାଶେ ଯାଉଥିବା ସାଗରିକାଙ୍କ ମୃତ୍ୟୁ ଘଟିବାରୁ ଏହା ସମଗ୍ର ଅଞ୍ଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି କରିଛି। ତେବେ ପରିବାର ଲୋକେ ତାଙ୍କ ଚକ୍ଷୁଦାନ କରି ମହାନତାର ପରିଚୟ ଦେବା ସହ ଶୋକାକୁଳ ପରିବେଶରେ ବି ଏକ ପ୍ରେରଣାଦାୟୀ ପଦକ୍ଷେପ ନେଇଛନ୍ତି। ମିଳିଥିବା ସୂଚନାନୁସାରେ, ଟାଙ୍ଗରପାଲି ବ୍ଲକ ଗମ୍ଭାରୀଡିହି ଗ୍ରାମର ସୂରଜ କୁମାର ପଟେଲ, ସ୍ତ୍ରୀ ସାଗରିକା ସେମାନଙ୍କ ମା’-ବାପାଙ୍କ ସହ ପୃଥକ୍ ପୃଥକ୍ ଦୁଇଚକିଆରେ ଯାଉଥିବା ସମୟରେ ମସନୀକାନି ନିକଟରେ ଦୁର୍ଘଟଣା ଘଟିଥିଲା। ଅଚାନକ ଏକ ଗାଡ଼ି ଓଭରଟେକ କରିବାରୁ ସାଗରିକାଙ୍କ ସ୍ୱାମୀ ସ୍କୁଟି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ରାସ୍ତା କଡ଼ରେ ଥିବା ଲୁହା ପୋଲରେ ସାଗରିକାଙ୍କ ମୁଣ୍ଡ ପିଟି ହୋଇ ଘଟଣାସ୍ଥଳରେ ପ୍ରାଣବାୟୁ ଉଡ଼ିଯାଇଥିଲା। ସୋମବାର ଅନ୍ତିମ ସଂସ୍କାର ପୂର୍ବରୁ ସାଗରିକାଙ୍କ ସ୍ୱାମୀ, ଶାଶୂ-ଶ୍ୱଶୁର, ବାପା-ମା’ ଓ ପରିବାରର ସଦସ୍ୟମାନେ ମିଶି ତାଙ୍କ ଚକ୍ଷୁଦାନ କରିବା ସକାଶେ ନିଷ୍ପତ୍ତି ନେଇଛନ୍ତି। ପରିବାରର ଏପରି ଏକ ପଦକ୍ଷେପକୁ ସମସ୍ତେ ପ୍ରଶଂସା କରିଥିବା ବେଳେ ମୃତ୍ୟୁ ପରେ ସାଗରିକା ଅନ୍ୟ ଦୁଇ ଜଣଙ୍କଠାରେ ଜୀବିତ ରହିବେ ବୋଲି ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚର୍ଚ୍ଚା ହେଉଛି।

### ବ୍ୟାଙ୍କ୍ ଦେଲାନି ଜମା ଟଙ୍କା

## ଭଉଣୀଙ୍କ କଙ୍କାଳ ଧରି ପହଞ୍ଚିଲେ ଭାଇ



କେନ୍ଦୁଝର,୨୭।୩(ସଂଚାର ବ୍ୟୁରୋ): ପାଟଣା ଥାନା ମଲ୍ଲୀପଶି ଗ୍ରାମରେ ଘଟିଛି ଏକ ଅଭାବନୀୟ ଘଟଣା। ଜଣେ ଆଦିବାସୀ ବ୍ୟକ୍ତି ତାଙ୍କ ମୃତ ଭଉଣୀର କଙ୍କାଳ ଶ୍ମଶାନରୁ ବାହାର କରି ବ୍ୟାଙ୍କ୍‌ରେ ପହଞ୍ଚିଛନ୍ତି। ତାଙ୍କ ନାମରେ ଥିବା ଜମା ଟଙ୍କା ବ୍ୟାଙ୍କ୍ ତାଙ୍କୁ ନ ଦେବାରୁ ସେ ଏପରି ପଦକ୍ଷେପ ନେଇଛନ୍ତି। ଆଜି ଅପରାହ୍ନ ପ୍ରାୟ ୧ଟା ସମୟରେ ପାଟନା ଥାନା ଅନ୍ତର୍ଗତ ମଲ୍ଲିପଶି ଗାଁରେ ଏଭଳି ଘଟଣା ଘଟିଛି। କଙ୍କାଳ ଦେଖି ବ୍ୟାଙ୍କ ଅଧିକାରୀ ଭୟଭୀତ ହୋଇ ପୁଲିସ ଷ୍ଟେସନକୁ ଖବର ଦେଇଥିଲେ। ସୂଚନା ପାଇବା ପରେ ପୁଲିସ ଦଳ ଘଟଣାସ୍ଥଳକୁ ଯାଇଥିଲା। ପରେ ପୁଲିସ ସହ ଆଲୋଚନା ପରେ ପାଟନା ବ୍ଲକ୍‌ର ମଲ୍ଲୀପଶି ଗ୍ରାମର ଜିତୁ ମୁଣ୍ଡା କଙ୍କାଳ ଫେରାଇ ଆଣି ସଠିକ ସ୍ଥାନରେ ପୋତି ଦେଇଥିବା ଜଣାପଡ଼ିଛି।

ଏନେଇ ପୁଲିସ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ, ଜିତୁଙ୍କ ଭଉଣୀ ଦୁଇ ମାସ ପୂର୍ବରୁ ମୃତ୍ୟୁବରଣ କରିଥିଲେ। ମଲ୍ଲୀପଶିର ଏକ ଗ୍ରାମୀଣ ବ୍ୟାଙ୍କରେ ତାଙ୍କର ଏକ ଆକାଉଣ୍ଟ ଥିଲା। ସେଥିରେ ପ୍ରାୟ ୧୯ ହଜାର ୩୦୦ ଟଙ୍କା ଜମା ଅଛି। ଜିତୁଙ୍କ ମୃତ୍ୟୁ ପରେ ସେ ଟଙ୍କା ଉଠାଇବା ପାଇଁ ବ୍ୟାଙ୍କକୁ ଯାଇଥିଲେ। କିନ୍ତୁ ବ୍ୟାଙ୍କ ଅଧିକାରୀ ଟଙ୍କା ଦେବାକୁ ମନା କରିଦେଇଥିଲେ କାରଣ ଆକାଉଣ୍ଟଟି ତାଙ୍କ ଭଉଣୀଙ୍କ ନାମରେ ଅଛି। ବ୍ୟାଙ୍କ ଅଧିକାରୀ ତାଙ୍କୁ ମୃତ୍ୟୁର ପ୍ରମାଣପତ୍ର ଓ ଅନ୍ୟାନ୍ୟ କାଗଜପତ୍ର ସଂଗ୍ରହ କରିବାକୁ କହିଲେ ଯାହାଦ୍ୱାରା ଟଙ୍କା ଉଠାଯାଇପାରିବ। ତେବେ ଜିତୁ ଅଶିକ୍ଷିତ ଥିବାରୁ ଏସବୁ କିଛି ବୁଝିନପାରି ସିଧାସଳଖ ଭଉଣୀଙ୍କ କଙ୍କାଳ ଧରି ବ୍ୟାଙ୍କରେ ପହଞ୍ଚିଯାଇଥିଲେ। ତେବେ ବ୍ୟାଙ୍କ କର୍ମଚାରୀମାନେ ଭୟଭୀତ ହୋଇପଡ଼ିଥିଲେ ଓ କିଛି ସମୟ ପାଇଁ ସେଗୁଡ଼ିକୁ ବ୍ୟାଙ୍କ ଭିତରେ ବନ୍ଦ କରି ରଖିଥିଲେ। ଖବର ପ୍ରସାରିତ ହେବା ପରେ ଚାରିପାଖରୁ ଗାଁ ଲୋକେ ଜିତୁଙ୍କୁ ଦେଖିବା ପାଇଁ ବ୍ୟାଙ୍କରେ ପହଞ୍ଚିଥିଲେ। ପାଟନା ପୁଲିସ ଷ୍ଟେସନର ଆଇଆଇସି କିରଣ ପ୍ରସାଦ ସାହୁ କହିଛନ୍ତି ଯେ ପୋଲିସ ତାଙ୍କୁ ଏ ବିଷୟରେ ବୁଝାଇ ମୃତ୍ୟୁ ପ୍ରମାଣପତ୍ର ସଂଗ୍ରହ କରିବାକୁ କହିଥିଲା। ପରେ ସେ ତାଙ୍କ ଭଉଣୀଙ୍କ କଙ୍କାଳ ଥିବା ବ୍ୟାଗ ସହ ଫେରିଯାଇଥିଲେ। ସେ ନିର୍ଦ୍ଦୋଷ ଓ ବ୍ୟାଙ୍କରୁ ତାଙ୍କ ଭଉଣୀଙ୍କ ଜମା ଟଙ୍କା ଫେରି ପାଇବା ପାଇଁ ସକାଶେ ବ୍ୟାଙ୍କରେ ଜମା କରାଯିବାକୁ ଥିବା ମୃତ୍ୟୁ ପ୍ରମାଣପତ୍ର ବିଷୟରେ ବୁଝିନପାରି ଏପରି ଭୁଲ୍ କରିଥିବା ପୁଲିସ୍ ସ୍ପଷ୍ଟ କରିଛି।


ଓଡ଼ିଶା ଶାସନ

# ଅଂଶୁଘାତ ସତର୍କତା

**ଲକ୍ଷଣ**
- ପ୍ରବଳ ଝାଳ ବୋହିବା
- ମୁଣ୍ଡ ବୁଲାଇ ଅନ୍ଧାର ଦିଶିବା ଓ ବାନ୍ତି ଲାଗିବା
- ପ୍ରବଳ ଶୋଷ ଲାଗିବା
- ମାଂସପେଶୀ ଟାଣି ହେବା
- ଚର୍ମ ଶୁଷ୍କ, ଲାଲ୍ ଓ ଉତ୍ତପ୍ତ ହେବା
- ଅଚେତ ହେବା କିମ୍ବା ବାତ ମାରିବା

**ସତର୍କତା**
- ଦିନ ୧୧ଟା ରୁ ୩ଟା ମଧ୍ୟରେ ଖରା ତାତି ଅଧିକ ଥାଏ। ଏହି ସମୟ ମଧ୍ୟରେ ବାହାରକୁ ଯାଆନ୍ତୁ ନାହିଁ। ଜରୁରୀ କାମ ଥିଲେ ବାହାରକୁ ଯିବା ପୂର୍ବରୁ ଯଥେଷ୍ଟ ପାଣି ପିଅନ୍ତୁ ଓ ସାଥିରେ ଛତା, ଚପଲ ଓ ପିଇବା ପାଣି ନିଅନ୍ତୁ
- ଧଳା ରଙ୍ଗର ଢ଼ିଲା ପୋଷାକ, ଛତା ଓ ଜୋତା ବ୍ୟବହାର କରନ୍ତୁ
- ମଝିରେ ମଝିରେ ଛାଇରେ ବିଶ୍ରାମ ନିଅନ୍ତୁ
- ଖରାରେ କଠିନ ପରିଶ୍ରମ କରନ୍ତୁ ନାହିଁ/ ଅଧିକ ଦୂର ଚାଲନ୍ତୁ ନାହିଁ
- କୌଣସି ପ୍ରକାର ମାଦକ ଦ୍ରବ୍ୟ ସେବନ କରନ୍ତୁ ନାହିଁ

**ପ୍ରତିକାର**
- ଅଂଶୁଘାତ ଆକ୍ରାନ୍ତଙ୍କୁ ଖୋଲା ଓ ଥଣ୍ଡା ଜାଗାକୁ ନେଇଯାଆନ୍ତୁ, ଓ.ଆର୍.ଏସ୍./ ଚିନି ଲୁଣ ସର୍ବତ/ ସାଦାପାଣି ପିଆନ୍ତୁ
- ପୋଷାକ ଯଥାସମ୍ଭବ ଖୋଲି ଦିଅନ୍ତୁ
- ମୁଣ୍ଡ ଧୋଇ ଦିଅନ୍ତୁ, ଓଦା କପଡ଼ାରେ ପୋଛନ୍ତୁ
- ରୋଗୀକୁ ପଙ୍ଖା/ କୁଲର/ ଏସି ପବନରେ ଶୁଆଇ ଦିଅନ୍ତୁ ଓ ପାଣି ସିଞ୍ଚନ କରନ୍ତୁ
- ଅବସ୍ଥାରେ ଉନ୍ନତି ନହେଲେ ତୁରନ୍ତ ଡ଼ାକ୍ତରଖାନା ନେଇ ଚିକିତ୍ସା କରାନ୍ତୁ



ବୟସ୍କ ତଥା ଅସୁସ୍ଥ ବ୍ୟକ୍ତି ଏବଂ ଗର୍ଭବତୀ ମହିଳାଙ୍କ ପାଇଁ ଅଂଶୁଘାତର ଆଶଙ୍କା ଅଧିକ

NATIONAL HEALTH MISSION
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
DSPL/320920-10001/86/2627


ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ

## ଭାରତରେ ୨୦୭ ଅରବପତି

# ଧନକୁବେରଙ୍କ ସଂଖ୍ୟାରେ ବିଶ୍ୱରେ ଭାରତ ତୃତୀୟ

**ନୂଆଦିଲ୍ଲୀ,୨୭।୪:** ବିଶ୍ୱରେ ପ୍ରତି ୨୪ ଘଣ୍ଟାରେ ୮୯ ନୂଆ ବ୍ୟକ୍ତି 'ସୁପର୍ ରିଚ୍' ବା ଅତିଧନୀ କ୍ଲବ୍‌ରେ ସାମିଲ ହେଉଛନ୍ତି । ଏମାନେ ହେଲେ ଉକ୍ତ ବ୍ୟକ୍ତି, ଯେଉଁମାନଙ୍କ ସମ୍ପତ୍ତି ୩ କୋଟି ଡଲାର(ପାଖାପାଖି ୨୮୨ କୋଟି ଟଙ୍କା) ରୁ ଅଧିକ । ଗତ ୫ ବର୍ଷରେ ଏଭଳି ସୁପର୍‌ରିଚ୍ ବା ଅତିଧନୀଙ୍କ ସଂଖ୍ୟା ୧୬୨,୧୯୧ ବୃଦ୍ଧି ପାଇଛି । ନାଇଟ୍‌ଫ୍ରାଙ୍କ୍‌ର ୱେଲ୍‌ଥ ରିପୋର୍ଟ-୨୦୨୬ ଅନୁସାରେ, ଏହା ୨୦୨୧ରେ ୫,୫୧,୪୩୫ ଥିଲା, ଯାହା ୨୦୨୬ ସୁଦ୍ଧା ବଢ଼ି ୭,୧୩,୬୨୬ ହୋଇଯାଇଛି। ଭାରତରେ ବି ଏ ଛବି ଉତ୍ସାହଜନକ ରହିଛି । ଦେଶରେ ଏଭଳି ଅତିଧନୀଙ୍କ ସଂଖ୍ୟା ୨୦୨୧ରେ ପ୍ରାୟ ୧୨,୦୦୦ରୁ ବଢ଼ି ୨୦୨୬ରେ ୧୯,୮୭୭ ହୋଇଯାଇଛି, ଯାହା ୬୩% ଅଭିବୃଦ୍ଧି । ୨୦୩୧ ସୁଦ୍ଧା ଏ ସଂଖ୍ୟା ୨୭% ବଢ଼ି ୨୫,୨୧୭ ପର୍ଯ୍ୟନ୍ତ ପହଞ୍ଚିବାର ଅନୁମାନ ରହିଛି। ଅତିଧନୀ ଜନସଂଖ୍ୟାରେ ଭାରତର ସ୍ଥାନ ସମଗ୍ର ବିଶ୍ୱରେ ଷଷ୍ଠ ରହିଛି। ଭାରତୀୟ ସହରଗୁଡ଼ିକ ମଧ୍ୟରେ ସବୁଠାରୁ ଅଧିକ ଅତିଧନୀ ମୁମ୍ବାଇରେ ଅଛନ୍ତି । ଏହାପଛକୁ ଦିଲ୍ଲୀ, ବେଙ୍ଗାଲୁରୁ, ହାଇଦ୍ରାବାଦ ଏବଂ ଚେନ୍ନାଇ ଆଦି ସହର ରହିଛି ।



୨୦୭ ଅରବପତିଙ୍କ ସହ ଭାରତ ବର୍ତ୍ତମାନ ସମଗ୍ର ବିଶ୍ୱରେ ତୃତୀୟ ସ୍ଥାନରେ ରହିଛି। ଅନୁମାନ ରହିଛି ଯେ, ୨୦୩୧ ସୁଦ୍ଧା ଦେଶରେ ଅରବପତିଙ୍କ ସଂଖ୍ୟା ୫୧% ବଢ଼ି ୩୧୩ ହୋଇଯିବ । ତେବେ ବିଶ୍ୱ ଅତିଧନୀଙ୍କ ସଂଖ୍ୟାରେ ଭାରତର ଅଂଶ ଏବେ ମାତ୍ର ୨.୮% ରହିଛି । କିନ୍ତୁ ଏହାର ଗତି ଲଗାତର ଭାବେ ବଢୁଛି ।

ରିପୋର୍ଟ ମୁତାବକ, ଆଗାମୀ ୫ ବର୍ଷରେ ଇଣ୍ଡୋନେସିଆରେ ଧନୀଙ୍କ ସଂଖ୍ୟା ସବୁଠୁ ଅଧିକ ୮୨% ବଢ଼ିବ। ସାଉଦି ଆରବ ଏବଂ ପୋଲାଣ୍ଡରେ ଏ ବୃଦ୍ଧି ୬୩% ରହିବାର ଅନୁମାନ ଅଛି। ଭିଏତନାମରେ ବି ୫୯% ବୃଦ୍ଧି ଘଟିବ । ବିଶ୍ୱର ଅତିଧନୀଙ୍କ ମଧ୍ୟରେ ଆମେରିକାର ଅଂଶ ୨୦୨୧ରେ ୩୩% ଥିଲା, ଯାହା ଗତ ୫ ବର୍ଷରେ ବଢ଼ି ୨୦୨୬ରେ ୩୫% ହୋଇଯାଇଛି। ୨୦୩୧ ସୁଦ୍ଧା ଏହା ୪୧% ପର୍ଯ୍ୟନ୍ତ ପହଞ୍ଚିବାର ଅନୁମାନ ରହିଛି। ଗତ ୪ ବର୍ଷରେ ପ୍ରସ୍ତୁତ ସମସ୍ତ ନୂଆ ଅତିଧନୀଙ୍କ ମଧ୍ୟରେ ୪୧% କେବଳ ଆମେରିକାର । ବିଶ୍ୱରେ ମୋଟ ୩,୧୧୦ ଅରବପତି ଅଛନ୍ତି ।

ଏଥିରେ ଏସିଆ ପ୍ରଶାନ୍ତ ୧,୧୧୬ ସହ ପ୍ରଥମ ସ୍ଥାନରେ ରହିଛି । ଏହା ୯୬୫ ଅରବପତି ରହିଥିବା ଆମେରିକାକୁ ପଛରେ ପକାଇଦେଇଛି । ୫ ବର୍ଷରେ ସାଉଦି ଆରବରେ ଅରବପତିଙ୍କ ସଂଖ୍ୟା ସବୁଠୁ ଅଧିକ ୧୮୩% ବଢ଼ିବ। ଏହାପରେ ପୋଲାଣ୍ଡରେ ୧୨୩% ଏବଂ ସ୍ୱିଡେନ୍‌ରେ ୮୧% ବଢ଼ିବ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି ।




# ଏନ୍‌ଆରଆଇ ବି କରିପାରିବେ ଆଧାର ?

**ନୂଆଦିଲ୍ଲୀ,୨୬।୪:** ଆଜିର ସମୟରେ ବ୍ୟାଙ୍କିଙ୍ଗଠାରୁ ଆରମ୍ଭ କରି ସରକାରୀ ଯୋଜନା ପର୍ଯ୍ୟନ୍ତ ସବୁଥିରେ ଆଧାର କାର୍ଡ ଏକ ଅପରିହାର୍ଯ୍ୟ ଦଲିଲ ପାଲଟିଛି। ଏଭଳି ସ୍ଥିତିରେ ବିଦେଶରେ ରହୁଥିବା ଭାରତୀୟ ବା ଏନ୍‌ଆରଆଇ ମାନଙ୍କ ମନରେ ଏକ ବଡ଼ ପ୍ରଶ୍ନ ଥାଏ ଯେ, ଯଦି ସେମାନଙ୍କ ପାସପୋର୍ଟରେ ବିଦେଶୀ ଠିକଣା ରହିଛି, ତେବେ ସେମାନେ ଆଧାର କାର୍ଡ ପାଇଁ ଆବେଦନ କରିପାରିବେ କି ନାହିଁ? ଏବେ ଭାରତୀୟ ବିଶିଷ୍ଟ ପରିଚୟ ପ୍ରାଧିକରଣ (ୟୁଆଇଡିଏଆଇ) ଏହି ଦ୍ୱନ୍ଦ୍ୱକୁ ଦୂର କରିଛି। ୟୁଆଇଡିଏଆଇର ନୂଆ ନିୟମ ଅନୁଯାୟୀ, ଜଣେ ଏନ୍‌ଆରଆଇ ନିଜ ପାସପୋର୍ଟରେ ଥିବା ବିଦେଶୀ ଠିକଣା ବ୍ୟବହାର କରି ମଧ୍ୟ ଆଧାର କାର୍ଡ ପାଇଁ ଆବେଦନ କରିପାରିବେ। ଯଦି ଆପଣଙ୍କ ପାସପୋର୍ଟରେ ଭାରତ ବଦଳରେ ବିଦେଶର ଠିକଣା ଉଲ୍ଲେଖ ଅଛି, ତଥାପି ଆପଣଙ୍କୁ ଆଧାର କାର୍ଡ ମିଳିବାରେ କୌଣସି ଅସୁବିଧା ହେବ ନାହିଁ। ଆଧାର କାର୍ଡରେ ମଧ୍ୟ ସେହି ବିଦେଶୀ ଠିକଣାକୁ ହିଁ ବ୍ୟବହାର କରାଯାଇପାରିବ। କ'ଣ ରହିଛି ୟୁଆଇଡିଏଆଇ ର ନିୟମ? ଏନ୍‌ଆର୍‌ଆଇ ମାନଙ୍କ ପାଇଁ ୟୁଆଇଡିଏଆଇ କିଛି ସ୍ପଷ୍ଟ ନିର୍ଦ୍ଦେଶନାମା ଜାରି କରିଛି: ମୁଖ୍ୟ ଦଲିଲ: ଆବେଦନ ସମୟରେ ପାସପୋର୍ଟକୁ ହିଁ ପ୍ରମୁଖ ଦଲିଲ ଭାବେ ଗ୍ରହଣ କରାଯିବ। ଫର୍ମ ଚୟନ: ଆବେଦନକାରୀଙ୍କ ଶ୍ରେଣୀ ଅନୁସାରେ ଫର୍ମ ନମ୍ବର ୨, ୪ କିମ୍ବା ୬ ପୂରଣ କରିବାକୁ ପଡ଼ିବ। ବାଧ୍ୟତାମୂଳକ ସର୍ତ୍ତ: ଆଧାର ପଞ୍ଜୀକରଣ ପାଇଁ ଏନ୍‌ଆରଆଇ ବ୍ୟକ୍ତିଜଣଙ୍କୁ ଭାରତରେ ଉପସ୍ଥିତ ରହିବା ଜରୁରୀ। କାରଣ ବାୟୋମେଟ୍ରିକ ଡାଟା (ଆଙ୍ଗୁଠି ଚିହ୍ନ ଏବଂ ଆଖିର ସ୍କାନ) କେବଳ ଆଧାର କେନ୍ଦ୍ରରେ ହିଁ ନିଆଯାଇଥାଏ। ଏହି ପ୍ରକ୍ରିୟା ଅନଲାଇନ ମାଧ୍ୟମରେ ସମ୍ପୂର୍ଣ୍ଣ ହୋଇପାରିବ ନାହିଁ।



# ସ୍ୱର୍ଣ୍ଣାଳଙ୍କାରର ହେଉଛି ବୀମା

**ନୂଆଦିଲ୍ଲୀ,୨୭।୪:** ଭାରତରେ ସୁନା କେବଳ ଏକ ଧାତୁ ନୁହେଁ ବରଂ ପରିବାରମାନଙ୍କ ପିଢ଼ୀ ପରେ ପିଢ଼ୀର ଜମା ପୁଞ୍ଜି ଓ ସାମାଜିକ ସୁରକ୍ଷାର ପ୍ରତୀକ। ହେଲେ ଆଜି ଯେବେ ସୁନା ମୂଲ୍ୟ ତାର ଐତିହାସିକ ସ୍ତରରେ ପହଞ୍ଚିଛି ଓ ୧୦ ଗ୍ରାମ ସୁନା ମୂଲ୍ୟ ୧ଲକ୍ଷ ୫୦ ହଜାର ଟଙ୍କା ପାର ହୋଇ ଯାଇଛି ସେତେବେଳେ ସୁନାର ସୁରକ୍ଷା ଚିନ୍ତାର କାରଣ ପାଲଟିବା ବାସ୍ତବିକ। ମୂଲ୍ୟ ବୃଦ୍ଧି ସହିତ ସ୍ୱର୍ଣ୍ଣାଳଙ୍କାର ପାଇଁ ରିସ୍କ ମଧ୍ୟ ବଢ଼ି ଯାଇଛି। ତେବେ ସବୁଠୁ ଆଶ୍ଚର୍ଯ୍ୟର କଥା ଯାହା ତାହା ହେଉଛି ଦେଶରେ ଲୋକେ ସୁନା ତ କିଣୁଛନ୍ତି ହେଲେ ଏହାର ସୁରକ୍ଷା ପାଇଁ ବୀମା ଅର୍ଥାତ ଇନସ୍ୟୁରାନ୍ସ ଆଡକୁ ଏପର୍ଯ୍ୟନ୍ତ ଧ୍ୟାନ ଦେଇ ନାହାନ୍ତି। ଏହି ଅବହେଳା ଏବେ ଗ୍ରାହକ ଓ ଜ୍ୱେଲର ଉଭୟଙ୍କ ପାଇଁ ଚୋରି ଓ କ୍ଷତି ଭଳି ଆର୍ଥିକ ସମସ୍ୟା ପ୍ରତି ଅସୁରକ୍ଷିତ କରୁଛି। ସୁନା ମହଙ୍ଗା ହେବା ଯୋଗୁ ବଢ଼ିଛି ସିନ୍ଧି ଚୋରି ଯେତେବେଳେ ଘରେ ରଖା ଯାଇଥିବା ସୁନାର ମୂଲ୍ୟ ବଢ଼ି ଯାଏ ସେତେବେଳେ ଚୋରି ଭୟ ରହିବା ସ୍ୱାଭାବିକ। ଆଜିର ସମୟରେ ଘର ଟ୍ରେଜରୀରେ ସୁନା ରଖିବା ପୂର୍ବାପେକ୍ଷା ଅଧିକ ସମସ୍ୟାର କାରଣ ପାଲଟିଛି। କେବଳ ସାଧାରଣ ଲୋକେ ନୁହନ୍ତି ଜ୍ୱେଲର ଓ ବ୍ୟବସାୟୀଙ୍କ ଲାଗି ମଧ୍ୟ ଏହା ଚ୍ୟାଲେଞ୍ଜ ପାଲଟିଛି। ସେମାନଙ୍କ ଷ୍ଟକ୍ ଏବେ ପୂର୍ବାପେକ୍ଷା ଅନେକ ଗୁଣା ମହଙ୍ଗା ହୋଇଯାଇଛି। ଯାହାକୁ ଷ୍ଟୋର କରିବା, ଗ୍ରାହକଙ୍କୁ ଦେଖାଇବା ଓ ଗୋଟିଏ ସହରରୁ ଆଉ ଗୋଟିଏ ସହରକୁ ପଠେଇବା କାଳରେ ଲୁଟ ହୋଇଯିବାର ଭୟ ରହୁଛି। ଦିନକୁ ଦିନ ଏହି ରିସ୍କ ବଢୁଥିଲେ ମଧ୍ୟ ଲୋକେ ଏ ଆଡକୁ ଧ୍ୟାନ ଦେଉ ନାହାନ୍ତି। ଜ୍ୱେଲରୀ ଇନସ୍ୟୁରାନ୍ସରୁ ମିଳିବ କଣ? ଜ୍ୱେଲର୍ସ ଙ୍କ ଲାଗି ବଜାରରେ 'ଜ୍ୱେଲର ବ୍ଲକ ଇନସ୍ୟୁରାନ୍ସ' ଭଳି ସ୍ୱତନ୍ତ୍ର ପଲିସି ରହିଛି, ଯାହାକୁ ଏହି ବ୍ୟବସାୟକୁ ଧ୍ୟାନରେ ରଖି ପ୍ରସ୍ତୁତ କରାଯାଇଛି। ଏଥିରେ ନା କେବଳ ଚୋରି, ସିନ୍ଧିଚୋରୀ ଓ ଲୁଟ ଭଳି ସାଧାରଣ ବିପଦ କଭର ହେବା ସହ ନିଆଁ ଲାଗିଯିବା, ପ୍ରକୃତିକ ବିପର୍ଯ୍ୟରୁ ହେବାକୁ ଥିବା କ୍ଷୟକ୍ଷତିର ମଧ୍ୟ ଭରଣା ହେଉଛି।




# ଆଇସକ୍ରିମ ବି ହେବ ମହଙ୍ଗା

**ନୂଆଦିଲ୍ଲୀ,୨୭।୪:** ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଶେଷ ହୋଇଯାଇପାରେ, କିନ୍ତୁ ଦୁଇ ରାଷ୍ଟ୍ର ମଧ୍ୟରେ ଉତ୍ତେଜନା ଜାରି ରହିଥିବାରୁ ପୁଣି ଶତ୍ରୁତା ସୃଷ୍ଟି ହେବାର ଭୟ ଏବେ ବି ରହିଛି। ଯୁଦ୍ଧ ଶେଷ ହୋଇଯାଇପାରେ, କିନ୍ତୁ ଏହାର ପ୍ରଭାବ ଏବେ ପ୍ରକାଶ ପାଇବାରେ ଲାଗିଛି। ଗ୍ରୀଷ୍ମ ଋତୁରେ ସମସ୍ତେ ଯେଉଁ ଆଇସକ୍ରିମକୁ ଚାହାଁନ୍ତି ତାହା ଏବେ ଯଥେଷ୍ଟ ମହଙ୍ଗା ହେବାର ଆଶଙ୍କା ରହିଛି। ଗ୍ରୀଷ୍ମ ଋତୁ ଆସିବା ସହିତ, ଲୋକମାନେ ସାଧାରଣତଃ ସତେଜ ଆଇସକ୍ରିମ ଏବଂ ସ୍ୱାଦିଷ୍ଟ ଚକୋଲେଟ ଖାଇବାକୁ ପ୍ରସ୍ତୁତ ହୁଅନ୍ତି; କିନ୍ତୁ, ଏଥର, ଏହି ମିଠା ଖାଇବାକୁ ସନ୍ତୁଷ୍ଟ କରିବା ସେମାନଙ୍କ ପକେଟ ଉପରେ ଭାରୀ ପ୍ରଭାବ ପକାଇବ। ବଜାର ସୂଚକଗୁଡ଼ିକ ସ୍ପଷ୍ଟ ଭାବରେ ସୂଚାଇ ଦେଉଛନ୍ତି ଯେ ଆଗାମୀ ଦିନରେ ଆଇସକ୍ରିମ ଏବଂ ଚକୋଲେଟ ଉଭୟର ମୂଲ୍ୟ ବୃଦ୍ଧି ପାଇବାର ସମ୍ଭାବନା ରହିଛି। କାରଣ କେବଳ ସାଧାରଣ ମୁଦ୍ରାସ୍ଫୀତି ନୁହେଁ; ବରଂ, ବିଶ୍ୱ ଭୂରାଜନୈତିକ ପରିସ୍ଥିତି ଏହି ପରିସ୍ଥିତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ପଶ୍ଚିମ ଏସିଆରେ ଚାଲିଥିବା ଉତ୍ତେଜନା ଯୋଗାଣ ଶୃଙ୍ଖଳକୁ ବାଧା ଦେଇଛି। ଏହି ବାଧା ସିଧାସଳଖ ଏହି ଉତ୍ପାଦଗୁଡ଼ିକ ଉତ୍ପାଦନ ପାଇଁ ଆବଶ୍ୟକୀୟ କଞ୍ଚାମାଲକୁ ପ୍ରଭାବିତ କରିଛି – ବିଶେଷକରି, ଡ୍ରାଏ ଫ୍ରୁଟ, ବାଦାମ ଏବଂ କୋକୋ ଭଳି ସାମଗ୍ରୀ ମହଙ୍ଗା ହୋଇଯାଇଛି। କମ୍ପାନୀଗୁଡ଼ିକ ଏପର୍ଯ୍ୟନ୍ତ ଗ୍ରୀଷ୍ମ ଋତୁରେ ଗ୍ରାହକଙ୍କୁ ଦୂରେଇ ରଖିବା ପାଇଁ ମୂଲ୍ୟ ବୃଦ୍ଧି କରିବାରୁ ନିବୃତ୍ତ ରହିଛନ୍ତି; ତଥାପି, ବର୍ତ୍ତମାନର ପରିସ୍ଥିତି ଏପରି ଏକ ସ୍ଥାନରେ ପହଞ୍ଚିଛି ଯେଉଁଠାରେ ମୂଲ୍ୟ ବୃଦ୍ଧି ପ୍ରାୟ ଅନିବାର୍ଯ୍ୟ ବୋଲି ବିବେଚନା କରାଯାଉଛି। ବାସ୍ତବରେ, ଏହା କେବଳ ସାଧାରଣ ମୁଦ୍ରାସ୍ଫୀତିର କାହାଣୀ ନୁହେଁ, ବରଂ ବିଶ୍ୱ ଯୋଗାଣ ଶୃଙ୍ଖଳ ସଙ୍କଟର ଏକ ଝଲକ। ଟାଇମ୍ସ ଅଫ ଇଣ୍ଡିଆର ଏକ ରିପୋର୍ଟ ଅନୁଯାୟୀ, ଆଇସକ୍ରିମ ଏବଂ ଚକୋଲେଟର ସ୍ୱାଦକୁ ପରିଭାଷିତ କରୁଥିବା ଉପାଦାନଗୁଡ଼ିକ ଏବେ ନିର୍ମାତାଙ୍କ ପାଇଁ ଏକ ପ୍ରମୁଖ ମୁଣ୍ଡବିନ୍ଧାର କାରଣ ପାଲଟିଛି। ଡ୍ରାଏ ଫ୍ରୁଟ ଏବଂ ବାଦାମର ମୂଲ୍ୟରେ ୧୫ରୁ ୨୨ ପ୍ରତିଶତର ତୀବ୍ର ବୃଦ୍ଧି ଘଟିଛି। ଅନେକ କମ୍ପାନୀ ଏପର୍ଯ୍ୟନ୍ତ ମୂଲ୍ୟ ବୃଦ୍ଧି କରିବାରେ ଲାଗି ରହିଥିବା ବେଳେ, ସେମାନଙ୍କର ଲାଭ ପରିମାଣ ନିରନ୍ତର ଚାପ ମଧ୍ୟରେ ରହିଛି। ଏହା ବ୍ୟତୀତ, ପ୍ୟାକେଜିଂ ଏବଂ ଲଜିଷ୍ଟିକ୍ସ ଖର୍ଚ୍ଚ ମଧ୍ୟ ବୃଦ୍ଧି ପାଉଛି। ସାମୁଦ୍ରିକ ଜାହାଜ ମାର୍ଗରେ ବାଧା ସୃଷ୍ଟି ହେବା ଯୋଗୁ ବିତରଣ ବିଳମ୍ବ ହେଉଛି ଏବଂ କାର୍ଯ୍ୟକ୍ଷମ ଖର୍ଚ୍ଚ ଆହୁରି ବୃଦ୍ଧି ପାଉଛି। ଫଳସ୍ୱରୂପ, କମ୍ପାନୀଗୁଡ଼ିକ ପାଖରେ ବହୁତ କମ ସମ୍ଭବ ବିକଳ୍ପ ରହିଛି। ଏହି ସମଗ୍ର ପରିସ୍ଥିତି ସ୍ପଷ୍ଟ କରିଛି ଯେ ଆଇସକ୍ରିମ ଏବଂ ଚକୋଲେଟ ଶିଳ୍ପ ମୁଦ୍ରାସ୍ଫୀତି ଚାପର ସିଧାସଳଖ ପ୍ରଭାବ ପକାଇଛି। ଏହି କମ୍ପାନୀଗୁଡ଼ିକ ସାମ୍ନାରେ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ମୂଲ୍ୟ ବୃଦ୍ଧି ନକରି ଉତ୍ପାଦର ଗୁଣବତ୍ତା କିପରି ବଜାୟ ରଖାଯିବ। ଯଦି ସେମାନେ ଶୁଖିଲା ଫଳ କିମ୍ବା କୋକୋ ଭଳି ଉପାଦାନର ପରିମାଣ ହ୍ରାସ କରିବାକୁ ବାଛନ୍ତି, ତେବେ ଉତ୍ପାଦର ସ୍ୱାଦ ଏବଂ ବ୍ରାଣ୍ଡର ସାମଗ୍ରିକ ମୂଲ୍ୟ ଉଭୟ କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଫଳସ୍ୱରୂପ, ଅଧିକାଂଶ କମ୍ପାନୀ ଏହି ପଥରୁ ଦୂରେଇ ଯାଉଛନ୍ତି। ଏହି କାରଣରୁ ମୂଲ୍ୟରେ ଧୀରେ ଧୀରେ ବୃଦ୍ଧି ପାଇଁ ପ୍ରସ୍ତୁତି ଚାଲିଛି। ଅନେକ ବ୍ରାଣ୍ଡ ପୂର୍ବରୁ ସଙ୍କେତ ଦେଇସାରିଛନ୍ତି ଯେ ଆଗାମୀ ସପ୍ତାହଗୁଡ଼ିକରେ ମୂଲ୍ୟ ସଂଶୋଧନ ହୋଇପାରେ। କିଛି କମ୍ପାନୀ ପୂର୍ବରୁ ସୀମିତ ପରିମାଣରେ ମୂଲ୍ୟ ବୃଦ୍ଧି କରିସାରିଛନ୍ତି, ଯେତେବେଳେ ଅନ୍ୟମାନେ ଏବେ ବି ସୁବିଧାଜନକ ମୁହୂର୍ତ୍ତକୁ ଅପେକ୍ଷା କରିଛନ୍ତି। ଏହି ପରିସ୍ଥିତି ଗ୍ରାହକମାନଙ୍କ ପାଇଁ ଏକ ଚ୍ୟାଲେଞ୍ଜ ମଧ୍ୟ ସୃଷ୍ଟି କରିଛି, କାରଣ ସେମାନଙ୍କୁ ଏବେ ସେମାନଙ୍କର ପ୍ରିୟ ଉତ୍ପାଦ ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିପାରେ।




# ଝିଅଙ୍କ ନାଁରେ ୪ଟି ଯୋଜନା ଚଳାଉଛନ୍ତି ସରକାର

**ନୂଆଦିଲ୍ଲୀ,୨୭।୪:** ଭାରତରେ, କେନ୍ଦ୍ର ଏବଂ ରାଜ୍ୟ ସରକାର ଉଭୟ ଝିଅମାନଙ୍କୁ ସଶକ୍ତ କରିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ଯୋଜନାଗୁଡ଼ିକର ଉଦ୍ଦେଶ୍ୟ କେବଳ ଆର୍ଥିକ ସହାୟତା ପ୍ରଦାନ କରିବା ନୁହେଁ, ବରଂ ଶିକ୍ଷା, ସୁରକ୍ଷା ଏବଂ ସାମାଜିକ ମର୍ଯ୍ୟାଦାକୁ ପ୍ରୋତ୍ସାହିତ କରିବା। ଏହି ପଦକ୍ଷେପଗୁଡ଼ିକ ବିଶେଷକରି ଗ୍ରାମୀଣ ଏବଂ ମଧ୍ୟବିତ୍ତ ପରିବାର ପାଇଁ ଆଶ୍ୱସ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଉତ୍ସ ପ୍ରମାଣିତ ହେଉଛି। ଦେଶରେ ଝିଅମାନଙ୍କର ହ୍ରାସ ପାଉଥିବା ଲିଙ୍ଗ ଅନୁପାତ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଏବଂ ସେମାନଙ୍କ ଶିକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଏହି ଯୋଜନା ଆରମ୍ଭ କରାଯାଇଥିଲା। ଏହି ପଦକ୍ଷେପ ଅଧୀନରେ, ସରକାର ଝିଅମାନଙ୍କ ପ୍ରତି ସମାଜରେ ଏକ ସକାରାତ୍ମକ ମାନସିକତା ପୋଷଣ ଉପରେ ଗୁରୁତ୍ୱାରୋପ କରନ୍ତି। ସ୍କୁଲ ନାମଲେଖା ହାର ବୃଦ୍ଧି କରିବା ଏବଂ ଡ୍ରପ ଆଉଟ ହାର ହ୍ରାସ କରିବା ପାଇଁ ମଧ୍ୟ ଅଭିଯାନ କରାଯାଏ।

**ବେଟି ବଚାଓ, ବେଟି ପଢ଼ାଓ:**

ଏହି ଯୋଜନା ଝିଅର ଭବିଷ୍ୟତକୁ ଆର୍ଥିକ ଭାବରେ ସୁରକ୍ଷିତ କରିବା ପାଇଁ ସବୁଠାରୁ ଲୋକପ୍ରିୟ ପଦକ୍ଷେପ ମଧ୍ୟରୁ ଗୋଟିଏ ଭାବରେ ସ୍ଥିର ହୁଏ। ଏହି କାର୍ଯ୍ୟକ୍ରମ ଅଧୀନରେ, ପିତାମାତାମାନେ ସେମାନଙ୍କ ଝିଅର ନାମରେ ଏକ ଆକାଉଣ୍ଟ ଖୋଲିପାରିବେ ଏବଂ ନିୟମିତ ନିବେଶ କରିପାରିବେ। ପରିପକ୍ୱତା ପରେ, ଏକ ପର୍ଯ୍ୟାପ୍ତ ପରିମାଣର ଏକାଧିକ ରାଶି ପ୍ରାପ୍ତ ହୁଏ, ଯାହା ତାଙ୍କ ଶିକ୍ଷା କିମ୍ବା ବିବାହ ପାଇଁ ବ୍ୟବହାର କରାଯାଇପାରିବ। କର ଛାଡ ଏବଂ ଆକର୍ଷଣୀୟ ସୁଧ ହାର ଏହି ଯୋଜନାର ପ୍ରମୁଖ ଲାଭ।

**ଲାଡଲି ଯୋଜନା:**

ଅନେକ ରାଜ୍ୟରେ, ଝିଅମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ 'ଲାଡଲି ଯୋଜନା' କାର୍ଯ୍ୟକାରୀ କରାଯାଏ; ଜନ୍ମ ସମୟରୁ ଶିକ୍ଷା ପର୍ଯ୍ୟନ୍ତ। ନିର୍ଦ୍ଦିଷ୍ଟ ନିୟମ ଏବଂ ସୁବିଧା ବିଭିନ୍ନ ରାଜ୍ୟରେ ଭିନ୍ନ ହୋଇପାରେ, କିନ୍ତୁ ମୂଳ ଉଦ୍ଦେଶ୍ୟ ସମାନ ରହିଥାଏ: ଝିଅମାନଙ୍କୁ ଆତ୍ମନିର୍ଭରଶୀଳ କରିବା।

**ଶିକ୍ଷା ଏବଂ ଛାତ୍ରବୃତ୍ତି ଯୋଜନା:**

ସରକାର ଝିଅମାନଙ୍କ ଶିକ୍ଷାକୁ ଉତ୍ସାହିତ ଏବଂ ପ୍ରୋତ୍ସାହିତ କରିବା ପାଇଁ ଅନେକ ଛାତ୍ରବୃତ୍ତି ଯୋଜନା ମଧ୍ୟ ପ୍ରଦାନ କରନ୍ତି। ଏହି ପଦକ୍ଷେପଗୁଡ଼ିକରେ ସ୍କୁଲ ସ୍ତରୀୟ ଶିକ୍ଷାଠାରୁ ଉଚ୍ଚଶିକ୍ଷା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରକୁ କଭର କରୁଥିବା ଫି ରିହାତି ଏବଂ ଆର୍ଥିକ ସହାୟତା ଅନ୍ତର୍ଭୁକ୍ତ। ଫଳସ୍ୱରୂପ, ଅବହେଳିତ ପରିବାରର ଝିଅମାନେ ମଧ୍ୟ ଆଗକୁ ବଢ଼ିବା ଏବଂ ପ୍ରଗତି କରିବାର ସୁଯୋଗ ପାଉଛନ୍ତି।

**ସୁବିଧା କିପରି ପାଇବେ?**

ଏହି ଯୋଜନାଗୁଡ଼ିକର ଲାଭ ପାଇବା ପାଇଁ, ପିତାମାତାମାନଙ୍କୁ ସେମାନେ ପାଇବାକୁ ଚାହୁଁଥିବା ନିର୍ଦ୍ଦିଷ୍ଟ ଯୋଜନା ପାଇଁ ଆବେଦନ ଦାଖଲ କରିବାକୁ ପଡିବ। ଆଜି ମଧ୍ୟ, ଦେଶର ଅନେକ ସ୍ଥାନରେ, ଝିଅମାନଙ୍କ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ପ୍ରତି ପର୍ଯ୍ୟାପ୍ତ ଧ୍ୟାନ ଦିଆଯାଏ ନାହିଁ। ଏହି ପରିପ୍ରେକ୍ଷୀରେ, ଏହି ସରକାରୀ ଯୋଜନାଗୁଡ଼ିକ କେବଳ ଆର୍ଥିକ ସହାୟତାର ଉତ୍ସ ଭାବରେ କାର୍ଯ୍ୟ କରେ ନାହିଁ ବରଂ ସକାରାତ୍ମକ ସାମାଜିକ ପରିବର୍ତ୍ତନ ଆଣିବାରେ ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ଏହି ସରକାରୀ ପଦକ୍ଷେପଗୁଡ଼ିକ ସ୍ପଷ୍ଟ ଭାବରେ ଦର୍ଶାଉଛି ଯେ ଝିଅମାନଙ୍କ ପାଇଁ ଏକ ଉଜ୍ଜ୍ୱଳ ଭବିଷ୍ୟତ ସୁନିଶ୍ଚିତ କରିବା ପାଇଁ ନିରନ୍ତର ପ୍ରୟାସ କରାଯାଉଛି। ସଠିକ ସୂଚନା ପାଇ ଏବଂ ସମୟସୀମା ମଧ୍ୟରେ ଆବେଦନ କରି, ପରିବାରଗୁଡ଼ିକ ଏହି ଯୋଜନାଗୁଡ଼ିକ ଦ୍ୱାରା ପ୍ରଦାନ କରାଯାଉଥିବା ଲାଭର ପୂର୍ଣ୍ଣ ଲାଭ ଉଠାଇପାରିବେ।






# ଆଜିର ସୁନା ଦର

ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ତବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୪,୪୨୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୧,୫୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୪,୪୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ ସୁନାର ମୂଲ୍ୟ ହଜାର ୧,୪୧,୫୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୪,୪୨୦ ଟଙ୍କା ଓ ୨୨ କ୍ୟାରେଟ ମୂଲ୍ୟ ୧,୪୧,୫୫୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରଟେ୍ ୧,୫୪,୫୭୦ ଟଙ୍କା ଓ ୨୨ କ୍ୟାରେଟ ୧,୪୧,୭୦୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରଟେ ମୂଲ୍ୟ ୧,୫୫, ୨୪୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୨,୩୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୪,୪୨୦ ଓ ୨୨ କ୍ୟାରଟ ମୂଲ୍ୟ ୧,୪୧,୫୫୦ ଟଙ୍କା ରହିଛି ।



# ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୦.୯୩ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୫୧ ପଇସା ରହିଛି । ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି । ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି । ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୫ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି । ଚେନ୍ନାଇରେ ପେଟ୍ରୋଲ ଦର ୧୦୧ ଟଙ୍କା ୨୩ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୮୧ ପଇସା ରହିଛି ।

## ଧର୍ମଶାଳା ଓ ଦଶରଥପୁର ଇଂରାଜୀ ନାମ ସଂଶୋଧନ ନେଇ ସୂଚନା ଜାରି

ଯାଜପୁର,୨୭।୪ (ସଂଚାର ବ୍ୟୁରୋ): ରାଜ୍ୟର ବିଭିନ୍ନ ସ୍ଥାନର ଓଡ଼ିଆ ଉଚ୍ଚାରଣ ଅନୁଯାୟୀ ଇଂରାଜୀ ବନାନ ସଂଶୋଧନ ସମ୍ବନ୍ଧରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ସାର୍ବଜନୀନ ସୂଚନା ଜାରି କରାଯାଇଛି। ଏହି ପରିପ୍ରେକ୍ଷୀରେ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓଡ଼ିଶାର ସମସ୍ତ ସାଂସଦ, ସଚିବଙ୍କ ମାଧ୍ୟମରେ ସମସ୍ତ ବିଧାୟକ ଓ ଜିଲ୍ଲାପାଳଙ୍କୁ ଚିଠି କରିଛନ୍ତି। ଏହି ଚିଠି ଅନୁଯାୟୀ ଯାଜପୁର ଜିଲ୍ଲାର ଦଶରଥପୁର ଓ ଧର୍ମଶାଳାର ଇଂରାଜୀ ନାମ ସଂଶୋଧନ କରାଯାଇଛି। ପୂର୍ବରୁ ଏ ସମ୍ପର୍କରେ ପ୍ରସ୍ତାବ ସଂଗ୍ରହ କରାଯାଇଥିଲା। ବିଶିଷ୍ଟ ଓଡ଼ିଆ ସାହିତ୍ୟିକା ପଦ୍ମଭୂଷଣ ପ୍ରତିଭା ରାୟଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଦ୍ୱାରା ସମସ୍ତ ପ୍ରସ୍ତାବକୁ ସମୀକ୍ଷା କରାଯାଇଥିଲା। କମିଟି ସୁପାରିସ କରିଥିବା ପ୍ରସ୍ତାବଗୁଡିକୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଉପସ୍ଥାପନ କରାଯାଇ ମତାମତ ଓ ପରାମର୍ଶ ଆହ୍ୱାନ କରାଯାଇଛି। ଉକ୍ତ ପ୍ରସ୍ତାବଗୁଡ଼ିକ ଉପରେ ଜନପ୍ରତିନିଧି ଓ ଜନସାଧାରଣ ସେମାନଙ୍କ ସୁଚିନ୍ତିତ ମତାମତ ଓ ପରାମର୍ଶ ଏପ୍ରିଲ ୨୨ ଠାରୁ ଏକ ମାସ ମଧ୍ୟରେ ଚିଠି କିମ୍ବା ରାଜସ୍ୱ ବିଭାଗର ଇମେଲ ମାଧ୍ୟମରେ ଜଣାଇବାକୁ ଅନୁରୋଧ କରାଯାଇଛି।

## ନାବାଳିକାଙ୍କ ଆତ୍ମହତ୍ୟା

ନୀଳଗିରି,୨୭।୪ (ସଂଚାର ବ୍ୟୁରୋ): ନୀଳଗିରି ଥାନା ଅନ୍ତର୍ଗତ ଯଦିଡ଼ା ପଞ୍ଚାୟତ ର ପୋଡାଶୁଳ ଅଞ୍ଚଳରେ ଜଣେ ନାବାଳିକା କୌଣସି କାରଣରୁ ନିଜଶୋଇବା ଘରେ ଶୋଇଥିବା ବେଳେ ସକାଳେ କବାଟ ଖୋଲି ନଥିଲେ।ନାବାଳିକା ବଡ଼ ଭାଇ ର ସନ୍ଦେହ ହେବାରୁ ଘଟଣା ବିଷୟରେ ତାଙ୍କ ବାପା ମାଆ ଙ୍କୁ ଜଣାଇଥିଲେ।ପରେ ତାଙ୍କ ବଡ଼ ଡାକିବାରୁ ଘର ଭିତରୁ କୌଣସି ଉତ୍ତର ମିଳିଣ ଥିଲା ଫଳରେ ବାଧ୍ୟହୋଇ ଭାଇ କବାଟ ଭାଙ୍ଗି ବାରୁ ଘର ଭିତରେ ଫେନ ରେ ଫାଶୀ ଦେଇଥିବା ଦେଖି ସଂଗେ ସଂଗେ ନୀଳଗିରି ଡାକ୍ତରଖାନାକୁ ଆଣି ଥିବା ବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।ପୋଲିସ ପହଂଚି ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ଘଟଣା ବିଷୟରେ ତଦନ୍ତ କରୁଛି।ନାବାଳିକା ଜଣକ ଯୁକ୍ତ ଦୁଇ ଶେଷ ବର୍ଷ ର ଛାତ୍ରୀ ଥିବା ବେଳେ ମୃତ୍ୟୁ କାରଣ ଅସ୍ପଷ୍ଟ ଅଛି।ଉକ୍ତ ଘଟଣା ପଚାରିତ ହେବା କ୍ଷଣି ପରିବାର ଓ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଦମ୍ପତି ପାଇଲେ ରାଜ୍ୟସ୍ତରୀୟ ଓଡ଼ିଶା ସ୍କାର୍ଟ ସମ୍ମାନ




ନବରଙ୍ଗପୁର, ୨୭।୪ (ସଂଚାର ବ୍ୟୁରୋ): କଳା ବିକାଶ କେନ୍ଦ୍ର କଟକଠାରେ ୨୬ ତାରିଖ ରବିବାର ଦିନ ରାଜ୍ୟ କଳା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଓଡିଶାର ୨୬ତମ ରାଜ୍ୟ ସ୍ତରୀୟ ପ୍ରତିଭା ପୂଜା ଓ ସମ୍ବର୍ଦ୍ଧନା ଉତ୍ସବ ପାଳନ ଅବସରରେ ଡ. ସୁଶୋଭିତା ମେରିଲିନ ତୁର୍କ ସାହିତ୍ୟରେ କବି, ଲେଖିକା, ସଂଯୋଜିକା ଉପସ୍ଥାପିକା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଗୁଡିକରେ ବ୍ଲକ ସ୍ତର ଠାରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଅନେକ ମଞ୍ଚ ରେ ସଂଯୋଜନା କରି ସୁନାମ ଅର୍ଜ୍ଜନ କରିଥିବାରୁ ତାଙ୍କୁ ରାଜ୍ୟ କଳା ଗୋବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ଓଡିଶା ସ୍କାର୍ଟ ସମ୍ମାନ (କବୟିତ୍ରୀ) ସମ୍ବର୍ଦ୍ଧନାରେ ସମ୍ବର୍ଦ୍ଧିତ କରିଛନ୍ତି। ସେ ନୋଡାଲ ସରକାରୀ ଶିବପ୍ରସାଦ ଉଚ୍ଚ ବିଦ୍ୟାଳୟ, ଦିଗିସାଲପାରେ କାର୍ଯ୍ୟରତ କଳା ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟ କରି ଆସୁଛନ୍ତି।

ଆନନ୍ଦ କୁମାର ଭତ୍ରା ପିଏମଶ୍ରୀ ସରକାରୀ ବାପୁଜୀ ମାଧ୍ୟମିକ ବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ। ତାଙ୍କ ଅଧ୍ୟକ୍ଷତାରେ ବାପୁଜୀ ହାୟେର ସେକେଡାରୀ ସ୍କୁଲ ଭଲ ରେଜଲଟ କରିବା ସଙ୍ଗେ ସଂଗେ ତାଙ୍କ ପ୍ରେରଣାରେ ଜିଲ୍ଲାସ୍ତର ଠାରୁ ରାଜ୍ୟ ଓ କେନ୍ଦ୍ରସ୍ତର ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ନୃତ୍ୟ, ବକ୍ତୃତା, ବିଜ୍ଞାନ ମେଳା, ସ୍କାଉଟ, ଗାଇଡ଼, ରେଡ କ୍ରସ ଇତ୍ୟାଦି ବିଦ୍ୟାଳୟସ୍ତରୀୟ ବିଭିନ୍ନ କାର୍ଯ୍ୟକ୍ରମରେ ଅନେକ ସୁନାମ ଆଣିଛନ୍ତି। ତେଣୁ ଶ୍ରୀ ଭାତ୍ରାଙ୍କୁ ରାଜ୍ୟ କଳା ଗୋବେଷଣା ଓ ପ୍ରଶିକ୍ଷଣ କେନ୍ଦ୍ର ଆଦର୍ଶ ଶିକ୍ଷକ ସମ୍ମାନରେ ଭୁଷିତ କରିଥିବାରୁ ସ୍କାର୍ଟ ଓଡିଶାର ସଭାପତି କଳାଭୂଷଣ ଡ. ପ୍ରଶାନ୍ତ କୁମାର କର ତଥା କର୍ମକର୍ତ୍ତା ମଣ୍ଡଳୀଙ୍କୁ ଉଭୟ ଦମ୍ପତି ସାଧୁବାଦ ଜଣାଇଛନ୍ତି।

## ଶ୍ରୀ ସତ୍ୟସାଇ ସେବା ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର



ଡେରାବିଶ,୨୭।୪ (ସଂଚାର ବ୍ୟୁରୋ): ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ ବଳଭଦ୍ରପୁର ଠାରେ ଶ୍ରୀ ସତ୍ୟସାଇ ସେବା ସଂଗଠନ କେନ୍ଦ୍ରାପଡ଼ା ଜିଲ୍ଲା ଆନୁକୂଲ୍ୟରେ ଗତକାଲି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର ପଞ୍ଚୁପାଣ୍ଡବ ଭଜନ ମଣ୍ଡଳୀର ପୂର୍ବତନ ଆବାହକ ସ୍ୱର୍ଗତ କୁଳମଣି ମିଶ୍ରଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକ ଅବସରରେ ଅନୁଷ୍ଠିତ ଏହି ରକ୍ତଦାନ ଶିବିରକୁ ସଂଗଠନର କେନ୍ଦ୍ରାପଡ଼ା ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ନାୟକ, ରାଜ୍ୟ ସ୍ତରୀୟ କର୍ମକର୍ତ୍ତା ଶିବ ପ୍ରସାଦ ମହାନ୍ତି, ହର୍ଷ ବିହାରୀ ଦାଶ, ସଫଳା ଦାଶ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ ପୂର୍ବକ ଉଦ୍‌ଘାଟନ କରିଥିଲେ। ଏହି ଶିବିରରେ କଟକ ରେଡ୍‌କ୍ରସ ପକ୍ଷରୁ ଆସିଥିବା ଡାକ୍ତରୀ ଟିମ୍ ୧୬ ଜଣ ସ୍ୱେଚ୍ଛାକୃତ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିଥିଲେ। ପରେ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ହୋଇଥିବା ଭଜନ ସତସଙ୍ଗ କାର୍ଯ୍ୟକ୍ରମରେ ଠାକୁରପାଟଣା ସମିତି, ଲକ୍ଷ୍ମୀନାରାୟଣପୁର ଭଜନ ମଣ୍ଡଳୀ ଓ ଜହଙ୍ଗର ଭଜନ ମଣ୍ଡଳୀର ଭାଇଭଉଣୀମାନେ ଭଜନ ପରିବେଷଣ କରିଥିଲେ।

# ଭୁଶୁଡୁଛି ଆଇନ କାନୁନ ବ୍ୟବସ୍ଥା, ଚିନ୍ତାରେ ଲୋକେ

## ଦୁର୍ନୀତିଗ୍ରସ୍ତ କର୍ମଚାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଜରୁରୀ

ଯାଜପୁର,୨୭।୪ (ସଂଚାର ବ୍ୟୁରୋ): ଯାଜପୁର ଜିଲ୍ଲାରେ ଆଇନ କାନୁନ୍ ବ୍ୟବସ୍ଥା ସଂପୂର୍ଣ୍ଣ ଭୁଶୁଡ଼ି ପଡିଛି। କେହି କାହାକୁ ମାନିବା ପରି ମନେ ହେଉନି। ଟଙ୍କା ବଳରେ ଆଇନ ବ୍ୟବସ୍ଥା କିଣାବିକା ଚାଲିଥିବା ଚର୍ଚ୍ଚା ହେଉଛି। ପ୍ରତିବାଦ କଲେ କୋର୍ଟକୁ ଯାଅ ବୋଲି ଲୋକଙ୍କୁ କୁହାଯାଉଛି। ଲୋକଙ୍କ ସ୍ୱାର୍ଥକୁ ବଳି ପକାଇ ତଳୁ ଉପର ପର୍ଯ୍ୟନ୍ତ ସମସ୍ତେ ନିଜ ନିଜର ପକେଟ ଗରମ କରିବାରେ ବ୍ୟସ୍ତ। ମୁଖ୍ୟତଃ ଅନଭିଜ୍ଞ ବ୍ୟକ୍ତିଙ୍କ ହାତରେ ପ୍ରଶାସନିକ ବ୍ୟବସ୍ଥା ଥିବାରୁ ଲୋକେ ଏବେ ଚିନ୍ତାରେ ପଡିଛନ୍ତି।

ପୂର୍ବରୁ ଜିଲ୍ଲାରେ ଏଭଳି ବ୍ୟବସ୍ଥା ନ ଥିଲା ବୋଲି ଲୋକେ ଏବେ ଟୁପୁରୁ ଟାପୁରୁ ହେଉଛନ୍ତି। ସେତେବେଳେ ତଳିଆ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ଉଚ୍ଚ ପଦାଧିକାରୀଙ୍କ ପର୍ଯ୍ୟନ୍ତ ପ୍ରାୟ ସମସ୍ତଙ୍କର ଜିଲ୍ଲାପାଳଙ୍କ ପ୍ରତି ଭୟ ରହୁଥିଲା। ଏପରିକି ରାଜନେତାଙ୍କ ଚାପ ସତ୍ତ୍ୱେ ବି ଜିଲ୍ଲା ପ୍ରଶାସନ ନିୟମ ବାହାରେ କାମ କରୁ ନ ଥିଲେ। ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶ ପାଉଥିବା ଖବର ଉପରେ ଜିଲ୍ଲାପାଳ ଖୋଳତାଡ଼ କରୁଥିଲେ ଏବଂ କାର୍ଯ୍ୟାନୁଷ୍ଠାନ ସଂପର୍କରେ ଗଣମାଧ୍ୟମ ଆଗରେ ପ୍ରତିକ୍ରିୟା ଦେଉଥିଲେ। କିନ୍ତୁ ଏବେ ଏହି ପୁରୁଣା ପ୍ରଥା ଆଉ ଯାଜପୁର ଜିଲ୍ଲାରେ କାର୍ଯ୍ୟକାରୀ ହେଉ ନାହିଁ। ଏହାର ସୁଯୋଗ ହାତଉଛନ୍ତି ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟ କରୁଥିବା କେତେକ ଦୁର୍ନିତୀଗ୍ରସ୍ତ କର୍ମଚାରୀ। ଏଥିଯୋଗୁ ପ୍ରଶାସନ ବଦନାମ ହେଉଥିବାର ଅଭିଯୋଗ ହେଉଛି।

ଯାହାକି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏନଏଚଏମ ବିଭାଗକୁ ନିକଟରେ ଆସିଥିବା ଜନୈକ କର୍ମଚାରୀଙ୍କ କାର୍ଯ୍ୟକଳାପ ନଜରକୁ ନେଲେ ଏହା ସ୍ପଷ୍ଟ ବାରିହୋଇ ପଡୁଛି। କାରଣ ନିକଟରେ ନିର୍ମଳ ଯୋଜନା ଟେଣ୍ଡର ଜାଲିଆତି ଘଟଣାରେ ସେ ମୁଖ୍ୟ ନାୟକ ବୋଲି ଉକ୍ତ ବିଭାଗର ଅଧିକାରୀଙ୍କ ଠାରୁ ତଳିଆ କର୍ମଚାରୀଙ୍କ ମଧ୍ୟରେ ଚର୍ଚ୍ଚା ଜୋର ଧରିଛି। ଅନ୍ୟପକ୍ଷରେ ସଂପୃକ୍ତ କର୍ମଚାରୀ ଜଣଙ୍କ ଏହି ଟେଣ୍ଡର ଜାଲିଆତି ଘଟଣାରେ ଜିଲ୍ଲାପଦାଧିକାରିଙ୍କୁ ଦାୟୀ କରି ଖସିଯିବାକୁ ବସିଛନ୍ତି। ସେହିପରି ଏନ୍‌ଏଚ-୨୦ କାର୍ଯ୍ୟଳୟର ଜଣେ କରିତ୍ କର୍ମା ଆରଆଇ ମଧ୍ୟ ସମାନ ନୀତିକୁ ଆପଣାଇ ନେଇଛନ୍ତି। ଯାହାକୁ ନେଇ ଜିଲ୍ଲାର ପ୍ରଶାସନିକ ବ୍ୟବସ୍ଥା ଉପରେ ଜିଲ୍ଲାବାସୀ ସିଧାସଳଖ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି। ତେଣୁ ଜିଲ୍ଲାପାଳ ଏଥି ପ୍ରତି ଯଥେଷ୍ଟ ଧ୍ୟାନ ଦେବାକୁ ଦାବି ହେଉଛି। ନଚେତ ଯାଜପୁର ଜିଲ୍ଲାରେ ଆଇନ୍ କାନୁନ ବ୍ୟବସ୍ଥା ଭୁଶୁଡି ପଡିବ ବୋଲି ବୁଦ୍ଧିଜୀବି ମହଲରେ ମତ ପ୍ରକାଶ ପାଇଛି।

### କୁଲଡିହା ରେଞ୍ଜରଙ୍କ ମାଡ଼ମରା ଘଟଣା ଭିନ୍ନ ମୋଡ

## ୬ରେ ଏସ୍‌ପି ଅଫିସ ଆଗରେ ଧାରଣା ଦେବେ ଦୀପ୍ତିମୟୀ



ନୀଳଗିରି,୨୭।୪ (ସଂଚାର ବ୍ୟୁରୋ): ନୀଳଗିରି ସ୍ଥିତ କୁଲଡିହା ରେଞ୍ଜର ତଥା ଏସିଏଫ ସୁବ୍ରତ କୁମାର ବେହେରା ଗତ ମାର୍ଚ୍ଚ ମାସ ୨୫ ତାରିଖ ରାତିରେ ଗାଡ଼ି ଓଭର ଟେକକୁ ନେଇ ଫରେଷ୍ଟ ଗାର୍ଡ ପଦ୍ମଲୋଚନ ପାତ୍ର ଓ ନୀଳଗିରି ବିଦ୍ୟୁତ କର୍ମଚାରୀଙ୍କୁ ନିସ୍ତୁକ ପିଟାପିଟି କରିବା ସହିତ ମରଣାନ୍ତକ ଆକ୍ରମଣ ଘଟଣା ଘଟିବାର ଆଜିକୁ ଏକ ମାସରୁ ଉର୍ଦ୍ଧ ସମୟ ବିତି ଯାଇଥିଲେ ମଧ୍ୟ ନୀଳଗିରି ଥାନା ଅଧିକାରୀ ଠାରୁ ଆରମ୍ଭ କରି ବନ ବିଭାଗର କୌଣସି ଅଧିକାରୀ ମାନେ ନ୍ୟାୟ ଦେବାରେ ବିଫଳ ତଥା ପାତର ଅନ୍ତର ନୀତି ପାଇଁ ପୀଡ଼ିତ ନ୍ୟାୟ ପାଇବାରୁ ବଞ୍ଚିତ ଅଛନ୍ତି।

ତେବେ ଉକ୍ତ ଘଟଣାକୁ ନେଇ ନ୍ୟାୟ ପାଇଁ ଆସନ୍ତା ୬ ତାରିଖରେ ବାଲେଶ୍ୱର ଏସପିଙ୍କ ଅଫିସ ସମ୍ମୁଖରେ ଧାରଣାରେ ବସିବା ପାଇଁ ପଦ୍ମଲୋଚନ ପାତ୍ରଙ୍କ ସ୍ତ୍ରୀ ନୀଳଗିରି ଗଡାଜାତର ଝିଅ ହିସାବରେ ଅନୁରୋଧ କରିଛନ୍ତି ତାଙ୍କ ପରିବାର ସଦସ୍ୟ, ବନ୍ଧୁ ବାନ୍ଧବ, ସାମାଜିକ ସଂଗଠନ ଓ ବିଭିନ୍ନ ଦଳର ନେତୃ ବୃନ୍ଦ ମାନଙ୍କୁ ଧାରଣାରେ ଯୋଗ ଦେବା ପାଇଁ। ନୀଳଗିରିର ଝିଅ ଏବଂ ପୁଅ ପ୍ରତି ହୋଇଥିବା ବର୍ବରଚିତ୍ତ ମାଡ ପ୍ରତିବାଦରେ ସହଯୋଗ ଦେବେ ବୋଲି ପଦ୍ମଲୋଚନ ପାତ୍ରଙ୍କ ସ୍ତ୍ରୀ ଦିପ୍ତିମୟୀ ପାତ୍ର ପ୍ରକାଶ କରିଛନ୍ତି।

## ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର

### ୬୩ଟି ଅଭିଯୋଗରୁ ୪୮ଟି ବ୍ୟକ୍ତିଗତ, ୧୫ଟି ସାମୂହିକ




ଆଳି,୨୭।୪(ସଂଚାର ବ୍ୟୁରୋ): ଆଳି ବ୍ଲକଠାରେ ଆଜି ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗ ଗୁଡ଼ିକୁ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ।

ଆଜିର ଶିବିରରେ ମୋଟ ୬୩ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା। ସେଥିମଧ୍ୟରୁ ୪୮ ଟି ବ୍ୟକ୍ତଗତ ଏବଂ ୧୫ଟି ସାମୂହିକ। ତଦ୍‌ମଧ୍ୟରୁ ୭ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା।

ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନା, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ଓ ଡେପୁଟି କଲେକ୍ଟର (ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ସୂଚନା ଯେ, ଆଳି ବ୍ଲକରେ ଗତ ୨ ଫେବୃଆରୀରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ଶିବିରରେ ମୋଟ ୯୩ ଟି ଅଭିଯୋଗ ପଞ୍ଜିକୃତ ହୋଇଥିଲା, ସେଥିମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୬୩ ଟି ଅଭିଯୋଗର ସମାଧାନ ହୋଇସାରିଛି।

ପ୍ରକାଶ ଥାଉ କି, ଆସନ୍ତା ଦିନଗୁଡ଼ିକରେ ବିଭିନ୍ନ ବ୍ଲକରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ପ୍ରକାଶଥାଉ କି, ୪ ମଇରେ ମାର୍ଶାଘାଇ ବ୍ଲକ, ୧୧ ମଇରେ ମହାକାଳପଡ଼ା ବ୍ଲକ, ୧୮ ମଇରେ ଡେରାବିଶ ବ୍ଲକ ଏବଂ ୨୫ ମଇରେ ଗରଦପୁର ବ୍ଲକରେ ଏହି ଶିବିରଗୁଡ଼ିକ ଆୟୋଜିତ ହେବ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି

ନବରଙ୍ଗପୁର,୨୭।୪ (ସଂଚାର ବ୍ୟୁରୋ): ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ ଏବଂ ଓଡିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ନିର୍ଦ୍ଦେଶ କ୍ରମେ ଆସନ୍ତା ମଇ ୯ ତାରିଖ ଶନିବାର ଦିନ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ତରଫରୁ ଏଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର ର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ଆଦେଶ କ୍ରମେ ନବରଙ୍ଗପୁର, ଉମରକୋଟ, ରାଇଘର, ଚନ୍ଦାହାଣ୍ଡି ଓ ଝରିଗାଁ ରେ ଥିବା ବିଚାରାଳୟ ଗୁଡିକରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୬ ଅନୁଷ୍ଠିତ ହେବାକୁ ଯାଉଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ବିଚାରଧୀନ ମକଦ୍ଦମା ଯଥା-ଦେୱାନୀ, ଫୌଜଦାରୀ (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ ବାଉନ୍ସ, ଇତ୍ୟାଦି ମକଦ୍ଦମାର ଅପୋକ୍ଷ ସହମତିରେ ସହଜ, ଚୁଡାନ୍ତ ଏବଂ ଅମଳଯୋଗ୍ୟ ସମାଧାନ ହୋଇଥାଏ। ଏହି ଲୋକ ଅଦାଲତରେ କେବଳ ବିଚାରଧୀନ ମକଦ୍ଦମା ନୁହେଁ, ବରଂ ପ୍ରାକ- ମକଦ୍ଦମା ସ୍ତରୀୟ (ମକଦ୍ଦମାକୁ ଯିବା ପୂର୍ବରୁ) ବିବାଦ ଯଥା- ବ୍ୟା ଙ୍କ ଋଣ ଦେୟ, ବିଜୁଳି/ ଜଳଯୋଗାଣ ଦେୟ, ଚେକ ବାଉନ୍ସ ସମ୍ବନ୍ଧିୟ ବିବାଦ, ଶ୍ରମବିବାଦ ଇତ୍ୟାଦିର ଅପୋକ୍ଷ ସହମତିରେ ସମାଧାନ ମଧ୍ୟ ହୋଇପାରିବ। ସବିଶେଷ ବିବରଣୀ ପାଇଁ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ନବରଙ୍ଗପୁର, ତାଲୁକ ଆଇନ ସେବା କମିଟି, ଉମରକୋଟ, ଚନ୍ଦାହାଣ୍ଡି ଓ ଝରିଗାଁ ସହ ତୁରନ୍ତ ଯୋଗାଯୋଗ କରନ୍ତୁବୋଲି ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଶ୍ରୀମତୀ ସାଇ ଅଭୀପ୍‌ସା ଗୋଛାୟତ ସୂଚନା ଦେଇଛନ୍ତି। ଯୋଗାଯୋଗ ନମ୍ବର. ୧୫୧୦୦/ ୦୬୮୫୮-୨୨୨୪୪୫/ ୦୬୮୫୮-୨୨୨୫୪୫ ଅଟେ।

## କୋଷାଗୁମୁଡ଼ାରେ ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର



ନବରଙ୍ଗପୁର,୨୭।୪ (ସଂଚାର ବ୍ୟୁରୋ): ଆଜି କୋଷା ଗୁମୁଡ଼ା ପଞ୍ଚାୟତ ସମିତି ସମ୍ମିଳନୀ ଗୃହରେ ଜିଲ୍ଲାପାଳ ଡ଼ ମହେଶ୍ୱର ସ୍ୱାଇଁ ଏବଂ ଆରକ୍ଷୀ ଅଧିକ୍ଷକ ମଡକର ସନ୍ଦୀପ ସମ୍ପଦ ଙ୍କ ଯୁଗ୍ମ ଅଧ୍ୟକ୍ଷତାରେ ଏକ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ,ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ରଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଜନ ଶୁଣାଣି ଶିବିରରେ ମୋଟ ୨୦ଜଣ ଆବେଦନକାରୀ ନିଜର ଅଭିଯୋଗ ପତ୍ର ଦାଖଲ କରିଥିଲେ। ସେଥିମଧ୍ୟରୁ ୧୫ଟି ବ୍ୟକ୍ତିଗତ ସମସ୍ୟା ଅଭିଯୋଗ ଓ ୦୫ଟି ଗ୍ରାମ୍ୟ ତଥା ସାମୁହିକ ସମସ୍ୟା ସମ୍ମିଳିତ ଥିଲା। ୩ ଟି ଅଭିଯୋଗ ର ସମାଧାନ ତତକ୍ଷଣାତ କରାଯାଇଥିଲା।ଜିଲ୍ଲା ସମାଜ ସୁରକ୍ଷା ବିଭାଗ ପକ୍ଷରୁ ଚିହ୍ନଟ ଦିବ୍ୟାଙ୍ଗ ଙ୍କୁ ୪ ଟି ହୁଇଲ ଚେୟାର ପ୍ରଦାନ କରାଯାଇଥିଲା।

## ମା' ବରୁଣାଇଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



ମାହାଙ୍ଗା,୨୭।୪(ସଂଚାର ବ୍ୟୁରୋ): ମାହାଙ୍ଗା ବ୍ଲକ ଅନ୍ତର୍ଗତ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ସ୍ଥିତ ମା ବରୁଣାଇଙ୍କ ପୀଠରେ ଶ୍ରୀ ଶ୍ରୀ ହରିହରଙ୍କ ବିଶ୍ୱଶାନ୍ତି ମହାଯଜ୍ଞ ୫ ଦିନ ବ୍ୟାପୀ ଅନୁଷ୍ଠିତ ହେଉଅଛି। ଏହି ଅବସରରେ ଅଙ୍କୁରାରୋପଣ, କଳସଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ଅଗ୍ନି ସ୍ଥାପନ, ହୋମଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଯଥାରିତି ଅନୁଯାୟୀ ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ମିଳିଛି। ଏହି ଅବସରରେ ଆଜି ଗ୍ରାମର ବହୁ ମହିଳା ଓ ପୁରୁଷ କଳସଯାତ୍ରାରେ ସାମିଲ ହୋଇ ବିରୂପା ନଦୀରୁ ଜଳବରଣ କରି ମା ବରୁଣାଇଙ୍କ ପୀଠରେ ପହଞ୍ଚିବା ପରେ ଘଟ ସ୍ଥାପନ କରାଯାଇଛି। ଏଥିରେ କର୍ତ୍ତା ଭାବେ କାର୍ତ୍ତିକ ଚନ୍ଦ୍ର ସାହୁ, କର୍ତୀ ଭାବେ ଦ୍ରୌପଦୀ ସାହୁ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକ ଭାବେ ସଚ୍ଚିଦ୍ର ପାଣି, କମଳାକାନ୍ତ କର, ପୂର୍ଣ୍ଣଚନ୍ଦ୍ର ପାଣି, ତାରାକାନ୍ତ ପାଣି, ରବୀନ୍ଦ୍ର କୁମାର ପାଣି, ପ୍ରଦ୍ୟୁମ୍ନ କୁମାର କର, ସନାତନ ପଣ୍ଡା ପ୍ରମୁଖ ପୂଜା କାର୍ଯ୍ୟ ସମ୍ପାଦନ କରୁଛନ୍ତି।। ଉକ୍ତ କାର୍ଯ୍ୟକ୍ରମରେ ପ୍ରଭୂ ହରିହରଙ୍କ ଶରଣାଶ୍ରିତ ଭକ୍ତ ବୃନ୍ଦ, ବରୁଣାଇ ପୂଜା କମିଟିର ସମସ୍ତ ସଦସ୍ୟ ଓ ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତ୍ୟକ୍ଷ ସହଯୋଗରେ ଏହି ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବାବେଳେ ହରିହାଟର ବ୍ୟବସ୍ଥା କରାଯାଇଥିବା ଦେଖିବାକୁ ମିଳିଛି।

## କ୍ଷତ୍ରୀୟ ଖଣ୍ଡାୟତ ସମାଜ ତରଫରୁ 'ବନ୍ଧୁ ମିଳନ' ଉତ୍ସବ




ସୁନ୍ଦରଗଡ଼,୨୭।୪ (ସଂଚାର ବ୍ୟୁରୋ): ସୁନ୍ଦରଗଡ଼ ସ୍ଥିତ ବିକାଶ ଭବନରେ ଆୟୋଜିତ ହୋଇଯାଇଛି। ଏହି ଉତ୍ସବରେ ଓଡିଶା ସରକାରଙ୍କ ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ, ସଦର ବିଧାୟକ ଯୋଗେଶ କୁମାର ସିଂ, ଉପନଗରପାଳ ଲଲାଟେନ୍ଦୁ ପରିଡା, ଶିକ୍ଷାବିଦ୍ ରାମ ଚନ୍ଦ୍ର ନାଏକ, ନିର୍ମଳ କୁମାର ମହାପାତ୍ର, ଟାଉନ ଥାନା ଅଧିକାରୀ ସୁଶାନ୍ତ କୁମାର ପରିଡା ଓ କ୍ରୀଡା ସଂଗଠକ ପ୍ରଭାତ କୁମାର ଭୋଳ ଅତିଥି ଭାବେ ଉପସ୍ଥିତ ଥିଲେ। ସଭାକୁ ମହାସଭାର ସଭାପତି ଓ ବରିଷ୍ଠ ଆଇନଜୀବୀ କମଳ ଲୋଚନ ସେନ ପରିଚାଳନା କରିଥିଲେ। ଆରମ୍ଭରେ ଅତିଥିମାନଙ୍କ ଦ୍ୱାରା ଦୀପ ପ୍ରଜ୍ୱଳନ କରାଯାଇଥିଲା।

ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା ନିସ୍ୱାର୍ଥପର ରକ୍ତଦାତାଙ୍କୁ ସମ୍ମାନିତ କରାଯିବା। ବ୍ୟସ୍ତ ଜୀବନରେ ଯେଉଁଠି ଅନେକେ ରକ୍ତଦାନରୁ ପଛକୁ ହଟୁଛନ୍ତି, ସେଠାରେ ଏମିତି ଯୋଦ୍ଧାମାନେ ଅନ୍ୟଙ୍କ ଜୀବନ ବଞ୍ଚାଇବାରେ ଅଗ୍ରସର ହେଉଛନ୍ତି ବୋଲି ଅତିଥିମାନେ ମତ ପ୍ରକାଶ କରିଥିଲେ।

ସୁନ୍ଦରଗଡ଼ ବ୍ଲଡ୍ ବ୍ୟାଙ୍କର ତଥ୍ୟ ଆଧାରରେ ୬ ଜଣ ସର୍ବାଧିକ ରକ୍ତଦାତାଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ଆଲୋକ ପଟେଲ (୩୯ ଥର), ଦୁଷ୍ମନ୍ତ ପଟେଲ (୩୩ ଥର), ଅତୀଶ ସରାଫ (୨୫ ଥର), ସୁମନ୍ତ ମହାପାତ୍ର (୨୪ ଥର), ଇମତିଆଜ ମହମ୍ମଦ (୨୩ ଥର) ଓ କମଳ କଉଡ଼ି (୨୩ ଥର) ଅନ୍ତର୍ଭୁକ୍ତ ଥିଲେ।

ଏହାସହ ଏହି ବର୍ଷର ସିବିଏସଇ ମାଟ୍ରିକ ପରୀକ୍ଷାରେ ୯୮.୪% ଅଙ୍କ ପାଇ ସୁନ୍ଦରଗଡ଼ ଜିଲ୍ଲାର ଗୌରବ ବଢ଼ାଇଥିବା କେନ୍ଦ୍ରୀୟ ବିଦ୍ୟାଳୟର ଛାତ୍ରୀ ଶ୍ରୀୟା ରାଉତଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ବିଧାୟକ ଯୋଗେଶ କୁମାର ସିଂ ତାଙ୍କ ବକ୍ତବ୍ୟରେ ଏହିପରି ସମାଜମୁଖୀ ପ୍ରୟାସକୁ ସ୍ୱାଗତ କରି ସମାଜର ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗର ଆଶ୍ୱାସନ ଦେଇଥିଲେ। ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ମଧ୍ୟ ଏହାକୁ ଏକ ଅଭିନବ ପଦକ୍ଷେପ ବୋଲି କହିଥିବା ସହ ଆଗାମୀ ଦିନରେ ଏପରି କାର୍ଯ୍ୟକ୍ରମ ଜାରି ରହିବାକୁ ସମର୍ଥନ କରିଥିଲେ। ସଭା ଶେଷରେ ସମ୍ପାଦକ ଜୟନ୍ତ କୁମାର ଧଳ ଧନ୍ୟବାଦ ଜଣାଇଥିଲେ। କାର୍ଯ୍ୟକ୍ରମ ସଫଳତା ପାଇଁ ଉପସଭାପତି ଅଶୋକ କୁମାର ସ୍ୱାଇଁ, କାଳିପଦ ସାମଲ, କୋଷାଧ୍ୟକ୍ଷ ସଞ୍ଜୀବ କୁମାର ରାଉତ ସହ ଅନ୍ୟାନ୍ୟ ସଦସ୍ୟମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ।

### କ୍ୟାନଫେଷ୍ଟର ୭ମ ସନ୍ଧ୍ୟା

## ବଙ୍ଗଳା ନାଟକ 'ନୀଳ ପିରିଟର ଫୁଲ' ମଞ୍ଚସ୍ଥ



ପାରାଦ୍ୱୀପ,୨୭।୪(ସଂଚାର ବ୍ୟୁରୋ): ୨୩ତମ ଜାତୀୟ ନାଟ୍ୟ ମହୋତ୍ସବ କ୍ୟାନଫେଷ୍ଟ-୨୦୨୬ ର ୭ମ ସନ୍ଧ୍ୟାରେ, ବଙ୍ଗଳାଭିତ୍ତିକ ଦଳ ଏବୋଙ୍ଗ ଆମରା କଲ୍ଲୋଳ ଭଟାଚାର୍ଯ୍ୟଙ୍କ ନିର୍ଦ୍ଦେଶିତ ବଙ୍ଗଳା ନାଟକ ନୀଳ ପିରିଟର ଫୁଲ ମଞ୍ଚସ୍ଥ କଲା।

ମୈନାଗଡ଼ର ରାଜା ଲୌସେନ କଙ୍ଗୁର ରାଜ୍ୟ ବିଜୟ କରି ଫେରିଲେ। ସେ କଙ୍ଗୁରର ରାଜକୁମାର କଳିଙ୍ଗକୁ ବିବାହ କରିବେ। ମୈନାଗଡ଼ରେ ଏହି ଉତ୍ସବ ଚାଲିଛି। ଏହି ସମୟରେ ଜଳପାଇ ଆସି ତାଙ୍କ ଝିଅ ବାହାମୋନିଙ୍କ ନାମରେ ରାଜାଙ୍କ ନିକଟରେ ଅଭିଯୋଗ କଲେ। ପିତା ଜଳପାଇ ତାଙ୍କ ଝିଅ ବାହାମୋନିଙ୍କୁ ଲାଲଚାନ୍ଦଙ୍କ ସହିତ ବିବାହ କରିବାକୁ ଚାହାଁନ୍ତି। କିନ୍ତୁ ବାହାମୋନି ବାଙ୍କଚାନ୍ଦଙ୍କ ସହିତ ବିବାହ କରିବାକୁ ଚାହାଁନ୍ତି। ରାଜା ନିର୍ଦ୍ଦେଶ ଦେଲେ ଯେ ଯଦି ତୁମେ ତୁମର ପିତାଙ୍କ ପ୍ରତିଶ୍ରୁତି ଅନୁଯାୟୀ ବିବାହ ନ କର, ତେବେ ତୁମକୁ ବିବାହ ନକରି ତୁମର ସାରା ଜୀବନ ବିତାଇବାକୁ ପଡ଼ିବ। ବାଙ୍କଚାନ୍ଦ ବାହାମୋନିଙ୍କ ସହିତ ରାଜା ଇଚାଇ ଘୋଷଙ୍କ ରାଜ୍ୟ ଢେକୁରଗଡ଼କୁ ପଳାଇଗଲା। ଲାଲଚାନ୍ଦ ସେମାନଙ୍କୁ ଖୋଜିବା ପାଇଁ ସେମାନଙ୍କ ପଛରେ ଯାଆନ୍ତି। ଫୁଲମୋନି ମଧ୍ୟ ଲାଲଚାନ୍ଦଙ୍କ ପଛରେ ଆସନ୍ତି। ଲାଲଚାନ୍ଦ ଫୁଲମୋନି ସହିତ ଭଲରେ ରହୁଥିଲେ। ଫୁଲମୋନିର ଆଶା ଲାଲଚାନ୍ଦ ପୁଣି ବାହାମୋନି ଫେରି ଆସିବେ। ତା'ପରେ ସେ ତାଙ୍କୁ ବିବାହ କରିବେ। ମୈନାଗଡ଼ର କିଛି ଲୋକ ନିଷ୍ପତ୍ତି ନେଇଥିଲେ ଯେ ସେମାନେ ରାଜାଙ୍କ ବିବାହରେ ପାଳି ପକାଇବେ ଏବଂ ସେମାନେ ସେମାନଙ୍କର ନାଟକ ଅଭ୍ୟାସ କରିବାକୁ ଜଙ୍ଗଲକୁ ଯିବେ, ଯାହା ଦ୍ୱାରା କେହି ଜାଣିପାରିବେ ନାହିଁ।

ମୈନାଗଡ଼ ଏବଂ ଢେଖୁରଗଡ଼ ମଧ୍ୟରେ ଥିବା ଜଙ୍ଗଲରେ ଖେଳରାମ ବାବା, ଏକାନୋର, ଭୁଲୋ, କାନପିସି, ନିଶି, ବରୁଲ ଏବଂ ସେମାନଙ୍କର ସାଥୀମାନେ ରୁହନ୍ତି। ଖେଳରାମ ବାବା ତାଙ୍କ ସ୍ତ୍ରୀ ଏକାନୋରଙ୍କ ସହିତ ଝଗଡ଼ା କରୁଛନ୍ତି ଏବଂ ଏହି ଜଙ୍ଗଲରେ କୌଣସି ପ୍ରକାରେ ନୀଳ ଫୁଲ ଫୁଟିଥାଏ। ଏହି ଫୁଲକୁ ପ୍ରେମର ଫୁଲ କୁହାଯାଏ। ଏହି ଫୁଲ ସହିତ ଖେଳୁଥିବା ଖେଳରାମ ବାବା ଏକାନୋରକୁ ଆକାର ଦେବା ପାଇଁ ଯୋଜନା କରନ୍ତି। ଏହି ସମୟରେ ଲାଲଚାନ୍ଦଙ୍କ ଦଳ। ଫୁଲମୋନି, ବାଙ୍କଚାନ୍ଦ, ବାହାମୋନି ଏବଂ ନାଟ୍ୟ କଳାକାରମାନେ ଗୋଟିଏ ପରେ ଗୋଟିଏ ଏଠାକୁ ଆସିଥିଲେ। ଭୁଲିଯିବା ଯୋଗୁଁ ସେମାନେ ସମସ୍ତେ ଜଙ୍ଗଲରେ ନିଜର ରାସ୍ତା ହଜିଗଲେ। ଭୁଲିଯିବା ପରେ, ସାରା ରାତି ଜଙ୍ଗଲରେ ବିଭିନ୍ନ ଘଟଣା ଘଟେ। ଗୋଟିଏ ପରେ ଗୋଟିଏ ଖେଳି ଖେଳରାମ ବାବା ପୁଣି ସବୁକିଛି ସଜାଡ଼ି ଦିଅନ୍ତି। ଏହା ମଧ୍ୟ ଗ୍ରୀଷ୍ମ ରାତିର ଶେଷରେ ଦେଖାଯାଇପାରେ ଏବଂ ଖେଳରାମ ବାବା ଏବଂ ଏକାନୋରଙ୍କ ମଧ୍ୟରେ କୌଣସି ଝଗଡା ନାହିଁ। ବାହାମୋନିକୁ ଭୁଲି ଲାଲଚାନ୍ଦ ଫୁଲମୋନିକୁ ଫେରି ଆସିଲେ। ବାହାମୋନି ଏବଂ ଲାଲଚାନ୍ଦ ଏବଂ ବଙ୍କା ଚନ୍ଦ୍ରଙ୍କ ମଧ୍ୟରେ ଝଗଡା ଆଉ ନାହିଁ। ସେମାନେ ବନ୍ଧୁ ହୋଇଗଲେ। ନାଟ୍ୟ ଗୋଷ୍ଠୀର ଏକ ଅଂଶ ହୋଇଥିବା ଗଧ ମଧ୍ୟ ଗଧରୁ ମଣିଷ ହୋଇ ମୈନାଗଡ଼ ଫେରି ଆସିଲେ। ସମସ୍ତେ ଭାବିଥିଲେ ଯେ ସେମାନେ ରାତିରେ ଏକ ମଧୁର, ରୋମାଣ୍ଟିକ ସ୍ୱପ୍ନ ଦେଖିଛନ୍ତି। ଭୋର ସମୟରେ ସେମାନଙ୍କୁ ଦେଖୁରଗଡ଼ର ରାଜା ଇଚାଇ ଘୋଷ ଜଙ୍ଗଲରେ ଦେଖିଥିଲେ। ଇଚାଇ ସବୁ ଶୁଣି ସେମାନଙ୍କୁ ମୈନାଗଡ଼କୁ ଫେରାଇ ଦେବାର ବ୍ୟବସ୍ଥା କଲେ। ଲୌସେନଙ୍କ ବିବାହ ଦିନ ସମସ୍ତେ ମୈନାଗଡ଼ ଫେରି ଆସିଲେ। ଲୌସେନ ସବୁକିଛି ଜାଣି ଖୁସି ହେଲେ। ଲୌସେନ ବାହାମୋନି ପାଇଁ ଦଣ୍ଡ ଗ୍ରହଣ କଲେ। ସମସ୍ତେ ବହୁତ ଖୁସି ହେଲେ।

ଉଦ୍‌ଯାପନୀ ସନ୍ଧ୍ୟାରେ ଦିଲ୍ଲୀ ସ୍ଥିତ ଶ୍ରୀ ରାମ ସେଣ୍ଟର ଫର ପରଫର୍ମିଂ ଆର୍ଟ ଗୋଷ୍ଠୀ ପ୍ରଖ୍ୟାତ ନିର୍ଦ୍ଦେଶକ ଅବତାର ସାହାଣୀଙ୍କ ନିର୍ଦ୍ଦେଶିତ ହିନ୍ଦୀ ନାଟକ "ଖାମୋଶ! ଅଦାଲତ ଜାରି ହୌ!" ପରିବେଷଣ କରିବ।

## ଗୋ-ମାତାଙ୍କୁ ରାଷ୍ଟ୍ରମାତା ସମ୍ମାନ ଦାବିରେ ମାନପତ୍ର ପ୍ରଦାନ



ଯୋଡ଼ା,୨୭।୪ (ସଂଚାର ବ୍ୟୁରୋ): କେନ୍ଦୁଝର ଜିଲ୍ଲାର ଯୋଡ଼ା ଅଞ୍ଚଳରେ ଗୋ ମାତାଙ୍କୁ "ରାଷ୍ଟ୍ର ମାତା" ସମ୍ମାନ ପ୍ରଦାନ ଦାବିରେ ଏକ ବିଶାଳ ଗୋ ସମ୍ମାନ ଆହ୍ୱାନ ଅଭିଯାନ ଆୟୋଜିତ ହୋଇଥିଲା। ଯୋଡ଼ା ନନ୍ଦି ଗୋ ସେବା ସଂଘର ତତ୍ତ୍ୱାବଧାନରେ ଓ ଶାଶ୍ୱତ ଗୋ ସେବାର ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଗୋ ସେବକ, ଗୋ ଭକ୍ତ ଓ ଗୋ ପ୍ରେମୀ ଅଂଶଗ୍ରହଣ କରିଥିଲେ।

ରବିବାର ସକାଳ ୭ଟାରୁ ଆରମ୍ଭ ହୋଇଥିବା ଏହି ରାଲି କଳାପାହାଡ଼ ଛକରୁ ବାହାରି ଏନଏସି ଗେଟ୍, ଶାଇ ମନ୍ଦିର, ଗାନ୍ଧି ଛକ, ଯୋଡ଼ା ବସ୍ ଷ୍ଟାଣ୍ଡ, ହନୁମାନ ମନ୍ଦିର, ଷ୍ଟେଟ ବ୍ୟାଙ୍କ, ରଣାସାଳ ଘାଟି ଓ ଭଦ୍ରାସାହି ଛକ ଦେଇ ବଡ଼ବିଲ ତହସିଲ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚିଥିଲା। ରାଲି ସମୟରେ ଗୋ ସୁରକ୍ଷା, ଗୋ ସେବା ଓ ଗୋ ମାତାଙ୍କ ସମ୍ମାନ ସମ୍ପର୍କିତ ବିଭିନ୍ନ ସ୍ଲୋଗାନରେ ପରିବେଶ ମୁଖରିତ ହୋଇଯାଇଥିଲା। ଦିବା ୧୧ଟା ସମୟରେ ରାଲି ବଡ଼ବିଲ ତହସିଲ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ରାଷ୍ଟ୍ରପତି ଓ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ମାନପତ୍ର ବଡ଼ବିଲ ଅତିରିକ୍ତ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା। ଗୋ ମାତାଙ୍କୁ ରାଷ୍ଟ୍ର ମାତାର ମର୍ଯ୍ୟାଦା ଦେବା ସହ ଗୋ ସୁରକ୍ଷା ଓ ସଂରକ୍ଷଣ ପାଇଁ ସରକାର ତ୍ୱରିତ ପଦକ୍ଷେପ ନେବାକୁ ଦାବି ଉଠିଥିଲା।

ଏହି ଅଭିଯାନ ଯୋଡ଼ା ଅଞ୍ଚଳରେ ଗୋ ସେବା ଓ ଧାର୍ମିକ ସଚେତନତାକୁ ଆହୁରି ସୁଦୃଢ଼ କରିଥିବା ବୋଲି ସ୍ଥାନୀୟମାନେ ମତ ପ୍ରକାଶ କରିଛନ୍ତି।

# ୩୩ ବର୍ଷ ପରେ ୬୬ ବୟସର ସଞ୍ଜୟଙ୍କ ଖତରନାକ୍ ଲୁକ୍



ଅନେକ ବର୍ଷ ପରେ ପୁଣି ବଲିଉଡ୍ ର ସବୁଠୁ ଖତରନାକ ଭିଲେନ୍ ବଲ୍ଲୁ ଅର୍ଥାତ ସଞ୍ଜୟ ଦତ୍ତ ଚର୍ଚ୍ଚାରେ। ଏବେ ତାଙ୍କ ଅନ୍ଦାଜ ପୂର୍ବ ଅପେକ୍ଷା ଆହୁରି ବେଶି ଭୟଙ୍କର ଦେଖାଯାଉଛି। ୨୪ ଏପ୍ରିଲରେ 'ଖଳନାୟକ ରିଟର୍ଣ୍ଣସ୍'ର ଟିଜର ରିଲିଜ ହୋଇଥିଲା। ଯାହା ସୋସିଆଲ୍ ମିଡିଆରେ ଛାଇ ଯାଇଛି। ଟିଜରରେ ସଞ୍ଜୟଦତ୍ତ ଖୁବ୍ ଭୟଙ୍କର ଦେଖା ଯାଉଛନ୍ତି। ଯାହା ଦର୍ଶକଙ୍କ ଆଗ୍ରହକୁ ଆହୁରି ବଢ଼ାଇ ଦେଇଛି। ଖାସ୍ କଥା ହେଉଛି ଚଳିତ ଥର କାହାଣୀରେ ଆହୁରି ସସ୍ପେନ୍ସ ରହିଛି। ନିର୍ଦ୍ଦେଶକ ସୁଭାଷ ଘାଇ ଏବେ ତାଙ୍କ ବ୍ଲକବଷ୍ଟର ଫିଲ୍ମ 'ଖଳନାୟକ' ର ସିକ୍ୱେଲ୍ ନେଇ ଖୁବ୍ ଚର୍ଚ୍ଚାରେ ଅଛନ୍ତି। ଖଳନାୟକ ରିଟର୍ଣ୍ଣସ୍ ର ମାହୋଲ ଜମେଇବା ପାଇଁ ସଞ୍ଜୟ ଦତ୍ତ ନୂଆ ଲୁକ୍ ସହିତ ଏକ ପୋଷ୍ଟର ଏବଂ ଟିଜର ସେୟାର ବି କରିଛନ୍ତି। ଏହା ଏକ ଏମିତି ଚଳଚ୍ଚିତ୍ର ଯାହା ପ୍ରାୟ ତେତିଶ ବର୍ଷ ପୂର୍ବେ ବ୍ଲକବଷ୍ଟର ସାବ୍ୟସ୍ତ ହୋଇଥିଲା। ଫିଲରେ ମାଧୁରୀ ଦୀକ୍ଷିତ ଏବଂ ନୀନା ଗୁପ୍ତାଙ୍କ ଉପରେ ଚିତ୍ରିତ 'ଚୋଲି' ଗୀତକୁ ନେଇ ବେଶ୍ ବିବାଦ ହୋଇଥିଲା ସତ। କିନ୍ତୁ ଏ କଥା ବି ସତ ଯେ, ଫିଲ୍ମଟି ଖୁବ୍ ପ୍ରଶଂସା ସାଉଁଠି ଥିଲା। ବର୍ତ୍ତମାନ କିନ୍ତୁ ଖଳନାୟକ- ୨ କୁ ନେଇ ବେଶ୍ ଆଶାବାଦୀ ନିର୍ମାତା। ଟିଜରରେ ଦେଖିବାକୁ ମିଳିଛି , ସଞ୍ଜୟ ଦତ୍ତ ଜେଲରୁ ଖସି ପଳାଇବା ପାଇଁ ନିଜର ଶିକୁଳି ଭାଙ୍ଗିଛନ୍ତି। ତେତିଶ ବର୍ଷ ପରେ, ସେ ତିନି ଗୁଣ ଅଧିକ ତୀବ୍ର ଦମ୍ ସହିତ ଫେରି ଆସିଛନ୍ତି। ବଲ୍ଲୁ ବଲରାମ ପୂର୍ବ ଅପେକ୍ଷା ଆହୁରି ଭୟଙ୍କର ଦେଖାଯାଉଛନ୍ତି। ଡାଇଲଗ୍ କହୁଛନ୍ତି, "ମୁଁ ତୁମକୁ କହି ନଥିଲି କି? ଅକ୍ଟୋବର ୧୦ ତାରିଖ, ରାତି ୧୦ଟାରେ ବଲ୍ଲୁ ଜେଲରୁ ଫେରାର ହୋଇଯିବ..." ଏହା ପରେ, ସେ ପୁଣି ଥରେ ସେହି ହିଟ୍ ଗୀତ ଗାଉଛନ୍ତି - "ନାୟକ ନେହିଁ, ଖଳନାୟକ ହୁଁ ମୈଁ..."। ଚିତାକର୍ଷକ କଥା ହେଉଛି ଫିଲ୍ମ 'ଖଳନାୟକ' ସମୟରେ ସଞ୍ଜୟ ଦତ୍ତଙ୍କୁ ବାସ୍ତବ ଜୀବନରେ ମଧ୍ୟ - ତେତିଶ ବର୍ଷ ବୟସର ଥିଲେ। ୨୦୨୬ ରେ, ସେ ଛଅଷଠି ବର୍ଷରେ ପହଞ୍ଚିଛନ୍ତି। ୩୩ଅପେକ୍ଷା ୬୬ ରେ ସଞ୍ଜୟ ବେଶି ସିରିଅସ୍ ଓ ଆଗ୍ରେସିଭ୍ ଅଛନ୍ତି ବୋଲି କହୁଛନ୍ତି ଦର୍ଶକ ।

# ସଲ୍ଲୁ ମିଆଁଙ୍କ ଅନ୍ ସେଟ୍ ବ୍ୟବହାର ନେଇ ଖୁଲାସା କଲେ କୋ-ଷ୍ଟାର



ସଲମାନ ଖାନ ଅପ୍କମିଙ୍ଗ ଫିଲ୍ମ 'ମାତୃଭୂମି' ଚଳିତବର୍ଷର ବହୁ ପ୍ରତିକ୍ଷୀତ ଫିଲ୍ମ ମଧ୍ୟରୁ ଅନ୍ୟତମ। ଫିଲ୍ମଟି ରିଲିଜ୍ ହେବା ପୂର୍ବରୁ ତାଙ୍କର ସହକଳାକାର ଚିତ୍ରାଙ୍ଗଦା ସିଂହ ସଲମାନଙ୍କ ସହ କାମ କରିବାର ଅଭିଜ୍ଞତା ସଂପର୍କରେ ବର୍ଣ୍ଣନା କରିଛନ୍ତି । ଏକ ସାକ୍ଷାତକାରରେ ସେ ସଲ୍ଲୁଙ୍କୁ ବେଶ୍ ପ୍ରଶଂସା କରିଛନ୍ତି। ଚିତ୍ରାଙ୍ଗଦା କହିଛନ୍ତି, ସଲମାନଙ୍କ ସହ କାମ କରିବା ପୂର୍ବରୁ କିଛି ଲୋକ ତାଙ୍କୁ ଚେତାବନୀ ଦେଇଥିଲେ । ସଲମାନ ବିଲକୁଲ୍ ପ୍ରଫେସନାଲ ନୁହନ୍ତି । ସୁଟିଂ ସେଟ୍ରେ ସେ କେବେ ବି ଠିକ୍ ସମୟରେ ପହଞ୍ଚନ୍ତି ନାହିଁ । ତାଙ୍କ କାରଣରୁ ସୁଟିଂ ବିଳମ୍ବିତ ହୋଇପାରେ ଇତ୍ୟାଦି ବହୁ କଥା ସେ ଶୁଣିଥିଲେ। ପ୍ରକୃତ ଅଭିଜ୍ଞତା କିନ୍ତୁ କିଛି ଅଲଗା ଥିଲା। ସଲମାନ ଜଣେ ଚମତ୍କାର ମଣିଷ । ସେ ସୁଟିଂ ସେଟ୍ରେ ନିର୍ଦ୍ଧାରିତ ସମୟରେ ପହଞ୍ଚିବା ସହ ସମସ୍ତଙ୍କର ସୁବିଧା-ଅସୁବିଧା ସଂପର୍କରେ ପଚାରି ବୁଝିଥାନ୍ତି । ଏପରିକି ଲାଇଟ୍ମ୍ୟାନ୍ କାମରୁ ବିରତି ନେଇଛନ୍ତି କି ନାହିଁ, ଠିକ୍ ସମୟରେ ଖାଇଛନ୍ତି କି ଇତ୍ୟାଦି ପଚାରିଥାନ୍ତି । ଏତେବର୍ଷ ଧରି ଇଣ୍ଡଷ୍ଟ୍ରିରେ କାମ କରିବା ଏବଂ ଷ୍ଟାରଡମ୍ ପାଇବା ପରେ ବି ଲୋକଙ୍କ ପାଇଁ ତାଙ୍କର ଏହି ଚିନ୍ତା ପ୍ରକୃତରେ ପ୍ରଶଂସନୀୟ । ଗଲୱାନ ଭ୍ୟାଲି ସଂଘର୍ଷ ଉପରେ ଆଧାରିତ 'ମାତୃଭୂମି'କୁ ଅପୂର୍ବ ଲାଖିଆ ନିର୍ଦ୍ଦେଶନା ଦେଉଛନ୍ତି । ସେଥିରେ ସଲମାନଙ୍କୁ ଭାରତୀୟ ସେନାର ଜଣେ କର୍ଣ୍ଣେଲଙ୍କ ଭୂମିକାରେ ଦେଖିବାକୁ ମିଳିବ। ଚିତ୍ରାଙ୍ଗଦା ସଲ୍ଲୁଙ୍କ ପତ୍ନୀ ଭୂମିକାରେ ନଜର ଆସିବେ । ଏହି ଫିଲ୍ମ ବ୍ୟତୀତ ସଲମାନ୍ ମଧ୍ୟ ଚିତ୍ରାଙ୍ଗଦାଙ୍କ ସହ ଆଉ ଏକ ଫିଲ୍ମରେ କାମ କରିବେ। 'ବାରିଶୁ' ନିର୍ଦ୍ଦେଶକ ବାମସୀ ପୈଡିପାଲ୍ଲୀ ତାର ନିର୍ଦ୍ଦେଶନା ଦେଉଛନ୍ତି । ସେହି ଆକ୍ସନ ଡ୍ରାମା ୨୦୨୭ ଇଦ୍ରେ ରିଲିଜ୍ ହେବାର ଅଛି ।

# ବିପଜ୍ଜନକ ମିଶନରେ ପ୍ରିୟଙ୍କା ଚୋପ୍ରା



ବଲିଉଡରୁ ହଲିଉଡ ପର୍ଯ୍ୟନ୍ତ ସବୁଠି ରାଜ୍ କରୁଥିବା ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରା ଏବେ ଚର୍ଚ୍ଚାରେ। ତାଙ୍କ ଅଭିନୀତ ହଲିଉଡ ସିରିଜ୍ 'ସିଟାଡେଲ' ଚହଳ ସୃଷ୍ଟି କରିଛି। ପିସି ୨୦୨୩ରେ 'ସିଟାଡେଲ' ସିରିଜ୍ରେ ନଜର ଆସିଥିଲେ। ଏହାକୁ ଦର୍ଶକମାନେ ଅତ୍ୟନ୍ତ ପ୍ରଶଂସା କରିଥିଲେ। ତିନି ବର୍ଷର ଦୀର୍ଘ ଅପେକ୍ଷା ପରେ 'ସିଟାଡେଲ'ର ଦ୍ୱିତୀୟ ସିଜିନ ଆସୁଛି। ନୂତନ ସିଜିନର ଟ୍ରେଲର ମଧ୍ୟ ମୁକ୍ତିଲାଭ କରିଛି। ଟ୍ରେଲରରେ ପୂର୍ବ ଅପେକ୍ଷା ଅଧିକ ଅନ୍ଧକାର ଏବଂ ବିପଦପୂର୍ଣ୍ଣ ମିଶନର ଏକ ଝଲକ ଦେଖାଯାଉଛି। ଟ୍ରେଲରରେ ପ୍ରିୟଙ୍କା ପୁଣି ଥରେ ତାଙ୍କ ଆକ୍ସନ ଅବତାରରେ ନଜର ଆସିଛନ୍ତି। ସେ ରିଚାର୍ଡ ମ୍ୟାଡେନଙ୍କ ସହ ବିପଜ୍ଜନକ ମିଶନ ଆରମ୍ଭ କରିଛନ୍ତି। ଏହି ଆକ୍ସନ-ପ୍ୟାକ୍ଡ ଟ୍ରେଲରଟି ବିଶ୍ୱ ସ୍ତରରେ ହାଇ-ରିସ୍କ ମିଶନର ଏକ ଝଲକ ପ୍ରଦାନ କରୁଛି। ଏହା ଅନେକ ଆଶ୍ଚର୍ଯ୍ୟଜନକ ବିଶ୍ୱାସଘାତକତା ଏବଂ ନୂତନ ଏଜେଣ୍ଟଙ୍କ ପରିଚୟକୁ ମଧ୍ୟ ସୂଚିତ କରେ। ସିଟାଡେଲ ସିଜିନ ୨ ଆସନ୍ତା ମାସରେ ମେ ୬, ୨୦୨୬ରୁ ଓଟିଟି ପ୍ଲାଟଫର୍ମ ପ୍ରାଇମ ଭିଡିଓରେ ଷ୍ଟ୍ରିମିଂ ଆରମ୍ଭ ହେବାକୁ ଯାଉଛି। ଏହି ସିଜିନ୍ରେ ମୋଟ ୭ଟି ଏପିସୋଡ ରହିବ। ପ୍ରିୟଙ୍କା ଚୋପ୍ରା ଏବଂ ରିଚାର୍ଡ ମ୍ୟାଡେନ ବ୍ୟତୀତ, ସିଜିନ ୨ ପାଇଁ କଳାକାରଙ୍କ ମଧ୍ୟରେ ଷ୍ଟାନଲି ଟୁସି, ଲେସଲି ମ୍ୟାନଭିଲ, ଆଶ୍ଲେ କମିଙ୍ଗସ, ଜ୍ୟାକ ରେନର୍, ମ୍ୟାଟ ବେରୀ, ଲାଇଲା ରବିନ୍ସ, ମେର୍ଲେ ଡାଣ୍ଡ୍ରିଜ, ଗାବ୍ରିଏଲ ଲୁନା ଏବଂ ରାୟନା ଭାଲାଣ୍ଡିଂହାମ ଅଛନ୍ତି। ବିଶ୍ୱସ୍ତରୀୟ ଷ୍ଟାର ପ୍ରିୟଙ୍କା ଚୋପ୍ରା ଦୀର୍ଘ ଦିନ ପରେ ଏକ ଭାରତୀୟ ଫିଲ୍ମରେ ବଡ଼ ପରଦାକୁ ଫେରିବାକୁ ଯାଉଛନ୍ତି। ସେ ଏସ.ଏସ. ରାଜାମୌଲିଙ୍କ ଆଗାମୀ ଫିଲ୍ମ 'ବାରାଣସୀ'ର ଅଂଶ। ମହେଶ ବାବୁ ଏହି ସିନେମାରେ ପ୍ରିୟଙ୍କାଙ୍କ ସହ ଅଭିନୟ କରୁଥିବାର ଦେଖାଯିବେ।



## 'ସ୍କ୍ରିପ୍ଟ ପୂରା ହୋଇଯାଇଛି...'

# ସୁଭାଷ ଘାଇ ଲଗାଇଲେ 'ତାଲ ୨'ଉପରେ ମୋହର

ବଲିଉଡ଼ର କ୍ଲାସିକ ଫିଲ୍ମରୁ ଗୋଟିଏ 'ତାଲ' ପୁଣି ଥରେ ଚର୍ଚ୍ଚାକୁ ଆସିଯାଇଛି। ଏହି ଫିଲ୍ମ ନିଜ ସମୟରେ ଦର୍ଶକଙ୍କ ହୃଦୟରେ ଖାସ୍ ସ୍ଥାନ କରିଥିଲା । ଏବେ ଏହାର ସିକ୍ୱେଲ 'ତାଲ ୨'କୁ ଚର୍ଚ୍ଚା ଆରମ୍ଭ ହୋଇଯାଇଛି । ଲୋକପ୍ରିୟ ଫିଲ୍ମ ନିର୍ମାତା ସୁଭାଷ ଘାଇ ନିକଟରେ ଏକ ଏଭଳି ଅପଡେଟ୍ ଦେଇଛନ୍ତି ଯାହା ଫ୍ୟାନ୍ସଙ୍କ ମଧ୍ୟରେ ଉତ୍ସାହ ଆହୁରି ବଢ଼ାଇ ଦେଇଛି। ଦୁଇ ଦିନ ପୂର୍ବରୁ ସୁଭାଷ ଘାଇ ଇନଷ୍ଟାଗ୍ରାମରେ 'ତାଲ'ର ଅକ୍ଷୟ ଖନ୍ନା ଏବଂ ଅନିଲ କପୁରଙ୍କ ଫଟୋ ସେୟାର କରିଛନ୍ତି। ଏହାସହ ପ୍ରଶ୍ନ ପଚାରି ଲେଖିଛନ୍ତି କି "ଶାନ୍ତି ନା ଆବେଗ ? ପ୍ରାକୃତିକ ନା କୃତ୍ରିମ ? ଆନ୍ତରିକ ସତ୍ୟ ନା ବାହ୍ୟ ଅଭିନୟ ? ଏହା 'ତାଲ'ର କାହାଣୀ ଅଟେ, ଏକ ଏଭଳି ଫିଲ୍ମ ଯାହାକୁ ନିର୍ମାଣ କରିବାର ସାହସ ମୁଁ କରିଥିଲି । ଏଥିରେ ନାଁ କୌଣସି ଭିଲେନ ଥିଲେ ଏବଂ ନାଁ କୌଣସି ହିଂସା ଥିଲା। କ'ଣ ଆଜି ବି ଜେନ୍-ଜି ଏବଂ ଆଲଫାଙ୍କୁ କ'ଣ ଏହି କାହାଣୀ ଏବେ ବି ପସନ୍ଦ ଆସୁଛି ? ଏବଂ ଏହା ଆଜି ମଧ୍ୟ ସ୍ମରଣୀୟ ହୋଇପାରେ କି ? ଆମେ ଆଜି 'ତାଲ ୨' ତିଆରି କରିପାରିବା କି ? ଏହା ମୋ ମନରେ ପ୍ରଶ୍ନ " । ଏକ ସାକ୍ଷାତକାରରେ ସୁଭାଷ ଘାଇ କହିଥିଲେ କି, ମୁଁ ଯେଉଁ ପୋଷ୍ଟ ସେୟାର କରିଥିଲି ସେହି ପ୍ରଶ୍ନର ଉତ୍ତର ଦର୍ଶକ ହିଁ ଦେବେ । ଗତ ୧୫ବର୍ଷରୁ ସମସ୍ତେ ମୋତେ ପଚାରୁଛନ୍ତି କି ଆପଣ 'ତାଲ' କେବେ ନିର୍ମାଣ କରିବେ ? ଆଜିର ଜେନ-ଜି ବି ମୋତେ କହୁଛନ୍ତି କି 'ତାଲ' ପୁଣି ଥରେ ନିର୍ମାଣ କରନ୍ତୁ । ଆମେ ଏହାର ସ୍କ୍ରିପ୍ଟ ପୂରା କରି ନେଇଛୁ ।



# ମେ ୮ରେ ବିଜୟଙ୍କ ଶେଷ ଫିଲ୍ମ 'ଜନ ନାୟଗନ୍'

ଥଲାପତି ବିଜୟଙ୍କ ଶେଷ ଫିଲ୍ମ "ଜନ ନାୟଗନ୍" ଶେଷରେ ସିନେମା ହଲ୍କୁ ଆସିବାକୁ ପ୍ରସ୍ତୁତ ହେଉଛି । ସେନ୍ସର ବୋର୍ଡ ସହିତ ଲମ୍ବା ବିବାଦ ପରେ ଏହି ବହୁ ପ୍ରତୀକ୍ଷିତ ଫିଲ୍ମର ରିଲିଜ୍ ଡେଟ୍ ନିଶ୍ଚିତ ହୋଇଛି। ପିଙ୍କଭିଲାର ଏକ ରିପୋର୍ଟ ଅନୁଯାୟୀ, ଏହି ପଲିଟିକାଲ୍ ଆକ୍ସନ୍ ଡ୍ରାମା ଫିଲ୍ମ ୮ ମଇ, ୨୦୨୬ ରେ ସାରା ବିଶ୍ୱରେ ବଡ଼ ପରଦାରେ ଆସିବ। ନୂତନ ରିଲିଜ୍ ଡେଟ୍ର ଘୋଷଣା ଆନୁଷ୍ଠାନିକ ଭାବରେ ଘୋଷଣା କରାଯିବ। ଫିଲ୍ମକୁ ମିଳିବ ସାନଦାର୍ ଓପନିଂ... କେଭିଏନ୍ ପ୍ରଡକ୍ସନ୍ସ ବ୍ୟାନରରେ ନିର୍ମିତ 'ଜନ ନାୟଗନ୍' କିଛି ଦିନ ପୂର୍ବରୁ ଅନଲାଇନରେ ଲିକ୍ ହୋଇଥିଲା, ଯାହା ଏହାର ବକ୍ସ ଅଫିସ୍ କଲେକସନକୁ ପ୍ରଭାବିତ କରିଥିବା ବିଶ୍ୱାସ କରାଯାଉଛି। ତଥାପି, ଥଲାପତି ବିଜୟଙ୍କ ଷ୍ଟାର ପାୱାର ଏତେ ଶକ୍ତିଶାଳୀ ଯେ ଫିଲ୍ମଟି ଏକ ସାନଦାର୍ ଓପନିଂ ପାଇପାରିବ। ଏହା ବ୍ୟତୀତ, "ଜନ ନାୟଗନ୍"କୁ ବିଜୟଙ୍କ ଶେଷ ଫିଲ୍ମ ଭାବରେ ପ୍ରଚାର କରାଯାଉଛି, ଯାହା ଫିଲ୍ମ ପ୍ରତି ଦର୍ଶକଙ୍କ ପ୍ରତିକ୍ରିୟାକୁ ଖାରଜ କରି ପ୍ରାରମ୍ଭିକ ଦିନରେ ଏହାର ଆୟକୁ ଆହୁରି ବୃଦ୍ଧି କରିପାରିବ। ଯଦି ଫିଲ୍ମଟି ସକାରାତ୍ମକ ପ୍ରତିକ୍ରିୟା ପାଏ, ତେବେ ଏହା ତାମିଲନାଡୁରେ ବକ୍ସ ଅଫିସ୍ ରେକର୍ଡ ଭାଙ୍ଗିପାରେ। ତାମିଲନାଡୁ ନିର୍ବାଚନ ଫଳାଫଳ ପରେ ଏହି ଫିଲ୍ମ ମୁକ୍ତିଲାଭ କରିବ। ବିଜୟ ଏବଂ ତାଙ୍କ ଦଳର ନିର୍ବାଚନରେ ଫଳାଫଳ ମଧ୍ୟ ଚଳଚ୍ଚିତ୍ରର ବକ୍ସ ଅଫିସ୍ କଲେକ୍ସନକୁ ପ୍ରଭାବିତ କରିପାରେ। ଏହି ଅଭିନେତା ମାନେ ଚଳଚ୍ଚିତ୍ରରେ ଦେଖାଦେବେ... "ଜନ ନାୟାଗନ୍" ଏଚ୍. ଭାନୋଥ୍ ନିର୍ଦ୍ଦେଶନା ଦେଇଛନ୍ତି। ବିଜୟ ଜଣେ ପୂର୍ବତନ ପୋଲିସ ଅଧିକାରୀ ଭୂମିକାରେ ଅଭିନୟ କରିଛନ୍ତି ବୋଲି ଆଶା କରାଯାଉଛି। ଫିଲ୍ମରେ ବବି ଦେଓଲ ଖଳନାୟକ ଭୂମିକାରେ ଅଭିନୟ କରିଛନ୍ତି। ପୂଜା ହେଗଡେ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି।

# 'କାରା'ର ଓଟିଟି ରିଲିଜକୁ ନେଇ ବଡ଼ ଅପଡେଟ୍

ଧନୁଷଙ୍କ ମୋଷ୍ଟ ଆଓ୍ୱେଟେଡ୍ ଫିଲ୍ମ 'କାରା'କୁ ଦର୍ଶକ ବହୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଆସନ୍ତା ୩୦ଏପ୍ରିଲ ୨୦୨୬ରେ ଫିଲ୍ମ ହଲରେ ରିଲିଜ୍ ହେବାକୁ ପ୍ରସ୍ତୁତ ହୋଇସାରିଛି । ଏହି ତାମିଲ୍ ଆକ୍ସନ ଥ୍ରୀଲରରେ ଧନୁଷ ଗୋଟିଏ ରଫ୍ ଚରିତ୍ରରେ ନଜର ଆସିବେ । ଯାହା ଫ୍ୟାନ୍ସ ବହୁ ଉତ୍ସାହର ସହ ଅପେକ୍ଷା କରିଛନ୍ତି । ଫିଲ୍ମକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରଥମରୁ ବହୁ ଚର୍ଚ୍ଚା ଲାଗି ରହିଛି ଏବଂ ଏବେ ଏହାର ଓଟିଟି ଅପଡେଟ୍ ଏହି ଉତ୍ସାହକୁ ଆହୁରି ବଢ଼ାଇ ଦେଇଛି ।

ଫିଲ୍ମର ଥିଏଟର ରିଲିଜ୍ ପୂର୍ବରୁ ହିଁ ଏହାର ଡିଜଟାଲ୍ ପ୍ରିମିୟରକୁ ନେଇ ବି ଚର୍ଚ୍ଚା ଜୋର ଧରିଛି । ୧୨୩ତେଲୁଗୁ ରିପୋର୍ଟ ଅନୁସାରେ, ଓଟିଟି ପ୍ଲାଟଫର୍ମ ନେଟଫ୍ଲିକ୍ସ ଏହି ଫିଲ୍ମର ପୋଷ୍ଟ- ଥିଏଟ୍ରିକଲ ଡିଜିଟାଲ ଟାଇଟ୍ସକୁ ବହୁ ଅର୍ଥ ଦେଇ ହାସଲ କରିଛି । ମାତ୍ର ଏବେ ପର୍ଯ୍ୟନ୍ତ ଏହାର ଅଫିସିଆଲ ଓଟିଟି ରିଲିଜ ଡେଟ୍ ସାମ୍ନାକୁ ଆସିନାହିଁ । କିନ୍ତୁ ଆଶା ରହିଛି କି ଫିଲ୍ମ ନିଜ ଥିଏଟର୍ ରନ୍ ପୂରା କରିବା ପରେ ଓଟିଟି ପ୍ଲାଟଫର୍ମରେ ଷ୍ଟ୍ରିମିଂ ହେବ । ବିଗ୍ନେଶ ରାଜାଙ୍କ ନିର୍ଦ୍ଦେଶନାରେ ନିର୍ମିତ ଏହି ଫିଲ୍ମ ୧୯୯୦ର ଗଲ୍ଫ ଓ୍ୱାରର ପୃଷ୍ଠଭୂମି ଉପରେ ହୋଇଛି । ଯେଉଁଥିରେ ଆକ୍ସନ ଏବଂ ଇମୋଶନର ଦମଦାର୍ ମିଶ୍ରଣ ଦେଖିବାକୁ ମିଳିବ । ଫିଲ୍ମ ଧନୁଷଙ୍କ ବ୍ୟତୀତ ମାମିଥା ବ୍ୟାଜୁ, କେ.ଏସ. ରବିକୁମାର, କରୁଣାସ, ଜୟରାମ, ପୃଥ୍ୱୀ ପାଣ୍ଡିୟାରାଜନ, ସୁରଜ ବେଜରାମୁଡୁ, ଏମ.ଏସ.ଭାସ୍କର ଏବଂ ଶ୍ରୀଜା ରବିଙ୍କ ଭଳି କଳାକାର ନଜର ଆସିବେ ।











# ଜାତିଭିତ୍ତିକ ଜନଗଣନା ସଚେତନତା କାର୍ଯ୍ୟକ୍ରମ



ବେତନଟୀ,୨୭।୪(ସଂଚାର ବ୍ୟୁରୋ)ଃ ବେତନଟୀ ବ୍ଲକ ଅନ୍ତର୍ଗତ ସଂସା ଗ୍ରାମରେ ଆଦିମ କୁଡୁମି ମହାସଂଘ ତରଫରୁ ଜାତିଭିତ୍ତିକ ଜନଗଣନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ବିଭିନ୍ନ ଗ୍ରାମରୁ ଆସିଥିବା କୁଡୁମି ମାନଙ୍କୁ ୨୦୨୬/୨୭ ହେଉଥିବା ଜାତିଭିତ୍ତିକ ଜନଗଣନାରେ କୁଡୁମି ପରିବାରରେ ସଠିକ ତଥ୍ୟ ପ୍ରଦାନ କରିବା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଆଦିମ କୁଡୁମି ମହାସଂଘର ରାଜ୍ୟ ସଭାପତି ପଦ୍ମଲୋଚନ ମହାନ୍ତଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ମାନିତ ବକ୍ତା ଭାବରେ କୁଡୁମାଲୀ କଲଚୁରାଲ ଏସୋସିଏସନର ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କିଶୋର କୁମାର ମହାନ୍ତ ଓ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରଫେସର କ୍ଷୀରୋଦ ଚନ୍ଦ୍ର ମହାନ୍ତ ପ୍ରମୁଖ ଯୋଗଦାନ କରି ସାରା ରାଜ୍ୟର କୁଡୁମି ମାନେ ଜନଗଣନା ହେଉଥିବା କ୍ରମିକ ନମ୍ବର ୧୩ ରେ ଜାତି-କୁଡୁମି, ଭାଷା-କୁଡୁମାଲୀ ଏବଂ ଧର୍ମ-ଆଦିବାସୀ, ଅନ୍ୟାନ୍ୟ କିମ୍ବା ପ୍ରକୃତିପୂଜକ ଭାବରେ ଦରଜ କରାଇବା ପାଇଁ ସମସ୍ତ କୁଡୁମି ଜାତିକୁ ଅନୁରୋଧ କରିଥିଲେ। ଏହି ସଭାରେ ଶିକ୍ଷକ କୃପାସିନ୍ଧୁ ମହାନ୍ତ, ଗଙ୍ଗାଧର ମହାନ୍ତ, ଝୁମର ଦଳର ଉପସଭାପତି ପୂର୍ଣ୍ଣଚନ୍ଦ୍ର ମହାନ୍ତ, ରଣଜିତ ମହାନ୍ତ, ହିରଣ୍ମୟୀ ମହାନ୍ତ, ଜ୍ୟୋତ୍ସ୍ନା ମହାନ୍ତ, କନକଲତା ମହାନ୍ତ, ଯଶୋଦା ମହାନ୍ତ, ମଣି ମହାନ୍ତ, ମାନିନୀ ମହାନ୍ତ, କେଶବତୀ ମହାନ୍ତ, ଦେବକୀ ମହାନ୍ତ ଓ ସୁରୁଚି ମହାନ୍ତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶିକ୍ଷକ ରାଜେନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଖେଳିବାକୁ ଯାଇ ବାଳକ ନିଖୋଜ

ବୈଶିଙ୍ଗା,୨୭।୪(ସଂଚାର ବ୍ୟୁରୋ)ଃ ମୟୂରଭଞ୍ଜ ଜିଲାର ବୈଶିଙ୍ଗା ଥାନା ଅର୍ନ୍ତଗତ ପୁରୁଣିଆ ଗ୍ରାମର ଜନୈକ ବାଳକ ରବିବାର ଅପରାହ୍ନରେ କ୍ରିକେଟ ଖେଳିବାକୁ ଯାଇ ନିଖୋଜ ହୋଇଯାଇଥିବା ସୂଚନା ମିଳିଛି। ଏହି ଗ୍ରାମର ଜନ୍ମେଜୟ ଦାସଙ୍କ ୧୬ ବର୍ଷିୟ ପୁଅ ଆଲୋକ ରବିବାର ଦିନ ପ୍ରାୟ ୩.୩୦ ସମୟରେ ଖେଳିବାକୁ ଯାଉଛି କହି ନିଜ ସାଇକେଲ ନେଇ ବାହାରି ଯାଇଥିଲେ। ହେଲେ ରାତି ପର୍ଯ୍ୟନ୍ତ ଆଉ ନଫେରିବାରୁ ସମସ୍ତ ସମ୍ପର୍କୀୟମାନଙ୍କୁ ଫୋନ କରି ଜଣାଇଥିଲେ ପରିବାର ଲୋକେ। ତେବେ କୌଣସି ସୂଚନା ନମିଳିବାରୁ ଆଜି ସୋମବାର ପୋଲିସ ନିକଟରେ ଅଭିଯୋଗ କରିଥିଲେ। ସେ ଯିବା ସମୟରେ ଏକ ବରମୁଣ୍ଡା ପ୍ୟାଣ୍ଟ ଓ ଧଳା ରଙ୍ଗର ଫୁଲ୍ ସର୍ଟ ପିନ୍ଧିଥିବା ନେଇ ସୂଚନା ମିଳିଛି। ପୋଲିସ ପକ୍ଷରୁ ୨୧୬ ନଂ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଏହି ଅଭାବନୀୟ ଘଟଣାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି।

# ଆଣ୍ଠେଇଛି ୯୦ କୋଟିର ମେଗା ପାନୀୟଜଳ ପ୍ରକଳ୍ପ



କୋରାପୁଟ,୨୭।୪(ସଂଚାର ବ୍ୟୁରୋ)ଃ ସରକାର ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି, ହେଲେ ବିଭାଗୀୟ ଅବହେଳା ଓ ଠିକାଦାରଙ୍କ ମନ୍ଥର କାର୍ଯ୍ୟ ଯୋଗୁଁ ଲୋକଙ୍କ ପାଖରେ ପହଞ୍ଚିପାରୁନି ପାଣି । ଅବଧି ସରିବାକୁ ମାସେ ବାକି ଥିବା ବେଳେ କାମ ୫୦ ପ୍ରତିଶତ ବି ସରିନି। ଗାଁ ଲୋକଙ୍କ ଦୁଃଖ ଦୂର ହେବ । ଘରେ ଘରେ ପହଞ୍ଚିବ ବିଶୁଦ୍ଧ ପାଣି । ଏମିତି ଅନେକ ଆଶା ଦେଖାଇ ନାରାୟଣପାଟଣା ବ୍ଲକ ବିଜାଘାଟିରେ ୯୦ କୋଟି ଟଙ୍କା ବ୍ୟୟବରାଦରେ ଆରମ୍ଭ ହେଲା ମେଗା ପାନୀୟ ଜଳ ପ୍ରକଳ୍ପ କାମ । ଲକ୍ଷ୍ମୀପୁରର ପୂର୍ବତନ ବିଧାୟକ ପ୍ରଭୁ ଜାନୀ ଏହାର ଶୁଭାରମ୍ଭ କରିଥିବା ବେଳେ ତାମିଲନାଡୁର ଏକ ଠିକା ସଂସ୍ଥା ଉପରେ ରହିଲା ପ୍ରକଳ୍ପ ନିର୍ମାଣ ଦାୟିତ୍ୱ । ଦାମନଯୋଡ଼ିର ମାଥାଲପୁଟରୁ ପାଇପ୍ ଯୋଗେ ପାଣି ଆଣି ବିଜାଘାଟିରେ ୱାଟର ଟ୍ରିଟମେଣ୍ଟ ପ୍ଲାଣ୍ଟରେ ଶୁଦ୍ଧ କରାଯିବା ପରେ ନାରାୟଣପାଟଣାର ୯ଟି ପଞ୍ଚାୟତ ଓ ବନ୍ଧୁଗାଁର ୨ଟି ପଞ୍ଚାୟତକୁ ପାଣି ପହଞ୍ଚିଥାନ୍ତା। ଏଥିପାଇଁ ୧୫୦ରୁ ଅଧିକ ଗାଁରେ ୨୮ଟି ଓଭରହେଡ୍ ଟାଙ୍କି ନିର୍ମାଣର ଯୋଜନା ଥିଲା। ଯାହାର ଲାଭ ପାଇଥାନ୍ତେ ପ୍ରାୟ ୧୫ ହଜାରରୁ ଅଧିକ ପରିବାରର ଲକ୍ଷାଧିକ ଲୋକେ। ଆଜିକୁ ୩ ବର୍ଷ ବିତିଲା, ୫୦ ପ୍ରତିଶତ କାମ ବି ସରିନି । ଅବଧି ସରିବାକୁ ଆଉ ମାତ୍ର ମାସେ ବାକି ଅଛି। ବିଳମ୍ବିତ କାମ ପାଇଁ ଖୋଦ୍ ପଞ୍ଚାୟତରାଜ ମନ୍ତ୍ରୀ ରବି ନାଏକ, ଲକ୍ଷ୍ମୀପୁର ବିଧାୟକ ଓ ଜିଲ୍ଲାପାଳ ଘଟଣାସ୍ଥଳ ପରିଦର୍ଶନ କରି ଠିକାଦାରଙ୍କୁ ତାଗିଦ୍ କରିଛନ୍ତି । ଏପଟେ ଅବଧି ସରି ଆସୁଥିବା ବେଳେ ଠିକାଦାର ଜଣକ ଆନ୍ଧ୍ରପ୍ରଦେଶର ଅନ୍ୟ ଜଣେ ଠିକାଦାରଙ୍କୁ ଫିଲ୍ଟର ଟାଙ୍କି ନିର୍ମାଣ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଅନ୍ୟପଟେ ଦାମନଯୋଡ଼ିରୁ କେରଗାଁ ୧୧ କିଲୋମିଟର ପାଇପ୍ ବିଛାକୁ ସ୍ଥାନୀୟ ବାସିନ୍ଦା ବିରୋଧ କରୁଛନ୍ତି, ସେଥିପାଇଁ କାର୍ଯ୍ୟରେ ବିଳମ୍ବ ହେଉଛି । ଡିସେମ୍ବର ସୁଦ୍ଧା ପ୍ରକଳ୍ପ ନସରିଲେ ଠିକାଦାରଙ୍କ ବିରୋଧରେ ଆଇନଗତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ଜିଲ୍ଲାପାଳ। ମେଗା ପ୍ରକଳ୍ପ ଚାଲିଥିବା କାରଣରୁ ଗାଁରେ ନଳକୂପ ଖନନ କରାଯାଉନାହିଁ। ଫଳରେ ଲୋକ ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତୁରନ୍ତ ପ୍ରକଳ୍ପ କାମ ସାରିବାକୁ ଦାବି ହୋଇଛି ।

# ଜନ ଆକ୍ରୋଶ ମହିଳା ସମାବେଶ ଓ ଶୋଭାଯାତ୍ରା




ବଲାଙ୍ଗିର,୨୭।୪(ସଂଚାର ବ୍ୟୁରୋ)ଃ ସ୍ଥାନୀୟ କୋଶଳକଳାମଣ୍ଡଳ ପଡିଆ ଠାରେ ଆଜି ଜିଲ୍ଲା ବିଜେପି ପକ୍ଷରୁ ଜନ ଆକ୍ରୋଶ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି । ଏହି ସମାବେଶ ରେ ହଜାର ହଜାର ସଂଖ୍ୟା ରେ ବଲାଙ୍ଗୀର ଜିଲ୍ଲା ର ମହିଳା ମାନେ ଯୋଗଦେଇଥିଲେ । କୋଶଲ କଳାମଣ୍ଡଳ ପଡିଆ ଠାରୁ ଏକ ବିଶାଳ ଶୋଭାଯାତ୍ରା ରେଲି ବାହାରି ଜିଲ୍ଲାପାଳ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇ ସେଠାରୁ କୋଶଲ କଳାମଣ୍ଡଳ ପଡିଆ କୁ ଫେରି ଆସିଥିଲେ । କୋଶଲ କଲମଣ୍ଡଳ ପଡିଆ ଠାରେ ଏକ ସଭା ର ଆୟୋଜନ ହୋଇଥିଲା। ଏହି ମହିଳା ସମାବେଶ ରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଜନତା ପାର୍ଟି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ସବିତା ନନ୍ଦ ଯୋଗଦେଇଥିବା ବେଳେ ବରିଷ୍ଠ ବିଜେପି ନେତ୍ରୀ ପଂକଜିନୀ ପଣ୍ଡା, ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ସଭାନେତ୍ରୀ ରଞ୍ଜିତା ପାଣିଗ୍ରାହୀ, ଭାରତୀ ମହାନନ୍ଦ, ଜ୍ୟୋତୀ ପାଣିଗ୍ରାହୀ. ଅଞ୍ଜନା ଦାଶ, ଶ୍ରଦ୍ଧାରାଣୀ ନାୟକ, ସରିତା ବାରଲ୍ଲା, ଅତିଥି ଭାବେ ଯୋଗଦେଇଥିଲେ। ବଲାଙ୍ଗୀର ଜିଲ୍ଲା ବିଜେପି ସଭାପତି ଶ୍ରୀବତ୍ସ ବେହେରା ସମସ୍ତ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିବା ବେଳେ ଜିଲ୍ଲା ସଂପାଦିକା ସରିତା ଯୋଶୀଙ୍କ ସମେତ ଆରତୀ ଗୁରୁ, ବାସନ୍ତୀ ଜେନା, ସଂଜୁ ନାଏକ ଙ୍କ ସମେତ ବିଜେପିର ମହିଳା ମୋର୍ଚ୍ଚା କାର୍ଯ୍ୟକର୍ତ୍ତା ମାନେ ଯୋଗଦେଇଥିଲେ । ଏହି ଜନ ଆକ୍ରୋଶ ମହିଳା ସମାବେଶ ରେଲି ରେ କଂଗ୍ରେସ ବିରୁଦ୍ଧରେ ନାରା ଦିଆଯାଇଥିଲା । ନାରୀ ସମୃଦ୍ଧି ଦେଶ ପ୍ରଗତି କଂଗ୍ରେସ ମାରିଛି ପଛରୁ ଛୁରୀ ଏହି ନାରା ମୁଖ୍ୟ ପ୍ରସଙ୍ଗ ଥିଲା। ଲୋକସଭା ରେ ନାରୀ ଶକ୍ତି ବନ୍ଦନ ବିଲ କୁ ବିରୋଧୀ ଦଳ ମାନେ ମୁଖ୍ୟ କଂଗ୍ରେସ ଦଳ ପାସ କରାଇ ନ ଦେବାରୁ ମହିଳା ମାନେ ଜନ ଆକ୍ରୋଶ ମହିଳା ସମାବେଶ ସାରା ଦେଶରେ ଜାରି ରଖିଛନ୍ତି ବୋଲି ଜିଲ୍ଲା ସଭାପତି ଶ୍ରୀ ବେହେରା ପ୍ରକାଶ କରିଥିଲେ ।

## ଜୋର ଧରିଛି ଗୋ-ହତ୍ୟା ବନ୍ଦ, ଗୋମାତାକୁ ରାଷ୍ଟ୍ରମାତା ଘୋଷଣା ଦାବି




ଗଞ୍ଜାମ,୨୭।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଗୋ ରକ୍ଷକ ସେବା ସମିତି ଓ ଗୋ ସମ୍ମାନ ଆହ୍ୱାନ ଅଭିଯାନ ପକ୍ଷରୁ ଗୋ ହତ୍ୟା ବନ୍ଦ କରିବା ଏବଂ ଗୋମାତାକୁ ରାଷ୍ଟ୍ରମାତା ଘୋଷଣା ଦାବି ଜୋର ଧରିଛି। ଏନେଇ ସୋମବାର ତହସିଲଦାରଙ୍କ ଜରିଆରେ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛି ଗଞ୍ଜାମ ରକ୍ଷକ ସଙ୍ଘ। ତହସିଲଦାରଙ୍କ ଅନୁପସ୍ଥିତରେ ଅତିରିକ୍ତ ତହସିଲଦାର ଲିଲି କୁମାରୀ ଦାବିପତ୍ର ଗ୍ରହଣ କରିଥିଲେ। ଦାବିପତ୍ର ପ୍ରଦାନ ବେଳେ ଗୋ ରକ୍ଷକ କେ ଇଲେୟା ରେଡି, ମନୋଜ ପ୍ରଧାନ, ଦୀପକ କୁମାର ବେହେରା, ନିଲୁ ତରାଇ, ଦୀପକ ରେଡି, ଜିତୁ ବାରିକି, ଶେଷ ପ୍ରଧାନ, କୃତିବାସ ଆଦି ଉପସ୍ଥିତ ଥିଲେ। ବିଭିନ୍ନ ସମୟରେ ବିଳମ୍ବିତ ରାତିରେ ଅବାଧରେ ଗୋରୁ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବାକୁ ଗଞ୍ଜାମ ଗୋ ରକ୍ଷକ ସେବା ସମିତି ପକ୍ଷରୁ ଅନୁରୋଧ କରିଛନ୍ତି।

### ନିଆଁରେ ଅସ୍ଥାୟୀ ବନ କର୍ମଚାରୀଙ୍କ ମୃତ୍ୟୁ

# ମୃତ୍ୟୁର ୩ ଦିନ ପରେ ବି ପହଞ୍ଚିଲାନି ବିଭାଗ



କଳାହାଣ୍ଡି,୨୭।୪(ସଂଚାର ବ୍ୟୁରୋ)ଃ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ କେଗାଁ ବନାଞ୍ଚଳର ଅଧିକାରୀମାନେ ମାନବିକତା ଭୁଲି ଗଲେଣି। ନିଜେ ତ ଜଙ୍ଗଲକୁ ଯାଉ ନାହାଁନ୍ତି, ଅସ୍ଥାୟୀ କର୍ମଚାରୀଙ୍କୁ ମରଣ ମୁହଁକୁ ଠେଲି ଦେଇ ଅଫିସ ରେ ମୌଜ ମସ୍ତି କରୁଛନ୍ତି। କେଗାଁ ବନାଞ୍ଚଳରେ ଜଣେ ଯୁବକଙ୍କୁ ଅସ୍ଥାୟୀ ଭାବେ ଜଙ୍ଗଲରେ ନିଆଁ ଲିଭାଇବା କାମରେ ନିୟୋଜିତ କରିଥିଲେ ଓ ନିଆଁ ଲିଭାଇ ଲିଭାଇ ନିଜେ ମୃତ୍ୟୁ ମୁଖରେ ପଡ଼ିଲେ। ମୃତ୍ୟୁର ୩ଦିନ ବିତି ଯାଇଥିଲେ ସୁଦ୍ଧା ମୃତ ଯୁବକଙ୍କ ପରିବାର ପାଖରେ ପହଁଞ୍ଚି ନାହାନ୍ତି ବନ ବିଭାଗ। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ନୂଆଁଗାଁ ପଞ୍ଚାୟତର କରଞ୍ଜକୋଟ ଗ୍ରାମର ଥବିର ଚନ୍ଦନ(୪୨) କେଗାଁ ବନଖଣ୍ଡ ଅନ୍ତର୍ଗତ ନୂଆଁଗାଁ ବିଟ୍‌ରେ ଅସ୍ଥାୟୀ ଭାବେ ନିଆଁ ଲିଭା କାମରେ ନିୟୋଜିତ ହୋଇଥିଲେ। ଥବିର ଚନ୍ଦନଙ୍କୁ ମନରେଗା ଯୋଜନାରେ ନିଯୁକ୍ତି କରି ନିଆଁ ଲିଭାଇବା କାର୍ଯ୍ୟରେ ରଖୁଥିଲେ ଓ ସେ ଗତ ୨୧ ତାରିଖରେ ଜଙ୍ଗଲକୁ ନିଆଁ ଲିଭାଇବା ପାଇଁ ଯାଇ ସନ୍ଧ୍ୟାରେ ଗୁରୁତର ଭାବେ ଘରକୁ ଫେରିଥିଲେ। ନିଆଁ ଲିଭାଇବା ସମୟରେ ଖାଦ୍ୟ ଓ ପନିୟଜଳ ବନ ବିଭାଗ ମଧ୍ୟ ଯୋଗାଇ ନ ଥିଲେ। ଗୁରୁତର ହେବାରୁ ତାଙ୍କୁ ପରିବାର ପକ୍ଷରୁ ଉଚ୍ଛଳାପ୍ରାଥମିକ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଅତି ଗୁରୁତର ହେବାରୁ କଳାହାଣ୍ଡି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସନ୍ଧ୍ୟା ୮ ଟାରେ ଭର୍ତ୍ତି କରିଥିଲେ ଓ ଚିକିତ୍ସାଧୀନ ଅବସ୍ଥାରେ ଗତ ୨୨ ତାରିଖ ଦିନ ମୃତ୍ୟୁ ହୋଇଥିବା ଡାକ୍ତର ଶିବାଶିଷ ଖମାରିଙ୍କ ରିପୋର୍ଟରୁ ଜଣାପଡ଼ିଛି। ଦୁର୍ଭାଗ୍ୟ କଥା ଯେ ଜଙ୍ଗଲ ବିଭାଗ ପକ୍ଷରୁ କେଗାଁ ସେକସନ ବନପାଳ ରମେଶ ପଣ୍ଡା କିମ୍ବା ରେଞ୍ଜର ଯୁଧିଷ୍ଠିର ଜାଲ କୌଣସି ଆର୍ଥିକ ସହାୟତା ଦେଇ ନ ଥିବା ବେଳେ ଡାକ୍ତରଖାନାକୁ ମଧ୍ୟ ଦେଖିବାକୁ ଯାଇ ନ ଥିଲେ। ଅନ୍ୟପକ୍ଷରେ ଥବିରଙ୍କ ମୃତ୍ୟୁକୁ ଆଜକୁ ତିନି ଦିନ ପରେ ବି ବନ ବିଭାଗ ମୃତ ପରିବାରକୁ ସମାବେଦନା ତ ଦୂରର କଥା ଫୋନଟିଏ ମଧ୍ୟ କରିନଥିବା ନେଇ ମୃତ ଥବିରଙ୍କ ସ୍ତ୍ରୀ ମାଧୁରୀ ଚନ୍ଦନ ଅଭିଯୋଗ କରିଛନ୍ତି ଓ ଥବିର ଘରର ଏକ ମାତ୍ର ରୋଜଗାରିଆ ହୋଇଥିବା ବେଳେ ଘରେ ସ୍ତ୍ରୀ, ଗୋଟିଏ ବଡ଼ିଲା ଝିଅ ଏବଂ ଦୁଇ ଛୋଟ ଛୋଟ ପୁଅ ଅଛନ୍ତି। ତୁରନ୍ତ ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏନେଇ ଏସିଏଫ ଲିଲି ଅମାନତ୍ୟଙ୍କୁ ପଚାରିବାରୁ କଣ ହୋଇଛି ମୁଁ ବୁଝୁଛି ବୋଲି କହିଥିଲେ।

## କୃଷି ଭିତ୍ତିକ ବାଲିଯାତ୍ରା ମାଧ୍ୟମରେ ଆଜିବି ବଞ୍ଚିଛି ପରମ୍ପରା

ଜୟପୁର,୨୭।୪(ସଂଚାର ବ୍ୟୁରୋ)ଃ ଆଧୁନିକ ଯୁଗରେ ମଣିଷ ଭୁଲିନି ନିଜର କଳା, ସଂସ୍କୃତି ଓ ପରମ୍ପରା। କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ପୋଡ଼ାପଦର୍ ଗାଁରେ ପାଳନ ହୋଇଛି ଆଦିବାସୀଙ୍କ ବିଶ୍ୱାସ ବହନ କରୁଥିବା ବାଲିଯାତ୍ରା। ପୋଡ଼ାପଦର୍ ଗାଁରେ ନିଆରା ଢଙ୍ଗରେ ଏହି ଯାତ୍ରା ପାଳନ କରିଛନ୍ତି ପିଲା ଠୁ ବୟସ୍କ, ୩ ବର୍ଷରେ ଥରେ ପାଳନ ହେଉଥିବା ଐତିହାସିକ ବାଲିଯାତ୍ରାକୁ ବେଶ୍ ଧୁମ୍ ଧାମରେ ପାଳନ କରାଯାଇଛି। ଆଖପାଖ ଗାଁରୁ ଲୋକ ରୁଣ୍ଡ ହୋଇ ୩ ବର୍ଷ ପରେ ପାରମ୍ପରିକ ରୀତି ନୀତିରେ ବାଜା ବାଣ ଫୁଟାଇବା ସହିତ ବିଭିନ୍ନ ଆଦିବାସୀ ଲୋକ ସଂସ୍କୃତି ନୃତ୍ୟ ପଟୁଆର କରି ନାଚ ଗୀତରେ ଝୁମିଛନ୍ତି। ଆଦିବାସୀଙ୍କ ଦେବତା ଭିମା ଭିମାଣିଙ୍କୁ ପୂଜା କରାଯାଇଛି। ବାଲି ଘରୁ ବାଲି ଚାଙ୍ଗୁଡ଼ିରେ ଅଙ୍କୁର ଶସ୍ୟକୁ ମହିଳା ମାନେ ନିଜ ନିଜର ମୁଣ୍ଡରେ ବୋହି ନେଇଥିବା ବେଳେ ପୁରୁଷ ମାନେ ଚାଷ କାମରେ ବ୍ୟବହୃତ ହଳ, ଲଙ୍ଗଳ, କୋଡ଼ି, କୋଦାଳକୁ ବୋହି ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମାରେ ବାହାରି ଧାର୍ଯ୍ୟ ସମୟ ଅନୁଯାୟୀ ଦେବୀଙ୍କ ପାଖରେ ପୂଜାର୍ଚ୍ଚନା କରାଯାଇଛି।

# ନିଲମ୍ବିତ ବିଡିଓଙ୍କ କଳାକାରନାମା ଆଇଟିଡିଏ କାର୍ଯ୍ୟକୁ ହାଇଜାକ୍



ବୈଶିଙ୍ଗା,୨୭।୪(ସଂଚାର ବ୍ୟୁରୋ)ଃ ସରକାର ଆଦିବାସୀ ମାନଙ୍କ ପାଇଁ କେତେ ଯୋଜନା କରୁଛନ୍ତି ତାର ହିସାବ ନାହିଁ। କେନ୍ଦ୍ର ଓ ରାଜ୍ୟ ସରକାର ଏଥିପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ସତ ମାତ୍ର କେତେ ଆଦିବାସୀ ଉପକୃତ ହେଉ ଛନ୍ତି ସେ ଚିନ୍ତା ସରକାରଙ୍କ ପାଖରେ ନାହିଁ। ଏଥିପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ଯେତିକି ପରିମାଣରେ ଦାୟୀ ତାଠାରୁ କାର୍ଯ୍ୟ ନିର୍ବାହୀ ଅଧିକାରୀ ଭାବେ ସେ ଅଞ୍ଚଳର ବିଡିଓ ମାନେ ସମ ପରିମାଣରେ ଦାୟୀ। ଏହାର ପ୍ରମାଣ ସ୍ୱରୂପ ବେତନଟୀ ବ୍ଲକ ଅଧିନରେ ଆଇଟିଡିଏ ଦ୍ୱାରା କରା ଯାଉଥିବା ପ୍ରକଳ୍ପ ଗୁଡିକୁ ବେତନଟୀ ବ୍ଲକର ଦବଙ୍ଗ ବିଡିଓ ବୋଲାଉଥିବା ନିଲମ୍ବିତ ବିଡିଓ ସୁଶାନ୍ତ କୁମାର ସୁତାର କିପରି ହାଇଜାକ୍ କରିଛନ୍ତି ତାହା ଲୋକ ଲୋଚନକୁ ଆସିଛି। ବେତନଟୀ ବ୍ଲକ ଅନ୍ତର୍ଗତ ପୁରୁଣିଆ ପଞ୍ଚାୟତ ର ଅଙ୍ଗାରୁଆ ଗ୍ରାମରେ କରାଯାଇଥିବା ଜୀବିକା ମିଶନର ଉନ୍ନତମାନର ଫଳ ବଗିଚା କୁ ବିଚାରକୁ ନିଆଯାଇପାରେ। ବାରିପଦା ଆଇଟିଡିଏ ତରଫରୁ ଅଙ୍ଗାରୁଆ ଗ୍ରାମ ରେ କୋଡିଏ ଏକର ଜମି ପରିମିତ ଅଞ୍ଚଳରେ ୫୨ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟରେ କରାଯାଇଥିବା ଫ୍ରୁଟ୍ ଫାର୍ମିଂ କାର୍ଯ୍ୟକୁ ନିଲମ୍ବିତ ବିଡିଓ ଶ୍ରୀ ସୁତାର କାର୍ଯ୍ୟ ନିର୍ବାହୀ ଭାବେ ଦାୟିତ୍ୱ ତୁଲାଇଥିଲେ। ଏଥିପାଇଁ ବେତନଟୀ ବ୍ଲକର ଅତିରିକ୍ତ ଅଧିକ୍ଷଣ ଯନ୍ତ୍ରୀ ସୌମ୍ୟଶ୍ରୀ ଭୋଇ, ଆଇଟିଡିଏ ର କନିଷ୍ଠ ଯନ୍ତ୍ରୀ କମଲ ଟୁଡୁ କାର୍ଯ୍ୟ ତଦାରଖ କରୁଥିଲେ। କୋଡିଏ ଏକର ଜମିରେ କିଛି କଦଳୀ ଚାରା, ସପୁରୀ ଚାରା ଆଉ କିଛି ଗେଣ୍ଡୁ ଫୁଲ ଗଛ ଲଗା ଯାଇଥିଲା। ମାତ୍ର ଏକ ବର୍ଷ ମଧ୍ୟରେ କେବଳ କିଛି କଦଳୀ ଗଛ ଦରମରା ଭାବେ ଠିଆ ହୋଇଛି, ଆଉ ସବୁ ମରି ଗଲାଣି। ମାତ୍ର ମନରେଗା ଯୋଜନାରେ ଦୈନିକ ପାଞ୍ଚ ହଜାର ଶ୍ରମ ଦିବସ ସୃଷ୍ଟି କରାଯାଇ ପାରିଛି ବୋଲି ନିଲମ୍ବିତ ବିଡିଓ ଶ୍ରୀ ସୁତାର ରିପୋର୍ଟ ପ୍ରଦାନ କରିଛନ୍ତି।

## ବୀମାଭୁକ୍ତ ହେଲେ ଆରଏମ୍‌ସି କର୍ମଚାରୀ



ଗୁଣପୁର,୨୭।୪(ସଂଚାର ବ୍ୟୁରୋ)ଃ ଗୁଣପୁର ଉପ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଦୁଧାଲ ଅଭିଷେକ ଦିଲୀପଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓ ଗୁଣପୁର ନିୟନ୍ତ୍ରିତ ବଜାର କମିଟି ଅନୁମୋଦନ କ୍ରମେ ଆରଏମ୍‌ସିର ସମସ୍ତ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା କରାଯାଇଛି । ଇଫ୍‌କୋ-ଟୋକିଓ ଏବଂ ମଣିପାଲ ସିଗମା ନାମକ ବୀମା କମ୍ପାନୀଙ୍କ ସହ ଗୁଣପୁର ନିୟନ୍ତ୍ରିତ ବଜାର କମିଟିର ବୁଝାମଣା ସ୍ୱାକ୍ଷରିତ ହୋଇ ସମସ୍ତ ସ୍ଥାୟୀ ଓ ଅସ୍ଥାୟୀ କର୍ମଚାରୀଙ୍କୁ ବୀମାଭୁକ୍ତ କରାଯାଇ କର୍ତ୍ତବ୍ୟରତ କର୍ମଚାରୀଙ୍କ ନିମନ୍ତେ ମୃତ୍ୟୁକାଳୀନ ସହାୟତା ରାଶି ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସେମାନଙ୍କ ପରିବାରଙ୍କୁ ପ୍ରଦାନ କରାଯିବ । ସେହିପରି ମଣିପାଲ ସିଗ୍ମା ସ୍ୱାସ୍ଥ୍ୟବୀମା ତରଫରୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଡାକ୍ତରୀ ଚିକିତ୍ସା ସୁବିଧା ଓ କର୍ତ୍ତବ୍ୟରତ କର୍ମଚାରୀଙ୍କ ଦୁର୍ଘଟଣାଜନିତ ମୃତ୍ୟୁ ହେଲେ ପରିବାରକୁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷତିପୂରଣ ଓ ଆର୍ଥିକ ସାହାଯ୍ୟ ପ୍ରଦାନ କରାଯିବ । ସୋମବାର ରାମନାଗୁଡା ବ୍ଲକ ପରିସରରେ ଅନୁଷ୍ଠିତ ଜନ ଶୁଣାଣି ଶିବିରରେ ଜିଲାପାଳ ଆଶୁତୋଷ କୁଲକର୍ଣ୍ଣି ବୀମା ପଲିସି କାଗଜାତ (କାର୍ଡ) ପ୍ରଦାନ କରିଥିଲେ । ଏହି ସମୟରେ ଗୁଣପୁର ଉପ ଜିଲାପାଳ ତଥା ନିୟନ୍ତ୍ରିତ ବଜାର କମିଟି ଅଧ୍ୟକ୍ଷ ଅଭିଷେକ, ଆରଏମ୍‌ସି ସମ୍ପାଦକ ଦଳପତି କାର୍ଜୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ ଗୋସନାର ବାର୍ଲା, ଜିଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଜିଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭି ସରୋଜିନି ଦେବୀ, ରାମନାଗୁଡା ପଞ୍ଚାୟତ ସମିତି ଅଧ୍ୟକ୍ଷ ରବିଶଙ୍କର ଗମାଙ୍ଗ, ରାମନାଗୁଡା ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ । ନିୟନ୍ତ୍ରିତ ବଜାର କମିଟିର କର୍ମଚାରୀମାନେ ଗୁଣପୁର ଉପଖଣ୍ଡର ସମସ୍ତ ହାଟ ପ୍ରାଙ୍ଗଣ ଆଦି ବୁଲି ରାଜସ୍ୱ ଆଦାୟ କରୁଥିବା ସମୟରେ ବିଭିନ୍ନ ଦୁର୍ଘଟଣାର ଶିକାର ହେଉଥିବା ଓ ମୃତ୍ୟୁବରଣ କରୁଥିବା କମିଟି ଅଧ୍ୟକ୍ଷ ଅଭିଷେକଙ୍କ ନଜରକୁ ଆସିବା ପରେ ନିୟନ୍ତ୍ରିତ ବଜାର କମିଟିର ଅନୁମୋଦନ ପରେ କର୍ମଚାରୀଙ୍କ ଜୀବନର ମୂଲ୍ୟବୋଧକୁ ବୁଝିପାରି ନିୟମିତ ଓ ସ୍ୱଳ୍ପ ବେତନଭୋଗୀ କର୍ମଚାରୀଙ୍କ ନିମନ୍ତେ ଏଭଳି ଏକ ପଦକ୍ଷେପ ନେଇଥିବାରୁ ନିୟନ୍ତ୍ରିତ ବଜାର କମିଟିର ସମସ୍ତ କର୍ମଚାରୀ ଅଧ୍ୟକ୍ଷ ଏବଂ ସମସ୍ତ ସଦସ୍ୟ ସଦସ୍ୟାଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ସମର କୋର୍ସ ଓ ଶୁଟିଂ ନାଁରେ ବାହାର ରାଜ୍ୟକୁ ଶିଶୁ ଚାଲାଣ

ମାଲକାନଗିରି,୨୭।୪(ସଂଚାର ବ୍ୟୁରୋ)ଃ ଶିଶୁ ଚାଲାଣର ନୂଆ ତରିକା। ସମର କୋର୍ସ ଏବଂ ସୁଟିଂ ନାଁରେ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି ଶିଶୁ। ଦିନକୁ ଦିନ ଶିଶୁ ଚାଲାଣ ବଢ଼ିବାରେ ଲାଗିଛି। ସୂଚନା ମୁତାବକ, ଆଜି ସାଇ କ୍ରିଷ୍ଣା ବସ ରେ କିଛି ଶିଶୁ ଚାଲାଣ ହେଉଥିବା ନେଇ ଚାଇଲ୍ଡ ଲାଇନକୁ ଏକ କଲ ଆସିଥିଲା। ଏହାପରେ ଶିଶୁ ବିଭାଗ ଦ୍ୱାରା ସେହି ବସ ଟିକୁ ମାଲକାନଗିରି ଥାନା ନିକଟରେ ଅଟକାଇ ଯାଞ୍ଚ୍ କରିବା ଦ୍ୱାରା ସେହି ଗାଡ଼ିରୁ କିଛି ଶିଶୁଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କ ସହ ଆଲୋଚନା କରିବା ପରେ ସେମାନେ ବିଜୟୱାଡା ଯାଉଥିବା କହିଥିଲେ। ତେବେ ଶିଶୁମାନଙ୍କୁ ଉଦ୍ଧାର କରିବା ପରେ ସେହି ଶିଶୁ ମାନଙ୍କୁ ସିଡବ୍ଲୁସି ରେ ପ୍ରଡ୍ୟୁସ କରି ସେମାନଙ୍କୁ ତାଙ୍କ ପରିବାର ବର୍ଗଙ୍କ ନିକଟରେ ହସ୍ତାନ୍ତର କରାଯିବ।

## ଚିତ୍ରକୋଣ୍ଡା ଘାଟିରେ ଜଳୁଛି ଜଙ୍ଗଲ

ମାଲକାନଗିରି,୨୭।୪(ସଂଚାର ବ୍ୟୁରୋ)ଃ ମାଲକାନଗିରି ଜିଲ୍ଲା ଚିତ୍ରକୋଣ୍ଡା ଘାଟିରେ ଜଳୁଛି ଜଙ୍ଗଲ। ଘାଟିରେ ଥିବା ଭଲଭ ହାଉସ ଛକ ଠାରୁ କିଛି ଦୂରରେ ଜଙ୍ଗଲ ହୁତୁହୁତୁ ହୋଇ ଜଳୁଛି। କେହି ଦୁର୍ବୃତ୍ତ ନିଆଁ ଲଗାଇ ଦେଇଥିବା ଅନୁମାନ କରାଯାଉଛି। ବନ ବିଭାଗ କର୍ମଚାରୀଙ୍କ ଲଗାତାର ସର୍ଚ୍ଚ ଅପରେସନ ଚାଲିଥିଲେ ମଧ୍ୟ ସେମାନଙ୍କ ଆଖିରେ ଧୂଳି ଦେଇ ଲୋକେ ଜଙ୍ଗଲରେ ନିଆଁ ଲଗାଇବାରେ ସଫଳ ହେଉଛନ୍ତି। ପବନ ବୋହୁଥିବାରୁ ନିଆଁ ଚାରିପଟେ ବ୍ୟାପିବାରେ ଲାଗିଛି। ତୁରନ୍ତ ନିଆଁକୁ ଆୟତ ନକଲେ ସମଗ୍ର ଜଙ୍ଗଲ ଜଳିଯିବ ବୋଲି କୁହାଯାଉଛି। ବନ ବିଭାଗର ସଚେତନତା ସତ୍ତ୍ୱେ ଲୋକେ କୌଣସି ନିୟମ ମାନୁନାହାନ୍ତି। ଜଙ୍ଗଲରେ ନିଆଁ ଲଗାଉଥିବା ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବନ ବିଭାଗ ଚେତାବନୀ ଦେଉଥିଲେ ମଧ୍ୟ ଲୋକେ ଏହାକୁ ଖାତିର କରୁନାହାନ୍ତି।

# ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି ଦାବି



ରାୟଗଡ଼ା,୨୭।୪(ସଂଚାର ବ୍ୟୁରୋ)ଃ ରାଜ୍ୟ ଅଣଗେଜେଟେଡ ପ୍ରାଣୀଚିକିତ୍ସା ବୈଷୟିକ କର୍ମଚାରୀ ସଂଘ, ରାୟଗଡ଼ା ଜିଲା ଶାଖାର ୫ମ ତ୍ରୟବାର୍ଷିକ ସାଧାରଣ ସମ୍ମିଳନୀ ଓ ଆଗାମୀ ତିନିବର୍ଷ ପାଇଁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସଭାପତି ଧନପତି କଣ୍ଡାଗିରିଙ୍କ ସଭାପତିତ୍ୱରେ ଗୁଣପୁର ଠାରେ ଅନୁଷ୍ଠିତ ଏହି ସମ୍ମିଳନୀରେ ମୁଖ୍ୟ ଅତିଥି ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. ମୃର୍ମୟ କୁମାର ପଣ୍ଡା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. ଅଶୋକ କୁମାର ବେହେରା ଓ ବ୍ଲକ ପ୍ରାଣୀ ଚିକିତ୍ସାକାରୀ ଡ଼ଃ. କୃଷ୍ଣାନନ୍ଦ ବେହେରା ଯୋଗଦେଇଥିଲେ। ରାଜ୍ୟ ସଂଘ ସଭାପତି ପ୍ରଶାନ୍ତ ମିଶ୍ର ମୁଖ୍ୟ ବକ୍ତା, ସଙ୍ଗଠନ ସମ୍ପାଦକ ରାମଚନ୍ଦ୍ର ନାୟକ ଓ ଦକ୍ଷିଣାଞ୍ଚଳ ସଂଗଠକ ପ୍ରସାଦ ପାସ୍ପୁରେଡି ଅନ୍ୟତମ ବକ୍ତା ଭାବେ ଯୋଗଦେଇଥିଲେ। ଜିଲା ସମ୍ପାଦକ ଦୀପକ ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମିଳନୀରେ ସଂଘର ବିଭିନ୍ନ ଦାବି ଯଥା କ୍ୟାଡର ପୁନର୍ଗଠନରେ ଅସଙ୍ଗତି, ପଦୋନ୍ନତି ପଦ ସଂଖ୍ୟା ବୃଦ୍ଧି, ଓଆର୍‌ଏସ୍‌ପି ରୁଲ-୨୦୧୭ ଅନୁଯାୟୀ ପ୍ରଥମ ପଦୋନ୍ନତିରେ ୪୨୦୦ ଗ୍ରେଡ୍ ପେ ପ୍ରଦାନ, ପଦବୀ ନାମ ପରିବର୍ତ୍ତନ ଓ କାର୍ଯ୍ୟସାରଣୀର ସମସ୍ୟା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସଂଘବଦ୍ଧ ଭାବେ ଦାବି ଉପସ୍ଥାପନ ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସଂଘର ସାଙ୍ଗଠନିକ ନିର୍ବାଚନ ପ୍ରକ୍ରିୟା କରାଯାଇଥିଲା।

## ୯୦ ଦିବ୍ୟାଙ୍ଗଙ୍କୁ ମିଳିଲା ଟ୍ରାଇସାଇକେଲ



ଦିଗପହଣ୍ଡି,୨୭।୪(ସଂଚାର ବ୍ୟୁରୋ)ଃ ଗଞ୍ଜାମ ଜିଲା ସାନଖେମୁଣ୍ଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜିଲା ପୋଲିସ ପ୍ରଶାସନ ପକ୍ଷରୁ ମିଳିତ ଜନଶୁଣାଣି ଅନୁଷ୍ଠିତ ହୋଇଥିଲା। ସାନଖେମୁଣ୍ଡି ବିଡ଼ିଓ ଜୀତେନ୍ଦ୍ର କୁମାର ମିଶ୍ର ଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଜନଶୁଣାଣିରେ ଗଞ୍ଜାମ ଜିଲାପାଳ ଭି. କୀର୍ତ୍ତି ଭାସନ, ଗଞ୍ଜାମ ଆରକ୍ଷୀ ଅଧିକ୍ଷକ ଶୁଭେନ୍ଦୁ କୁମାର ପାତ୍ର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା,ବ୍ରହ୍ମପୁର ଉପ ଜିଲାପାଳ ଅବିନାଶ କୁମାର,ସାନଖେମୁଣ୍ଡି ବ୍ଲକ ଅଧ୍ୟକ୍ଷ ସିମାଞ୍ଚଳ ପାତ୍ର, ଉପାଧ୍ୟକ୍ଷା ରିଙ୍କି ନାହାକ ପ୍ରମୁଖ ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣାଣି କରିଥିଲେ। ଜନଶୁଣାଣିରେ ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ୨୬ଟି ପଞ୍ଚାୟତରୁ ସର୍ବମୋଟ ୯୦ଟି ଅଭିଯୋଗ ପତ୍ର ଦାଖଲ ହୋଇଥିଲା । ସେଥିମଧ୍ୟରୁ ରାସନ କାର୍ଡ, ଆବାସ ଗୃହ, ବାର୍ଦ୍ଧକ୍ୟ ଭତ୍ତା ଭଳି ବ୍ୟକ୍ତିଗତ ସମସ୍ୟା ସମ୍ପର୍କିତ ଅଭିଯୋଗ ରହିଥିଲା। ଅଭିଯୋଗ କରିବାକୁ ଆସିଥିବା ୩ ଜଣ ଦିବ୍ୟାଙ୍ଗଙ୍କୁ ଟ୍ରାଇ ସାଇକେଲ ପ୍ରଦାନ କରାଯାଇଥିବାବେଳେ ଜଣଙ୍କୁ ରେଡକ୍ରସ ତରଫରୁ ଚିକିତ୍ସା ନିମନ୍ତେ ୫ ହଜାର ଟଙ୍କା ସହାୟତା ପ୍ରଦାନ କରାଯାଇଥିଲା।

# ଜିଲ୍ଲା ପାଲଟିଛି ଚୋରାମଦ କାରବାରର କୁଟୀରଶିଳ୍ପ

ସୁବର୍ଣ୍ଣପୁର,୨୭।୪(ସଂଚାର ବ୍ୟୁରୋ)ଃ ସୁବର୍ଣ୍ଣପୁର ଜିଲ୍ଲା ଅବକାରୀ ବିଭାଗ ଓ ପୋଲିସ ପାଇଁ ବେଶ ପ୍ରଯୁଜ୍ୟ ମନେହୁଏ କାରଣ ବର୍ତ୍ତମାନ ସମୟରେ ସୁବର୍ଣ୍ଣପୁର ଜିଲ୍ଲାରେ କୁଟୀର ଶିଳ୍ପର ରୂପ ନେଇଛି ବେଆଇନ ମଦ କାରବାର। ବେଧଡକ ଭାବେ ମଦ ମାଫିଆ ମାନେ ଉଭୟ ଦେଶୀ ଓ ବିଦେଶୀ ମଦର ବେପାର କରି ମାଲେମାଲ ହେଉଥିବା ବେଳେ ସର୍ବସ୍ୱାନ୍ତ ହେଉଛନ୍ତି ସାଧାରଣ ଜନତା। ସୁବର୍ଣ୍ଣପୁର ଜିଲ୍ଲାରେ ବର୍ତ୍ତମାନ ଛତୁ ଫୁଟିଲା ଭଳି ଉଭୟ ଦେଶୀ ଓ ବିଦେଶୀ ମଦ କାରବାର ବେଆଇନ ଭାବରେ ବଢ଼ି ଚାଲିଛି। ଗାଁ ଗାଁରେ ସାହି ସାହିରେ ରାସ୍ତା କଡରେ ମଦର ସୁଅ ଛୁଟୁଛି। ମଦ ମାଫିଆ ମାନେ ପୋଲିସ ଓ ଅବକାରୀ ବିଭାଗକୁ ହାତ ବାରିସୀ କରି ନିଜର କଳା ସାମ୍ରାଜ୍ୟର କାୟା ବିସ୍ତାର କରିଚାଲିଛନ୍ତି ବେଆଇନ ମଦ ବିକ୍ରି ଉପରେ ଅଙ୍କୁଶ ଲଗାଇବାକୁ ପୋଲିସ ବିଭାଗ ଓ ଅବକାରୀ ବିଭାଗ ସମ୍ପୂର୍ଣ୍ଣ ରୂପରେ ଅକ୍ଷମ ହୋଇଛି। ଅବାଧ ମଦ ବିକ୍ରିର ସିଧା ସଳଖ କୁପ୍ରଭାବ ପଡୁଛି ସାଧାରଣ ଜନତା ଉପରେ। ଯୁବଗୋଷ୍ଠୀ ନିଶାର ମାୟାଜାଲରେ ପଡ଼ି ପଥଭ୍ରଷ୍ଟ ହେଉଛନ୍ତି। ଗରିବ ଖଟିଖିଆ, ଦିନ ମଜୁରିଆ ଓ ଶ୍ରମିକ ଶ୍ରେଣୀର ଲୋକେ ଆଜିକାର ମହଙ୍ଗା ଯୁଗରେ ନିଜର ତେଲ ଲୁଣର ବ୍ୟବସ୍ଥା କରିବା ବଦଳରେ ନିଜର କଷ୍ଟ ଉପାର୍ଜିତ ଧନ କୁ ମଦ ଦୋକାନରେ ପୈଠ କରୁଛନ୍ତି। ଦିନ ତମାମ କଷ୍ଟ କରି ଉପାର୍ଜନ କରିଥିବା ଟଙ୍କାକୁ ସଞ୍ଜରେ ଯେ ମଦ ଦୋକାନରେ ଗଣି ଖାଲି ହାତରେ ଘରକୁ ଫେରୁଛନ୍ତି। କଳା ମଚ ମଚ ଚିକ୍କଣ ରାସ୍ତାରେ ମଦ୍ୟପ ଗାଡି ଚାଳକ ମାନେ ବେପାରୁଆ ଗାଡି ଚାଳନା କରି ଦୁର୍ଘଟଣା ଘଟାଇବା ସହ ଅନେକଙ୍କ ଧନ ଜୀବନ ସହ ଖେଳୁଛନ୍ତି ଖେଳ। କଥାରେ ଅଛି ନିଶା ରୁ ନାଶ, ଏହି ମଦ ରୂପି ରାକ୍ଷସ ଯୋଗୁଁ ଅନେକ ପରିବାର ଭାଙ୍ଗି ଯିବା ସହ ପରିବାର ରେ ସର୍ବଦା ବିଶୃଙ୍ଖଳା ଦେଖାଯାଉଛି। ବେରୋଜଗାର ଯୁବଗୋଷ୍ଠୀ ନିଜ ମଦ ଖର୍ଚ୍ଚର ବ୍ୟବସ୍ଥା କରିବା ପାଇଁ ଚୋରି, ଡକାୟତି ଭଳି ଅନେକ ଅସାମାଜିକ ଓ ଅପରାଧିକ କାର୍ଯ୍ୟକଳାପ କରି ବାକୁ ମଧ୍ୟ ପଛାଉନାହାନ୍ତି। ଗାଁ ଭିତରେ ବିଭିନ୍ନ ଶିକ୍ଷା ଅନୁଷ୍ଠାନ ଅଞ୍ଚଳରେ ମଦ କାରବାର ଯୋଗୁଁ ସିଧାସଳଖ ଛାତ୍ରଛାତ୍ରୀ ପ୍ରଭାବିତ ହେଉଛନ୍ତି। ଏକ ଅସୁସ୍ଥ ବାତାବରଣର ସମ୍ମୁଖୀନ ହେଉଛନ୍ତି କୋମଳମତି ଛାତ୍ରଛାତ୍ରୀ ତଥା ଯୁବ ବର୍ଗ। ପୋଲିସ ପ୍ରଶାସନ ଓ ଅବକାରୀ ବିଭାଗର ଅପାରଗତା ଯୋଗୁଁ ଆଜି ଗାଁ ଗାଁରେ ବସ୍ତି ବସ୍ତିରେ ତେଜରାତି ସାମଗ୍ରୀ ଉପଲବ୍ଧ ହେଲା ଭଳି ଦେଶୀ ଓ ବିଦେଶୀ ମଦ ହାତ ପାଆନ୍ତାରେ ଉପଲବ୍ଧ ହେଉଛି। ଦେଶୀ ମଦ ଭାଟି କର୍ମଚାରୀ ଏବଂ ବିଦେଶୀ ମଦ ଦୋକାନୀ ମାନେ ନିଜେ ଗାଡି ଭର୍ତ୍ତି କରି ମଦ ଆଣି ଗାଁ ମାନଙ୍କରେ ହୋମ ଡେଲିଭରି ସେବା ଯୋଗାଇଲା ଭଳି ଖୁଚୁରା ମଦ ବେପାରୀଙ୍କୁ ମଦ ହୋମ ଡେଲିଭରି କରୁଛନ୍ତି।